ଡକ୍ଟର ବିଧୁପ୍ରଭା ରଥ

# ମେଘାମ୍ବରୀ





ଡକ୍ଟର ବିଧୁପ୍ରଭା ରଥ

ସମକାଳୀନ ଓଡ଼ିଆ ସାହିତ୍ୟର ପ୍ରଚଣ୍ଡ ପ୍ରଭାବଶାଳିନୀ ପ୍ରତିଭା ଡକ୍ଟର ବିଧୁପ୍ରଭା ରଥ କବିତା ସର୍ଜନାରେ ଯେପରି ସ୍ରୋତସ୍ୱିନୀ ନଈଟିଏ; ପ୍ରଜ୍ଞା, ପ୍ରତିଭା ଓ ପ୍ରଗଲ୍ଭତାରେ ସେହିପରି ପରିପୂର୍ଣ୍ଣ କଥା-ଗଦ୍ୟଶିଳ୍ପୀ । ଗତ ବିଂଶଶତକର ଅଷ୍ଟମ-ନବମ ଦଶନ୍ଧିର ଛାତ୍ରୀ ଜୀବନରେ ବ୍ରହ୍ମପୁର ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଯେପରି ଏକାଧିକ ସ୍ୱର୍ଣ୍ଣପଦକର ବିଜୟିନୀ ଥିଲେ, ପରବର୍ତ୍ତୀକାଳରେ ସେ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ଜଣେ ପ୍ରଜ୍ଞାପୂର୍ଣ୍ଣ ଗବେଷିକାଭାବେ ନିଜ ସାଧନା ଓ ସିଦ୍ଧି ପ୍ରମାଣିତ କରିଛନ୍ତି । ଚଉଠ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳବ୍ୟାପୀ ସାରସ୍ୱତ ସାଧନା ମଧ୍ୟରେ ତାଙ୍କ ରଚିତ ପୁସ୍ତକଗୁଡ଼ିକ ଭିତରୁ 'ଠାକୁର ଅଭିରାମ ପରମହଂସଙ୍କ ସାହିତ୍ୟ ଓ ଦର୍ଶନ', 'ସୀତାକାନ୍ତ ମହାପାତ୍ର କାବ୍ୟମାନସ : ମିଥ୍', 'ପ୍ରେମ ଓ ପ୍ରତୀକ୍ଷା', 'ମିଛ ମଣିଷର ଅସ୍ମିତା', 'ହୃଦୟଭିକ୍ଷା', 'ପ୍ରେମରୁ ସମାଧି', 'ସିଦ୍ଧାନ୍ତ କେବଳ ତୁମର' (ଲଳିତ ନିବନ୍ଧ ଓ ସମାଲୋଚନା), 'ଲାବଣ୍ୟବତୀର ସୌନ୍ଦର୍ଯ୍ୟତାତ୍ତ୍ୱିକ ଅନୁଶୀଳନ' (ଗବେଷଣା ନିବନ୍ଧ), ଉପନ୍ୟାସ ମଧ୍ୟରେ 'ଶୁଣ ଫାଲ୍‌ଗୁନୀ', 'ମହାନାୟକ', 'ରକ୍ତ ରଞ୍ଜିତ ନାୟକ', 'କୃଷ୍ଣା', 'ପାର୍ଥ', 'କାଳଦର୍ଶୀ' ଏବଂ ଏକମାତ୍ର ସ୍ୱରଚିତ ଓଡ଼ିଆ କବିତା ସଂକଳନ 'ହଂସଧ୍ୱନି' ଏବଂ ତାହାର ଇଂରାଜୀ ସଂସ୍କରଣ 'SWANSONG' (ପ୍ରକାଶକ : ଇନ୍ଦ୍ରପ୍ରସ୍ଥ ପ୍ରକାଶନ, ଲକ୍ଷ୍ମୀନଗର, ଦିଲ୍ଲୀ) ଆଦି ପୁସ୍ତକ ନିମନ୍ତେ ଅଜସ୍ର ପାଠକୀୟ ଶ୍ରଦ୍ଧା ଅର୍ଜନ କରିଛନ୍ତି ସେତିକି ନୁହେଁ, ଓଡ଼ିଶାର ବୁଦ୍ଧିଜୀବୀ ପାଠକ ମାନସରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି ।

# ମେଘାମ୍ବରୀ



ଡକ୍ଟର ବିଧୁପ୍ରଭା ରଥ

# ମେଘାମ୍ବରୀ

ଦ୍ୱାପରଯୁଗର ପ୍ରଜ୍ଞା ପୁରୁଷ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବର୍ଣ୍ଣାଢ଼୍ୟ ପ୍ରେମକାହାଣୀ

ପୌରାଣିକ ଉପନ୍ୟାସ

ଡକ୍ଟର ବିଧୁପ୍ରଭା ରଥ

ପ୍ରକାଶକ

**ଚିନ୍ମୟ ପ୍ରକାଶନ**

ବିନୋଦ ବିହାରୀ, କଟକ-୨

# ମେଘାମ୍ବରୀ

(ପୌରାଣିକ ଉପନ୍ୟାସ)

ଡକ୍ଟର ବିଧୁପ୍ରଭା ରଥ

ପ୍ରକାଶକ
ଚିନ୍ମୟ ପ୍ରକାଶନ
ବିନୋଦ ବିହାରୀ, କଟକ-୨

ପ୍ରକାଶକାଳ
ଶ୍ରୀଗୁଣ୍ଡିଚା : ୨୦୦୮

ପ୍ରଚ୍ଛଦ/ଅଙ୍ଗସଜ୍ଜା
ମହାଭାଷ୍ୟକାର

© ପୃଥ୍ୱୀକ୍ ମିଶ୍ର

ଅକ୍ଷର :
କ୍ରିଏଟିଭ୍‌ଜୋନ୍, ଉତ୍କଳ ଆଶ୍ରମରୋଡ୍, ବ୍ରହ୍ମପୁର
ମୂଲ୍ୟ : ୫୦/-

# MEGHAMBARI

(MYTHOLOGICAL NOVEL)

by

***Dr. Bidhuprabha Rath***

Publisher :
**CHINMAYA PRAKASHAN**
Binod Behari, Cuttack-2

**1st Edition : Srigundicha : 2008**

DTP : **Creative Zone,**
Utkal Ashram Road, Berhampur, Ganjam,

**Price : 50/-**

ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁ

ବୌଦ୍ଧଦର୍ଶନର ପରିଭାଷାରେ
ଜଣେ ଶିକ୍ଷକ ବା ଗୁରୁ
ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ 'କଲ୍ୟାଣମିତ୍ର' ।

ଆପଣ କେବଳ ଓଡ଼ିଶା କାହିଁକି
ଭାରତବର୍ଷର ବହୁ ବିଦ୍ୟାର୍ଥୀ-ଗବେଷକଙ୍କ
ମାର୍ଗଦର୍ଶକ... କଲ୍ୟାଣମିତ୍ର ।

ସୌନ୍ଦର୍ଯ୍ୟ ପିପାସୁ ଭାରତୀୟ ମୂର୍ତ୍ତିକଳାର ଅଭିନବ ଭାଷ୍ୟକାର
କିର୍କେଗାର୍ଡୀୟ ଦର୍ଶନର ମହାନ ପ୍ରବକ୍ତା
ଜଣେ ହିତାକାଂକ୍ଷୀ ... ପ୍ରେରଣାର ଉତ୍ସଭାବେ
ଆପଣ ମୋତେ ସାରସ୍ୱତ ସୃଜନକର୍ମରେ ଅନୁପ୍ରାଣିତ କରିଛନ୍ତି
ସେଇ ଅପରିଶୋଧ୍ୟ ଋଣର ଏକ ଭଗ୍ନାଂଶ ଭାବରେ
ମୋର ଏହି 'ମେଘାମ୍ବର' ଆପଣଙ୍କୁ ଅର୍ପଣ କରୁଛି ।

## କଥନିକା

ସାଢ଼େ ଚାରି ହଜାର ବର୍ଷ ପୂର୍ବେ ଭାରତବର୍ଷ ନାମକ ଏହି ସନାତନ ସଂସ୍କୃତିର ଭୂମିରେ ଜନ୍ମଗ୍ରହଣ କରି ଶତାୟୁ ଜୀବନ ଜୀଇଁଥିବା ବହୁକୃତି ଓ କୀର୍ତ୍ତିର ବର୍ଣ୍ଣାଢ଼୍ୟ ବ୍ୟକ୍ତିତ୍ୱ ଶ୍ରୀକୃଷ୍ଣଙ୍କ ଜୀବନ ବୃତ୍ତାନ୍ତ ଉପରେ ଲିଖିତ ବୃହତ୍ ଉପନ୍ୟାସ 'ମହାନାୟକ'ର ଆଦ୍ୟପର୍ବ ହେଉଛି 'ମେଘାମ୍ବରୀ' । ଖ୍ରୀ.ପୂ. ୧୪୦୦ରେ ବ୍ୟାସଦେବଙ୍କ ଦ୍ୱାରା ମହାଭାରତ ରଚିତ ହୋଇଥିଲା । ଶ୍ରୀକୃଷ୍ଣଙ୍କ ଉପରେ ଗତ ଶହ ଶହ ବର୍ଷଧରି ବହୁ ପୁରାଣ ରଚନା ହୋଇଛି । ବହୁ ଲୋକକଥା ଓ ଆଖ୍ୟାୟିକାରେ ଶ୍ରୀକୃଷ୍ଣ ନିତ୍ୟ ନିୟମିତ ନୂତନ ରୂପରେ ଅବତୀର୍ଣ୍ଣ ହୋଇ ଆସିଛନ୍ତି । କେତେବେଳେ ସେ ପ୍ରେମିକଭାବରେ, ସଂଘର୍ଷଶୀଳ ଯୋଦ୍ଧା ଭାବରେ, ଆଦର୍ଶ ଗତ ପୁତ୍ର ଓ ପିତା ଭାବରେ ତ ଅସହାୟ ମଣିଷମାନଙ୍କ ସଖା ଏବଂ ଭ୍ରଷ୍ଟାଚାରୀମାନଙ୍କ ବିରୁଦ୍ଧରେ ଏକ ଦୁର୍ବାର ଝଡ଼ ରୂପେ, ପୁଣି ନ୍ୟାୟଶୀଳ ପ୍ରଶାସକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି । ସେ ନିଜେ ସିଂହାସନ ପ୍ରେମୀ କ୍ଷମତାକାଙ୍ଗାଳ ଭାବରେ ନୁହେଁ ବରଂ ସିଂହାସନ ସାମ୍ରାଜ୍ୟ ନିର୍ମାଣକାରୀ ଜଣେ ବିଚକ୍ଷଣ କୂଟନୀତିଜ୍ଞ ଭାବରେ ଅନ୍ୟମାନଙ୍କୁ ସିଂହାସନରେ ଆସୀନ କରାଇ ସୁଦ୍ଧା ତତ୍କାଳୀନ ଜନମାନସରେ ଚକ୍ରବର୍ତ୍ତୀର ସମ୍ମାନ ହାସଲ କରିପାରିଛନ୍ତି ।

ରାଧା ... ରାଧାରାଣୀ ... ଶ୍ରୀରାଧାଙ୍କୁ ଦ୍ୱାପର ଯୁଗର ଏକ ପରିକଳ୍ପିତ ଚରିତ୍ର ବୋଲି କୁହାଯାଉଥିଲେ ସୁଦ୍ଧା ମୋକ୍ଷ ଓ ପ୍ରାପ୍ତିର ମାର୍ଗ ରାଧା ବୋଲି ବେଦ ଓ ଉପନିଷଦରେ ବର୍ଣ୍ଣନା ରହିଛି । ସେହି ଶ୍ରୀରାଧାଙ୍କୁ ମୁଁ 'ମହାନାୟକ'ର ଆଦ୍ୟପର୍ବରେ 'ମେଘାମ୍ବରୀ' ଭାବରେ ରୂପାୟିତ କରିବାକୁ ଚେଷ୍ଟା କରିଛି । 'ମେଘାମ୍ବରୀ' ମୋର ମାନସ କନ୍ୟା । ଏହାକୁ ପୁରାଣ ସମ୍ମତ ଚରିତ୍ରଭାବେ ଗ୍ରହଣ ନକରି ଜଣେ ସୃଜନକର୍ମୀର ସାରସ୍ୱତ ରେଖାଚିତ୍ର ଭାବେ ସ୍ୱୀକାର କଲେ ମୋ ପାଇଁ ତାହା ଯଥେଷ୍ଟ । ଏହି ଚରିତ୍ର ନିର୍ମାଣ ବେଳେ ଅବଶ୍ୟ ମତେ ବହୁ ବିନିଦ୍ର ରଜନୀ, ମାନସିକ କସରତ ଏପରିକି ଶାରୀରିକ କ୍ଳେଶ ସୁଦ୍ଧା ଭୋଗିବାକୁ ପଡ଼ିଛି । ଯାବତୀୟ ଯନ୍ତ୍ରଣା ମଧ୍ୟରେ ସୃଷ୍ଟ 'ମେଘାମ୍ବରୀ'ର ଏବେ ଜନ୍ମଜାତକ ଲେଖିଲା ବେଳେ ଯେଉଁ ଆନନ୍ଦ ମୁଁ ଅନୁଭବ କରୁଛି ତାହା ବୋଧେ ଅପ୍ରାପ୍ତି ମଧ୍ୟରେ ପ୍ରାପ୍ତିର ନୈସର୍ଗିକ ପରମାନନ୍ଦ । 'ମେଘାମ୍ବରୀ'ରେ ଶ୍ରୀକୃଷ୍ଣଙ୍କ ବାଲ୍ୟ, କୈଶୋର ଜୀବନ କଥା କୁହାଯାଇଛି । ଶ୍ରୀକୃଷ୍ଣ ହେଉଛନ୍ତି ଯଥାର୍ଥରେ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱ, ସମ୍ପୂର୍ଣ୍ଣ ପୁରୁଷ । ତାଙ୍କର ବ୍ୟକ୍ତିତ୍ୱ ବ୍ୟକ୍ତିକୁ ମୂଲ୍ୟାୟିତ କରୁନାହିଁ ବରଂ ସମଗ୍ର ଅସ୍ତିତ୍ୱକୁ ଚିହ୍ନିତ କରୁଛି । ସେ ନିଜେ ନିଜର ଅସ୍ତିତ୍ୱ । ଏମିତି ବି କୁହାଯାଇପାରେ ଶ୍ରୀକୃଷ୍ଣ ଦର୍ପଣ ଭଳି ଅର୍ଥାତ୍ ସେ ଏମିତି ଏକ ଦର୍ପଣ ଯେଉଁଥିରେ ପ୍ରତ୍ୟେକ ବସ୍ତୁ, ବ୍ୟକ୍ତି, ଘଟଣା ପ୍ରତିଫଳିତ ହୁଏ । ଆମେ ଯଦି ସେଇ ଦର୍ପଣରେ ମୁହଁ ଦେଖୁ ତେବେ ଲାଗେ କୃଷ୍ଣ ଠିକ୍ ଆମ ଭଳି । କିନ୍ତୁ ଯେଉଁ ମୁହୂର୍ତ୍ତରେ ଶ୍ରୀକୃଷ୍ଣଙ୍କ ଉପରୁ କାହାର ଅସ୍ମିତା ଚାଲିଯାଏ ସେତେବେଳେ ସେ ପୂର୍ବର ସେଇ ଶୂନ୍ୟତାକୁ ପରିବର୍ତ୍ତିତ ହୋଇଯାନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣରୁ ଶ୍ରୀକୃଷ୍ଣଙ୍କୁ ଦେଖିବାକୁ ଇଚ୍ଛା କରିଛନ୍ତି ଏବଂ ସେମିତି ହିଁ ପ୍ରତିଫଳିତ କରିଛନ୍ତି ।

ସେଥିପାଇଁ ଶ୍ରୀକୃଷ୍ଣଙ୍କ 'ଗୀତା' ଉପରେ ଏତେ ସଂଖ୍ୟକ ତର୍ଜମା, ତର୍କ, ଟୀକା ପ୍ରସ୍ତୁତ ହୋଇଛି । ତେଣୁ କୃଷ୍ଣ ଏକକ କିମ୍ବା କୌଣସି ନିୟମରେ ବନ୍ଧା ଏକ ଚରିତ୍ର ନୁହନ୍ତି । ସେ କୌଣସି ଆକାର କିମ୍ବା ଆକୃତିରେ ସୀମାବଦ୍ଧ ନୁହନ୍ତି । ସେ ସମସ୍ତ ସୀମାର

ଊର୍ଦ୍ଧ୍ୱରେ .... ସୀମାହୀନ । ସେ ବହୁଧା ସମାହିତ, ବିବିଧ ବର୍ଣ୍ଣରେ, ରୂପରେ ଉଦ୍‌ଭାସିତ ଏକ ବର୍ଣ୍ଣିଳ, ଉଦାର ବିଶାଳ, ବୈଭବମୟ ବ୍ୟକ୍ତିତ୍ୱ । କାରଣ ଶ୍ରୀକୃଷ୍ଣ କୌଣସି ନିର୍ଦ୍ଦିଷ୍ଟ ତାରିଖ, ସମୟ, ଜନ୍ମ, ମୃତ୍ୟୁରେ ସୀମାବଦ୍ଧ ନୁହନ୍ତି । ସେ ସବୁସମୟ, ସବୁକାଳରେ, ସବୁ ମୁହୂର୍ତ୍ତରେ, ସବୁ ଅବସ୍ଥାରେ ପ୍ରତୀୟମାନ ଓ ଗତିଶୀଳ ।

ଶ୍ରୀକୃଷ୍ଣ ନିଜ ଜୀବନକୁ ଉତ୍ସବମୁଖର କରିଥିଲେ । ବଂଶୀର ଧ୍ୱନିରେ ସମଗ୍ରଜୀବନର ଘଟଣାପ୍ରବାହକୁ ଅସ୍ତିତ୍ୱର ସୁଗନ୍ଧରେ ସଙ୍ଗୀତମୟ ତଥା ସୁଗନ୍ଧିତ କରି ଦେଇଥିଲେ । ଶ୍ରୀକୃଷ୍ଣଙ୍କ ଜୀବନଗୀତାର ସଙ୍ଗୀତମୟ ଆଳାପ ଆଜି ବି ଜୀବନରେ, ଉପଲବ୍ଧିରେ ସମାନ ଭାବରେ ଆଦୃତ ଓ ଗ୍ରହଣୀୟ । ତେଣୁ ସେହି ପୂର୍ଣ୍ଣାଙ୍ଗ ପୁରୁଷଙ୍କ ଜୀବନଗାଥାକୁ ମୋ ଭଳି ଅକିଞ୍ଚନ କେଉଁ ଶବ୍ଦରେ ବା ରୂପାୟିତ କରିପାରିବ ? ତାହା ମୋର ଧୃଷ୍ଟତା ମାତ୍ର । ଶ୍ରୀକୃଷ୍ଣଙ୍କୁ ମୋର ଆଦର୍ଶ ବ୍ୟକ୍ତିତ୍ୱ ଭାବେ ମୁଁ ଗ୍ରହଣ କରିଛି ବୋଲି 'ମେଘାମ୍ବରୀ'ର ପରିକଳ୍ପନା କରିଛି । କାରଣ ତାଙ୍କୁ କେତୋଟି ଶବ୍ଦର ସୀମାରେ ରଖିବା ସମ୍ଭବ ନୁହେଁ । ଏହାର ଦ୍ୱିତୀୟ, ତୃତୀୟ, ଚତୁର୍ଥ ପର୍ବ ହେବ 'ସୁଲଗ୍ନା', 'ମଧୁକ୍ଷରା' ଓ ଶେଷରେ 'ମୁଠାଏ ଶୂନ୍ୟତା' ।

ଶ୍ରୀକୃଷ୍ଣ ଅନନ୍ୟ, ଅତୁଳନୀୟ, ଅଲୌକିକ । କୃଷ୍ଣ ଯେଉଁ ବ୍ୟକ୍ତିତ୍ୱର ଉଚ୍ଚତା ଛାଡ଼ିଯାଇଛନ୍ତି ତାକୁ ଆଜି ବି ଛୁଇଁବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ସମଗ୍ର ମାନବ ଜାତିର ଇତିହାସରେ କୃଷ୍ଣ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଧର୍ମର ଗଭୀରତାକୁ ବୁଝିପାରନ୍ତି । କୌଣସି ପରିସ୍ଥିତିରେ ଧର୍ମକୁ ନେଇ ଗମ୍ଭୀର, ଦୁଃଖୀ କିମ୍ବା ଭାବପ୍ରବଣ ହୋଇନାହାନ୍ତି । ଅନ୍ୟ ଧର୍ମଧ୍ୱଜାଧାରୀ ପୂଜକ, ପୁରୋହିତମାନଙ୍କ ଭଳି ନିଜକୁ ଧର୍ମର ଗୁଳାରେ ଆବଦ୍ଧ କରିଦେଇନାହାନ୍ତି । ଧର୍ମକୁ ସ୍ୱାର୍ଥର ଗଣ୍ଡିରେ ଚାପି ଦେଇ ନାହାନ୍ତି ।

ଏକୁଟିଆ କୃଷ୍ଣ ବଂଶୀଟିଏ ଧରି ସଙ୍ଗୀତର ରାଗ ମହ୍ଲାର ଫୁଙ୍କିଛନ୍ତି । ଏକ୍‌ଲା ମଣିଷ କୃଷ୍ଣ ନାଚି ନାଚି ଗାଇବାର, ହସି ହସି ଜୀବନର ଶ୍ରେଷ୍ଠ ଉପଜୀବ୍ୟ କର୍ମକୁ ସମସ୍ତଙ୍କୁ ଚିହ୍ନାଇ ଦେଇଛନ୍ତି । କର୍ମହିଁ ଜୀବନ, କର୍ମହିଁ ଆନନ୍ଦର ମୂଳଉତ୍ସ ଏକଥା ସ୍ପଷ୍ଟ କରି ଦେଇଛନ୍ତି । କୃଷ୍ଣ ଏକାନ୍ତଭାବରେ ଦେହକୁ ଗ୍ରହଣ କରିଛନ୍ତି । ସମସ୍ତ ସୁଖ, ଦୁଃଖ, ହସକାନ୍ଦକୁ ଆପଣାର କରିଛନ୍ତି । ଶ୍ରୀକୃଷ୍ଣଙ୍କର ଏହି ଅସାଧାରଣ ଜୀବନଗାଥା ମୋର ଅତି ପ୍ରିୟବୋଲି ମୁଁ କିଛି ଗାରେଇ ଦେଇଛି ।

ଓଡ଼ିଶା ସାହିତ୍ୟ ଅକାଦେମୀର ସୁବର୍ଣ୍ଣଜୟନ୍ତୀ ବର୍ଷରେ ଉପନ୍ୟାସ-କଥାସାହିତ୍ୟର 'ସୁବର୍ଣ୍ଣପୁସ୍ତିକା' ଭାବେ ଏହାକୁ ପାଠକଙ୍କ ନିକଟରେ ଉପସ୍ଥାପନ କରିବାକୁ ଓଡ଼ିଆ ସାହିତ୍ୟ ଅକାଦେମୀର ବରେଣ୍ୟ ସଦସ୍ୟ ଭାବରେ ଅବସ୍ଥାପିତ ମୋର ସାରସ୍ୱତ ଅଗ୍ରଜ ମହାପାତ୍ର ଭାସ୍କର ଗନ୍ତାଏତ୍‌ଙ୍କ ଇଚ୍ଛା ଥିଲା । ତାଙ୍କର ସେ ଇଚ୍ଛାପୂରଣ ପାଇଁ ମୁଁ ଯଥାସାଧ୍ୟ ଉଦ୍ୟମ କରିଛି । 'ମେଘାମ୍ବରୀ'ର ଆବେଦନ ଯଦି ପାଠକମାନଙ୍କୁ ଛୁଇଁପାରିବ ତେବେ ଜାଣିବି ମୋର ଶ୍ରମ ସାର୍ଥକ ହେଲା ।

ରଜସଂକ୍ରାନ୍ତି/୧୬.୦୬ ୦୮

ଶିବରାମ ଭବନ
ଇନ୍ଦିରା ନଗର, ୨ୟ ଲାଇନ୍, ଶିହାଂଅଚ,
ବ୍ରହ୍ମପୁର (ଓଡ଼ିଶା) ଦୂରଭାଷ : ୯୪୩୭୨୬୦୬୯୬



ମୁଁ ଏବେ କେଉଁଠି ?

କାଳିନ୍ଦୀ ତଟର କଦମ୍ବବୃକ୍ଷର ଶାଖା-ପ୍ରଶାଖାରେ, ନା ମୂରଲୀସ୍ୱନର ବିଳମ୍ବିତ ରାଗତୋଡ଼ିରେ !

ମୁଁ ଏବେ କେଉଁଠି ?

ପୂର୍ଣ୍ଣଗର୍ଭା ଯମୁନାନଦୀର ପ୍ରଖର ସ୍ରୋତରେ, ନା ପ୍ରବଳପ୍ରତାପୀ ଏକଦା ମଥୁରାର ଏକଛତ୍ରପତିଶାସକ କଂସର ବନ୍ଦୀଶାଳାର ଭଗ୍ନାବଶେଷ ଉପରେ ?

କେଉଁଠି ? କେଉଁଠି ମୁଁ ?

କେଉଁଠି ମୁଁ ? କୁରୁକ୍ଷେତ୍ର ରଣାଙ୍ଗନର ରକ୍ତଭିଜା ମାଟି ଉପରେ, ନା ଯୁଗ ସଂକ୍ରାନ୍ତି ସନ୍ଧିଲଗ୍ନର ଧୂମାଭ ଦିଗନ୍ତରେ !

ଓଃ ....

କେଉଁଠି ମୁଁ ? ଶ୍ରୀରାଧାଙ୍କ ଶୁଭ୍ରଶଙ୍ଖଧବଳ ଉନ୍ନତସ୍ତନର ଚିହ୍ନଚିହ୍ନରେ, ନା ଦ୍ୱାରିକାର ଷୋହଳସହସ୍ର ଗୋପନାରୀଙ୍କ ଅଶ୍ରୁବିନ୍ଦୁରେ, ଭାବ-ସମୁଦ୍ରରେ !

ନୀଳସୁନ୍ଦର ପର୍ବତର ଶାଳବିଥିକା ଭିତରେ ମୋର ଏବେ ଜୁଇ ଜଳୁଛି । ଜୁଇ ଉପରେ ଶୋଇଛି ମୋର କର୍ମକ୍ଳାନ୍ତ ନବଘନ ସୁନ୍ଦର ଶରୀର । ଜୁଇରେ ଅଗ୍ନି ସଂଯୋଗ ପରେ ବହ୍ନିର ସର୍ବଗ୍ରାସୀ ଲେଲିହାନଶିଖାରୁ ଜାତ ଧୂମକୁଣ୍ଡଳୀ ଛାୟାଘନ ଅରଣ୍ୟ ଭିତରେ

ମିଳେଇ ଯାଉଥିବାବେଳେ, ଅଗଣତି ନରନାରୀ, ହୋଇପାରନ୍ତି ସେମାନେ ବିଭିନ୍ନ ରାଜ୍ୟର ନଗ୍ରଜନ, ଜନପଦବାସୀ, ଗିରିକନ୍ଦରର ଗିରିଜନ ଜୁଇ ଚାରିପଟେ ଘେରି ରହିଛନ୍ତି । ମୋର ଆଜନ୍ମ ପ୍ରିୟ ସବୁଜ ସୁନ୍ଦର ଗିରିକନ୍ଦର ଭିତରେ ସଜଡ଼ାଯାଇଥିବା ଜୁଇ ଉପରେ ମୋର ଶରୀର କ୍ରମଶଃ ଦଗ୍ଧିଭୂତ ହେଉଥିବା ବେଳେ, ତମେ ମୋର ପ୍ରିୟସଖା ... ପାର୍ଥ ଅର୍ଜ୍ଜୁନ, ଏମିତି ପିଲାଙ୍କ ଭଳି କୋହ ଫଟେଇ କାନ୍ଦୁଛ କାହିଁକି ?

ଅର୍ଜ୍ଜୁନ, ଶୁଣ ଫାଲ୍‌ଗୁନି ! ପ୍ରିୟ ସଖା ମୋର ! ତୁମକୁ କେତେଥର ମୁଁ ବୁଝାଇଛି ଯେ ଆତ୍ମାର ମୃତ୍ୟୁ ନାହିଁ । ଆତ୍ମା କେବଳ ଘଟ ପରିବର୍ତ୍ତନ କରିଥାଏ । ଏହା ଜୀବନଚକ୍ରର ରହସ୍ୟ । ବ୍ୟକ୍ତି, ପ୍ରତିପତ୍ତି, ସମ୍ପତ୍ତି ପ୍ରତି ମୋହ ଓ ଆସକ୍ତିକୁ ନେଇ ମୁଁ ତୁମ ପାଖରେ କେତେଥର ଅନ୍ତର ଖୋଲି କେତେ କଥା ବୁଝାଇଛି, ତଥାପି ତମର ମୋ ପ୍ରତି ଏତେ ଅଯଥା ଆସକ୍ତି କାହିଁକି ? ପୁନରପି ଜନମ, ପୁନରପି ମରଣ, ପୁନରପି ଜନନୀ ଜଠରେ ଶୟନ .... ତାହା କାଳଚକ୍ରର ଗତି ଓ ପ୍ରକୃତି ପରା ଅର୍ଜ୍ଜୁନ ! ତୁମେ କାହିଁକି ଯେ, ମୋତେ ହରାଇଛ ବୋଲି ଏତେ ଅଶ୍ରୁ ବିସର୍ଜ୍ଜନ କରୁଛ ! ଦେଖୁନ, ତୁମ ପାଖରେ କେମିତି ସ୍ଥିତପ୍ରଜ୍ଞ ପରି ଠିଆ ହୋଇଛନ୍ତି ତମ ଅଗ୍ରଜ ଯୁଧିଷ୍ଠିର ! ପାଦ ତଳର ଭୂମିକୁ ଦୃଷ୍ଟିବିଦ୍ଧ କରି, ଛାତିରେ ଦୁଇ ହାତ ଛନ୍ଦି ଠିଆ ହୋଇଛନ୍ତି ନକୁଳ ଓ ସହଦେବ । ଆଉ ଭୀମ ? ତା'ର ଉଦ୍ଧତ କ୍ରୋଧର ଚାହାଣୀ ଦୃଷ୍ଟିର ଦିଗ୍‌ବଳୟକୁ ଯେମିତି ସ୍ପର୍ଶ କରି ଖୋଜୁଛି ମୋର ହତ୍ୟାକାରୀ ଜାରା ଶବରକୁ । ଜାରାଶବରର ଦୋଷ ବା କ'ଣ ? ସିଏ ତା'ର ଅନ୍ନସଂସ୍ଥାନ ପାଇଁ ଶିକାର ଖୋଜୁଥିଲା, ଭୁଲ୍‌ରେ ତା'ର ଧନୁର ବିଷାକ୍ତ ଶର ମୋର କ୍ଳାନ୍ତ ଅବସନ୍ନ ଅନନ୍ତ ଶୟନର ପଦଯୁଗଳକୁ କେଉଁ କଅଁଳ ଛନଛନ ମୃଗଶାବକ ଭାବି ସ୍ପର୍ଶ କଲା, ଆଉ ସେଇ ସ୍ପର୍ଶ ମତେ ମାଟିର ମଣିଷର ବନ୍ଧନରୁ ମୁକ୍ତ କରି ଅନନ୍ତ ଆଲୋକ ଆଡ଼କୁ ଏବେ ଟାଣି ଆଣିଛି ! ମୃତ୍ୟୁର ଅମୃତ ସ୍ପର୍ଶ ଦେଇଛି ।

ମୃତ୍ୟୁରେ, ଓଃ କି ଶାନ୍ତି ! ମୃତ୍ୟୁଜନିତ ମୁକ୍ତିରେ, ସତରେ କେତେ ଶାନ୍ତି ! ଜନ୍ମରୁ ମୃତ୍ୟୁଯାଏ ଜୀବନର ଯେଉଁ ରାସ, ତାହା କେଡ଼େ ଦୁଃଖମୟ, ଜଞ୍ଜାଳମୟ ! ତାହା ତ ତୁମକୁ ମୁଁ ଜରାସନ୍ଧ ସହିତ ଭୀମଙ୍କ ଗଦାଯୁଦ୍ଧଠାରୁ ଆରମ୍ଭକରି ତୁମ ଦ୍ୱାରା ମୋର ଭଗ୍ନୀ ସୁଭଦ୍ରାହରଣ, ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ଆଦି ବିଭିନ୍ନ ଘଟଣା ଘଟି ଯାଉଥିବା ବେଳେ ବର୍ଣ୍ଣନା କରିଛି । ତଥାପି, ତମେ ଆଜ୍ଞାଧିନ ଶିଷ୍ୟ ଭଳି ମୋ କଥା ଶୁଣି ସୁଦ୍ଧା ଏବେ କୋହ ଫଟାଇ କାନ୍ଦୁଛ ବିଶ୍ୱର ସର୍ବଶ୍ରେଷ୍ଠ ଧନୁର୍ଦ୍ଧର ! ମୋର ପ୍ରିୟ ଧନଞ୍ଜୟ ! 'ନହନ୍ୟତେ ହନ୍ୟମାନେ ଶରୀରେ' ଏକଥା ପରା ମୁଁ ତୁମକୁ କହିଥିଲି, ଅର୍ଜ୍ଜୁନ ! ତୁମକୁ ଏକଥା କହିଲା ବେଳକୁ ତୁମେ ଅତ୍ୟନ୍ତ ମୋହଗ୍ରସ୍ତ ହୋଇଯାଇଥିଲ । କୁରୁକ୍ଷେତ୍ରର

ଯୁଦ୍ଧଭୂମିରେ ଠିଆହୋଇ, ସମ୍ମୁଖରେ ଉପସ୍ଥିତ ତୁମର ପ୍ରିୟଜନ ବନ୍ଧୁବର୍ଗଙ୍କୁ ଦେଖି ତୁମେ ଏତେ ମୋହଗ୍ରସ୍ତ ହୋଇପଡ଼ିଥିଲ ଯେ, ନିଜର ଗାଣ୍ଡୀବଧନୁକୁ ତ୍ୟାଗ କରିବାକୁ ସୁଦ୍ଧା ତୁମେ ପଛାଇନଥିଲ । କ'ଣ କହି ତୁମକୁ ସେ ଭୟାନକ ଅବସ୍ଥାରୁ ମୁକୁଳାଇବି, ତାହା ମୁଁ ନିଜେ ସ୍ଥିର କରିପାରୁନଥିଲି । ତୁମର ଏପରି ଅନିଶ୍ଚିତ, ଭ୍ରମିତ ଅବସ୍ଥା ଆଗରୁ ମୁଁ କେବେ ଦେଖି ନଥିଲି । ଏମିତି ଘଟଣା ଯେ ତୁମ ଆମ ଜୀବନରେ ଘଟେ ନାହିଁ, ସେ କଥା ନୁହେଁ । କଥା ହେଲା, ତୁମର ବୀରତ୍ୱ ଓ ଶୌର୍ଯ୍ୟର ଅଭାବ ନଥିଲା । ଯୁଦ୍ଧ କରିବାକୁ ତମେ ଆଗେଇ ଆସିଥିଲ, ହେଲେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱରୁ ପଛଘୁଞ୍ଚା ଦେବାକୁ ଲାଗିଥିଲ ।

ତୁମର ଏପ୍ରକାର ଦୁର୍ବଳତା ସହ୍ୟ କରିବା ମୋ ପକ୍ଷରେ ଦୁରୁହ ଥିଲା । ରଥଶୃଙ୍ଖଳରେ ବନ୍ଧା ଅଶ୍ୱ ଦୁହିଁଙ୍କର ଲଗାମକୁ ଜୋର୍‌ରେ ଭିଡ଼ିଥିଲି । ତୁମ ରଥକୁ ଯୁଦ୍ଧର ମଧ୍ୟସ୍ଥଳକୁ ନେଇ ଯାଇ ତୁମକୁ ଆତ୍ମାର ଅବିନଶ୍ୱରରୂପ, ଜୀବନଚକ୍ର ସମ୍ପର୍କରେ ବୁଝାଇଥିଲି । ହେଲେ କ'ଣ ହେବ, ତୁମ ଉପରେ ମୋର ଅକାଟ୍ୟ ଯୁକ୍ତି, ସାରଗର୍ଭକ ଗୀତାର ତତ୍ତ୍ୱଜ୍ଞାନ ଗୁଡ଼ିକ ଯେତିକି ପ୍ରଭାବ ବିସ୍ତାର କରିପାରି ନଥିଲା, ସେତିକି ମୋର ବିଶ୍ୱରୂପ, ଐଶ୍ୱରିକ ଅସ୍ତିତ୍ୱର ପ୍ରଭାବ ପଡ଼ିଥିଲା । ମୋର ଈଶ୍ୱରତ୍ୱର ଭୂମିକା ତୁମକୁ ଅସ୍ତ୍ରଉତ୍ତୋଳନ କରିବାରେ ସାହସ ଦେଲା । ସେଥିପାଇଁ ମୁଁ ଆଜି ବି ନିଜ ଭିତରେ ଆହତ, ଦୁଃଖିତ ପାର୍ଥ ! କାରଣ ଜନସାଧାରଣ ମତେ ଦେବତା ... ଈଶ୍ୱର ବୋଲି ମାନୁଥିଲେ । ମତେ ଈଶ୍ୱରତ୍ୱର ସିଂହାସନ ଉପରେ ସ୍ଥାପନା କରିବା ଦିଗରେ ପରିସ୍ଥିତି ହିଁ ବିଶେଷ ଭୂମିକା ସୃଷ୍ଟି କରିଥିଲା । ବୋଧହୁଏ ତାହାହିଁ ଥିଲା ମୋର ଭବିତବ୍ୟ ... ମୋ ପ୍ରତି ନିୟତିର ନିର୍ଦ୍ଦେଶ ।

ଈଶ୍ୱର ମଣିଷକୁ ସୃଷ୍ଟି କରିଛନ୍ତି କି ନାହିଁ, ତାହା ହୁଏତ ଏକ ବିବଦମାନ ପ୍ରସଙ୍ଗ ହୋଇପାରେ । ହେଲେ, ମଣିଷ ତା'ର ସୁବିଧା ପାଇଁ ଈଶ୍ୱରଙ୍କୁ ଯେ ସୃଷ୍ଟି କରିଛି ଏଥିରେ କୌଣସି ବିବାଦ, କି ଦ୍ୱିମତ ନାହିଁ । ସତକଥା, ପାର୍ଥ ! ଏହି ମଣିଷ ମଧ୍ୟ ଗୋଟେ ଅଦ୍ଭୁତ ପ୍ରାଣୀ । ସେ ପଥରକୁ ସୁଦ୍ଧା ଦେବତା କରିଦିଏ । ଆମ୍ବ, ପଣସ ବା ବରଗଛ ମୂଳେ ପଥରଟେ ପୋତି ଦେଇ, ସିନ୍ଦୂର ମେଞ୍ଚାଏ ତା' ଦେହରେ ବୋଳି ଦେଇ, ନାଲି କନାର ପତାକାଟେ ଖଞ୍ଜିଦେଇ ତୁ, ତୁ ମୁଣ୍ଡିଆ ମାରି ପଥର ଦେବତାଠାରୁ ଆଶୀର୍ବାଦ ଭିକ୍ଷା କରେ । କିନ୍ତୁ ଧନଞ୍ଜୟ ! ତୁମେ ବୋଧେ ଗୋଟେ କଥା ଜାଣିନ । ମୁଁ ଜଣେ ରକ୍ତମାଂସର ସାଧାରଣ ମଣିଷଟିଏ ଥିଲି ! ଭ୍ରୁଣଭାବରେ ମାତା ଗର୍ଭରେ ରହିଲା ଦିନଠାରୁ ଜନ୍ମ ହୋଇ ବଡ଼ ହେଲା ଯାଏଁ ଯେଉଁ ସବୁ ପରିସ୍ଥିତି ଗୁଡ଼ିକୁ ଅତିକ୍ରମ କରି ମୁଁ ଆସିଲି ବା ସେ ସବୁର ସାମ୍ନା କରିବାକୁ ପଡ଼ିଲା, ସେ ସବୁ ମତେ ଈଶ୍ୱରତ୍ୱ ଆରୋପର ଦ୍ୱାହି ଦେଇ ଉପରକୁ ଉଠାଇଦେଲା । ଏପରିକି ମୋର ପରିପାର୍ଶ୍ୱ, ସମୟ ଏବଂ ନିୟତି ମଧ୍ୟ ମୋ ଉପରେ ଆରୋପିତ ଈଶ୍ୱରତ୍ୱର ମୁଖାକୁ ସମର୍ଥନ କରିବାରେ ଲାଗିଲା !

ଆଜି ମତେ ସତରେ ଅନ୍ତର ଖୋଲି, ହୃଦୟ ଖୋଲି ନିଷ୍କପଟ ଭାବରେ କିଛି କହିବାକୁ ଇଛା ହେଉଛି । ମୋ କଥା ଶୁଣି ତୁମେ ଏତେ ଆଚମ୍ୱିତ କିମ୍ବା ବ୍ୟତିବ୍ୟସ୍ତ ହୋଇଯାଅନାହିଁ । ଅବଶ୍ୟ ଏହା ପୂର୍ବରୁ ମୋର ବାକ୍-ଚାତୁରୀ ତଥା ଦୌତ୍ୟପଣର ଦକ୍ଷତା ସମ୍ପର୍କରେ ଭଲଭାବରେ ଆକୁମାରୀ ହିମାଚଳର ଜନଗଣ ଜାଣିସାରିଛନ୍ତି । କିନ୍ତୁ ଆଜି ଏଠାରେ ମୁଁ କାହା ପକ୍ଷରୁ ଦୂତଭାବରେ ଯାଇ ଠିଆ ହୋଇନାହିଁ କି କାହା କଥାକୁ ସମର୍ଥନ କରିବାକୁ ନାହିଁ । ତା' ହେଲେ ମୋର କ'ଣ କିଛି କହିବାର ଅଛି ? କାହିଁକି ମୁଁ ଏସବୁ କହିବାକୁ ଯାଉଛି ?

ଯୁଗ ଯୁଗ ଧରି ତୁମେ ମୋର ମୁଖ ନିଃସୃତ ଗୀତା ଶୁଣି ଆସିଛ । ବର୍ଷାଧିକକାଳ ତୁମେ ଉଦ୍ଧବ ଗୀତାକୁ ଅଧ୍ୟୟନ କରିଛ । ହେଲେ ଆଉ ଗୋଟେ ଗୀତା ବିଷୟରେ ମୁଁ ତୁମକୁ ଏଯାବତ୍ କହି ନାହିଁ । ଯେଉଁ ଗୀତା ମୋର ଜୀବନରୂପୀ ଗୀତାର ଆଖ୍ୟାନ ... ଶ୍ରୀକୃଷ୍ଣଗୀତା । ଯେଉଁ ଗୀତାକୁ ମୁଁ ଆଜିଯାଏଁ କାହାକୁ କହିନାହିଁ । ଆଜି ମୁଁ ସେଇ ମୋର ଜୀବନଗୀତାକୁ ତମ ଆଗରେ ଖୋଲି ଦେବାକୁ ଚାହେଁ । ମୋର ଏହି ଜୀବନଗୀତା ପ୍ରତି ମୁଁ ଏଯାବତ୍ ଆଦୌ ଧ୍ୟାନ ଦେଇନଥିଲି । ଗୀତାରେ ମୁଁ, ଧନଞ୍ଜୟ ! ତୁମକୁ କହିଥିଲି ନା, ଏମିତି ସମୟ କେବେ ନଥିଲା, କି କେବେ ହେବାର ନଥିଲା ଯେତେବେଳେ ତୁମେ କିମ୍ବା ମୁଁ ଦୁହେଁ ନଥିଲେ । ଆଜି ପୁଣିଥରେ କହୁଛି ଯେ ସେହି କଥା କେବଳ ମୁଁ ତମକୁ କହି ନଥିଲି, ପାର୍ଥ ! ବରଂ ସକଳ ସଜୀବ ପ୍ରାଣୀ, ପ୍ରତ୍ୟେକ ନାରୀ ପୁରୁଷଙ୍କୁ କହିଥିଲି । ସବୁକାଳ ... ଯୁଗ ପାଇଁ ତାହା ସତ୍ୟ ଥିଲା । ତେଣୁ ତତ୍ତ୍ୱ ଦୃଷ୍ଟିରୁ, ବିଚାର ଦୃଷ୍ଟିରୁ ଆଜି ମଧ ମୁଁ ପ୍ରତିଟି ବିଶ୍ୱରେ, କାଳଖଣ୍ଡରେ ବିଦ୍ୟମାନ ରହିଛି ।

ସେଥିପାଇଁ ସମୟର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ସମ୍ପର୍କରେ କହିବା ଏଠାରେ ବେଶି ପ୍ରୟୋଜନ ମନେକରୁଛି । ଯୁଗ, କାଳଖଣ୍ଡର ସନ୍ଧିଲଗ୍ନରେ କେବଳ ଜ୍ଞାନର ଆବଶ୍ୟକତା ଯଥେଷ୍ଟ ନୁହେଁ । ବରଂ, ଭୌତିକ ବିଶେଷତ୍ୱ ମଧ ଜାଣିବା ଜରୁରୀ ହୋଇପଡ଼ିଛି । ବିଜ୍ଞାନର କହିବା ହେଲା ସମୟ ଅଖଣ୍ଡ । ଏହାର କୌଣସି ଆରମ୍ଭ କିମ୍ବା ଅନ୍ତ ନାହିଁ । ଏହା ଅନନ୍ତ । ଏହି କଥା ମୁଁ ଗୀତାରେ କେବେଠାରୁ କହିସାରିଛି । ଅତ୍ୟନ୍ତ ସ୍ପଷ୍ଟ ରୂପରେ ମୁଁ ହିଁ କାଳ, ମୁଁ ହିଁ ସମୟ ବୋଲି କହିସାରିଛି । ମୋର ମଧ ତୁମ ସମ୍ମୁଖରେ ମନର କଥା କହିବାର ଅଧିକାର କାଲିଥିଲା, ଆଜି ଅଛି ଆଉ ଆସନ୍ତାକାଲି ମଧ ରହିବ । ମୋ କଥା ଶୁଣି ତୁମେ ଚିନ୍ତିତ ହୋଇପଡୁଛ ଫାଲ୍‌ଗୁନି ? ତୁମେ ଆଦୌ ଚିନ୍ତାକରନି । ଧୀରେ ଧୀରେ ତୁମେ ମଧ ଏକଥା ଗ୍ରହଣ କରିବ ।

ଅଖଣ୍ଡ ଅନନ୍ତ ସମୟ ସହିତ ତାଳ ଦେଇ ଜଡ଼ ଓ ଚୈତନ୍ୟମୟ ଜୀବନରେ ମଧ୍ୟ ନିରନ୍ତର ପରିବର୍ତ୍ତନ ସବୁ ଘଟିତ ହେଉଥାଏ । ପରିବର୍ତ୍ତନଶୀଳତା ହିଁ ଜୀବନର ସ୍ଥାୟୀ ଭାବ । ମଣିଷ ସହିତ ଜୀବ ସୃଷ୍ଟି କେତେବେଳେ ଆଚାର ବିଚାରର ଉଚ୍ଚତମ ଶିଖରରେ ଅବସ୍ଥାପିତ ହୁଏ ତ କେତେବେଳେ ତାହା ରସାତଳକୁ ମଧ୍ୟ ଯାଇପାରେ । ଏହାହିଁ ପରିବର୍ତ୍ତନଶୀଳତା, ପାର୍ଥ ! ତେଣୁ ଚୈତନ୍ୟମୟ ଜୀବନ ଅନନ୍ତ, ଶାଶ୍ୱତ ଓ ଚିରନ୍ତନ । ବୁଦ୍ଧି ଏବଂ ଚେତନାର କ୍ରମବିକାଶ ଏହାର ଚରିତ୍ରଗତ ସ୍ୱଭାବ । ତା'ହେଲେ ଗୋଟିଏ ପ୍ରଶ୍ନ ଏଠାରେ ଆସିପାରେ, ପରିବର୍ତ୍ତନଶୀଳ ଜୀବନ ସହିତ ତାକୁ ଜାଣିବା ପାଇଁ ଯେଉଁ ଭାଷା ବ୍ୟବହାର କରାଯାଏ, ସେଥିରେ ବ୍ୟବଧାନ ସୃଷ୍ଟି ହୁଏ କି ? ଏହି ପ୍ରଶ୍ନର ଉତ୍ତର ମୁଁ ଗୀତାର ବିଭିନ୍ନ ଅଧ୍ୟାୟମାନଙ୍କରେ ଅନେକ ଉଦାହରଣ ଛଳରେ ମୋ ଭିତରେ ଥିବା ଶ୍ରୀକୃଷ୍ଣର ସତ୍ତାକୁ ସ୍ପଷ୍ଟ କରିବାକୁ ଚେଷ୍ଟା କରିଛି ।

ହେଲେ ଆଜି କି ରୂପରେ ମୁଁ ତୁମ ସହିତ କଥା ହେଉଛି ଧନଞ୍ଜୟ ?

ବାଲ୍ୟ କାଳରେ ମୋର ଭିନ୍ନ ଭିନ୍ନ ରୂପଧାରଣରେ ଅସୁର, ରାକ୍ଷସମାନଙ୍କୁ ଖେଳ ଖେଳରେ ଅନ୍ତ କରିଦେଉଥିବା ନନ୍ଦପୁତ୍ର ରୂପରେ ? ଜଳକ୍ରୀଡ଼ା ସମୟରେ ଗୋପୀମାନଙ୍କର ବସ୍ତ୍ର ଚୋରାଇ ନେବାର ଅକ୍ଷମଣୀୟ ଥଟ୍ଟା ପରିହାସ ରୂପରେ ? ଗୋପରେ ନନ୍ଦବାବାଙ୍କ ଘରେ ଦହି, କ୍ଷୀର, ଲହୁଣୀର ବିପୁଳତା ସତ୍ତ୍ୱେ ନିଜ ସାଙ୍ଗସାଥୀମାନଙ୍କ ସହିତ ଯାଇ ଗୋପାଳୁଣୀମାନଙ୍କ ଘରୁ ଦହି ଲବଣୀ ଚୋରି କରୁଥିବା ଦୁଷ୍ଟ ଖୁଜୁବୁଜିଆ ବାଳକୃଷ୍ଣ ରୂପରେ ? ପୁଣି କେତେବେଳେ 'ଅବତାର' ଉପାଧିର ମୋହକ ବସ୍ତ୍ର ପରିଧାନ କରୁଥିବା ଐନ୍ଦ୍ରଜାଲିକ ଶ୍ରୀକୃଷ୍ଣ ରୂପରେ ? ଯଥା ସମୟରେ ଦ୍ରୌପଦୀଙ୍କର ଲଜ୍ଜା ନିବାରଣ ପାଇଁ ବସ୍ତ୍ର ପ୍ରଦାନ କରୁଥିବା ଚମତ୍କାରୀ ବାସୁଦେବ ରୂପରେ ? ନା ମହାଭାରତର ଏକମାତ୍ର ମେରୁଦଣ୍ଡ ମହାନାୟକ ରୂପରେ ବା କୁରୁକ୍ଷେତ୍ରର ରଣାଙ୍ଗନରେ କ୍ରାନ୍ତିପୁରୁଷ ଭାବରେ ?

ହୁଏତ ଏମିତି ମଧ୍ୟ କୁହାଯାଇପାରେ, ଅଠର ଅକ୍ଷୌହିଣୀ ବଳବାନ୍, ବୁଦ୍ଧିମାନ ଯୋଦ୍ଧାମାନଙ୍କର ଲୋମହର୍ଷକ ପ୍ରାଣଘାତି ଅନାବଶ୍ୟକ ମହାସଂଗ୍ରାମ ରଚନା କରିଥିବା ଜଣେ ବିକ୍ଷିପ୍ତ ଖେଳାଳି ରୂପରେ ମୁଁ ଆଜି ତୁମ ନିକଟରେ କଥା ହେଉଛି ! ଜାଣିଛ ପାର୍ଥ ! ମୋ ଉପରେ ଦୋଷାରୋପ କରାଯାଏ ଯେ ଏହି ଯେତେ ସବୁ ରୂପକୁ ମୋ ଉପରେ ଥୋପି ଦେଇ ସମସ୍ତେ ଆଜିଯାଏ ମୋତେ ସେମାନଙ୍କଠାରୁ ଏକ ନିରାପଦ ଦୂରତ୍ୱ ମଧ୍ୟରେ ରଖିଛନ୍ତି । ଜାଣିଶୁଣି ବଡ଼ କୌଶଳପୂର୍ଣ୍ଣ ଭାବରେ ମତେ ସାଧାରଣ ଜୀବନରୁ ଦୂରେଇ ଦେଇଛନ୍ତି । ମନ୍ଦିର ଭିତରେ ପୂଜା କରିବାର ସମସ୍ତ ବ୍ୟବସ୍ଥା ଖଞ୍ଜି ଦେଇଛନ୍ତି । ଏହା ଖୁବ୍ ସହଜ ଓ ସୁବିଧାଜନକ ଏଥିପାଇଁ, କାରଣ ମୁଁ ଆଉ ପାଟି ଖୋଲି ପ୍ରତିବାଦ

କରିପାରିବି ନାହିଁ । ମୁଁ ଯେମିତି ମନମୋହକ ପାଷାଣ ଦେବତାରେ ରୂପାନ୍ତରିତ ହୋଇଯାଇଛି ।

ମୁଁ ବିଷ୍ଣୁଙ୍କ ଅଂଶ ବୋଲି ମତେ ସମସ୍ତେ ଖୁବ୍ ସହଜରେ ଗ୍ରହଣ କରି ନେଇଛନ୍ତି । ତେଣୁ ମୋର ଦେବତ୍ୱର ପ୍ରଭାବ ଆଜି ଯେତିକି ଅଛି କାଲି ବି ସେତିକି ରହିବ । ବିଭିନ୍ନ ରୂପରେ ଶତାବ୍ଦୀ ଶତାବ୍ଦୀ ଧରି ମୁଁ ଗୋଟିଏ କଥା ଅତ୍ୟନ୍ତ ସରଳ ଭାବରେ କହିଆସୁଛି ଯେ ମୁଁ ଅସ୍ତିତ୍ୱର ଅଂଶ ରୂପରେ ପ୍ରତ୍ୟେକ ପ୍ରାଣୀଙ୍କ ଭିତରେ ବିଦ୍ୟମାନ । କିନ୍ତୁ ଏହି କଥା ମାନିବାକୁ କିମ୍ବା ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି । ଏମିତି କାହିଁକି ହୋଇଛି, ଅର୍ଜୁନ ?

ହେ ମୋର ପ୍ରିୟ ସଖା ଫାଲ୍‌ଗୁନି ! ମୁଁ ତୁମକୁ ହିଁ କହୁଛି । ତୁମେ ବୋଧେ ମୋ କଥାର ଅର୍ଥ ଠିକ୍ ଭାବରେ ବୁଝିପାରୁନ । କୃପାକରି ମୋତେ ତୁମଠାରୁ ଦୂର କରି ମନ୍ଦିରରେ 'ବାସୁଦେବ କୃଷ୍ଣ' ଭାବରେ ବସାଇ ପୂଜା କରନାହିଁ । ତୁମ ମନମନ୍ଦିରରେ ବାସ କରୁଥିବା ଅଚ୍ୟୁତଙ୍କ ସହିତ ତୁମେ ଖାଉଛ, ପିଉଛ, କଥା ହେଉଛ ସେହିଭଳି ଗ୍ରହଣ କର । ଅନନ୍ତକାଳ ଧରି, ଜନ୍ମ ଜନ୍ମାନ୍ତର ମଧ୍ୟରେ ତୁମ ସହିତ ମୁଁ କଥାବାର୍ତ୍ତା ଆରମ୍ଭ କରିଆସିଛି । ଆଜି ସେହି ମୁକ୍ତ ନିରୀହ ନିଷ୍ପାପ ମନରେ ହିଁ ମୁଁ ତୁମକୁ ସବୁକଥା କହିବାକୁ ଚାହେଁ । ମୁଁ ଜାଣେ, ତମେ ଜଣେ ଖୁବ୍ ଭଲ ଶ୍ରୋତା ଓ ଜିଜ୍ଞାସୁ । ମନଧ୍ୟାନ ଦେଇ ପ୍ରତ୍ୟେକଟି କଥା ଶୁଣ, ସେଥିପାଇଁ ବଡ଼ବ୍ୟଗ୍ର ଭାବରେ ମୁଁ ମୋର ଅଖୋଲା ଅକୁହା ଜୀବନଗୀତାର ପୃଷ୍ଠାକୁ ତୁମ ସମ୍ମୁଖରେ ଖୋଲିଦେବାକୁ ଚାହେଁ, ପାର୍ଥ ।

ମୋର ସାରାଜୀବନ ଅନେକ ରୋମାଞ୍ଚକ ଘଟଣାରେ ଭରପୂର ହୋଇରହିଛି । ମୋର ଜୀବନ କଦମ୍ବ ଗଛ ଭଳି, ଯାହାର ପ୍ରତ୍ୟେକ ଡାହିରେ କଦମ୍ବଫୁଲ ଲଦି ହୋଇରହିଥାଏ । ସହସ୍ର, ହଜାର ନାରୀ ପୁରୁଷ ଏହି ବୃକ୍ଷ ଚତୁର୍ଦ୍ଦିଗରେ ପରିକ୍ରମା କରି ଚାଲିଯାଇଛନ୍ତି । କଦମ୍ବ ଗଛର ଅସଂଖ୍ୟ ଡାହି, ପତ୍ର, ଫୁଲ, ଶାଖା ଭଳି ମୋ ଜୀବନ କଦମ୍ବଗଛରେ ଅଗଣିତ ଘଟଣାର ଗୁଚ୍ଛ ସେମିତି ଲଦି ହୋଇ ରହିଛି । ମୋର ଜୀବନ ଗାଥା ଆଦୌ ସହଜ ସରଳ ନୁହେଁ । ଅନେକ ଜ୍ଞାନୀ ମୁନି, ଋଷିମାନେ ନିଜ ନିଜର ଆଦର୍ଶ, ରୁଚି ଅନୁସାରେ ସେମାନଙ୍କୁ ସୁହାଇଲା ଭଳି ବସ୍ତ୍ର ମତେ ପିନ୍ଧାଇ ଦେଇଛନ୍ତି ଏବଂ ମୋର ଜୀବନ କାବ୍ୟକୁ ଅନେକ ରୂପ ପ୍ରଦାନ କରିଯାଇଛନ୍ତି । ଯାହାଫଳରେ ମୋର ଜୀବନ କାବ୍ୟ ଏକ ବିଶାଳ ଅଶ୍ୱତଥ ବୃକ୍ଷର ରୂପ ନେଇଛି । ହେଲେ ତାହା ଓଲଟ ଅଶ୍ୱତ୍ଥ ବୃକ୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ, ଧନଞ୍ଜୟ !

ଗତ ସହସ୍ର ସହସ୍ର ବର୍ଷ ଧରି ମୋର ଜୀବନ ଦୃଶ୍ୟପଟରେ ଅନେକ ପରସ୍ତ ନେସି ହୋଇ ରହିଛି । ତେଣୁ ପାର୍ଥ ! ଆଜି ମୁଁ ନିଷ୍ପଯ କରିଛି ଯେ ମୋର ଅସ୍ତିତ୍ୱ ଉପରେ ଲିପା ଯାଇଥିବା ଭାବୁକତାର ପରସ୍ତ ପରସ୍ତ ରୁଦ୍ଧ ଆବେଗକୁ କାଢ଼ି ଫିଙ୍ଗିଦେବି । ଯାହା କଷ୍ଟ ପଛେ ହେଉ । କଠୋରତାର ସହିତ ଅଭିମାନକୁ ବାହାର କରିଦେବି । ସ୍ପଷ୍ଟଶବ୍ଦରେ କେବଳ ସତ୍ୟ ହିଁ କହିବି । ସତ୍ୟ କହିବା ମୋର ଜନ୍ମଜାତ ସ୍ୱଭାବ ଯେ । ତୁମକୁ କହିଥିବା ଗୀତାର ସରଳ ଉତ୍ତର ଗୁଡ଼ିକୁ ସମସ୍ତେ ମିଶି ଅଭିଜାତ ଓ ତତ୍ତ୍ୱଜ୍ଞ ସମ୍ମିଶ୍ରଣ କରି ଦେବାଫଳରେ ମୋର ଈଶ୍ୱରମୟ ଅବତାର ରୂପ ଆହୁରି ମହାନ୍ ଦେଖାଗଲା । ତେଣୁ ମୋର ନିରୀହ ଭାବନା କାହା ନିକଟରେ ପହଞ୍ଚିପାରୁ ନାହିଁ ।

ଅର୍ଜୁନ ! ତମକୁ କ'ଣ ମୋର ଏହି ବିକଳ ଦୟନୀୟ ପରିସ୍ଥିତି ଦେଖି ଟିକିଏ ହେଲେ ଦୁଃଖ ଲାଗୁନି ? ଦେଖିଲ ! ଏହି କେତେ ବର୍ଷ ଭିତରେ ତୁମେମାନେ ମତେ କେଉଁଠାରେ ଆଣି ପହଞ୍ଚାଇଛ ? ମୋର ଅସୀମ ଭକ୍ତଗଣ ତଥା ବିରୋଧୀମାନେ ମିଶିକରି ମତେ ସବୁଦିନ ପାଇଁ ଜୀବନରୁ, ହୃଦୟରୁ ବିଦା କରିଦେଇଛନ୍ତି । ନିଜ ସୁବିଧା ପାଇଁ ମତେ, ଦେବତା କରିଦେଇଛନ୍ତି । ବିରୋଧୀମାନେ ମତେ କୂଟନୀତି ବିଶାରଦ, କପଟୀ, କୁଚକ୍ରୀ ବୋଲି ନାମିତ କରିଦେଇଛନ୍ତି ।

ତେଣୁ ମୋ ଜୀବନର ନିର୍ମଳ ନୀଳବର୍ଣ୍ଣ ସରୋବର ଉପରେ ଜମିଥିବା ଶୈବାଳକୁ ମୋ ନିଜ ଦୁଇ ହାତରେ ହିଁ ହଟାଇବାକୁ ପଡ଼ିବ । କାରଣ ମୋ ଜୀବନର ଆତ୍ମିକ ସମାଧାନ ପାଇଁ ଅନ୍ତତଃ ଏତିକି ତ ନିଶ୍ଚୟ କରିବାକୁ ପଡ଼ିବ ! ମୁଁ ତୁମକୁ ପରମ୍ପରାଗତ ବହିଁଗତ ଜୀବନ କଥା ଆଦୌ କହିବି ନାହିଁ ଅର୍ଜୁନ । ଆଜି ମୋ ଜୀବନର ବାସ୍ତବିକତା ତୁମ ସମ୍ମୁଖରେ ଉନ୍ମୋଚନ ନ କରି ମୁଁ ମୌନ ହୋଇ ବସିପାରିବି ନାହିଁ । ଆଜି ମୁଁ ମୋ ନିଜ ନିୟନ୍ତ୍ରଣରେ ନାହିଁ । ଯେହେତୁ ମୁଁ ଶରୀର ବନ୍ଧନରୁ ମୁକ୍ତ !

ଦକ୍ଷିଣାବର୍ତ୍ତର ଘନ ଅରଣ୍ୟ ଭିତରେ ଭାଲକା ତୀର୍ଥସ୍ଥାନର ଏକ ବିଶାଳ ଘନ ଶାଖାପ୍ରଶାଖା ବିଶିଷ୍ଟ ପ୍ରାଚୀନ ଅଶ୍ୱତଥ୍ ଗଛ ମୂଳେ ଶୋଇଛି । ଭୂଇଁ ଉପରେ ମୋର ଜଡ଼ ଶରୀର ଧୁ ଧୁ ହୋଇ ଜଳୁଛି । ତୁମ ଆଖିରୁ ଧାର ଧାର ହୋଇ ଲୁହ ଝରୁଛି ଯେ ବନ୍ଦ ହେବାର ନାମ ନେଉନାହିଁ । ଯୁଧିଷ୍ଠିର ସେମିତି ସ୍ଥିତପ୍ରଜ୍ଞ ଭଳି ଛିଡ଼ା ହୋଇଛନ୍ତି । ନକୁଳ ସହଦେବଙ୍କ ଆଖିତଳ ଚିବୁକ ଉପରେ ଅବିରତ ଅଶ୍ରୁର ଧାରା ଶ୍ରାବଣ । ଭୀମ କିନ୍ତୁ ପୂର୍ବପରି ମୋର ହତ୍ୟାକାରୀ ଜାରାଶବରକୁ ଖୋଜିବାରେ ବ୍ୟସ୍ତଅଛନ୍ତି ।

ଅଶ୍ୱତଥ୍ ବୃକ୍ଷରୁ ଅବିରତ ପତ୍ର ଝରୁଛି । ପତ୍ର ଖସୁଥିବାର ସରସର ଶବ୍ଦ ମତେ ସ୍ପଷ୍ଟ ଶୁଣାଯାଉଅଛି । ବୃକ୍ଷର ଗଣ୍ଡିରେ ମୁଁ ମୁଣ୍ଡ ରଖି ଶୋଇଥାଏ । ମୋର ଘନଶ୍ୱେତଦାଢ଼ି

ଉପରେ, ଗଛ ଉପରୁ ପଡୁଥିବା ଅନେକ ଶୁଖିଲାପତ୍ର ଲାଖି ରହିଯାଇଥାଏ । କେତେ ବୟସ ମୋର ହେବ ? ପ୍ରାୟ ୧୦୦ ବର୍ଷ ପାର ହୋଇଯାଇଥାଏ । ପ୍ରକୃତରେ ମୋର ୧୧୯ଟି ବର୍ଷର ଲମ୍ବାଚୌଡ଼ା ନୀଳଶ୍ୟାମଳ ବର୍ଣ୍ଣର ସୁଦୃଢ଼ ଶରୀର ଏଠାରେ ଶାନ୍ତିରେ ବିଶ୍ରାମ କରୁଥାଏ । ମୋର ଏହି ପ୍ରିୟ ଦେହ କେତେ କ'ଣ ଜୀବନରେ ଦେଖିଛି । କେତେ ସବୁ ଅନୁଭବ କରିଛି । କେତେ ମହଲ ନିର୍ମାଣ ଦେଖିଛି ପୁଣି କେତେ ନା ବିପତ୍ତିକୁ ସାମ୍ନା କରିଛି ଏହି ମୋର ନୀଳବର୍ଣ୍ଣ ଶରୀର । ହଁ .... ହଁ ଶରୀର । ନା ଏହାର ଭିତରେ ଥିବା ଶ୍ରୀ ନାମକ ଜଗତ୍ ବିଖ୍ୟାତ ଅମରତତ୍ତ୍ୱ, ନା ବାସୁଦେବ ନାମରେ ସର୍ବସ୍ୱୀକୃତ ଅଜର ତତ୍ତ୍ୱ !

ମୋର କଣ୍ଠରେ ସବୁବେଳେ ଧଳାଫୁଲ ମାଳାର ମଝି ମଝିରେ ସବୁଜ ରଙ୍ଗପତ୍ର ଗୁନ୍ଥା ହୋଇଥିବା ବୈଜୟନ୍ତୀମାଳା ବିରାଜମାନ କରୁଥାଏ । ତା' ସହିତ ମୋଟା ମୋଟା ଧଳା ମୋତିର କୌସ୍ତୁଭ ଜଡ଼ିତ ମୁକ୍ତାମାଳା ତଥା ଅନ୍ୟାନ୍ୟ ସ୍ୱର୍ଣ୍ଣାଳଙ୍କାର ମୋର ବକ୍ଷ ଦେଶରେ ଧୀରେ ଧୀରେ ସ୍ପନ୍ଦିତ ହେଉଥାଏ । ତା' ତଳେ ବହୁତ ବର୍ଷପରେ ସଂକଳ୍ପପୂର୍ବକ ଧାରଣ କରିଥିବା ସୁନାର ଛାଞ୍ଚରେ ତିଆରି ହୋଇଥିବା ଲୌହକବଚ ମଧ୍ୟ ସେମିତି ଅତୁଟଥାଏ । ହେଲେ ପୂର୍ବଦିନମାନଙ୍କ ଭଳି ମୋ ନିକଟରେ କୌଣସି ଅସ୍ତ୍ରଶସ୍ତ୍ର ନଥିଲା ।

ସବୁଦିନେ ମୋ କଟିଦେଶରେ ଖୋସା ଯାଇଥିବା ମୋର ତୀକ୍ଷ୍ଣ ଅସି ରହେ ଯେଉଁଥିରେ କେତେ ଶତ୍ରୁଙ୍କର ପ୍ରାଣନାଶ କରିଛି ତାହା ଆଜି ନୀରବ ହୋଇଯାଇଛି । ମୋର ପ୍ରିୟ ପାଞ୍ଚଜନ୍ୟ ଶଙ୍ଖ ବି ଆଜି କ୍ଳାନ୍ତ ହୋଇ ଧରିତ୍ରୀ ଉପରେ ବିଶ୍ରାମ କରୁଛି । ଉପରେ ସୂର୍ଯ୍ୟଙ୍କ ଉତପ୍ତ କିରଣ ମୋର ଦୁଇବାହୁର ଆଭୂଷଣ ଭେଦ କରି ସ୍ୱେଦର ଉଷ୍ମତାକୁ ଯେପରି ବଢ଼ାଇ ଦେଉଥାଏ ତାହା ମୁଁ ସ୍ପଷ୍ଟ ଭାବରେ ଅନୁଭବ କରୁଛି । ଅଶ୍ୱତ୍ଥ ବୃକ୍ଷର ଘନ ଶାଖାପ୍ରଶାଖା ବେଷ୍ଟିତ ପତ୍ର ଗହଳ ଭିତର ଦେଇ ସୂର୍ଯ୍ୟକିରଣ ସିଧାସଳଖ ଭାବରେ ମୋର ପିନ୍ଧା ପାଟପୀତାମ୍ବର ଉପରେ ପଡୁଥାଏ । କି ସୁନ୍ଦର ଚମକୁଥାଏ ମୋର ଶରୀରର ପୀତବସ୍ତ୍ର । ମୋର କଟିରେ ବନ୍ଧା ହୋଇଥିବା ନୀଳବର୍ଣ୍ଣ ଦୁକୁଳ ଉପରେ କିଛି ଶୁଖିଲା ପତ୍ର, କୁଟା କାଠି ମଧ୍ୟ ପଡ଼ିଥାଏ । ମାଟି ଉପରେ ରହିଥିବା ମୋର ଡାହାଣ ପାଦ ଉପରେ ରଖିଥିବା ବାମପାଦର ଗୋଲାପି ତଳିପା ମତେ ସ୍ପଷ୍ଟ ଦେଖାଯାଉଥାଏ ।

ଆହା ! ମୋର ପ୍ରିୟ ଚକ୍ରବର୍ତ୍ତୀ ପଥିକ ପାଦ ଦୁଇଟି ସମଗ୍ର ବିଶ୍ୱ ଭ୍ରମଣ ବେଳେ ମଧ୍ୟ ଥକି ପଡ଼ିନଥିଲା କେବେ । ଏହି ଅଥକ ପାଦ ମୋର କେତେବେଳେ ସ୍ମୃତି ଆଉ ଶିଉଳିରୁ ଗୋଟାଇଛି ଅଜସ୍ର ମଲ୍ଲୀଫୁଲ, ଜଳନ୍ତା ଅଙ୍ଗାର ପୁଣି ରାଧାଙ୍କ ପାଦରୁ ଖସିପଡ଼ିଥିବା ଦି'ପଟ ଘୁମନ୍ତ ଘୁଙ୍ଗୁର । ଯାହାକୁ ମୁଁ ଏବେ ବି ଲୁହଧୁଆ ଆଖିରେ ଚୁମିନିଏ । ମୋର ପାଟ ପୀତାମ୍ବରୀର କଅଁଳ କୋଳରେ ଘୁଙ୍ଗୁରକୁ ସାଇତି ରଖିଛି । ଆଃ ! ମୋର

ପାର୍ଥ ! ମୋର ବାମ ପାଦରେ ସେଇ ଅସହ୍ୟ ପୀଡ଼ା । ଜାରାର ସୂଚିବାଣ ମୋ ବାମପାଦର କଅଁଳ ତଳିପାକୁ ଏତେ ଜୋର୍‌ରେ ବିଦ୍ଧ କରିଛି ଯେ, ସେଥିରୁ ଅନବରତ ବୋହୁଥିବା ଉଷ୍ଣରକ୍ତର ସ୍ପର୍ଶକୁ ମଧ୍ୟ ମୁଁ ଗଭୀର ଭାବରେ ଅନୁଭବ କରୁଛି । ମାଟି ଉପରେ ଥିବା ମୋର ପାଦ ଦୁଇଟି ମଧ୍ୟରେ ବୋହୁଥିବା ଦୁର୍ଲ୍ଲଭ ଉଷ୍ମ ରକ୍ତର ଥକାପଣକୁ ମଧ୍ୟ ମୁଁ ଦେଖିପାରୁଛି ।

ରକ୍ତ ? କ'ଣ ଏହି ରକ୍ତ ? ଚୈତନ୍ୟର ଏକ 'ଓଁକାର' ଧ୍ୱନି ଯାହା ପିଢ଼ିପିଢ଼ିର ଦୀର୍ଘସାଧନା ତଥା ସଂସ୍କାରଶୀଳ ଯାତ୍ରାରୁ ରକ୍ତ ପ୍ରାପ୍ତ ହୋଇଥାଏ । ମନୁଷ୍ୟ ନିଜର ବୁଦ୍ଧିକୌଶଳ ଦ୍ୱାରା ସବୁକିଛି ନିର୍ମାଣ କରିପାରେ କିନ୍ତୁ ରକ୍ତ ଟୋପାଟିଏ କଦାପି ତିଆରି କରିପାରିବ ନାହିଁ । ଜାଣିଛ, ପାର୍ଥ ! ସମସ୍ତ ଜଡ଼ସତ୍ତା, ଜୀବସତ୍ତା ତଥା ଦେବସତ୍ତା ମଧ୍ୟରେ ଏହି ଜୀବନୀସ୍ରୋତର ରକ୍ତକଣିକା ପ୍ରବାହିତ ହେଉଛି ବୋଲି ଏ ବିଶ୍ୱ, ପ୍ରକୃତି, ପ୍ରାଣୀଜଗତ, ମନୁଷ୍ୟ ସଭ୍ୟତା ବଞ୍ଚି ରହିଛି । ରକ୍ତରେ ଥିବା ଦୁର୍ଲ୍ଲଭ ଗୁଣସୂତ୍ରର ସମାହାର ହିଁ ମଣିଷର ବୁଦ୍ଧି, ଜ୍ଞାନ, ବ୍ୟକ୍ତିତ୍ୱକୁ ବିକଶିତ କରିଥାଏ । ମୋର ଧମନୀରେ ମଧ୍ୟ ସେହି ଅଫୁରନ୍ତ ରକ୍ତକଣିକାର ଉଷ୍ମସ୍ରୋତ ପ୍ରବାହିତ ହେଉଛି । ଯାହାକି ମୋର ଜୀବନଗୀତାକୁ ଆହୁରି ଉଜ୍ଜ୍ୱଳ କରିଦେଉଛି ।

ପିଲାଦିନେ ମୁଁ ମୋର ଡାହାଣ ପାଦର ବୁଢ଼ା ଆଙ୍ଗୁଳିକୁ ସର୍ବଦା ମୁହଁରେ ପୂରାଇ ଚୋଷୁଥିଲି । ଏକଥା ଅନେକଥର ଯଶୋଦା ମା' ମତେ କହିଛନ୍ତି । ସେହି ସମୟରେ ମା'ଙ୍କୁ ମୋର ଏହି କାର୍ଯ୍ୟଟି ଈଶ୍ୱରୀୟଲକ୍ଷଣ ସମ୍ପନ୍ନ ବୋଲି ମନେ ହୋଇଥିଲା । ଅବଶ୍ୟ ମୋର ଏହି ଆଚରଣର ଲକ୍ଷଣ ସମ୍ପର୍କରେ ଆଚାର୍ଯ୍ୟ ସାନ୍ଦିପନୀ ଏବଂ ଆଚାର୍ଯ୍ୟ ଘୋର ଅଙ୍ଗିରସ ଗୂଢ଼ ଅର୍ଥ ସ୍ପଷ୍ଟ କରିଥିଲେ । ଯୋଗଶାସ୍ତ୍ରର ଏକ ମହତ୍ତ୍ୱପୂର୍ଣ୍ଣ ମୁଦ୍ରା ଏହା, ଯେଉଁଥିରେ ଡାହାଣ ପାଦର ବୁଢ଼ା ଆଙ୍ଗୁଠିକୁ ମୁହଁରେ ପୂରାଇ ଶରୀର ଭିତରେ ଥିବା ଜୈବିକ ଶକ୍ତି ଚୈତନ୍ୟର ନିରାମୟ ବଳୟକୁ ଛୁଇଁବାର ଉଦ୍ୟମ ସାଧାରଣତଃ ମହାନ୍ ଯୋଗୀ, ତପସ୍ୱୀମାନେ କରିଥାନ୍ତି । ଅଥଚ ପିଲାଦିନେ ମୋର ଅଜାଣତରେ ମୁଁ ଏହି କ୍ରିୟା କରୁଥିଲି । ମୋର ତଳିପାରୁ କ୍ଷରଣ ହେଉଥିବା ଅନବରତ ରକ୍ତଧାରା ଯେମିତି ମୋର ସ୍ମୃତିକୋଷକୁ ବାରମ୍ବାର ଆଲୋଡ଼ିତ କରୁଥିଲା । ଜନ୍ମଦିନରୁ ଆଜିଯାଏ ସେହି ମୋର ସ୍ମୃତି ଗୁଞ୍ଜନରୁ ରକ୍ତଧାରାସମ ଆବେଗମୟ ଚୈତନ୍ୟ ତଷିତ ମାଟିର ଅନୁଭବ ସବୁ ବଂଶୀର ସ୍ୱରରେ କେମିତି ଛଳଛଳେଇ ଆସୁଛି ।

ଧନଞ୍ଜୟ ! ତମେ ଶୁଣିପାରୁଚ ନା ସେଇ କେରି କେରି ଗୀତର ଧାନକେଣ୍ଡା, ଫୁଲଙ୍କର ହିଲ୍ଲୋଳ । ସେହି କୈଶୋରର ମନମତାଣିଆ ସୁଗନ୍ଧରେ ମୋର ମନ, ଚୈତନ୍ୟ, ଜୀବନ ବାସ୍ପାମୟ ହୋଇଯାଉଛି । ଘନଘୋର ଅନ୍ଧାର ରାତିରେ ମଞ୍ଜୁଷା ଭିତରେ ନିରନ୍ତ୍ର

କାରାଗାର ଭିତରୁ ମତେ ମା' କୋଳରୁ ଉଠେଇ ନେଇ ମୋର ପ୍ରାଣପ୍ରିୟ ଦୁଃସାହସୀ ପିତା ବସୁଦେବ ଯମୁନା ଅତିକ୍ରମ କରିବାର ବ୍ୟଗ୍ର ଦୁଃସ୍ୱପ୍ନ ସବୁ ମନେପଡୁଛି ।

ଗୋକୁଳ, ଗୋପପୁର । ମୋର ପ୍ରାଣପ୍ରିୟ ମାତୃଭୂମି, ଜନ୍ମଭୂମି । ବ୍ରଜଭୂମିରେ ବସବାସକରୁଥିବା ଗୋ-ପାଳକମାନଙ୍କର ଗୋଷ୍ଠୀକୁ ଗୋକୁଳ କୁହାଯାଉଥିଲା । ସେହି ଗୋପାଳକୁଳ ମାନଙ୍କ ଜନପଦ ଗୁଡ଼ିକ ମଧ୍ୟରେ ମୋର ମାତୃଭୂମି ଗୋପପୁର ସର୍ବାଦୌ ପ୍ରମୁଖ ଥିଲା । ଏହାର ପ୍ରାକୃତିକ ସବୁଜିମା ଏତେ ମଧୁର, ମନୋମୁଗ୍ଧକର ଥିଲା ଯେ ଗୋପପୁରର ପ୍ରତ୍ୟେକ ନରନାରୀ ସୌନ୍ଦର୍ଯ୍ୟ ରସଚେତନାର ଯେମିତି ଏକ ଏକ ମୂର୍ତ୍ତିମନ୍ତ ପ୍ରତୀକ ଥିଲେ । ସେଥିପାଇଁ ଗୋପନାରୀ ଦହି ମନ୍ଥିଲାବେଳେ, ଯମୁନାରୁ ପାଣିଆଣିଲାବେଳେ, ଶିଶୁ ଜନ୍ମ, ବିବାହ, ପୁଆଣି ଆଦି ସବୁ ସମୟରେ ଅତ୍ୟନ୍ତ ସୁମଧୁର କଣ୍ଠରେ ଗୀତ ଗାଉଥିଲେ । ମୋ ପିଲାଦିନ ମା ଯଶୋଦା, ରୋହିଣୀମା' ତଥା ଅନ୍ୟାନ୍ୟ ଗୋପନାରୀମାନଙ୍କର ସୁମଧୁର କଣ୍ଠର ସାଙ୍ଗୀତିକ ମୂର୍ଚ୍ଛନାରେ ବିଭୋର ହୋଇଯାଉଥିଲା । ସେଥିପାଇଁ ମୋ ବଂଶୀର ସ୍ୱରରେ ଅପୂର୍ବ ନିରୀହ ଖିଆଲିପଣଟିଏ ଯେମିତି ମନକୁମନ ବହଟି ଯାଇଥିଲା ।

ଅବଶ୍ୟ ଗୋପପୁରରେ ଅନ୍ୟାନ୍ୟ ଜାତିର ନରନାରୀ କୃଷକ, ବଢ଼େଇ, ରଜକ, ଧୀବର, ଲୌହକାର, କୁମ୍ଭକାର ଆଦି ପ୍ରାୟତଃ କୋଡ଼ିଏଟି ଜାତି ମିଳିମିଶି ରହୁଥିଲେ । ସେମାନଙ୍କୁ ମଧ ଗୋପ ବୋଲି କୁହାଯାଉଥିଲା । ଗାଙ୍ଗେୟ ଯମୁନା ଉପତ୍ୟକା ଅଞ୍ଚଳର ଛୋଟ ଗ୍ରାମ ଭାବରେ ଗୋପପୁର ପରିଚିତ ଥିଲା । ଯମୁନାନଦୀ ଅର୍ଦ୍ଧବୃତ୍ତାକାରରେ ଗଡ଼ଖାଇ ଭଳି ସମଗ୍ର ଗୋପପୁରକୁ ଘେରି ରହିଥିଲା । ମା' ଯେମିତି ତା' ସନ୍ତାନକୁ ଆପଦବିପଦରୁ ରକ୍ଷାକରିବା ପାଇଁ କୋଳେଇ ଛାତିରେ ଜାକିଧରେ, ଠିକ୍ ସେମିତି ଗୋପପୁରବାସୀ ତଥା ଅନ୍ୟାନ୍ୟ ଜନପଦିଗୁଡ଼ିକୁ ମା' ଭଳି ଯମୁନା ଜଗି ବସିଥିଲା । ଗୋପପୁରର ଚାରିଆଡ଼େ ବାଉଁଶ ବଣ ଭର୍ତ୍ତି ହୋଇ ରହିଥିଲା । ଗୋପପୁରର ଚତୁର୍ଦ୍ଦିଗକୁ ବିଭିନ୍ନ ହିଂସ୍ରଜନ୍ତୁମାନଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ବଡ଼ ମୋଟା ମୋଟା ଲମ୍ବା ବାଉଁଶ ତଥା ଗମ୍ଭାରି କାଠର ଗଣ୍ଡିରେ ଲଇଦ୍ୱାରା ବାନ୍ଧି ବାଡ଼ଭଳି କରି ଘେରାଇ ରଖିବାରେ ଗୋପର ପୁରୁଷମାନେ ଅତ୍ୟନ୍ତ ଦକ୍ଷ ଥିଲେ । ଏହି ସୁଦୃଢ଼ ଘେରା ବାଡ଼ ଯୋଗୁଁ ଆମର ଗୋଧନ ସୁରକ୍ଷା ସୁବିଧାରେ ହୋଇପାରୁଥିଲା । ଚାରିଆଡ଼େ ଘଞ୍ଚ ଅରଣ୍ୟାନି ଘେରି ରହିଥିବା ବେଳେ ଗୋପପୁର ନିଜର

ବିଶାଳ ଆବାସଗୃହ, ଅଟ୍ଟାଳିକାମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲା । ଏହା କୌଣସି ନଗରଠାରୁ କମ୍ ନଥିଲା ।

ପ୍ରତିଦିନ ସକାଳେ ଗୋକୁଳର ପୂର୍ବ ମହାଦ୍ୱାର ପଟରୁ ଝାଙ୍କ ଝାଙ୍କ ଗାଈ ହମ୍ବା ହମ୍ବା ରଡ଼ି ପକାଇ ପତ୍ର ଜଙ୍ଗଲ ଆଡ଼କୁ ଚରିବାକୁ ବାହାରି ପଡୁଥିଲେ । ବିଭିନ୍ନ ରଙ୍ଗର ଦୁଗ୍ଧ ଧବଳ, ବାଦାମୀ, କଳା, କଜଳ, ଖଇରିଆ, ଛିଟ ଛିଟ ରଙ୍ଗର ଅସଂଖ୍ୟ ଗାଈ ପରସ୍ପରକୁ ଧକ୍କା ଦେଇ ବଣ ଦିଗକୁ ଅତ୍ୟନ୍ତ ବ୍ୟାକୁଳତାର ସହିତ ଦୌଡ଼ିବାକୁ ଲାଗୁଥିଲେ । ଗାଈମାନଙ୍କର ସମବେତ ହମ୍ବାହମ୍ବା ଧ୍ୱନିରେ ଗୋକୁଳର ପ୍ରତ୍ୟେକ କୋଣ ଅନୁକୋଣ ମୁଖରିତ ହୋଇଉଠୁଥିଲା । ଗୋପପୁରବାସୀ, ପ୍ରତ୍ୟେକ ନାଗରିକ ଇଷ୍ଟଦେବୀ ମାତଙ୍ଗେଶ୍ୱରୀ ଦେବୀଙ୍କୁ ପ୍ରାତଃକାଳରୁ ସ୍ମରଣ କରି ନିଜର କର୍ମମୟ ଜୀବନର ଆବଶ୍ୟକତା ଅନୁସାରେ କର୍ମତତ୍ପର ରହୁଥିଲେ । ସନ୍ଧ୍ୟାବେଳକୁ ସୁନାପିଲାଟି ଭଳି ଗୋକୁଳର ଗୋଧନ ସମ୍ପଦ ଗୋବର୍ଦ୍ଧନ ପାର୍ବତ୍ୟାଞ୍ଚଳରୁ ପେଟଭର୍ତ୍ତି ଘାସ ଖାଇ ବାଛୁରୀମାନଙ୍କ ସହିତ ଗୋକୁଳକୁ ଫେରି ଆସୁଥିଲେ । ବାଡ଼ର ଦ୍ୱାର ରକ୍ଷକ ଗାଈମାନେ ଫେରିସାରିଲାପରେ ଦ୍ୱାରକୁ ବନ୍ଦ କରିଦେଉଥିଲେ । ବାଡ଼ ଭିତରେ ଛୋଟ ଛୋଟ ଗାଈମାନଙ୍କର ଗୋଠ କରାଯାଉଥିଲା । ପ୍ରତ୍ୟେକ ଗୋଠ ଆଗରେ ପଥର ତିଆରି ତୋରାଣି ଡଙ୍ଗା ରହୁଥିଲା । ଗୋପୀମାନେ ଗାଈମାନଙ୍କ ପାଇଁ ଭାତ, ତୋରାଣି, କୁଣ୍ଡା ଗୋଳାଇ ଡଙ୍ଗାମାନଙ୍କରେ ରଖୁଥିଲେ । ଘାସ ସବୁ କଟାହୋଇ ଗାଈମାନଙ୍କ ନିକଟରେ ପକା ହେଉଥିଲା । ଗୋଠର ଗାଈମାନଙ୍କର ସଂଖ୍ୟା ଅନୁସାରେ ବେକର ପଘା ଖୁଣ୍ଟିରେ ବନ୍ଧା ହୋଇ ରହୁଥିଲା । ବାଉଁଶର ରସିରୁ ଗୋପମାନେ ପଘା ତିଆରି କରୁଥିଲେ । କାଠ ଖୁଣ୍ଟମାନଙ୍କର ସଂଖ୍ୟାରୁ ଗୋପାଳମାନଙ୍କର ଗୋସମ୍ପଦ ଆକଳନ କରାଯାଉଥିଲା । ଷଣ୍ଢ ତଥା ଛୋଟବଡ଼ ବାଛୁରୀମାନଙ୍କର ଗୋଠ ଅଲଗା ଅଲଗା ରହୁଥିଲା ।

ଗୋପପୁର ବାଡ଼ର ପୂର୍ବଦ୍ୱାର ନିକଟରେ ସବୁଠାରୁ ବଡ଼ ଗୋଠ ମୋର ପିତା ନନ୍ଦବାବାଙ୍କର ଥିଲା । ସହସ୍ରରୁ ଅଧିକ ସଂଖ୍ୟକ ଗାଈବାଛୁରୀ ସେହି ଗୋଠରେ ଥିଲେ । ମୋର ବାବା ସମଗ୍ର ଗୋକୁଳର ମୁଖିଆ ଥିଲେ । ଗୋପାଳମାନେ ଆଦର ଓ ସମ୍ମାନର ସହିତ ମୋ ବାବାଙ୍କୁ ନନ୍ଦବାବା କହୁଥିଲେ । ବ୍ରଜର ଅନ୍ୟ ଗୋକୁଳ ଜନପଦମାନଙ୍କ ମଧ୍ୟରେ ଆମର ଗୋପପୁର ମୋର ବାବାଙ୍କ ନାମ ଅନୁସାରେ 'ନନ୍ଦଗ୍ରାମ' ଭାବରେ ଖ୍ୟାତି ଲାଭ କରିଥିଲା । ଗୋକୁଳର ଗୋପାଳମାନଙ୍କ ଘର ମାଟିରେ ତିଆରି ହୋଇଥିଲା ଓ ଛାତରେ ଖପର ବିଛା ଯାଇଥିଲା । ଘର ଗୁଡ଼ିକ ଗାଈ ଗୋବର ଏବଂ ଗେରୁରେ ଲିପାପୋଛା ହୋଇ ସଦାସର୍ବଦା ସୁନ୍ଦର, ଚିକ୍ ଚିକ୍ ଦିଶୁଥିଲା । କାନ୍ଥମାନଙ୍କରେ ଗୋପନାରୀମାନେ

ଝୋଟିରେ ଦୁଧଭର୍ତ୍ତି ଥନ ଯୁକ୍ତା ଦୁଧିଆଳୀ ଗାଈ ସହିତ ଡ଼େଉଁଥିବା କଅଁଳା ବାଛୁରୀ, ହୃଷ୍ଟପୃଷ୍ଟ ଷଣ୍ଢ, ଘଞ୍ଚବୃକ୍ଷତଳେ ବିଶ୍ରାମ କରୁଥିବା ସୁସ୍ଥସବଳ ଗୋପପୁରୁଷ, କାଖରେ ଜଳ ଭର୍ତ୍ତି କଳସ ଧରିଥିବା ଗୋପାଳୁଣୀ ମାନଙ୍କର ଚିତ୍ର ଅଙ୍କା ହୋଇ ବଡ଼ ମନଲୋଭା ଦେଖାଯାଉଥିଲା ।

ଆମର ପୂର୍ବପୁରୁଷ ସୂର୍ଯ୍ୟଦେବଙ୍କର ବଂଶଜ ଥିଲେ । ଆମ ବଂଶର ଆଦ୍ୟ ପୁରୁଷଙ୍କର ନାମଥିଲା ସୋମଭାନୁ । କୁଳ ଇଷ୍ଟଦେବୀ ମାତଙ୍ଗେଶ୍ୱରୀଙ୍କର ଅନେକ ଗୁଡ଼ିଏ ଚିତ୍ର ଗୋପପୁରର ଅଧିବାସୀଙ୍କର ଗୃହର କାନ୍ଥରେ ଚିତ୍ରିତ ହୋଇ ରହୁଥିଲା । ଆଦ୍ୟପୁରୁଷ ସୋମଭାନୁ ତଥା ଅନ୍ୟାନ୍ୟ ପୂର୍ବପୁରୁଷଙ୍କର ଚିତ୍ର ମଧ୍ୟ ଆମ ଘରର କାନ୍ଥମାନଙ୍କରେ ଶୋଭା ପାଉଥିଲା । ପ୍ରତ୍ୟେକ ଘର ଭିତରେ ଦହି, ଲହୁଣୀ, କ୍ଷୀର ରଖିବା ପାଇଁ ମାଠିଆ, ଦଉଡ଼ିଛନ୍ଦାରେ ଶିକାସବୁ ଓହଳା ହୋଇ ରହୁଥିଲା । କ୍ଷୀରରୁ ଲହୁଣି ବାହାର କରିବା ପାଇଁ ମନ୍ଥନ ଦଣ୍ଡ ଓ ଦଉଡ଼ି ଘର ମଝି ଅଗଣା ପାଖରେ ରହୁଥିଲା । ଏହା ସହିତ ଧାନ, ଯଅ, ବାଜରାର ବଡ଼ ବଡ଼ ଅମାରମାନ ରହୁଥିଲା । ଗୋକୁଳର କେନ୍ଦ୍ରସ୍ଥଳରେ ମୋର ବାବା ନନ୍ଦବାବାଙ୍କର କୋଡ଼ିଏ କୋଠରୀ ବିଶିଷ୍ଟ ପଥରରେ ତିଆରି ପ୍ରଶସ୍ତ ଘର ଥିଲା । ଘର ମଝିରେ ଏକ ବିଶାଳ ମଣ୍ଡପ ଥିଲା । ଯାହାକୁ ଗୋପ ସଭାମଣ୍ଡପ କୁହାଯାଉଥିଲା । ଘର ଚତୁର୍ଦ୍ଦିଗରେ ବାଉଁଶର ସୁଦୃଢ଼ ବାଡ଼ ତିଆରି କରାଯାଇ ଆମ ଘରକୁ ନିବୁଜ କରାଯାଇଥିଲା । ମୁଖ୍ୟଦ୍ୱାରର କବାଟ ଉପରେ ସୂର୍ଯ୍ୟଦେବଙ୍କର ଏକ ମସ୍ତକ ଖୋଦିତ ହୋଇଥିଲା । ସେହିଦ୍ୱାରକୁ ସୂର୍ଯ୍ୟଦ୍ୱାର କୁହାଯାଉଥିଲା । ଏହା ସହିତ ଆମ ନିବାସର ବିଶାଳ ପ୍ରାଙ୍ଗଣ ଭିତରେ ଏକ ଛୋଟ ଶିବମନ୍ଦିର ମଧ୍ୟ ବିରାଜମାନ କରୁଥିଲା । ଗଣ୍ଡକୀ ନଦୀର ଶିଳା ଶିବଲିଙ୍ଗ ଭାବରେ ପୂଜା ପାଉଥିଲା । ମୋର ବାବା ପ୍ରତ୍ୟେକଦିନ ଯମୁନା ନଦୀରୁ ପାଣି ଆଣି ସେହି ଲିଙ୍ଗଙ୍କ ଉପରେ ଜଳାଭିଷେକ କରୁଥିଲେ । ଆମ ପରିବାରର ସମସ୍ତ ସଦସ୍ୟ ତଥା ଅନ୍ୟାନ୍ୟ ଗୋପ ନରନାରୀ ଆସି ଗଣ୍ଡକୀ ଶିବଙ୍କୁ ଜଳାଭିଷେକ କରୁଥିଲେ । ପ୍ରତ୍ୟେକ ଶିବରାତ୍ରିରେ ପୂଜା ପାର୍ବଣର ଏକ ଭବ୍ୟ ମେଳା ମହୋତ୍ସବର ଆୟୋଜନ ମୋର ନନ୍ଦବାବା କରୁଥିଲେ । ସକଳ ଗୋପବାସୀ ସମ୍ମିଳିତ ଭାବରେ ଆମ ଘରର ଗଣ୍ଡକୀ ମହାଦେବଙ୍କର ପୂଜାରେ ମନୋନିବେଶ କରୁଥିଲେ । ମୁଁ ମଧ୍ୟ ବଡ଼ ଭାଇନା ବଳରାମ ତଥା ମୋର ସାଙ୍ଗମାନଙ୍କ ସହିତ ଶିବରାତ୍ରିର ଆୟୋଜନରେ ଲାଗିପଡୁଥିଲି । ଖୁବ୍ ସକାଳୁ ଯମୁନା ନଦୀର ପଠାରୁ ଗୟସଫୁଲ ଓ ବେଲପତ୍ର ସଂଗ୍ରହ କରିବା ସହିତ କାଳିନ୍ଦୀହ୍ରଦରୁ ପଦ୍ମଫୁଲ ତୋଳିବାର ଅପୂର୍ବ ସୁଯୋଗକୁ କେବେ ହେଲେ ହାତଛଡ଼ା କରୁନଥିଲି ।

ଗୋପକୁ ଯେବେ ଶିବରାତ୍ରିର ସେଇ ଅପୂର୍ବଦିନଟି ଆବେଗପୂର୍ଣ୍ଣ ଭାବେ ଆସି ପହଞ୍ଚୁଯାଏ, ଆଖପାଖ ଜନପଦରୁ ପ୍ରବଳ ଜନସମାଗମ ହୁଏ । ଗୋପରେ ମେଳା ବସୁଥିଲା ।

ମେଳାର ମୁଖ୍ୟ ଆକର୍ଷଣ ଥିଲା ମଲ୍ଲଯୁଦ୍ଧ । ବଳିଷ୍ଠ, ବପୁବନ୍ତ, ସୁସ୍ଥସବଳ ମଲ୍ଲମାନଙ୍କ ଦେହରେ ତେଲ ଘସା ହୋଇ ଏମିତି ଚିକ୍ ଚିକ୍ ଦେଖାଯାଉଥାଏ ଯେ ସେମାନଙ୍କର ସୁପୁଷ୍ଟ ପେଶି ଗୁଡ଼ିକ ଆହୁରି ଟାଙ୍କି ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥାଏ । କାଠ ଓ ଲୁହାର ଗଦା, ପଥରଗୋଲା ଗୁଡ଼ିକ ତଥା ଚିକ୍କଣ ମାଲଖମ୍ବ ମଲ୍ଲ ଆଖଡ଼ାମାନଙ୍କୁ ସୁମୁଦ୍ଧ କରୁଥାଏ । ତେଣୁ ବାଲ୍ୟକାଳରୁ ମଲ୍ଲଯୁଦ୍ଧ ପ୍ରତି ମୋର ଏକ ଅହେତୁକ ଆକର୍ଷଣ ସୃଷ୍ଟି ହୋଇସାରିଥାଏ । ସେଥିପାଇଁ ତ ମୋର ବଡ଼ଭାଇ ବଳରାମ ଗଦା ପ୍ରୟୋଗରେ ଏତେ ପ୍ରବୀଣ ହୋଇଉଠିଥିଲେ । ଅନେକ ସମୟରେ ଆମେ ଦୁଇଭାଇ ମଲ୍ଲମାନଙ୍କ ଭଳି ମୁଷ୍ଟି ଯୁଦ୍ଧ କରୁଥିଲୁ ।

ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଗୋକୁଳର ପ୍ରତ୍ୟେକଟି ପ୍ରାନ୍ତର ଯେମିତି ଛବି ଭଳି ମୋ ମନରେ ଅଙ୍କା ହୋଇଯାଇଥିଲା । ଗୋପର ପ୍ରିୟ କ୍ଷୀର ଦହି ଭଳି ସ୍ୱଚ୍ଛଧଳା ନିଷ୍ପାପ ଜୀବନଶୈଳୀ ଖୁବ୍ ନିରୀହ ଥିଲା । ଛୋଟ ବଡ଼ ଚୈତନ୍ୟମୟ ମଣିଷମାନେ ଏକାନ୍ତ ପ୍ରାକୃତିକ ଓ ସ୍ୱାଭାବିକ ଥିଲେ । ସେମାନେ ମୋର ଜୀବନତନ୍ତ୍ରୀରେ ଅପୂର୍ବ ପ୍ରେମର ତାରକୁ ଯେମିତି ସଂଜୀବିତ କରିଦେଇଥିଲେ । ମୋର ବାବା, ମା', କକା, ଖୁଡ଼ୀ, କକେଇଦୁଧଭାଇ ଭଉଣୀ, ଭାଇନା ତଥା ଅନ୍ୟାନ୍ୟ ସକଳ ରକ୍ତସମ୍ପର୍କୀୟ ଆତ୍ମୀୟ ସୋଦରଙ୍କ ଅନାବିଳ ସ୍ନେହମମତା ସହିତ ପ୍ରତ୍ୟେକ ଗୋପ ନରନାରୀଙ୍କର ମୋ ପ୍ରତି ଅସାଧାରଣ ଭଲପାଇବା, ଅନୁରାଗ, ପ୍ରଗାଢ଼ ବିଶ୍ୱାସ ମୋର କୈଶୋର ପ୍ରାଣକୁ ଏକ ଅଲୌକିକ ବିଭୋରପଣରେ ଯେମିତି ବାସ୍ନାମୟ କରିଦେଇଥିଲା । ସେଥିପାଇଁ ବୋଧହୁଏ ଗୋପର ଅନନ୍ୟ ପ୍ରାକୃତିକ ଶୋଭା, ପକ୍ଷୀକାକଳିର ମତୁଆଲାପଣ, ଘାସ ଦେହରେ ଜମିଥିବା ବୁନ୍ଦାକ କାକର .... ଏସବୁ ଯେମିତି ମୋର ବଂଶୀର ନୈସର୍ଗିକ ସ୍ୱରରେ ଖୁବ୍ ସ୍ୱାଭାବିକଭାବରେ ରୂପ ନେଇସାରିଥିଲା । ଜୀବନର ଚିତ୍ରମୟ ଅନୁଭବ ସବୁ ଯେମିତି ଗୋପାଳୁଣୀମାନଙ୍କର ନୂପୁର ଛନ୍ଦରେ, ଦୁଧ ଦହିର ମିଠାସରେ ଆହୁରି ବର୍ଣ୍ଣମୟ ହୋଇପଡୁଥିଲା । ଆହା ! କେତେ ନିରୀହ ଥିଲା ସେହି ମୋର ନିଷ୍ପାପ କୈଶୋର । ଗୋପପୁର ଥିଲା ମୋର ସ୍ୱପ୍ନମୟୀ ବାଲ୍ୟ ଓ କୈଶୋରର କ୍ରୀଡ଼ାଭୂମି ।

ମୋର ସେହି ଅସହାୟ କୈଶୋରର ପ୍ରାଣପ୍ରିୟ ଆଶ୍ରୟଭୂମି ଗୋପପୁର, ତାର ମୁଖିଆ ମୋର ସରଳ ପ୍ରାଣ ନନ୍ଦବାବାଙ୍କର ସୁନ୍ଦର ସୁଗଠିତ ଶରୀରର କାନ୍ତି, ତାଙ୍କର ବ୍ୟକ୍ତିତ୍ୱର ଦୃଢ଼ତାକୁ ଆହୁରି ବଢ଼ାଇ ଦେଉଥାଏ ।

ସ୍ନେହମୟୀ ପ୍ରେମମୟୀ ମା' ଯଶୋଦା ସୁନ୍ଦରୀ, ଗୌରବର୍ଣ୍ଣା ଚନ୍ଦ୍ରମୁଖୀ ତଥା ସଦା ହାସ୍ୟମୟୀ, ଯାହାଙ୍କର ହସହସ ସ୍ମିତହସ ସ୍ନେହଭରା ସୋହାଗ ମୋର ଅଳିଅଳ ବାଲ୍ୟ ଜୀବନକୁ ସବୁଦିଗରୁ ସୁରଭିତ କରିଦେଉଥିଲା ।

ମା'ଙ୍କୁ ଆହୁରିଟିକେ ଚିଡ଼ାଇବାକୁ ମୁଁ ତାଙ୍କ କଥା ଶୁଣୁନଥିଲି । ସେ ମୋ ପଛେପଛେ କ୍ଷୀରପାତ୍ର ଧରି ଗୋଡ଼ାଉଥିବେ, ମୁଁ ଚୁପ୍‌କିନା ଘରକୋଣରେ, ନହେଲେ ଅଗଣାର ଅର୍ଜ୍ଜୁନ ଗଛ କିମ୍ବା ଅନ୍ୟାନ୍ୟ ଫୁଲ ବଗିଚା ଭିତରେ ଲୁଚିପଡୁଥିଲି । ଯେତେବେଳେ ପର୍ଯ୍ୟନ୍ତ ମା' ମତେ ଖୋଜି ଖୋଜି ନୟାନ୍ତ ହୋଇ ନାହାନ୍ତି, ଆଖିରୁ ଲୁହ ବାହାରିନି ସେ ପର୍ଯ୍ୟନ୍ତ ମୁଁ ମାନୁନଥିଲି । ମା'ଙ୍କର କାନ୍ଦୁଣୁ ମାନ୍ଦୁଣୁ ଚେହେରା ଦେଖିଲେ ଯେ କେହି ହେଲେ ଜାଣିଦେବ ଯେ ସେ ମତେ କେତେ ଗଭୀର ଭାବରେ ଭଲପାଉଥିଲେ । ପୁଣି ତାଙ୍କ ବେକରେ ଓହଳିପଡ଼ି, ତାଙ୍କୁ ଗେଲକରି ସବୁ ଦୋଷମାନି ନେଉଥିଲି ।

ମୋର ଆଠଜଣ କକା ଥିଲେ । ସୁନନ୍ଦ, ଉପନନ୍ଦ, ମହାନନ୍ଦ, ନନ୍ଦନ, କୁଳନନ୍ଦ, କନ୍ଦନନ୍ଦ, କେଳିନନ୍ଦ ଏବଂ ପ୍ରାଣନନ୍ଦ । ପରସ୍ପର ଭିତରେ ବୟସର ବିଶେଷ ପାର୍ଥକ୍ୟ ନଥିଲା । ସେଇ ସମସ୍ତଙ୍କର ଚେହେରାର ସାଦୃଶ୍ୟ ମୋର ନନ୍ଦବାବାଙ୍କ ସହିତ ମିଶୁଥିଲା । ସେମାନଙ୍କର ପତ୍ନୀମାନଙ୍କୁ ଆମେମାନେ କକାମାନଙ୍କର ନାମ ଅନୁସାରେ ଡାକୁଥିଲୁ । ଯେମିତି ସୁନନ୍ଦଖୁଡ଼ି । ପ୍ରାଣନନ୍ଦ ଖୁଡ଼ି । ମୋର କକାମାନେ ବିଭିନ୍ନ ବିଦ୍ୟାରେ ପାରଙ୍ଗମ ଥିଲେ । କିଏ ଗାଈମାନଙ୍କର ବିଭନ୍ନ ରୋଗର ଉପଚାର ଜନିତ ଯାବତୀୟ ଔଷଧିର ବ୍ୟବହାର ଜାଣିଥିଲେ । ସୁନନ୍ଦକକା ଅପୂର୍ବ ସ୍ୱରର ଅଧିକାରୀ ଥିଲେ । ତାଙ୍କ କଣ୍ଠରେ ସଙ୍ଗୀତର ଅପୂର୍ବ ଲାସ୍ୟମୟତା ମତେ ଯେମିତି ବିଭୋର କରିଦେଉଥିଲା । ସୁନନ୍ଦ କାକା ମୋର ଭାରି ପ୍ରିୟ ଥିଲେ । ତାଙ୍କଠାରୁ ମୁଁ ବିଭିନ୍ନ ବାଦ୍ୟଯନ୍ତ୍ରକୁ ତାଳ, ଲୟ ରାଗରେ କେମିତି ବଜାଇବାକୁ ହୁଏ, ଶିଖିଥିଲି । ମୋର ବଂଶୀର ପ୍ରଥମ ସ୍ୱର ମୁଁ ତାଙ୍କଠାରୁ ହିଁ ପାଇଥିଲି । କୁଳନନ୍ଦ କକା ବେଦ-ଉପନିଷଦର ଜଣେ ପ୍ରସିଦ୍ଧ ବ୍ୟାଖ୍ୟାକାର ଥିଲେ । କେଳିନନ୍ଦ କକା ଥିଲେ ଦକ୍ଷ କ୍ରୀଡ଼ା ପ୍ରେମୀ । ବିଭିନ୍ନ ପ୍ରକାର ଖେଳ ଯଥା କବାଡ଼ି, କନ୍ଦୁକକ୍ରୀଡ଼ା, ଜଳତରଣ, ମଲ୍ଲବିଦ୍ୟା ପ୍ରଭୃତି ଖେଳର ନିପୁଣ ଥିଲେ । ମୁଁ, ବଳରାମ ଭାଇନା, ସମସ୍ତ ଭାଇଭଉଣୀ, ଏବଂ ଅନ୍ୟାନ୍ୟ ଗୋପବାଳକମାନଙ୍କ ସହିତ ମିଶି କେଳିନନ୍ଦ କକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସବୁ କ୍ରୀଡ଼ା ଶିଖୁଥିଲୁ । ମୋର ସାନ ମା' ରୋହିଣୀ ମଧ୍ୟ ଅତ୍ୟନ୍ତ ସ୍ନେହମୟୀ ଓ ସୁନ୍ଦରୀ ଥିଲେ । ସେଥିଲେ ମୋ ବଡ଼ଭାଇନା ବଳରାମଙ୍କର ମା' । ବଳରାମ ଭାଇନା ବୟସରେ ମୋଠାରୁ ଟିକିଏ ବଡ଼ । ଚେହେରା ଦେଖିବାକୁ ଅତ୍ୟନ୍ତ ଆକର୍ଷଣୀୟ । ରକ୍ତିମ ଗୌରବର୍ଣ୍ଣ, ହୃଷ୍ଟପୁଷ୍ଟ ସ୍ୱାସ୍ଥ୍ୟ, ଘଞ୍ଚକେଶ ତଥା ଖୁବ୍ ଶୀଘ୍ର ରାଗିଯିବା ପୁଣି ଖୁବ୍ ଶୀଘ୍ର ଶାନ୍ତ ହୋଇଯିବା ସ୍ୱଭାବ ଥିଲା ବଳରାମ ଭାଇନାଙ୍କର ।

ଆମେ ଦୁଇଜଣ ସାପତ୍ନ୍ୟ ଭାଇ ଥିଲୁ । ଯଶୋଦା ମା'ଙ୍କୁ ଆମେମାନେ ସମ୍ମାନପୂର୍ବକ ମା' କହୁଥିଲୁ । ରୋହିଣୀମା'ଙ୍କୁ 'ସାନମା' ଡାକୁଥିଲୁ । ଆମ ଦୁଇଭାଇଙ୍କର

ଗୋଟେ ସାନଭଉଣୀ ଥିଲା । ତା'ର ନାମ ସୁଭଦ୍ରା । ଆମ ସମସ୍ତଙ୍କର ନୟନର ତାରା ଥିଲା ସୁଭଦ୍ରା । ଆମେ ଦୁଇଭାଇ ତାକୁ ବେଶୀ ଭଲପାଉଥିଲୁ, ବେଶି ଚିଡ଼ାଉଥିଲୁ ।

ମୋର ସର୍ବାଧିକ ପ୍ରିୟ ଜେଜେବାପାଙ୍କର ସ୍ନେହ ଶ୍ରଦ୍ଧା ମତେ ଗୋକୁଳର ଜୀବନବୃତ୍ତକୁ ଜାଣିବାରେ ବିଶେଷ ସହାୟକ ହୋଇଥିଲା । ଜେଜେଙ୍କର ସୁଗଠିତ ବଳିଷ୍ଠ ଶାରୀରିକ ସୌନ୍ଦର୍ଯ୍ୟ, ଲମ୍ବା ମୋଟା ନିଶ, ମୁଣ୍ଡରେ ପଗଡ଼ି, କାନ୍ଧରେ ମୋଟା ଗାମୁଛାର ଉତ୍ତରୀୟ, ବାହୁରେ ରୁପାର ପାହୁଡ଼, କାନରେ ମୋତିର କୁଣ୍ଡଳ, ଏ ସମସ୍ତ ମିଶି ଜେଜେଙ୍କର ବ୍ୟକ୍ତିତ୍ୱକୁ ଏକ ସମ୍ଭ୍ରାନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଦୀପ୍ତି ପ୍ରଦାନ କରିଦେଉଥିଲା । ତାଙ୍କର ଆୟୁ ପ୍ରାୟ ୭୫-୮୦ ବର୍ଷ ହୋଇଥିବ । ବୟସାଧିକ୍ୟ ଯୋଗୁଁ ସେ ଗୋଟିଏ ଦୃଢ଼ ବାଡ଼ି ହାତରେ ଧରି ଉଠାବସା କରୁଥିଲେ ।

ଜେଜେଙ୍କର ନାମ ଥିଲା ଚିତ୍ରସେନ । ଜେଜେମା' ଅନେକ ଦିନରୁ ମୃତ୍ୟୁବରଣ କରିସାରିଥିଲେ ।

ମୋର ପିଲାଦିନ ବଳରାମ ଭାଇନା, ସୁଭଦ୍ରା ତଥା ଅନ୍ୟାନ୍ୟ କକାପୁଅ ଭାଇଭଉଣୀମାନଙ୍କ ସହିତ ହସ ଖୁସିରେ ... ଆହ୍ଲାଦରେ ମୁଖରିତ ହେଉଥିଲା । ଜେଜେ ବାପାଙ୍କ ସାନ୍ନିଧ ମୋର କୈଶୋରପଣକୁ ତାରୁଣ୍ୟର ଛଳଛଳ ପଣରେ ବିହ୍ୱଳିତ କରିଦେଇଥିଲା । ପରିବାରରେ ଏକତା କିପରି ରକ୍ଷାକରାଯାଇପାରେ ତଥା ସମସ୍ତଙ୍କୁ ଗୋଟିଏ ଛାତତଳେ ଏକାଠି ପରସ୍ପର ପ୍ରତି ସ୍ନେହ, ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ରହିବାର କଳା ମୋ ଜେଜେଙ୍କୁ ଭଲଭାବରେ ଜଣାଥିଲା । ସେଇଥିପାଇଁ ତ ସମଗ୍ର ଗୋପପୁରବାସୀ ତାଙ୍କୁ ଖୁବ୍ ସମ୍ମାନ କରୁଥିଲେ ।

ପିଲାଦିନେ ମା ଗୋଟିଏ କଥା ସବୁବେଳେ କହୁଥିଲେ, ମୁଁ ଖୁବ୍ ଛୋଟ ଥିଲି ସେତେବେଳେ । ମୁଁ ଏତେ ଚଳଚଞ୍ଚଳ, ନଟଖଟ ଥିଲି ଯେ କାହାର ନିୟନ୍ତ୍ରଣରେ ରହୁନଥିଲି । ମୋର ବାଲ୍ୟରୂପ ବଡ଼ ମନମୋହକ ଥିଲା ବୋଲି ମା', ସାନ ମା', ତାଙ୍କର ସାଙ୍ଗସାଥୀ ଅନ୍ୟାନ୍ୟ ଗୋପୀମାନେ ମତେ ଦଣ୍ଡେ ହେଲେ ତଳକୁ ଛାଡୁନଥିଲେ । ମା' ତ ମତେ କ୍ଷଣକପାଇଁ ହେଲେ ନିଜଠାରୁ ଦୂର କରିବାକୁ ଚାହୁଁ ନଥିଲେ । ଦିନେ ମା' ଓ ଛୋଟ ମା' ମିଶି ମାଠିଆରୁ ଲହୁଣି ବାହାର କରିବା ପାଇଁ ଦଣ୍ଡରେ ମନ୍ଥୁଥାନ୍ତି । ମୁଁ ଓ ବଳରାମ ଭାଇନା ତାଙ୍କ ନିକଟରେ ଲହୁଣି ଖାଇବା ପାଇଁ ଠିଆ ହୋଇଥାଉ । ଆମେ ଦୁଇଜଣ ଅପଲକ ନୟନରେ ଦହି ମନ୍ଥାକୁ ଦେଖୁଥାଉ । କେତେବେଳେ ଦହିରୁ ଲହୁଣି ଗୁଳା ବାହାରିବ ଆଉ ଆମେ ତାକୁ ଖାଇବୁ । ମୁଁ ସେତେବେଳକୁ ଭଲଭାବରେ ଛିଡ଼ା ହୋଇପାରୁନଥାଏ । ମା'ଙ୍କ ପଛପଟେ ଠିଆ ହେବାପାଇଁ ମୁଁ ଗୁରୁଣ୍ଡି ଗୁରୁଣ୍ଡି ପହଞ୍ଚିଲି । ମା' ଲହୁଣି ମେଞ୍ଚାଏ ଧରି

ମତେ ନ ପାଇ ଖୋଜିବାକୁ ଲାଗିଲେ । ମା' ଘୂରୁଥାନ୍ତି ଆଉ ମୁଁ ବି ତାଙ୍କ ସହିତ ଗୋଲାକାରରେ ଘୂରୁଥାଏ । ମା' ମତେ ନପାଇ ଏତେ ବ୍ୟସ୍ତ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଲୁହ ଆସିଗଲା । ଯେତେବେଳେ ସେ ମତେ ତାଙ୍କ ପାଦ ପାଖରେ ଦେଖିଲେ ଝଟକିନା ଉଠାଇ ନେଇ କାଖେଇପକାଇଲେ ଏବଂ ପାଟିରେ ମେଞ୍ଚାଏ ଲହୁଣୀ ପୂରାଇ ଦେଇ ମୋ ମୁହଁସାରା ଚୋକ ଦେଇ ଚାଲିଲେ । ତାଙ୍କ ଗେଲରେ ମୁଁ ଆଲୁମାଲୁ ହୋଇଯାଇ କାନ୍ଦିବାରେ ଲାଗିଲି । ସେତେବେଳେ ମା'ଙ୍କ ଖୁସି କହିଲେ ନସରେ । ମତେ ବଡ଼ ଆଦରରେ ଲହୁଣି ଖୁଆଇବାରେ ଲାଗିଲେ । କାନ୍ଥରେ ରଖାଯାଇଥିବା ମୟୂରପୁଚ୍ଛଗୋଛାରୁ ଗୋଟିଏ ମୟୂର ପୁଚ୍ଛ ଆଣି ମୋର ଗହଳିଆ କେଶ ଭିତରେ ଖୋସିଦେଲେ ।

ସେହିଦିନଠାରୁ ମୟୂରପୁଚ୍ଛଟି ମୋ ଜୀବନର ପ୍ରତୀକଭାବରେ ଚିପ୍‌କିଗଲା ।

ଦୂରରୁ ଠିଆହୋଇ ବଳରାମ ଭାଇନା ମା'ଙ୍କର ମୋ ବାଳରେ ମୟୂରପୁଚ୍ଛ ଖୋସିବାର ଦେଖୁଥାନ୍ତି । କ'ଣ ହେଲା କେଜାଣି ସେ ଲଡ଼ବଡ଼ ପାଦରେ ଆସି ମା'ଙ୍କୁ କୁଣ୍ଢାଇ ଜୋର୍‌ରେ କାନ୍ଦିବାକୁ ଲାଗିଲେ । ଦହିହାଣ୍ଡି ଛାଡ଼ି ମା' ଆଉ ସାନ ମା' ଭାଇନାଙ୍କୁ ବୁଝାଇବାରେ ଲାଗିଲେ । ଦୁଇମା'ଙ୍କ ବୁଝାଶୁଝାପରେ ମଧ୍ୟ ଭାଇନା ବୁଝିଲେ ନାହିଁ । ଆହୁରି ମଜା ଦେଖିବାକୁ ତଳେ ନିଶ୍ଚେଷ୍ଟ ହୋଇ ପଡ଼ିଗଲେ । ମା' ସାନ ମା' ବିରକ୍ତ ହୋଇ ଦହିମାଠିଆ ପାଖକୁ ଚାଲିଗଲେ । ମୁଁ ଧୀରେ ଧୀରେ ବଳରାମଭାଇନାଙ୍କ ନିକଟକୁ ଯାଇ ତାଙ୍କ ବାଳରେ, ଆଙ୍ଗୁଠି ଚଳାଇ କୁତୁକୁତୁ କରିବାକୁ ଲାଗିଲି । ହେଲେ ମଧ୍ୟ ବଳରାମ ଭାଇନାଙ୍କ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉନଥାଏ । ମତେ ଟିକେ ସେ ଆଖି ଟେରେଇ କରି ଦେଖିଲେ ପୁଣି ବନ୍ଦ କରିଦେଲେ । ମତେ ବି ବଡ଼ ରାଗ ଲାଗିଲା । ମୁଁ ଅଭିମାନରେ ମୁହଁ ବୁଲାଇ ପିଠି ଆଡ଼ କରିବସିଲି । ବଳରାମ ଭାଇନା ଆଉ ଚୁପ୍ ହୋଇ ବସିପାରିଲେ ନାହିଁ । ଚୁପ୍‌କିନା ଆସି ମତେ ପଛଆଡ଼ୁ କୁଣ୍ଢାଇ ପକାଇଲେ । ସେ ଖିଲିଖିଲି ହସିବାରେ ଲାଗିଲେ ଏବଂ ମୁଁ ମଧ୍ୟ ଫିକ୍‌କିନା ହସି ଦେଲି । ଆମ ଦୁଇ ଭାଇଙ୍କର ଏପରି ଅପୂର୍ବ କୋଳାକୋଳି ଦେଖି ଆମ ଦୁଇ ମା'ଖୁସିରେ ଗଦ୍‌ଗଦ ହୋଇ ଦହି ମନ୍ଥା ଛାଡ଼ି ଆମ ଦୁଇଜଣଙ୍କୁ କାଖେଇ ଗେଲ କରିପକାଇଲେ ।

ଅର୍ଜୁନ ! ତୁମର ମନେ ଅଛିନା, ପିଲାଦିନରୁ ମୋର ବକ୍ଷଦେଶରେ ଜନ୍ମଜାତ, ଶ୍ରୀବତ୍ସ ଚିହ୍ନ ରହିଥିଲା । ତୁମେ ଯେତେବେଳେ ହତୋତ୍ସାହ ହୋଇ ଯୁଦ୍ଧ କରିବାକୁ ବିମୁଖ

ହୋଇପଡ଼ିଥିଲ, ସେତେବେଳେ ମୁଁ ମୋର ବକ୍ଷ ଦେଶରେ ଥିବା ଭକ୍ତବତ୍ସଳ ଚିହ୍ନର ରହସ୍ୟ ତୁମକୁ କହିଥିଲି । ତୁମର ସନ୍ଦେହ ଦୂର କରିଥିଲି । ମୋ ଜୀବନରେ ଶ୍ରୀବତ୍ସର ଯେଉଁସ୍ଥାନ ଥିଲା ତାହା କିପରି ପରବର୍ତ୍ତୀକାଳରେ ଆତ୍ମଚୈତନ୍ୟ ଉଦୟର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ସେ କଥା ମୁଁ ତୁମକୁ କହିସାରିଛି, ପାର୍ଥ !

ମୋର ସେଇ କିଶୋର ଅବସ୍ଥାରେ ମୁଁ ଯେତେବେଳେ ଗାଈମାନଙ୍କୁ ଚରାଇ ଗୋକୁଳକୁ ଫେରିଆସୁଥିଲି, ମା' ଆକୁଳ ନୟନରେ ଦାଣ୍ଡରେ ଠିଆ ହୋଇ ମତେ ଚାହିଁ ରହୁଥିଲେ । ମୁଁ ଆସିଲା କ୍ଷଣି ମତେ ବଡ଼ ଆଦରରେ ମୋ ମୁଣ୍ଡକୁ ଆଉଁଷି ଦେଉଥିଲେ, ଦେହରେ ହାତ ବୁଲାଇ ନେଉଥିଲେ । ମୁଁ ସର୍ବଦା ମା'ଙ୍କ ଆଖିରେ ମୋ ପାଇଁ କିଛି ନା କିଛି ଆଶଙ୍କା ଘେରି ରହିଥିଲା ଭଳି ଭାବ ଦେଖୁଥିଲି । ମୁଁ ବଂଶୀ ବଜାଇଲା ବେଳେ ସେ ଆହୁରି ଆବେଗରେ ମତେ ଚାହିଁ ରହୁଥିଲେ । ମୁଁ ପଚାରେ, "କ'ଣ ହେଲା ମା' ! ଏମିତି କ'ଣ ଦେଖୁଛ । ତୁମେ ଆଜି ଯେମିତି ନିଜ ଭିତରେ ନାହଁ । କ'ଣ ହେଲା ମା' କୁହ ?"

ମା' କହୁଥିଲେ : "ତୁ ବଂଶୀ ବଜାଇଲେ କାହିଁକି କେଜାଣି ମୋ ମନ ବଡ଼ ବ୍ୟାକୁଳ ହୋଇଯାଏରେ । ତୋର ଜନ୍ମ ସମୟର ସେହି କାଳରାତ୍ରି କଥା ମନେପଡ଼ିଲେ ମୋ ମନ ବଡ଼ ଅଶାନ୍ତ ଓ ଉଦ୍‌ବେଗଗ୍ରସ୍ତ ହୋଇଯାଏ, କାହ୍ନା । ତୁ ଜନ୍ମହେବା ଦିନ ଥିଲା ଅଭିଜିତ ନକ୍ଷତ୍ର ଯୁକ୍ତା ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥି । ଏତେ ମୂଷଳଧାରାରେ ବର୍ଷା ହେଉଥିଲା ଯେ ସମସ୍ତ ଗୋକୁଳ ଜଳରେ ଭରିଯାଇଥିଲା । ଯମୁନା ଉଛୁଳୁଥିଲା । ସେହି କାଳରାତ୍ରିରେ ତତେ ଜନ୍ମ କରିବା ଜନିତ ପ୍ରସବପୀଡ଼ାରେ ମୁଁ ମୂର୍ଚ୍ଛିତ ହୋଇପଡ଼ିଥାଏ । ବଡ଼ ବଡ଼ ଗଛ ଗୁଡ଼ିକ ବର୍ଷା ତୋଫାନ୍‌ରେ ଭାଙ୍ଗି ପଡ଼ିଥାଏ । ମୋର କିଛି ହେଲେ ମନେନଥାଏ । ସକାଳୁ ଥଣ୍ଡା କୋହଲା ପବନରେ ମୋର ନିଦ ଭାଙ୍ଗିଲା ବେଳକୁ ମୁଁ ଦେଖିଲି ମୋ କୋଳରେ ନବଜାତ ସୁନ୍ଦର ହୃଷ୍ଟପୁଷ୍ଟ ଶିଶୁପୁତ୍ର ତୁ ଭୋକରେ କାନ୍ଦୁଥାଉ । ତତେ କୋଳେଇ ନେଇ ମୋର ସ୍ତନର କ୍ଷୀରପାନ କରାଇବା ପାଇଁ ମୁଁ ତୋର ଓଠକୁ ମୋର ସ୍ତନ ଭୁଣ୍ଡି ଦେଲାକ୍ଷଣି ତୋର ଓଠର ସ୍ପର୍ଶରେ ମୋ ଭିତରଟା କେମିତି ଅପୂର୍ବ ମାତୃତ୍ୱର ସୁଖରେ ସଂଚରିଗଲା । ମୋର ସମଗ୍ର ଶରୀର, ଅସ୍ତିତ୍ୱ ଯେମିତି ଏକ ତଟସ୍ଥ ଆର୍ଦ୍ରତାରେ ବିଭୋର ହୋଇଗଲା । ତୋ ଶରୀରର ଉଷ୍ମତା, ନିରୀହ ନିଷ୍ପାପ ଓଠର ନୀରବତା ମତେ ଯେମିତି ଜଣେଇ ଦେଉଥିଲା, "ମୁଁ ତୁମର ପୁଅ ମା', ଆଉ ତୁମେ ମୋର ମା' ।'' ହେଲେ ମନଟା ଅକାରଣରେ କାହିଁ କେଉଁ କୁଆଶଙ୍କାରେ ଭାରାକ୍ରାନ୍ତ ହୋଇଯାଇଥିଲା ସେ ଉତ୍ତର ମୁଁ ଜାଣେନା । ତୁ ମତେ ଭୁଲ ବୁଝିବୁନି କାହ୍ନା !'' କହି ମା' ମୋର ମୁହଁକୁ ତାଙ୍କ ଦୁଇହାତ ପାପୁଲିରେ ଧରି କପାଳରେ ଗେଲ କରିଦେଇଥିଲେ ।

ମୁଁ ମୋର ନିରୀହା ସରଳା ମା'ଙ୍କର ମୋ ପ୍ରତି ପ୍ରବଳ ସ୍ନେହର ଉଦ୍‌ବେଳନକୁ ଅନୁଭବ କରି ହସୁଥିଲି । ମା'ଙ୍କୁ ବୋକଦେଇ କହିଥିଲି, "ତମେ କ'ଣ ବାୟାଣି ହୋଇଗଲ କି ମା' । ତୁମକୁ ଭୁଲ୍ ବୁଝିବାର କ୍ଷମତା କ'ଣ ମୋର କେବେ ହେଲେ ହୋଇପାରିବ, କହିଲ ? ବଡ଼ ଆବେଗରେ ମା' ମୋର ଦୁଇହାତକୁ ଧରି କହିଥିଲେ, "ମୋ ଧନ ! ମୋ ସୁନା ! ଯମୁନା ଆଡ଼େ ତୁ ସବୁବେଳେ ଯାଆନାରେ !"

କାହିଁକି କେଜାଣି ମା'ଙ୍କୁ ସବୁବେଳେ ଲାଗୁଥିଲା ଯମୁନା ମତେ ଅପହରଣ କରିନେଇଯିବ । ସନ୍ତାନ ପାଇଁ ମା' ମନରେ ଏ ଦୁଶ୍ଚିନ୍ତା ଖୁବ୍ ସ୍ୱାଭାବିକ ଥିଲା । ହେଲେ ଆଜି ଅଶ୍ୱତଥ୍‌ବୃକ୍ଷ ବିଥିକାରେ କ୍ଳାନ୍ତ ଅବସନ୍ନ ତଥା କ୍ଷତାକ୍ତ ହୋଇ ଶୋଇଥିଲାବେଳେ କାହିଁକି କେଜାଣି ମା' ବେଶି ମନେପଡୁଛନ୍ତି, ପାର୍ଥ । ମା'ଙ୍କର ଅମୃତହାତର ସ୍ପର୍ଶ ଟିକେ ଯଦି ମୋ କପାଳରେ, କି ଦେହସାରା ବୋଲି ହୋଇଯାଆନ୍ତା !

ଆଃ.... କି ଶାନ୍ତି । ମୋ ଶୈଶବର ଗୋପଦାଣ୍ଡ, ମା'ଙ୍କ ଉଷୁମକୋଳ, ନିରୀହ କୁନି କୁନି ସ୍ୱପ୍ନ ସବୁ ଯଦି ଟିକେ ମୋ ହାତପାଆନ୍ତାରେ ଆଜି ଥାଆନ୍ତା କି ଅର୍ଜୁନ !

ଅନେକଥର ମୋ ନାମକରଣ ସମୟର ଘଟଣାକଥା ମା' ମତେ ବେଳେବେଳେ କହିଥାନ୍ତି । ହେଲେ, ଆଜି ସେ କଥା ବେଶୀ ମନେପଡୁଛି ସଖା ଅର୍ଜୁନ ! ମୋର ନାମକରଣ ସମାରୋହ ପାଇଁ ଗୋପର ସମସ୍ତ ନଗ୍ରଜନଙ୍କ ମନରେ ଅପାର ଉତ୍ସାହ ଭରି ରହିଥାଏ । ଗୋପପୁରୁଷମାନେ ଅଣ୍ଟାରେ ଗାମୁଛା ଭିଡ଼ି ମୋର ନନ୍ଦ ବାବାଙ୍କ ଘରକୁ ସୁନ୍ଦର ଭାବରେ ସଜାଇବାରେ ଲାଗିପଡ଼ିଥାନ୍ତି । ଗାଈମାନଙ୍କୁ ମଧ ଭଲ ଭାବରେ ଗାଧୁଆପାଧୁଆ କରାଯାଇ ସେମାନଙ୍କର ଶିଙ୍ଗରେ ନାନା ପ୍ରକାର ରଙ୍ଗ ଲଗାଇ ଦେଇଥାନ୍ତି । ଗଳାରେ ଭିନ୍ନ ଭିନ୍ନ ରକମର ଘୁଙ୍ଗୁର ଘଣ୍ଟିର ମାଳା ବାନ୍ଧି ଦେଇଥାନ୍ତି । ସବୁ ପଶୁମାନଙ୍କ ମୁଣ୍ଡରେ ଗୋପନାରୀ ମାନେ ହଳଦୀ, ସିନ୍ଦୂର ଚନ୍ଦନର ଟୀକା ଲଗାଇ ଦେଇଥାନ୍ତି ।

ଗୋପର ସମସ୍ତଙ୍କ ଘରେ ଆମ୍ରପତ୍ରର ମାଳା ଲଗାଯାଇଥାଏ । ଗ୍ରାମର ଶିବ ମନ୍ଦିର, ଚଉପାଢ଼ି, ଆଖଡ଼ା ଘର, ସବୁଆଡ଼େ ଫୁଲର ମାଳା ଶୋଭାପାଉଥାଏ । ଗୋବରରେ ଭଲଭାବରେ ପ୍ରତ୍ୟେକ ଘରର ଆଗରେ ଲିପାଯାଇ ପୂର୍ଣ୍ଣକୁମ୍ଭ ଉପରେ ଆମ୍ବଡ଼ାଳ ଓ ନଡ଼ିଆ ଥୁଆ ହୋଇଥାଏ । ସୁନ୍ଦର ସୁନ୍ଦର ଝୋଟିଚିତାରେ ଗୋପଦାଣ୍ଡ ମହକୁଥାଏ ।

ଆମ ଘରର ମଝି ଅଗଣାରେ ଥିବା ମଣ୍ଡପରେ ମର୍ଦ୍ଦଳ, ଘଣ୍ଟ, ତୂରୀ, କାହାଳୀ, ଭେରୀ ପ୍ରଭୃତି ବାଦ୍ୟଯନ୍ତ୍ର ରଖାଯାଇଥିଲା । ବ୍ରାହ୍ମମୁହୂର୍ତ୍ତରୁ ଏହି ବାଦ୍ୟର ମଧୁର ଗୁଞ୍ଜନରେ ସମଗ୍ର ଯମୁନା ଅଞ୍ଚଳ ପ୍ରକମ୍ପିତ ହେବାକୁ ଲାଗିଲା । ମୋର ସମସ୍ତ ଭାଇଭଉଣୀ ତଥା କକା, ଖୁଡ଼ି ଏବଂ ଅନ୍ୟାନ୍ୟ ଆତ୍ମୀୟସୋଦର ମୋର ନାମକରଣ ଉତ୍ସବର ଆନନ୍ଦ ଉଠାଇବାରେ ଲାଗିପଡ଼ିଥାନ୍ତି । ମୋର ଶୁଆ ଦୋଳିକୁ ମଧ ବଡ଼ ସୁନ୍ଦର ଭାବରେ ସଜା ହୋଇଥାଏ । ଚମ୍ପା, ପାରିଜାତ, ନାଗେଶ୍ୱର, ମଲ୍ଲୀ, ଗେଣ୍ଡୁଫୁଲର ମାଳାରେ ଆମ ଘରର ଭିତର ବାହାର ଅତ୍ୟନ୍ତ ମନୋମୁଗ୍ଧକର ଜଣାପଡୁଥାଏ । ଘରଭିତରେ ମୋର ମା', ସାନ ମା'ଙ୍କ ସହିତ ସମସ୍ତ ଆତ୍ମୀୟ ଗୋପନରନାରୀ ଭର୍ତ୍ତି ହୋଇଥାନ୍ତି । ମତେ କାଳେ ଏତେ ଲୋକଙ୍କର ଦୃଷ୍ଟି ପଡ଼ିଯିବ ବୋଲି ମା' କଜ୍ଜଳର ବଡ଼ଟୋପା ମୋର କପାଳରେ ଲଗାଇ ଦେଇଥାନ୍ତି । ଗାଲରେ ମଧ ଟିକେ ଲଗାଇଦେଇଥାନ୍ତି । ମତେ ପାଟ ମଖମଲିକନାର କଛା ମା' ପିନ୍ଧାଇ ଦେଇଥାନ୍ତି । ବେକରେ ଅନେକ ସୁନାହାର, ମୋତିହାର ଲଗାଇ ଦେଇଥାନ୍ତି । ହାତରେ, ଗୋଡ଼ରେ ସୁନାରୂପାଖଡୁ, ଆଙ୍ଗୁଠିରେ ମୁଦି ଏମିତି କେତେ କ'ଣ ଅଳଙ୍କାର ମୁଁ ସେଦିନ ପିନ୍ଧିଥିଲି ।

କଅଁଳିଆ ପାଟକନାରେ ତିଆରି କନ୍ଥାରେ ମା' ମୋତେ ଦୋଳି ଭିତରେ ଶୁଆଇ ଦେଲେ । ସମସ୍ତେ ସେହି ନାମକରଣର ପ୍ରତୀକ୍ଷିତ ମୁହୂର୍ତ୍ତକୁ ଅତ୍ୟନ୍ତ ବ୍ୟାକୁଳ ହୋଇ ଅପେକ୍ଷା କରିଥାନ୍ତି ।

ନାମର ମହତ୍ତ୍ୱ ମଣିଷ ଜୀବନରେ ସବୁଠାରୁ ବେଶି ପାର୍ଥ । ନାମ ହିଁ ମଣିଷକୁ ବ୍ୟକ୍ତିରେ ପରିଣତ କରିବାରେ ସାହାଯ୍ୟ କରେ ।

ରାଜ ପୁରୋହିତ ବିଶ୍ୱକର୍ମା ଶୁଭମୁହୂର୍ତ୍ତରେ ମୁଁ ଶୋଇଥିବା ଦୋଳି ପାଖକୁ ଯାଇ ମତେ ହାତରେ ନେଇ ମୋ କାନ ପାଖରେ କୋମଳ ସ୍ୱରରେ ନାମ ଉଚ୍ଚାରଣ କଲେ "କୃଷ୍ଣ .... କାହ୍ନା ।"- ମୁଁ ଯେମିତି ଅନନ୍ତ ଅନ୍ଧକାର ମଧ୍ୟରୁ ଜାଗି ଉଠିଲି । ମୋ'ଚ ଚେତନା, ଅନ୍ତଃସ୍ମରଣ ଚତୁର୍ଦ୍ଦିଗରେ ଗୁଞ୍ଜରିତ ହେଲା କୃଷ୍ଣ .... କୃଷ୍ଣ ... ! କାହ୍ନା .... କାହ୍ନା ।

ଅନେକ ବ୍ରତ, ଉପବାସ କଲାପରେ ନନ୍ଦ ଯଶୋଦାଙ୍କର ପୁତ୍ର ଜାତ ହୋଇଛି । ତେଣୁ କୃଷ୍ଣ ନାମକରଣ ହିଁ, ସବୁଠାରୁ ବେଶି ଗ୍ରହଣୀୟ । କୃଷ୍ଣ ... ଯିଏ ସମସ୍ତଙ୍କୁ ଆକର୍ଷଣ କରିନିଏ । ସମସ୍ତଙ୍କୁ ମୋହିତ କରି ଦେଉଥିବା ମନମୋହନ କୃଷ୍ଣକୁ ସମସ୍ତେ କୋଳେଇ ନେଇ ଆଶୀର୍ବାଦ ଅର୍ପଣ କରିଦେଲେ । ସାନ ମା' ସ୍ନେହରେ ଦୋଳିକୁ ଝୁଲାଇ ଝୁଲାଇ ସୁନ୍ଦର ଗୀତ ଆବୃତ୍ତି କରିବାକୁ ଲାଗିଲେ ... ଝୁଲ୍‌ରେ ହାତୀ ଝୁଲ ..... ମୋ କଳାକାହ୍ନୁ,

ହାତୀ ଦେବି, ଘୋଡ଼ା ଦେବି ପେଁକାଳି ବଜାଇଦେବି .... ।' ମତେ ପାଇ ମୋର ମା, ବାବା, ଯେମିତି କୃତାର୍ଥ ହୋଇଯାଇଥାନ୍ତି । ବଡ଼ ଭାଇନା ବଳରାମ ମୋ ଭଳି ପ୍ରିୟ ସାଥୀ ପାଇ ଭାରି ଖୁସି ହୋଇଯାଇଥାନ୍ତି । ନିର୍ମଳ, ବିଶୁଦ୍ଧ, ନିରପେକ୍ଷ ପ୍ରେମ ଉପରେ ଆଜନ୍ମ ବିଶ୍ୱାସ ରଖୁଥିବା ପ୍ରିୟ କାହ୍ନାକୁ ପାଇ ସେଦିନ ସମଗ୍ର ଗୋପପୁର ଯେମିତି ପରମ ଆନନ୍ଦରେ ଝୁମିଉଠିଥିଲା ।

ମୋର ଜାତକ ପ୍ରସ୍ତୁତ କରିବା ପାଇଁ ନନ୍ଦବାବା ମଥୁରାରାଜା କଂସଙ୍କର ରାଜପୁରୋହିତ ଗର୍ଗାଚାର୍ଯ୍ୟଙ୍କୁ ଡକାଇଥାନ୍ତି । ସନ୍ଧ୍ୟାବେଳକୁ ଆମଘରର ଚଉପାଢ଼ୀ ମଣ୍ଡପ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକା ଯାଇଥିଲା । ଗର୍ଗାଚାର୍ଯ୍ୟ ମୁଖ୍ୟତଃ ମଥୁରାର ସୁରସେନ ରାଜ୍ୟର ଯାଦବମାନଙ୍କର ରାଜପୁରୋହିତ ଭାବରେ କାର୍ଯ୍ୟ କରୁଥିଲେ । କିନ୍ତୁ ତାଙ୍କର କୋଷ୍ଠୀ ଗଣନା ଅକାଟ୍ୟ ଏବଂ ଅଭ୍ରାନ୍ତ ଥିଲା । ନନ୍ଦବାବାଙ୍କ ସହିତ ଗର୍ଗାଚାର୍ଯ୍ୟଙ୍କର ଅନେକ ସମୟ ଯାଏ ମନ୍ତ୍ରଣା ଚାଲିଥିଲା । ବୈଠକରେ ମୋର ଆଠଜଣ କକା, ଖୁଡ଼ିଙ୍କ ସମେତ ସକଳ ଗୋପାଳ ତଥା ମୋର ପୂଜ୍ୟ ଜେଜେ ଉପସ୍ଥିତ ଥିଲେ । ଗର୍ଗାଚାର୍ଯ୍ୟଙ୍କର ଭସ୍ମବିଲୋପିତ ବାହୁ, ମସ୍ତକରେ ଜଟାଜୁଟ ସହିତ ବକ୍ଷରେ ରୁଦ୍ରାକ୍ଷମାଳା ଏବଂ ମୁଖରେ ଏକ ଅନିର୍ବଚନୀୟ ଜ୍ଞାନର ଗାରିମା ପ୍ରକାଶ ପାଉଥିଲା । ଗର୍ଗାଚାର୍ଯ୍ୟ ମଥୁରାର ଆଖପାଖ ସମଗ୍ର ଯମୁନା ଉପତ୍ୟକାର ନଗର, ଜନପଦ ଗୁଡ଼ିକର ଜଣେ ପ୍ରସିଦ୍ଧ ବାସ୍ତୁ ଶାସ୍ତ୍ରଜ୍ଞ ଭାବରେ ଖ୍ୟାତିଲାଭ କରିଥିଲେ । ମଥୁରାର ପ୍ରବଳ ପ୍ରତାପୀ କଂସ ମଧ ଗର୍ଗାଚାର୍ଯ୍ୟଙ୍କର ଭବିଷ୍ୟତ ଗଣନା ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରୁଥିଲା । ରାଜକାର୍ଯ୍ୟ ହେଉ, ଯୁଦ୍ଧ, ମନ୍ଦିର କି ନଗର ନିର୍ମାଣ ଆଦି ସବୁ ବିଷୟରେ କଂସ ଗର୍ଗାଚାର୍ଯ୍ୟଙ୍କର ପରାମର୍ଶ ଲୋଡୁଥିଲା । ନନ୍ଦବାବା, ମୋର ମା', ସାନ ମା' ତଥା ଅନ୍ୟାନ୍ୟ ସମସ୍ତ ଭାଇବନ୍ଧୁ ସଖା ସହୋଦର ଅପଲକ ନୟନରେ ଗର୍ଗାଚାର୍ଯ୍ୟଙ୍କର ମୁହଁକୁ ଚାହିଁ ରହିଥାନ୍ତି । ଆମ ସମସ୍ତଙ୍କର ଅତି ଆଦରଣୀୟ କୃଷ୍ଣର ଭବିଷ୍ୟତ କିପରି ହୋଇଥିବ, କେଜାଣି ? ଉତ୍କଣ୍ଠାରେ ସମସ୍ତେ ବ୍ୟାକୁଳ ହୋଇ ଅପେକ୍ଷା କରୁଥାନ୍ତି ।

ଗର୍ଗାଚାର୍ଯ୍ୟ ଏଥର ଗମ୍ଭୀର କଣ୍ଠରେ ଉପସ୍ଥିତ ସମସ୍ତଙ୍କୁ ଉଦ୍‌ବୋଧିତ କରି କହିଲେ - "ହେ, ଗୋପରାଜ ଚିତ୍ରସେନ, ନନ୍ଦରାଜ ଶୁଣନ୍ତୁ ! ଆପଣଙ୍କର ଏହି ପୁଅ ନିଜ ନାମ ଅନୁରୂପ ହିଁ ହେବ । ଏହି ବାଳକ ନିଜର ଅସାମାନ୍ୟ ମନମୋହକ ସୌନ୍ଦର୍ଯ୍ୟ ତଥା ବ୍ୟକ୍ତିତ୍ୱର ଚାତୁରୀରେ ସମସ୍ତଙ୍କୁ ମୋହିତ କରିଦେବ । ସେ ନିଜ ଜୀବନରେ ଏକ ନୂତନ ଯୋଗର ପ୍ରଚଳନ କରିବ ଯାହାର ନାମ ହେଉଛି ପ୍ରେମ ଯୋଗ । ଏହି ପୁତ୍ର କୃଷ୍ଣ ନିଜ ଜନ୍ମ ପରଠାରୁ ହିଁ ଜାଣେ 'ସେ କିଏ' । ଏହା ସମ୍ପର୍କରେ ଆସୁଥିବା ପ୍ରତ୍ୟେକ

ବ୍ୟକ୍ତିଙ୍କୁ କୃଷ୍ଣ ନିଜର କୃଷ୍ଣଶୈଳୀ ଦ୍ୱାରା ସରଳତାରେ ଅଭିଭୂତ କରିଦେବ । ଆପଣମାନେ କେହି ତାକୁ ଭୁଲିପାରିବେ ନାହିଁ । କିନ୍ତୁ ଏହାର ପ୍ରେମିଳ, ନିର୍ମଳ ସାନ୍ନିଧ ଆପଣଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପ୍ରାପ୍ତ ହେବ ନାହିଁ । କାରଣ ସେ ଖୁବ୍ ଶୀଘ୍ର ଗୋପପୁର ଛାଡ଼ି ଚାଲିଯିବ ।

ଗର୍ଗାଚାର୍ଯ୍ୟ ଭୁର୍ଜପତ୍ର ଉପରେ ମୋର ଭବିଷ୍ୟତକୁ ଲେଖିବାରେ ବ୍ୟସ୍ତ ଥାନ୍ତି । କିଛି ସମୟପରେ କହିଲେ, "ଆପଣଙ୍କର ସୁପୁତ୍ର ନ୍ୟାୟ ଓ ଧର୍ମର ରକ୍ଷା ନିମିତ୍ତ ନିରନ୍ତର କର୍ମରତ ରହିବ । ନ୍ୟାୟୀ ଏବଂ ସତ୍‌ପଥରେ ସର୍ବଦା ଯାଉଥିବା ଏକ ରାଜବଂଶକୁ ତାଙ୍କ ଉପରେ ହେଉଥିବା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ଏକ ମହାଯୁଦ୍ଧ ସଂଘଟିତ କରାଇବ । ଯାହାକୁ କାଳ କାଳ ଧରି ବିଶ୍ୱବାସୀ ଭୁଲିପାରିବେ ନାହିଁ । ଏହି ମହାଯୁଦ୍ଧରେ କେତେ ପ୍ରକାର ଜୀବନତତ୍ତ୍ୱର ସମାବେଶ ହେବା ସହିତ ପ୍ରକୃତ ଧର୍ମ ଓ ନ୍ୟାୟର ରକ୍ଷା ନିମିତ୍ତ ଏକ ଯୋଗସୂତ୍ରର ପ୍ରତିଷ୍ଠା କରିବ । ଏହି ବାଳକର ମୁଖରୁ ନିଃସୃତ କର୍ମଯୋଗର ଜୀବନଗୀତା ମାନବଜାତି ପାଇଁ ସର୍ବାଧିକ କଲ୍ୟାଣକାରୀ ପଥପ୍ରଦର୍ଶକ ଭାବରେ ପ୍ରସିଦ୍ଧି ଲାଭ କରିବ । ଏହି ଜୀବନ ଗୀତା ପାଇଁ ସେ - କାଳ ଚାଲ ପାଇଁ ଚିରସ୍ମରଣୀୟ ହୋଇ ରହିବ । ଈଶ୍ୱରାର୍ପିତ - ଅସ୍ତିତ୍ୱର ଅଂଶରୂପେ ହେ ନନ୍ଦରାଜ ଆପଣଙ୍କର ପୁତ୍ର ବାରମ୍ବାର ଅବତାର ନେଇ ଜନ୍ମଗ୍ରହଣ କରିବ । ଅନେକ ଅନ୍ୟାୟୀ ରାଜାଙ୍କୁ ଦମନ କରିବ । ସମଗ୍ର ଭାରତରେ ଜୀବନ ଗଙ୍ଗାର ଧାରାକୁ ଅବାରିତ ଗତିରେ ତଥା ସ୍ୱଚ୍ଛ, ବିଶୁଦ୍ଧ ଭାବରେ ପ୍ରବାହିତ କରିବାରେ ଏହି ବାଳକ ସମର୍ଥ ହେବ । କିନ୍ତୁ ନିଜେ କୌଣସି ରାଜସିଂହାସନ ପ୍ରତି ନିଜର ଅଧିକାର ସାବ୍ୟସ୍ତ କରିବ ନାହିଁ । ଏହାର ଏହି ତ୍ୟାଗମୟ ଆଚରଣ ସମଗ୍ର ମାନବଜାତି ପାଇଁ ଯୁଗଯୁଗ ଧରି ଏକ ଆଦର୍ଶ ଭାବରେ ଗୃହୀତ ହେବ । ନାରୀପ୍ରତି ଶ୍ରଦ୍ଧା ଓ ସମ୍ମାନ କିପରି କରାଯାଏ ତଥା ନାରୀକୁ କିପରି ବ୍ୟକ୍ତିଭାବରେ ରହିବାର ସୁଯୋଗ ଦିଆଯିବା କଥା ତାହା ସେ ସମସ୍ତଙ୍କୁ ଶିଖାଇବ । ନାରୀର ସ୍ୱାଭିମାନ, ମର୍ଯ୍ୟାଦାକୁ ସତତ ପ୍ରତିଷ୍ଠା ପାଇଁ ଯତ୍ନବାନ୍ ହେବ । ପ୍ରତ୍ୟେକ ସମ୍ପର୍କ ଯଥା ମାତା, ମହାମାତା, ପତ୍ନୀ, କନ୍ୟା, ଭଉଣୀ, ପିଉସୀ, ମାଉସୀ, ଖୁଡ଼ି, ସଖୀ, ପ୍ରେମିକା ଏହି ସମସ୍ତ ଆତ୍ମୀୟ ସମ୍ବନ୍ଧର ଏକ ନୂତନ ପରିଭାଷା ଓ ଦୃଷ୍ଟିକୋଣ ସେ ବିକଶିତ କରିବ । ଏହି ବାଳକର ସାନ୍ନିଧରେ ଆସୁଥିବା ପ୍ରତ୍ୟେକ ନାରୀ ଏକଥା ହୃଦୟବତ୍ତାର ସହିତ ଗ୍ରହଣ କରିପାରିବେ ।

ନିଜର ଏକ ଦକ୍ଷରାଜବଂଶ ପ୍ରତିଷ୍ଠା ନିମନ୍ତେ ଏହିବାଳକ 'କୃଷ୍ଣ' ପଶ୍ଚିମ ସମୁଦ୍ରତଟରେ ରାଜ୍ୟ ସ୍ଥାପନ କରିବ । କିନ୍ତୁ ନିଜର ବଂଶର ପୁତ୍ର, ନାତି ତଥା ବଂଶଜ ମାନଙ୍କ ଅହଂକାର, ଉଦ୍ଦାମତା, ଅନ୍ୟାୟ ଦେଖି ସେମାନଙ୍କୁ ବିନାଶ ମଧ କରିବ । ଚଉଷଠି କଳା ଶିଖିବା ପାଇଁ ଅନେକ ବ୍ୟକ୍ତି ସାରା ଜୀବନ ବ୍ୟତୀତ କରିଦିଅନ୍ତି । ହେଲେ, ଆମର

ଏଇ କୃଷ୍ଣ, ଚଉଷଠି କଳାରେ ନିପୁଣ, ଚଉଦଟି ଅସାଧ୍ୟ ବିଦ୍ୟାରେ ଧୁରୀଣ ହେବ । ଏହାର ବ୍ୟକ୍ତିତ୍ୱ ଅତ୍ୟନ୍ତ ବିଶାଳ ଓ ବ୍ୟାପକ ଅସ୍ତିତ୍ୱର ରୂପ ନେବ । ସଙ୍ଗୀତର ମୂର୍ତ୍ତିମନ୍ତ ପ୍ରତୀକ ଏହାର ବଂଶୀର ସ୍ୱନ ସମଗ୍ର ସାମବେଦର ଅପୂର୍ବ ସାଙ୍ଗୀତିକତାକୁ ସ୍ପର୍ଶ କରିବ । ଯୁଗ ଯୁଗ ପାଇଁ ଏହାର ଗୁରୁ ଓ ମା'ମାନଙ୍କର ନାମ ପାଇଁ ସେ ବିଖ୍ୟାତ ହେବ । କୃଷ୍ଣକୁ ଜ୍ଞାନ ପ୍ରଦାନ କରିଥିବା ଗୁରୁ, ପାଳନ ପୋଷଣ କରିଥିବା ମା' ଧନ୍ୟ ଏବଂ କାଳ କାଳ ଧରି ଜନମାନସରେ ଅଜରଅମର ହେବେ । ଏହାର ଅପୂର୍ବ ସୌନ୍ଦର୍ଯ୍ୟ, ପୌରୁଷର ଅପାର ଶକ୍ତି ସମଗ୍ର ବିଶ୍ୱରେ ଅତୁଳନୀୟ ହେବ । କେହି ଏହାର ସମକକ୍ଷ ହୋଇପାରିବେ ନାହିଁ । ଏହାର ବାକ୍‌ଶକ୍ତିର ଅଲୌକିକ ମଧୁରତା, ଶାନ୍ତ ପ୍ରବହମାନତା ଅତ୍ୟନ୍ତ ଶ୍ରୁତିମଧୁର ହେବ । ସମସ୍ତେ ଯେପରି ସମ୍ମୋହିତ ହୋଇଯିବେ । କିନ୍ତୁ ସମୟ ଆସିଲେ ତା'ର ସ୍ୱର ବଜ୍ରକଠିନ ତଥା ଗଗନଭେଦୀ ପ୍ରଚଣ୍ଡ ସ୍ୱରରେ ପରିଣତ ହେବ । ପଶ୍ଚିମ ତଟଦେଶରେ ଏକ ଅପ୍ରତିମ ଅଲୌକିକ ଶୋଭାସମ୍ପନ୍ନ ନଗରୀ ସ୍ଥାପନା କରିବ । ସେଠାରେ ସେ ଆଠପତ୍ନୀଙ୍କ ସହିତ ଏକ ଆଦର୍ଶଭାବଗତ ଦୃଢ଼ ପାରିବାରିକ ସାମାଜିକ ଜୀବନ ଅତିବାହିତ କରିବ । ହେ ନନ୍ଦରାଜା ! ମୁଁ ଯେଉଁସବୁ ଚମତ୍କାରୀ ଗୁଣ ଗୁଡ଼ିକ ସମ୍ପର୍କରେ ଭବିଷ୍ୟତ ବାଣୀ କଲି ସେଥିରେ ଆପଣ ଭଳିଗଲେ ହେବ ନାହିଁ । କାରଣ ଅଲୌକିକ କାର୍ଯ୍ୟ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଘୋଡ଼ାଇ ପକାଏ । ସବୁଠାରୁ ବଡ଼କଥା ହେଉଚି ଏହି ବାଳକ ସ୍ୱଦେହରେ ଆପଣମାନଙ୍କ ମଧ୍ୟରେ ବିରାଜମାନ କରିବ ଏବଂ ଚଳପ୍ରଚଳ ହେବ । ତାହାହିଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହି ବାଳକ ଅଧିକତର ସମୟ ଜଳ ନିକଟବର୍ତ୍ତୀ ସ୍ଥାନରେ ରହିବ । ସତ୍ୟର ଜ୍ଞାତା ଆପଣଙ୍କର ଏହି ପୁତ୍ର ପଞ୍ଚମହାଭୂତ ମଧ୍ୟରେ ଜଳତତ୍ତ୍ୱର ଅଧିକାରୀ ଜଳପୁରୁଷ ମଧ୍ୟ । ତେଣୁ ଏହାର ସ୍ୱଭାବ ସର୍ବଦା, ସରଳ, ତରଳ ପ୍ରବହମାନ ତଥା ସୃଜନଶୀଳ ହୋଇରହିବ । ଯେପରି ଜଳ କେବେହେଲେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରେନା ; ପ୍ରବହମାନତା ହିଁ ତାର ମୌଳିକ ଧର୍ମ । ଜୀବନର ବିକାଶ ଓ ସୃଜନକର୍ମ ପାଇଁ ଜଳ ଯେପରି ନିଜକୁ ଢ଼ାଳିଦିଏ ଠିକ୍ ସେହିପରି ଏହି ବାଳକ ଜଳପୁରୁଷ ଭାବରେ ସାରାଜୀବନ ଅବିଚ୍ଛିନ୍ନ ଭ୍ରମଣ କରିବ । ସିଏ ହେବ ଏକାଙ୍ଗ ଚକ୍ରବର୍ତ୍ତୀ, ଯୁଗସ୍ରଷ୍ଟା, ଯୁଗକର୍ତ୍ତା ଏକ ମହାନ୍ ଯୁଗପୁରୁଷ !"

ଗର୍ଗାଚାର୍ଯ୍ୟଙ୍କର ଗୌରବର୍ଣ୍ଣ ଭସ୍ମବିଲୋପିତ କପାଳରେ ସ୍ୱେଦବିନ୍ଦୁ ସ୍ପଷ୍ଟ ବାରି ହୋଇପଡୁଥାଏ । ମୋର ଅଦ୍ଭୁତ ଜାତକର ଗୁଣ, ଲକ୍ଷଣ, କର୍ମ ବିଭାବ ବର୍ଣ୍ଣନା କରୁ କରୁ ଯେପରି ଗର୍ଗାଚାର୍ଯ୍ୟ ଏକ ଦେହାତୀତ ଜଗତରେ ପ୍ରବେଶ କରିଯାଇଛନ୍ତି ଭଳି ମନେ ହେଲା । ଓଠ ସ୍ଫୁରିତ, ଚକ୍ଷୁ ଲୋତକାପ୍ଲୁତ, ହୃଦୟର ଗତି ବଢ଼ି ଯାଇଥାଏ । ତାଙ୍କର ଥର ଥର ହାତ ମୋର ତାଳପତ୍ରରେ ଲିଖିତ ଜାତକକୁ ମଖମଲି କନାରେ ଗୁଡ଼ାଇ ବନ୍ଦ କଲାବେଳକୁ, ଗର୍ଗାଚାର୍ଯ୍ୟଙ୍କ ଆଖିରୁ ଯେପରି ଅବିରତ ଅଶ୍ରୁଧାରା ବୋହିଚାଲିଥିଲା ।

ଗର୍ଗାଚାର୍ଯ୍ୟଙ୍କ ମୁଖରୁ ମୋର ଅପୂର୍ବ ଅଦ୍ଭୁତଜାତକ କଥାର ବର୍ଣ୍ଣନା ଶୁଣି ଉପସ୍ଥିତ ଗୋପ ନରନାରୀ ଚମତ୍କୃତ ହୋଇପଡ଼ିଥାନ୍ତି । ଭାବ ବିଭୋରକଣ୍ଠରେ ଗର୍ଗାଚାର୍ଯ୍ୟ କହିଲେ ; "ଅବଶ୍ୟ ହେ ନନ୍ଦରାଜ ! ଅପଣଙ୍କର ଏହି ପୁତ୍ରର ଜାତକରେ ଯେଉଁ ଅଦ୍ଭୁତ ବିଲକ୍ଷଣମାନ ପ୍ରକାଶ ପାଇଛି, ସେ ସବୁକୁ ଈଶ୍ୱରଙ୍କର ଅଂଶ ବିଶେଷ ବୋଲି କହିପାରନ୍ତି । କିନ୍ତୁ ଏକଥା ତ ସମ୍ପୂର୍ଣ୍ଣ ଅସ୍ୱୀକାର କରିହେବ ନାହିଁ, ଏକ ମହାନ୍ ପୁଣ୍ୟପୁରୁଷ ଯାହାଙ୍କର ଶକ୍ତି ଓ ବ୍ୟକ୍ତିତ୍ୱ ଅତୁଳନୀୟ ଓ ଅଦ୍ୱିତୀୟ ଏହାକୁ ସର୍ବୋଦୌ ବିଶ୍ୱାସ କରିବାକୁ ହେବ । ଜଳ ଯେପରି ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରେ ନାହିଁ, ଜୀବନର ସୃଜନ ଏବଂ ବିକଶନ ପାଇଁ ନିରନ୍ତର ପ୍ରବାହମାନ ହୁଏ, ଠିକ୍ ସେହିପରି ଏହି ଜଳପୁରୁଷ ଜୀବନସାରା ଅବିରତ ଭ୍ରମଣ କରିବ । ଏହି ବାଳକ ଯୁଗର ସ୍ଥିତିକୁ ନିର୍ଦ୍ଧାରଣ କରିବ । ଯୁଗନିର୍ମାତା ହେବ ।

ଇଏ କେବଳ ଚକ୍ରବର୍ତ୍ତୀ ନୁହେଁ, ଏକ ନିରାସକ୍ତ ଯୋଗୀ ମଧ୍ୟ । ଯୋଗ ଯୋଗେଶ୍ୱର କହିଲେ ବେଶୀ ଯୁକ୍ତିଯୁକ୍ତ ହେବ । ଫଳର ଅପେକ୍ଷା ନ ରଖି କର୍ମ କରିବା ଉପରେ ଗୁରୁତ୍ୱ ଆରୋପ କରି ଏହି ବାଳକ କର୍ମଯୋଗକୁ ପୃଥିବୀରେ ପ୍ରତିଷ୍ଠିତ କରିବ । ଜୀବନକୁ ସହଜ, ସରଳ ତଥା ଏକ ଉତ୍ସବ ଭଳି ଜୀଇଁବାକୁ ଶ୍ରେଷ୍ଠ ଆଧାର କରି ଏହି ମହାନ୍ ବାଳକ ଜୀବନରେ ସମସ୍ତ ପ୍ରକାର ସମ୍ଭାବନାକୁ ଉନ୍ମୁକ୍ତ କରିଦେବ । ଜୀବନରେ ଅନେକ ନାମ କୃଷ୍ଣ, ଶ୍ୟାମ, ଗୋପାଳ, କାହ୍ନା, ମୁରଲୀଧର, ମୋହନ, ମୁରାରୀ, ମଧୁସୂଦନ ବହନ କରୁଥିବା ଏହି ବାଳକ 'କୃଷ୍ଣ ବାସୁଦେବ' ନାମରେ ଶୀର୍ଷତମ ସୋପାନରେ ପହଞ୍ଚିଯିବ । ଜୀବନର ପ୍ରଥମ ନିଃଶ୍ୱାସ ଗୋପନାୟକ ନନ୍ଦଙ୍କ ଗୃହରେ ନେଇଛି । ହେଲେ ଏହି ବାସୁଦେବ ଦେହ ବିସର୍ଜନ କରିବ ଏକ ଘଞ୍ଚ ଅରଣ୍ୟର ଅଶ୍ୱତଥ ବୃକ୍ଷ ମୂଳରେ, ଖୋଲା ଆକାଶତଳେ ଏକାନ୍ତ ନିରୋଳାରେ ...."ଇତି ଶୁଭମ୍ ଅସ୍ତୁ" କହି ମୁନିବର ଗର୍ଗ ମୋର ଅଦ୍ଭୁତ ଜାତକ ସମ୍ପର୍କରେ ଅନର୍ଗଳ କହିଲାପରେ ଯେମିତି ଭାବମଗ୍ନ ସମାଧିସ୍ଥ ହୋଇ ଯାଇଥିଲେ । ସତେଯେପରି ଏକ ଅପୂର୍ବ ଘଟଣାକୁ ସେ ଦ୍ରଷ୍ଟା ଭାବରେ, ସାକ୍ଷୀ ଭାବରେ ଦେଖୁଛନ୍ତି । ତାଙ୍କର ମନଶ୍ଚକ୍ଷୁରେ ଗୋଟିଏ ଗୋଟିଏ ଦୃଶ୍ୟ ଯେମିତି ଅଙ୍କିତ ହୋଇ ବଦଳିଯାଉଛି । ମା'ଙ୍କର ପ୍ରିୟ ଗେହ୍ଲା କାହ୍ନା ମୁଁ ସେମିତି ଶାନ୍ତ ହୋଇ ମୋର ଶୁଆ ଦୋଳିରେ ନରମ ମୁଲାୟମ କନ୍ଥାରେ ଶୋଇଥାଏ । ସେ ସମସ୍ତ ଘଟଣା, ଆଲୋଚନାରୁ ବହୁ ଉର୍ଦ୍ଧ୍ୱରେ ଏକ ନିଷ୍ପାପ ନିରୀହ ମୌନ ନିର୍ମୋହ ଅନୁଭବ ଭିତରେ ମଗ୍ନ ହୋଇ ଯାଇଥାଏ ।

ସତରେ ଅର୍ଜୁନ ! କେତେ ଶୀଘ୍ର ସରିଗଲା ମୋର ସ୍ୱପ୍ନମୟୀ ଶୈଶବର ଦିନ । ଗୁରୁଣ୍ଡିବା, ଆଣ୍ଠେଇବା, ପଡ଼ିଉଠି ଠିଆହେବା, ଠୁକୁଠୁକୁ ଚାଲିବା ଏ ସବୁ ଧୀରେ

ଧୀରେ ସରିଗଲା । ମୁଁ ଆଉ ବଳରାମ ଭାଇନା ଏଥର ଟିକେ ବଡ଼ ହୋଇ ଆସିଲୁ । ମା' ଆଉ ମତେ ଗୋଡ଼ାଇ ଧରିପାରୁନଥିଲେ । ଆମର ଗେହ୍ଲା ନାକକାନ୍ଦୁରୀ ସାନ ଭଉଣୀ ସୁଭଦ୍ରା ମଧ ବଡ଼ ହୋଇଯାଇଥାଏ । ଆମର 'ଗୋପାଳ' ଭାବରେ ଦୀକ୍ଷିତ ହେବା ଦିନକୁ ଗୋପଦୀକ୍ଷା ନାମରେ ନାମିତ କରାଯାଉଥିଲା । ସେଥିପାଇଁ ଆମଘରେ ଉତ୍ସବର ଆୟୋଜନ କରାଯାଇଥିଲା । ଏଣିକି ମୁଁ ଓ ବଳରାମ ଭାଇନା ଗାଈମାନଙ୍କୁ ଚରାଇବାକୁ ଯମୁନା ତଟବର୍ତ୍ତୀ ଘଞ୍ଚ ଗୋଚରଭୂମିକୁ ନେଇଯିବୁ । ତେଣୁ ପ୍ରଥା ଅନୁସାରେ ନନ୍ଦବାବା ଆମର ଗୋପଦୀକ୍ଷା ପାଇଁ ଶୁଭମୁହୂର୍ତ୍ତ ବାହାର କରିଥାନ୍ତି । ଅତ୍ୟନ୍ତ ସୁନ୍ଦର ବସ୍ତ୍ର ଯାହା ସୁନାର ତାରରେ କୁଟିକମ ହୋଇଥିଲା ବାବା ମଥୁରାରୁ ଆମ ପାଇଁ ଆଣିଥାନ୍ତି । ସେତେବେଳେ ମଥୁରାର ବିପଣୀ ବ୍ୟବସ୍ଥା ଅତ୍ୟନ୍ତ ଉତ୍କୃଷ୍ଟ ଥିଲା । ବାବା ପ୍ରତିବର୍ଷ ବାର୍ଷିକକର ଦେବା ପାଇଁ ମଥୁରାର ଯାଦବବଂଶୀ ଶୂରସେନୀ ରାଜା ଉଗ୍ରସେନଙ୍କ ନିକଟକୁ ଯାଉଥିଲେ । ଗୋପ ମଥୁରାର ଅଧିନସ୍ଥ ଥିବାରୁ କର ଦେବାକୁ ପଡୁଥିଲା ।

ମୋର ଦେହର ରଙ୍ଗକୁ ମାନିଲା ଭଳି ଗାଢ଼ ହଳଦିଆ ବର୍ଣ୍ଣର ପାଟବସ୍ତ୍ର । ଭାଇନାଙ୍କର ଗାଢ଼ ନୀଳବର୍ଣ୍ଣ ! ମୋର ଦେହର ବର୍ଣ୍ଣ ଦରପାଚିଲା ଜାମୁକୋଳି ଭଳି ରକ୍ତିମ ପୁଣି ସ୍ୱର୍ଣ୍ଣିମ ଛଟାରେ ରଙ୍ଗାୟିତ । ସତେଯେପରି ସ୍ୱର୍ଣ୍ଣ ରଙ୍ଗରେ କିଏ ଜାମୁକୋଳି ରସକୁ ମିଶାଇ ଦେଇଛି । ଚମ୍ପାଫୁଲିଆ ଗୋରାରଙ୍ଗରୁ ଅତ୍ୟନ୍ତ ଆକର୍ଷଣ ଅଙ୍ଗ ସୌଷ୍ଠବ ବଳରାମ ଭାଇନାଙ୍କର । ତାଙ୍କୁ ଗାଢ଼ ନୀଳବର୍ଣ୍ଣର ପାଟବସ୍ତ୍ର ବଡ଼ ଆକର୍ଷକ କରିଦେଉଥାଏ । ମୋର ଶ୍ୟାମଳ କୃଷ୍ଣବର୍ଣ୍ଣ ପାଇଁ ଆଦରରେ ମା' ଓ ସାନ ମା' ମତେ ସର୍ବଦା ଶ୍ୟାମ ବୋଲି ଡାକୁଥିଲେ । କାହିଁକି କେଜାଣି 'ଶ୍ୟାମ' ନାମରେ ଏକ ଆବିଷ୍ଟ ମଗ୍ନପଣ ଥିଲା ଯାହା ମୋର ଚେତନାକୁ ବିଭୋର କରି ଦେଉଥିଲା । 'ଶ୍ୟାମ' ନାମ ମୋର ଅତିପ୍ରିୟ ଥିଲା ।

ଜାଣିଛ ଅର୍ଜୁନ ! ମା' ମୋତେ ଯେତେବେଳେ ଶୁଆଇ ଦେଉଥିଲେ ଆଦରରେ ମୋ ମୁଣ୍ଡବାଳକୁ ସାଉଁଳେଇ ଦେଇ ମୋ ଶ୍ୟାମ ! ମୋ କାହ୍ନାରେ ଖାଇଦେ ଅଝଟ ହଅନା କହୁଥିଲେ ମୋ ହୃଦୟ ସ୍ନେହର ଆର୍ଦ୍ରତାରେ ଦ୍ରବିଭୂତ ହୋଇଯାଉଥିଲା । ତାଙ୍କର କୁହୁକପଣରେ ମୁଁ ଶ୍ୟାମ ମଥିତ, ଉଚ୍ଚାଟିତ ହେଉଥିଲି ।

ଆଃ ..... ଅର୍ଜୁନ ! ଆଜି ବି କାହିଁକି ଭାରି ମନେହେଉଛି ମା'ଙ୍କର ଶ୍ୟାମ ଡାକ ଶୁଣିବା ପାଇଁ । ରକ୍ତସ୍ରାବର କ୍ଲାନ୍ତି ଶରୀର ସହିତ ମନକୁ ବି ଆକ୍ରାନ୍ତ କରିଦେଉଛି । ସତରେ ଅର୍ଜୁନ ମୃତ୍ୟୁ ହିଁ ଶ୍ୟାମ । ଅଶ୍ୱତଥ୍ ଗଛରୁ ପତ୍ର ଝରି ପଡୁଛି ମୋ ଲୋମଶ ଛାତି ଉପରେ ବହ୍ନିଶିଖା ପୂର୍ଣ୍ଣ ଢୁଇ ଉପରେ । ଦୂରରୁ କେଉଁ ଅଜଣା ପକ୍ଷୀର ସ୍ୱରରେ ରହି ରହି ଭାସିଆସୁଛି ମହୁଆ ଡାକ ଶ୍ୟା...ମ .... ମୋ ବାବୁରେ .... ଧନରେ !''

ବଡ଼ ଭାଇନାଙ୍କ ଗୋରା ତକ ତକ ଚେହେରା ପାଇଁ ଅନେକ ସମୟରେ ସାନମା ତାଙ୍କୁ ଶଙ୍କର୍ଷଣ କହୁଥିଲେ, ଶଙ୍କୁ ବୋଲି ମଧ ଡାକୁଥିଲେ । ମୁଁ ମଧ ତାଙ୍କୁ ଶଙ୍କୁ ଭାଇନା ବୋଲି ବେଳେ ବେଳେ କହୁଥିଲି । ସେଦିନ ଆମର 'ଗୋପଦୀକ୍ଷା ଦିନଥିଲା । ମୁଁ ଓ ଭାଇନା ଗୋପାଳ ବେଶ ଧାରଣ କରିଥାଉ । ମୁଣ୍ଡ ଉପରେ ଜେଜେଙ୍କ ଭଳି ଖଇରିଆ ଲାଲରଙ୍ଗର ଠେକା ପିନ୍ଧା ଯାଇଥିଲା । ଅଣ୍ଟାରେ ହଳଦିଆ ନୀଳବସ୍ତ୍ର କଷିକରି ପିନ୍ଧା ହୋଇଥାଏ । ବଣରେ ଚାଲିଲା ବେଳେ ଅସୁବିଧା ହେବନାହିଁ ବୋଲି ପିନ୍ଧାବସ୍ତ୍ରକୁ କଚ୍ଛାଭଳି ପଛପଟେ ଖୋସି ଦେଇଥାଉ । କାନ୍ଧରେ କଳାରଙ୍ଗର କମ୍ବଳ ଏବଂ ହାତରେ ମୋଟା ବାଉଁଶର ଲାଠି ଧରିଥାଉ । ମା', ସାନ ମା' ଆମ ପାଇଁ କମ୍ବଳ ସହିତ ଖାଦ୍ୟ ପୁଟୁଳିଟିଏ ମଧ ଦେଇଥାନ୍ତି । ଖଟାମିଠା ରୁଚିକର ଚଟଣି, ଚାଉଳ ବିରିପିଠା କ୍ଷୀରରେ ବୁଡ଼ା ହୋଇଥାଏ ତା' ସହିତ ଛୋଟ ମାଟି ହାଣ୍ଡିରେ ବଢ଼ା ଦହିକୁ ପଳାଶପତ୍ର ଦ୍ୱାରା ବନ୍ଧା ହୋଇଥାଏ । ସମସ୍ତ ପ୍ରସ୍ତୁତିପର୍ବ ସରିଲାକ୍ଷଣି ଆମର 'ଗୋପ ଦୀକ୍ଷା' ଉତ୍ସବ ଆରମ୍ଭ ହେଲା ।

ଗୋପ ପୁରୋହିତ ବିଶ୍ୱକର୍ମା ମଧୁର ସ୍ୱରରେ ସଂସ୍କୃତରେ ଶ୍ଳୋକ ଉଚ୍ଚାରଣ କଲେ । ମୁଁ ଓ ଭାଇନା ଆମ ଘର ମଝି ଅଗଣାରେ ଥିବା ମଣ୍ଡପ ଉପରେ ବସିଥାଉ । ମଣ୍ଡପ ପିଣ୍ଡିରେ ବଡ଼ ସୁନ୍ଦର ଝୋଟିରେ ଚିତା ସବୁ ପକାଯାଇଥାଏ । ପୁରୋହିତ ବିଶ୍ୱକର୍ମା ସ୍ୱର୍ଣ୍ଣକୁମ୍ଭରେ ଅଭିମନ୍ତ୍ରିତ ଜଳକୁ ଆମ୍ରପତ୍ରରେ ବୁଡ଼ାଇ ଆମ ଦୁହିଁଙ୍କ ଉପରେ ଛିଟକାଇଲେ । ଆମ ସମ୍ମୁଖରେ ଜେଜେ, ନନ୍ଦବାବା ତଥା ଆମର ଦୁଇ ମା' ଛିଡ଼ା ହୋଇଥାନ୍ତି । ଚତୁର୍ଦ୍ଦିଗରେ ଆମର ସମସ୍ତ କକା, ଖୁଡ଼ି, ଭାଇ, ଭଉଣୀ ତଥା ଗୋପର ଅନ୍ୟ ନରନାରୀ ଭର୍ତ୍ତି ହୋଇ ରହିଥାନ୍ତି । ସାନଭଉଣୀ ସୁଭଦ୍ରା ମଧ ଏପଟ ସେପଟ ଦୌଡୁଥାଏ ।

ପୁରୋହିତ ମହାଶୟଙ୍କର ବିଧି ସମାପ୍ତ ହେଲାକ୍ଷଣି ମା' ଓ ସାନ ମା' ଦୁଇଜଣ ଆଳତିକର୍ପୂରର ଜଳନ୍ତା ଦୀପରେ ଆମ ଦୁଇଜଣଙ୍କର ବନ୍ଦାପନା କଲେ । ମଣ୍ଡାପିଠାରୁ ଗୋଟେ ଲେଖାଏଁ ଦୁଇଜଣଙ୍କୁ ଖୁଆଇଲେ । ଦୁଇ ମା'ଙ୍କର ଆଖିରେ ଖୁସିର ଲହରୀ ଦେଖି ମତେ ଖୁବ୍ ଭଲ ଲାଗୁଥାଏ । ନନ୍ଦବାବା ମଧ ମୋତେ ଓ ଭାଇନାଙ୍କୁ ଦୀପରେ ବନ୍ଦାଇଲେ । ନନ୍ଦବାବାଙ୍କର ଆଖି ଆନନ୍ଦରେ ଚକ୍‌ମକ୍ କରିଉଠିଲା, ନିଜ ଗଳାରେ ଲଗାଇଥିବା ଆମ ବଂଶର ପ୍ରତୀକ ସୂର୍ଯ୍ୟଙ୍କର ମୁଣ୍ଡଥିବା ରୂପାପଦକକୁ କାଢ଼ି ଆଖିରେ ଲଗାଇଲେ ଆଉ କ'ଣ ସବୁ ଚୁପ୍ ଚୁପ୍ ହୋଇ ଗୁଣୁଗୁଣେଇଲେ । ତା'ପରେ ସେ ପଦକକୁ ମୋ ଗଳାରେ ସୂତାରେ ବାନ୍ଧି ଗୋଟିଏ ଲଗାଇଲେ ଆଉ ଗୋଟିଏ ଭାଇନାଙ୍କ ଗଳାରେ ପିନ୍ଧାଇ ଦେଲେ ।

ତା'ପରେ ଆମ ଦୁହିଁଙ୍କର କପାଳକୁ ଚୁମା ଦେଇ କହିଲେ, "କୃଷ୍ଣ, ବଳରାମ ! ତୁମେ ଦୁଇଜଣ ନିରନ୍ତର ଭାବରେ ଆଜିଠାରୁ ଗୋପ ଭାବରେ ପରିଚିତ ହେଲ । ମୋର

ବଂଶଜ ହୋଇଗଲ । ମୁଁ ମୋର ସାଧମତେ ଗୋପପୁରର ସମସ୍ତ ଗୋପାଳ ଗୋପାଳୁଣିମାନଙ୍କୁ ସମ୍ଭାଳି ଆସିଥିଲି । ଆଜିଠାରୁ ଏହି ମହାନ୍ ଦାୟିତ୍ୱର କର୍ତ୍ତବ୍ୟ ସାଧନ ତୁମ ଦୁଇଭାଇଙ୍କ ଉପରେ ନ୍ୟସ୍ତ କରୁଛି । ତୁମମାନଙ୍କୁ ଗୋପପୁର ରକ୍ଷା ସହିତ ଗୋଧନର ସୁରକ୍ଷା ମଧ କରିବାକୁ ହେବ । ମୋର ଆଶୀର୍ବାଦ ସର୍ବଦା ତୁମ ଦୁହିଁଙ୍କ ସହିତ ରହିବ ।

ଜେଜେ ଆମ ଦୁହିଁଙ୍କୁ ଏଭଳି ନବୀନ ଗୋପବେଶରେ ଦେଖି ତଥା ନନ୍ଦବାବାଙ୍କର କଥା ଶୁଣୁ ଶୁଣୁ ବଡ଼ ଆନନ୍ଦରେ ମୁରୁକି ହସୁଥାନ୍ତି । ତାଙ୍କର ସ୍ୱପ୍ନ ଯେମିତି ସାର୍ଥକ ହୋଇଯାଇଛି । କାରଣ ପ୍ରଥମେ ଯୋଗ୍ୟପୁତ୍ର ନନ୍ଦ ନାମରେ ଦୁଇ ସମର୍ଥ ନାତି କୃଷ୍ଣ, ବଳରାମଙ୍କର ଗୋପାଭିଷେକ ଜେଜେଙ୍କୁ ତୃପ୍ତ କରିଦେଉଥାଏ । ଏହାପରେ ଆମେ ଆମର କୂଳଦେବୀ ମାତଙ୍ଗେଶ୍ୱରୀଙ୍କ ନିକଟକୁ ଯାଇ ତାଙ୍କର ଆଶୀର୍ବାଦ ଭିକ୍ଷା ପୂର୍ବକ ସାଷ୍ଟାଙ୍ଗ ପ୍ରଣିପାତ ଭକ୍ତିପୂତ ହୃଦୟରେ ଜଣାଇଲୁ । ତା'ପରେ ଆମେ ଜେଜେ, ନନ୍ଦବାବା, ଦୁଇ ମା', ପୁରୋହିତ ବିଶ୍ୱକର୍ମାଙ୍କର ପଦଧୂଳି ନେଇ ପ୍ରଣାମ ଜଣାଇଲୁ । ସମସ୍ତ କକାଖୁଡ଼ିଙ୍କର ଚରଣ ସ୍ପର୍ଶ କଲୁ । ବିଧିବଦ୍ଧ ଗୋପଦୀକ୍ଷାପରେ ଆମେ ଘରୁ ବାହାରି ଗାଈମାନଙ୍କୁ ନେଇ ବଣ ଯିବାକୁ ପ୍ରସ୍ତୁତ ହୋଇଗଲୁ ।

ଆମ ଦୁଇଜଣଙ୍କ ସହିତ ଆମ ଘରର କକାପୁଅ ଭାଇମାନେ ତଥା ଅନ୍ୟାନ୍ୟ ଗୋପବାଳକମାନେ ମଧ ଯିବାକୁ ପ୍ରସ୍ତୁତ ହେଲେ । ଦୁଇଟି ଘୁଙ୍ଗୁରୁ ଲାଗିଥିବା ଗୋଠବାଡ଼ି ହାତରେ ଧରି ବାହାରିଲା ବେଳେ ଆମ ଘରର ପୂର୍ବ ମହାଦ୍ୱାର ନିକଟରେ ଦୁଇ ମା' ଆମ ଦୁଇ ହାତ ପାପୁଲିରେ ଗାଢ଼ ବହଳିଆ ଦହି ପୋଛେ ରଖିଦେଲେ । ସେ ଦହିରେ କେବେ ହେଲେ ମଧୁରତାର ନ ସରିବା ପଣ ମତେ ସବୁବେଳେ ଆଚ୍ଛନ୍ନ କରିଦିଏ । ଦହିର ମିଠାପଣ ଯେମିତି ମୋ କାନରେ କହିଦେଉଥାଏ – "ସତରେ କାହ୍ନା ତୁ ଆଜି ସତ ସତିକା ଗୋପାଳ ହୋଇଗଲୁରେ ।"

ତମର ମନେ ଅଛି ନା ପାର୍ଥ ! ତମେ ଯେତେବେଳେ ଆମ ଘରକୁ ଆସିଥିଲ ସେତେବେଳେ ମା' ଦହି ବଡ଼ାଟିଏ ତୁମକୁ ଧରାଇ ଦେଇଥିଲେ । ତୁମେ ସେ ଦହିର ଅପୂର୍ବ ସ୍ୱାଦରେ ବିଭୋର ହୋଇ ମତେ କହିଥିଲ ; "ବାସୁଦେବ ! ସତରେ ତୁମେ ଭାଗ୍ୟବାନ । କାରଣ ମା'ଙ୍କର ହାତର ଦହିରେ ସ୍ନେହର ଯେଉଁ ମିଠାପଣ ଅଛି, ସେଇଟା ତୁମର ରକ୍ତରେ ମିଶିଯାଇଛି ବୋଲି ତୁମେ ଏତେ ମଧୁମୟ, ସୁନ୍ଦର ହୋଇଛ ।''

ତଳକୁ ଚାହିଁଲା ବେଳକୁ ଦେଖିଲି ଦୁଇଟି ଗୁଲୁଗୁଲିଆ ହାତର ଘେରା ମତେ ବାନ୍ଧି ରଖିଛି । "ଆରେ ଏ କ'ଣ ସୁଭଦ୍ରା" - କହି ମୁଁ ସୁଭଦ୍ରାକୁ କାଖେଇ ପକେଇଲି । ଗେଲ କରି ଦେଲି, ତା' ମନରେ ଅଭିମାନ ଆମେ କୁଆଡ଼େ ଯେମିତି ପଳାଉଛୁ, ତାକୁ

ନକହି । ମତେ ସୁଭଦ୍ରା କୃଷ୍ଣ ଭାଇନା ନହେଲେ ଖାଲି ଭାଇନା ଡାକେ । ବଳରାମ ଭାଇନାଙ୍କୁ ଶଙ୍କୁ ଭାଇନା କହେ । ତା'ର ଗହଳିଆ କେଶକୁ ସାଉଁଳି ଦେଲି ଯେମିତି ସେ ଖିଲ୍‌ଖିଲ୍ ହୋଇ ହସିଉଠିଲା । ବଡ଼ଭାଇନା ମୋ କାଖରୁ ସୁଭଦ୍ରାକୁ ନେଇ ଉପରକୁ ଉଠାଇ ଗୁଗୁପାଞ୍ଚ କଲେ । ସୁଭଦ୍ରା ହସି ହସି ଗଡ଼ି ଯାଉଥାଏ ।

ଆମ ଘର ଆଗରେ ମୋର ସମାସ୍କନ୍ଦ ପ୍ରାୟ କୋଡିଏ ଜଣ ଗୋପ ବାଳକ ଆସି ରୁଣ୍ଡ ହୋଇଗଲେ । ଆନନ୍ଦରେ ସମବେତ କଣ୍ଠରେ ପାଟି କରି ଉଠିଲେ, " କୃଷ୍ଣ ଆସିଗଲା । ଆମର କାହ୍ନା ଆସିଗଲା । ଆମର ଶଙ୍କୁ ଭାଇନା, ବଳରାମ ଭାଇନା ଆସିଗଲେ ।''

ମୁଁ ଓ ଭାଇନା ସମସ୍ତଙ୍କଠାରୁ ବିଦାୟ ନେଇ ଗୋଶାଳା ଆଡକୁ ଗଲୁ । ବନ୍ଧା ହୋଇଥିବା ଗାଈମାନଙ୍କୁ ପଘାରୁ ହୁଗୁଳାଇଲୁ । ଧୀରେ ଧୀରେ ଗାଈମାନଙ୍କର ଏକ ବିଶାଳ ଗୋଠ ପରସ୍ପରର ଶିଙ୍ଗକୁ ଖଟ୍‌ଖଟାଇ, ଦେହକୁ ଝାଡ଼ି, କାନକୁ ଲାଞ୍ଜକୁ ହଲାଇ ହମ୍ବା... ହମ୍ବା ଧ୍ୱନି ଦେଇ ଗୋକୁଳରୁ ବଣଆଡକୁ ବାହାରି ପଡ଼ିଲେ । ମୁଁ, ବଳରାମ ଭାଇନା ଓ ଆମର ସାଙ୍ଗ ମାନେ ଖୁବ୍ ବଡ଼ପାଟିରେ ଗାଈମାନଙ୍କୁ ଅଡ଼େଇ ଅଡ଼େଇ ନେଲାବେଳେ ପାଟି କରି ଡାକୁଥିଲୁ - ଆଲୋ.....ଏ.....ଏ କାଳୀ, ଧୋବି, ନନୀ.... ଭଇଁରୀ.... । କାନ୍ଧରେ ପଡିଥିବା କମ୍ବଳ ଆଉ ଘୁଙ୍ଗୁରୁ ଲାଗିଥିବା ବାଉଁଶ ବାଡ଼ିରେ ଗାଈମାନଙ୍କୁ ଆଃ....ଚୁ....ଚୁ କରି ନେଇ ଯମୁନାର ଚତୁର୍ଦ୍ଦିଗରେ ଥିବା ବିସ୍ତୀର୍ଣ୍ଣ ଗୋଚର ଭୂମି ଆଡକୁ ନେଇ ଚାଲିଲୁ । ଗାଈମାନଙ୍କ ବେକରେ ବନ୍ଧା ହୋଇଥିବା ଘଣ୍ଟିମାନଙ୍କର ରୁଣୁଝୁଣୁ ମଧୁର ଧ୍ୱନି ଗୁଞ୍ଜରି ଉଠୁଥାଏ । ଗାଈମାନଙ୍କ ପିଠି ଉପରେ ଘରଚଟିଆ, ବଣି, କାଠହଣା, କୁଆ, ବଗ ପକ୍ଷୀମାନେ ଉଡି ଉଡି ଗଲାବେଳେ ଥକ୍କା ଲାଗିଲେ ବସି ପଡୁଥାନ୍ତି । ସତେ ଯେମିତି ମୌନ, ନିରୀହ, ଶାନ୍ତ, ସୁଧୀର ଗାଈମାନେ ଖାସ୍ ପକ୍ଷୀମାନଙ୍କ ପାଇଁ ତାଙ୍କର କ୍ଳାନ୍ତ ମେଣ୍ଟାଇବା ପାଇଁ ସଯତ୍ନରେ ନିଜର ପ୍ରଶସ୍ତ ପିଠିକୁ ଦେଖାଇ ଦେଇଥାନ୍ତି ।

ଯମୁନା ନଦୀ ଉପତ୍ୟକାର କଅଁଳ ଛନଛନ ବହଳ ସବୁଜ ଘାସର ତେଉ ଢେଉକା ପଣତ ଯେମିତି ଆମମାନଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରି ରହିଥାଏ । ଯମୁନା ଯେମିତି ତା'ର ଶୀତଳ ପବନରେ ଆମକୁ ହିଲ୍ଲୋଳିତ କରି ଦେଉଥାଏ । ଗାଈମାନେ ଲାଞ୍ଜରେ ତାଙ୍କ ଦେହରେ ବସୁଥିବା କୀଟ ପତଙ୍ଗ ପକ୍ଷୀମାନଙ୍କୁ ହୁରୁଡାଇ ଦେଇ ଏଥର ମହା ଆନନ୍ଦରେ ଘାସ ଚରିବାରେ ମାତି ଯାଉଥିଲେ । ତାପରେ ମୁଁ, ଭାଇନା ଓ ଆମର ସାଙ୍ଗମାନେ ମିଶି ଖେଳକୁଦ କରିବାପାଇଁ ପ୍ରସ୍ତୁତ ହୋଇଯାଉ ।

ଯମୁନା ତା'ର ନୀଳ ଜଳରାଶିକୁ ଖେଳାଇ ଦେଇ ଯେପରି ଏକ ପ୍ରଣୟିନୀ ପ୍ରେମିକାଟେ ପରି କାହାକୁ କେଜାଣି ଅପେକ୍ଷା କରି ବସିଥାଏ । କାହିଁକି, କେଜାଣି, ଯମୁନାକୁ ମନଭରି ଦେଖିବାକୁ ପ୍ରବଳ ଆଗ୍ରହ ଜାତ ହୁଏ । ମୁଁ, ବଳରାମ ଓ ସାଙ୍ଗମାନଙ୍କୁ ଛାଡି ମୋ ଅଜାଣତରେ କେତେବେଳେ ଯେ ଯମୁନା କୂଳକୁ ଟାଣି ହୋଇ ଆସିଛି, ଜାଣି ପାରିନଥିଲି ।

ପିଲାଦିନରୁ ମୋ ମନରେ ଯମୁନା ପାଇଁ ଅହେତୁକ ଆକର୍ଷଣ ଜାଗି ଉଠିଥିଲା । ଯମୁନା କଥା ପଡିଲା କ୍ଷଣି ମୁଁ ରୋମାଞ୍ଚିତ ହୋଇ ଉଠୁଥିଲି । ସେତେବେଳେ ମୋ କୈଶୋର ମନରେ ଅନେକ ପ୍ରଶ୍ନବାଚୀ ଉଠୁଥିଲା, ଯମୁନାର ଆର ପାରିରେ ଥିବା ମଥୁରା, ମଧୁପୁରୀ କେମିତି ହୋଇଥିବ ? କାରଣ ଜେଜେ, ନନ୍ଦବାବା, ପୁରୋହିତ ଓ ମୋର କକାମାନଙ୍କ ମଧରେ ଆଲୋଚନା ବେଳେ ମଥୁରା ରାଜନଗରୀ ସମ୍ପର୍କରେ ଅନେକ ପ୍ରକାର କଥା ହେବାର ଶୁଣିଛି । ମଥୁରାର ରାଜ ପରିବାରର ଅନେକ ନାମ ମୁଁ ଶୁଣୁଥାଏ । ମହାରାଜ ଉଗ୍ରସେନ, ମହାରାଣୀ ପଦ୍ମାବତୀ, ସେନାପତି ଅନାଧୃଷ୍ଟି, ମନ୍ତ୍ରୀ, ଅକ୍ରୁର, ଅମାତ୍ୟ ବିପୃଥୁ, ସତ୍ରାଜିତ, ସାତ୍ୟକି, ବନ୍ଦୀ ବାସୁଦେବ ଏବଂ ତାଙ୍କର ପତ୍ନୀ ଦେବକୀ ଦେବୀ । ଦେବକୀଙ୍କ ନାମ ଶୁଣିଲା କ୍ଷଣି ମୋର ସେଇ କିଶୋର ପ୍ରାଣରେ କେଜାଣି, କେମିତି ଅକାରଣରେ, ଅଜାଣତରେ ଏକ ତୀବ୍ର ଅସହାୟ ବେଦନା ସଂଚରି ଯାଉଥିଲା । କ୍ଷମତା ଲିପ୍ସୁ ଅହଂକାରୀ, ନିର୍ଦ୍ଦୟୀ, ନିର୍ମମ, ନିଷ୍ଠୁର କଂସ, ଯିଏ ମଥୁରାର ରାଜ ସିଂହାସନ ପାଇଁ ନିଜ ପିତା ଉଗ୍ରସେନଙ୍କୁ ରାଜସିଂହାସନ ଚ୍ୟୁତ କରାଇ କାରାଗାରରେ ନିକ୍ଷେପ କରି ଦେଇଥିଲା । ମଥୁରାର ଯାଦବମାନଙ୍କ କଥା ଜାଣିବାକୁ ଯେତେ ଥର ମୁଁ ଜେଜେ, ନନ୍ଦବାବା, ବୂଢ଼ୀମା', କକା, ଖୁଡ଼ି, ପୁରୋହିତଙ୍କୁ ପଚାରିଛି, କେହି ହେଲେ ମତେ ସଠିକ୍ ଉତ୍ତର ଦେଇନଥିଲେ । ମଥୁରା ପ୍ରତି ମୋର କୌତୂହଳତା, ତେଣୁ ଗଭୀର ହୋଇଛି ସିନା, ଉତ୍ତର କିନ୍ତୁ ମିଳିନାହିଁ । ମୋ ମନ ବାରଂବାର ବିଚଳିତ, ଅଶାନ୍ତ ହୋଇଛି । ଅସ୍ଥିରତା ବଢ଼ିଛି ।

ଯମୁନାର ଅବିରତ ଲହରୀରୁ ଉଠୁଥିବା ଢେଉ କୂଳରେ ଜମା ହୋଇଥିବା ବାଲିସ୍ତୂପକୁ ବାରମ୍ବାର ଚୁମି ଫେରିଯାଉଥାଏ । ଯୁଆଡ଼େ ଚାହିଁଲେ, ଖାଲି ଯମୁନା । ଯମୁନାର ବିଶାଳ କାୟା ସମୁଦ୍ର ପରି ପରିବ୍ୟାପ୍ତ ହୋଇ ରହିଥାଏ । ମୋର ଶାସ୍ତ୍ରଜ୍ଞ ପ୍ରାଣନନ୍ଦ କକା ଠିକ୍ କହୁଥିଲେ - ଯମ..ନା ଅର୍ଥାତ୍ ଯାହା ବନ୍ଧନ ଯୁକ୍ତ ନୁହେଁ ତାହାର ନାମ ଯମୁନା, ଯମୁନା ଏକ ଅବଶୋଷ । ଏକ ପ୍ରବାହ । ଏହା ଏମିତି ଏକ ଚିରନ୍ତନ ସତ୍ତା ଯାହା କୂଳୁକୂଳୁ ହୋଇ ବୋହିଯାଉଥାଏ ନିଜ ଭିତରେ । ଜୀବନ, ମୃତ୍ୟୁ, ତୃଷା, ଶୈଶବ, ଜନ୍ମ, ଏବଂ ଯନ୍ତ୍ରଣାକୁ ସାଙ୍ଗରେ ନେଇ ବୋହୁଥାଏ ନିରନ୍ତର ମହିମାମୟୀ ଯମୁନା । ପ୍ରତ୍ୟେକଟି ଅନୁଭବରେ ଏକ ବିଚିତ୍ର ଚିତ୍ର ଆଙ୍କେ ଯମୁନାର ନଦୀ ପଠା । ଯମୁନା ଏମିତି ଏକ ନଈ ଯାହା ସ୍ୱପ୍ନକୁ ଦିଏ ଶୋଷ ଓ ଶୋଷକୁ ସ୍ୱପ୍ନ । ମୋ ସ୍ମୃତିର ଦର୍ପଣକୁ ପୁଣିଥରେ ହାତରେ

ପୋଛିଦେଇ ତା ବିହ୍ୱଳ ବାଲିରେ ଖୋଜିଛି ଅନେକ ସ୍ମୃତିର ପଦ ଚିହ୍ନ । ତା କୂଳରେ ଠିଆ ହୋଇ ମୁଁ ମୁଗ୍ଧ ହୋଇଛି । ତଟସ୍ଥ ହୋଇ ମାଗିଛି ବିପୁଳ ସମ୍ଭାବନା, ସ୍ୱପ୍ନ, ବିସ୍ମୃତ ସ୍ମୃତିର ଚିତ୍ରପଟ ।

ଆଃ........ କି ଶାନ୍ତି, ଅର୍ଜୁନ, ପ୍ରାଣପ୍ରିୟ ସଖାମୋର ! ତମେ ଅନ୍ତତଃ ଆଜି ଅପୂର୍ବ ଅନାହତ ଛନ୍ଦର ତାଳେ ତାଳେ ଯମୁନାରେ ବିଲୀନ ହୋଇଗଲା ବେଳେ ହେଲେ ମୋ ପାଖରେ ଥାନ୍ତ ।

ଜୁଇରୁ ଧୀରେ ଧୀରେ ମୋ ଶବର ଅଙ୍ଗ-ପ୍ରତ୍ୟଙ୍ଗମାନ ଅଗ୍ନି ଗର୍ଭରେ ମିଳାଇ ଯାଉଛି । ବାସୁଦେବ କୃଷ୍ଣ, ମୋର ଶରୀରର ସବୁ ଅସ୍ଥିମଜ୍ଜା, ରକ୍ତମାଂସ ଚମଡ଼ା ବହ୍ନିର ସର୍ବଗ୍ରାସୀ ଜିହ୍ୱାର ଲପଟରେ ଚିଡ୍ ଚିଡ୍ ହୋଇ, ଫାଟିଫୁଟି ପୋଡି ହୋଇଯାଉଛି । ହେଲେ ଆତ୍ମା, ସେ ତ ଅବିନାଶୀ ପାର୍ଥ ! ଚେତନାର ସ୍ତରୀଭୂତ ସୃଜନରେ ସମସ୍ତ ଜଡ ଚେତନା କ୍ରମଶଃ ସତ୍ତାର ଅସ୍ତିତ୍ୱରେ ରୂପାନ୍ତରୀତ ହେଉଛି ।

ମୁଣ୍ଡର ଠେକାକୁ କମ୍ବଳ ଉପରେ ରଖିଦେଲି । ଖାଦ୍ୟ ପୁଟୁଳିକୁ ସଜାଡିଦେଲି । ଘୁଙ୍ଗୁର ବନ୍ଧା ବାଡିକୁ କଦମ୍ବ ଗଛରେ ଡେରି ଦେଲି । ଅଣ୍ଟାରେ ବନ୍ଧା ହୋଇଥିବା ମୋର କଟିବନ୍ଧକୁ ଟିକେ ଢ଼ିଲା କରିଦେଲି । ଗଛ ତଳେ, ମୁଣ୍ଡତଳେ କମ୍ବଳକୁ ରଖି ନିଜକୁ ଆହୁରି ଟିକେ ସହଜ କରିଦେଲି । ସମ୍ମୁଖରେ ସୌନ୍ଦର୍ଯ୍ୟମୟୀ ପରିପୂର୍ଣ୍ଣ ନବଯୌବନା ଯମୁନା ତା'ର ଅସରା ଲହରିରେ ଉତ୍ତାଳ ହୋଇ ଉଠୁଥାଏ । ଉପରେ ବିଶାଳ ଛାତ ସଦୃଶ ନୀଳ ଆକାଶ ଯମୁନା ଉପରେ ଯେମିତି ଘୋଡେଇ ପଡିଥାଏ । ଆକାଶ ଓ ଯମୁନାର ଯୁଗଳବନ୍ଦୀ ଯେମିତି ଆରମ୍ଭ ହୋଇଯାଇଥାଏ । ଆକାଶମୁଖୀ ଯମୁନା ନିବିଡ଼ ଆଶ୍ଳେଷରେ ଆକାଶକୁ ଭିଡିଧରିଥାଏ। ପ୍ରେମିକ ଆକାଶର ଛାତିରେ ମୁଣ୍ଡରଖି ଯମୁନା ନିରୀହା କିଶୋରୀଟିଏ ପରି ସତେ ଯେପରି ସ୍ପର୍ଶର ନିବିଡତା ମାପୁଥାଏ । ତରଳ ଅନୁଭବର ନିଷ୍କମ୍ପ ହାତରେ ପ୍ରେମୀ ଦ୍ୱୟ ଯେମିତି ଗୋଟାଉଥାନ୍ତି ସ୍ମୃତିର ଟୁକୁରାଟୁକୁରା ସ୍ୱପ୍ନଖଣ୍ଡକୁ । ଯମୁନାକୁ ପ୍ରାଣଭରି ଜାକି ଧରିବା ପାଇଁ ମୁଁ ଦୌଡ଼ିଗଲି ତା' କୋଳକୁ । ଆଃ... ଯମୁନା, କେତେ ନିର୍ମଳ ବିଶୁଦ୍ଧ ତୋର ସ୍ନେହର ପଣତ । ସମସ୍ତ ଜାଗତିକ ମୋହ ମାୟାରୁ ମୁକ୍ତ, ଶୀତଳ ପରିଶୁଦ୍ଧ ଜଳମୟ ଯମୁନା, ମୋ କାନେ କାନେ କହୁଥାଏ, "କୃଷ୍ଣ ! ଜଳ ଶବ୍ଦର ଗୂଢ ଅର୍ଥକୁ ଭଲ ଭାବରେ ବୁଝିନିଅ ।"

"ଯାୟତେ ଯସ୍ମାତ୍ ଲିୟତେଯସ୍ମିନ୍ ଇତି ଜଳଃ !''

ଅର୍ଥାତ୍ ଜୀବ ଯେଉଁଥିରୁ ଜନ୍ମ ନିଏ ଓ ସେଥିରେ ହିଁ ବିଲୀନ ହୋଇଯାଏ, ତାହା ହିଁ ଜଳ । ପଞ୍ଚ ମହାଭୂତ ମଧ୍ୟରେ ଜଳ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଆଧାର । ତେଣୁ ହେ କୃଷ୍ଣ ! ଜଳକୁ କେବେ ହେଲେ ଅବହେଳା କରିବ ନାହିଁ । ଜଳ, ଜୀବନର ଆଧାର, ଯାବତୀୟ ସକଳ ପ୍ରାଣୀଙ୍କ ପ୍ରାଣର ଜୀବନୀ ଓଁକାର । ପ୍ରଣବ ଓଁକାର ଧ୍ୱନିର ପ୍ରମୂର୍ତ୍ତ ସ୍ୱର । ଯମୁନାର ପ୍ରତ୍ୟେକଟି ଶବ୍ଦ ମୋ ଭିତରେ ଅନୁରଣିତ ହେଉଥାଏ ।

ଜଳର ବିଶାଳ ଅର୍ଥକୁ ମନେ ମନେ ଭାବୁ ଭାବୁ ମୁଁ ଓଲଟା ଭାବରେ ପହଁରୁଥିଲି ଏବଂ ଆକାଶର ସମ୍ରାଟ ସୂର୍ଯ୍ୟଦେବଙ୍କର ଉତ୍ତପ୍ତ କିରଣକୁ ମନପ୍ରାଣ ଭରି ଆଘ୍ରାଣ କରୁଥିଲି । ଅନେକ ସମୟ ଯାଏ ମୁଁ ଏକ ବିଭୋର ବଇଁଶିଆଳ ଭଳି ସେହି ଅନାହତ ରାଗର କୁହୁକପଣରେ ଭିଜୁଥିଲି । କେତେ ସମୟ ବିତି ଯାଇଥିଲା, ଜାଣେନି । ମୋର ସାଙ୍ଗସାଥୀ ଓ ବଳରାମ ଭାଇନା ପ୍ରମୁଖ ଯମୁନାରେ ବୁଡି ଗାଧେଇବା ବେଳେ କୃଷ୍ଣ.....କାହ୍ନା ଡାକରେ ମୋର ଅଭିଭୂତପଣ ପ୍ରକୃତିସ୍ଥ ହେଲା । ପରସ୍ପରକୁ ପାଣି ଫିଙ୍ଗାଫିଙ୍ଗି ଭିତରେ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିଗଲେ । ଆମେ ଯମୁନାରୁ ବାହାରି ଆସିଲୁ । ଓଦା ବସ୍ତ୍ରକୁ ଚିପୁଡ଼ି ଶୁଖାଇ ପିନ୍ଧିଲୁ । ଗାଈମାନେ ମହା ଆନନ୍ଦରେ ଘାସ ଚରୁଥାନ୍ତି । ସୁଗନ୍ଧିତ କଦମ୍ବ ଗଛରେ ଗୁଫା ହୋଇ ପେଣ୍ଡୁ ଭଳି କଦମ୍ବ ଫୁଲ ଲଦି ହୋଇରହିଥାଏ । କଦମ୍ବ ଫୁଲର ଭିନିଭିନି ମାଦକ ସୁଗନ୍ଧ, ତା' ଉପରେ ବସି ମହୁ ପିଇ ଉଡିବୁଲୁଥିବା ମହୁମାଛିମାନଙ୍କର ଗୁଣୁଗୁଣୁ ଗୁଞ୍ଜନ, ପବନର ଧୀର ହିଲ୍ଲୋଳ, ଯମୁନାର ସ୍ୱଚ୍ଛ ଜଳର ପ୍ରତିବିମ୍ବ ସବୁ ଯେମିତି ଏକ ଅନିନ୍ଦ୍ୟ ସୁନ୍ଦର ସ୍ୱମ୍ମୋହନ ପରିବେଶ ସୃଷ୍ଟି କରି ଦେଉଥାଏ । ଆମର ଗୋପ ମଣ୍ଡଳୀ ନିଜ ନିଜର କମ୍ବଳ ବିଛାଇ ଦେଇ ଖାଦ୍ୟ ପୁଟୁଳୀକୁ ଖୋଲିଲୁ । ଦହି ବଢାର ଦହି, ଚକୁଳି ଚଟଣି ସହିତ ଆମର ସୁସ୍ୱାଦୁ ଭୋଜନ ମନରେ ଅପାର ଶାନ୍ତି ଭରି ଦେଉଥାଏ । ଖିଆପିଆ ସରିଲା ପରେ ଯମୁନାର ଅମୃତ ଜଳରେ ମୁହଁ ଧୋଇ ମନ ଭରି ପାଣି ପିଇଲୁ ।

ଗୋଟିଏ ଉଚ୍ଚପଥର ଉପରେ ବସି ସମସ୍ତଙ୍କୁ ନିଜପାଖକୁ ଡାକି ଆଣି କହିଲି, "ସ୍ତୋକ, ବରୁଥପ, ଦାମନ, ସୁମଧୁ ଶୁଣ ! ମୋର ସର୍ବାଧିକ ପ୍ରିୟ ବଂଶୀର ମଧୁର ମୂର୍ଚ୍ଛନା । ଆଖି ବନ୍ଦ କରି ତନ୍ମୟ ହୋଇ ମୁଁ ଗୋଟିଏ ପରେ ଗୋଟିଏ ବଂଶୀରେ ରାଗ ତୋଳିଲି । ମୋର ବଂଶୀର ମହୁଆର ସ୍ୱନର ତରଙ୍ଗରେ ଭାଇନା ଆଉ ମୋର ସମସ୍ତ ସାଥୀମାନେ ଆଖପାଖର ଆମ୍ବ, ପିଜୁଳି, ପିପଳି, ବରଗଛର ଛାୟାତଳେ ଶାନ୍ତିରେ ନିଦ ମାଉସୀର କୋଳରେ ଶୋଇପଡିଲେ । ମୋର ସଙ୍ଗୀତର ମହୁଫେଣାରୁ ଯେମିତି ଟୋପାଟୋପା ମହୁ ଝରିପଡୁଥାଏ । ଯମୁନାର ନୀଳ ଜଳ ତରଙ୍ଗ, ଗଛବୃଛର ସବୁଜିମା, ଲତା, ପକ୍ଷୀ, କୀଟପତଙ୍ଗ ସମସ୍ତେ ଏକାଗ୍ର ହୋଇ ସେହି ବିଭୋର ପଣରେ ଯେମିତି

ତଲ୍ଲୀନ ହୋଇଯାଇଛନ୍ତି । ମୁଁ ବି ଜାଣି ନଥିଲି କେତେ ସମୟ ଯାଏ ଏମିତି ଧ୍ୟାନସ୍ଥ ଯୋଗରେ ମୁଁ ବଂଶୀ ବଜାଉଛି । ସଙ୍ଗୀତର ବିଶାରଦ ମୋର ନନ୍ଦ କକା ମତେ ଅନେକ ସୂକ୍ଷ୍ମ ରାଗର ତାଳଲୟ ଶିଖାଇଥିଲେ । ସେହି ସବୁ ସୂକ୍ଷ୍ମତମ ରାଗର ଆଳାପକୁ ମୁଁ ଅନେକ ସମୟ ଯାଏଁ ବଂଶୀରେ ସ୍ୱର ଦେଇ ବଜାଇଲି । ସପ୍ତସ୍ୱରର ସମସ୍ତ ତାଳଲୟକୁ ବି ସହଜରେ ଏଥର ବଂଶୀରେ ମୁଁ ସଂଚାରିତ କରିପାରୁଥିଲି । ସୁନନ୍ଦ କକାଙ୍କର ସଙ୍ଗୀତ ସାଧନାର ଅପୂର୍ବ ନିଷ୍ଠା ରୋମ ରୋମ ରୋମାଞ୍ଚିତ କରିଦିଏ । ନିଦରେ ମଧ ରାଗିଣୀର ତନ୍ଦ୍ରାଛନ୍ନ ନୀରବତାକୁ ମୁଁ ଅନୁଭବ କରିପାରୁଥିଲି । ମୋ ବଂଶୀର କ୍ଷୁଧା କ୍ରମଶଃ ପ୍ରଶମିତ ହେଉଥିଲା । ସୂର୍ଯ୍ୟ ଏଥର ଧୀରେ ଧୀରେ ଢଳିବାକୁ ଲାଗିଲେ । ସୂର୍ଯ୍ୟତାପରେ ବୋହୁଥିବା ଉଷ୍ମ ପବନ ଶୀତଳ ହେବାରେ ଲାଗିଲାଣି । ପବନର ଶୀତଳତା ଦେହରେ ବାଜିବାରୁ ମୋର ସଙ୍ଗୀତଯୋଗର ସମାଧି ଯେମିତି ଭଙ୍ଗ ହେଲା ।

ମୁଁ ଧୀରେ ଧୀରେ ଆଖି ଖୋଲିଲି । ମୁଁ ନିଜକୁ ପ୍ରକୃତିସ୍ଥ କରି ଉଠି ଛିଡା ହେଲି । ଗୋଚାରଣ ଭୂମିରେ ଚରୁଥିବା ଗାଈମାନେ ଓ ମୋର ସାଙ୍ଗମାନେ ସେତେବେଳକୁ ଗଛ ତଳେ ଏକତ୍ରିତ ହୋଇ ସାରିଥିଲେ । ଆମେ ସମସ୍ତେ ଯମୁନାକୂଳର ପ୍ରଶସ୍ତ ବାଲୁକା ଶର୍ଯ୍ୟାରେ ଯାଇ ପହଞ୍ଚିଲୁ । ମୁଁ କବାଡି ଖେଳିବା ପାଇଁ ସାଙ୍ଗମାନଙ୍କୁ ଦୁଇ ଦଳରେ ବିଭକ୍ତ କଲି । ଦୁଇଜଣ ବଳିଷ୍ଠ ସାଥୀଙ୍କୁ ଦୁଇ ଦଳର ମୁଖିଆ କଲି । ବଳରାମ ଭାଇନା ଦୃଢ଼ ବପୁବନ୍ତ ହୋଇଥିବାରୁ ସ୍ୱତଃ ସେ ଗୋଟିଏ ଦଳର ମୁଖିଆହେଲେ । ସମସ୍ତେ ମତେ ଅନୁରୋଧ କଲେ ଅନ୍ୟ ଦଳର ମୁଖିଆ ହେବାପାଇଁ । କିନ୍ତୁ ମୁଁ ଭଲ ଭାବରେ ସେମାନଙ୍କୁ ବୁଝାଇ ସ୍ତୋକକୃଷ୍ଣକୁ ମୁଖିଆ କଲି । ବଳରାମ ଭାଇନା ମୋ ମୁହଁକୁ ଚାହିଁ ହଠାତ୍ କହିଉଠିଲେ, "ଆଉ ତୁ ଏବେ କ'ଣ କରିବୁରେ ?''

ମୁଁ ମୁରୁକି ହସି କହିଲି, "ମୁଁ ଉଭୟ ପକ୍ଷ ମଧ୍ୟରେ ବିଚାରକ ହେବି ! ସମସ୍ତେ ମୋ କଥାକୁ ସମର୍ଥନ କରି କହିଲେ, "ଠିକ୍ କଥା । ଠିକ୍ କଥା, କାହ୍ନା ହିଁ ବିଚାରକ ହେବ । କାରଣ ସେ ନିଷ୍ପକ୍ଷ ଭାବରେ ନ୍ୟାୟ କରିବ ।''

ଯମୁନାକୂଳ ବାଲିରେ ଆମର କବାଡ଼ି ଖେଳ ଖୁବ୍ ଜୋର୍ ଧରି ଆସୁଥାଏ । ଅଳ୍ପ ଦୂରରେ ପେନ୍ଥା ସମସ୍ତଙ୍କର କମ୍ବଳ ଏବଂ ଗୋଠବାଡ଼ି ସମ୍ଭାଳି ବସିଥାଏ । ଅତି ସରଳ ସ୍ୱଭାବର ପେନ୍ଥାକୁ ପିଲାଦିନେ ପ୍ରବଳ ଜ୍ୱର ହୋଇଥିବାରୁ ତା'ର ଗୋଟିଏ ପାଦ ଛୋଟା ହୋଇଯାଇଥିଲା, ତେଣୁ ସେ ଛୋଟେଇ ଛୋଟେଇ ଚାଲେ । ଜନ୍ମରୁ ତା'ର ପାଟି ଲାଗୁଥିଲା, ତେଣୁ କଥା କହିଲାବେଳେ ପେନ୍ଥା ଥଙ୍ଗେଇ ଥଙ୍ଗେଇ କହେ । ସେ ମତେ କୃଷ୍ଣ ବୋଲି ଡାକିପାରେନି ତେଣୁ 'କୁଛନ୍' ବୋଲି ଡାକେ । କେତେ ନିରୀହ ଡାକଥିଲା ମୋର ପ୍ରାଣପ୍ରିୟ ଅନ୍ତରଙ୍ଗ ସଖା ପେନ୍ଥାର । ପେନ୍ଥାର ବିଶୁଦ୍ଧ ଭଲପାଇବା ମତେ ଅଭିଭୂତ କରିଦେଉଥିଲା ।

କବାଡ଼ି ଖେଳ ପ୍ରତିହିଂସା, ପ୍ରତିଶୋଧ ଓ ଅହଂକାରର ଖେଳ । ଖେଳରେ ଅସାବଧାନ ପ୍ରତିଦ୍ୱନ୍ଦୀଙ୍କୁ ଜୋର୍‌ରେ ଭିଡ଼ି ଧରିବା, ଖେଳର ସୀମା ଚିହ୍ନିତ କରାଯାଇଥିବା ଗାର ପ୍ରତି ଧ୍ୟାନ ଦେବା, ରାହା ନ ଛାଡ଼ି ଶ୍ୱାସ ଉପରେ ନିୟନ୍ତ୍ରଣ ରଖିବା ଏହା କେବଳ ଆମର କବାଡ଼ି ଖେଳ, ନୁହେଁ ? ସବୁ ଜୀବନର ପ୍ରତୀକ । ଏକ ସୀମିତ କ୍ଷେତ୍ର ମଧ୍ୟରେ ନିଜର ଶ୍ୱାସକୁ ଅଖଣ୍ଡ ଭାବରେ ନିୟନ୍ତ୍ରଣାଧୀନ ରଖିବା । କବାଡ଼ି ଖେଳ ପରେ ଆହୁରି ଅନେକ ଗୁଡ଼ିଏ ଖେଳ ଆମେ ମାନେ ଖେଳିଲୁ । ଖେଳି ଖେଳି ସମସ୍ତେ ହାଲିଆ ହୋଇପଡ଼ିଲେ । ତେଣୁ ମୁଁ ଅନ୍ଧପୁତୁଳି ଖେଳ ଖେଳିବାର ପ୍ରସ୍ତାବ ଦେଲି । ମୁଁ ଜାଣିସାରିଥିଲି, 'ବିଚାରକ' ହୋଇ ବସିଥିବାରୁ ମୁଁ ସବୁଠାରୁ ବେଶୀ ବିଶ୍ରାମ କରି ସାରିଥିଲି । ଏକଥା ବୋଧେ ଅନ୍ୟମାନେ ଜାଣି ପାରିବେ ନାହିଁ ଭାବିଲାବେଳକୁ ପେଣ୍ଟୁ କହିଦେଲା, "ନା ... ନା କୁହ୍ନନ ଆଖିରେ ପଟି ବାନ୍ଧ, ସେ କେତେବେଳୁ ବସିଛି ।" ପେଣ୍ଟୁ ସିନା ଗୋଡ଼ରେ ଛୋଟାଉଥିଲା ହେଲେ ସମସ୍ତଙ୍କଠାରୁ ସେ ଚତୁରଥିଲା । ଭାଇନା ମୋ ଆଖିରେ କନା ପଟି କସିକରି ଭିଡ଼ିଦେଲେ । ମତେ ଗୋଲ ଗୋଲ ଘୂରାଇ ଛାଡ଼ିଦେଲେ, ମୁଁ ଏକବାରେ ଅନ୍ଧ ହୋଇଗଲି । ମୋର ସାଙ୍ଗମାନେ ବିଭିନ୍ନ ପଶୁପକ୍ଷୀମାନଙ୍କର ବିଚିତ୍ର ଧ୍ୱନି କରି ମତେ ଚିଡ଼ାଇବାକୁ ଲାଗିଲେ । ମୁଁ ବନ୍ଦ ଆଖିରେ ଏପଟ ସେପଟ ସେମାନଙ୍କୁ ଖୋଜୁଥାଏ । ଯମୁନା କୂଳର ବାଲିରେ ମୁଁ ଘୁରିବାକୁ ଲାଗିଲି । ହେଲେ ମୋର ସାଙ୍ଗମାନେ ଆଦୌ ଜାଣିପାରିଲେ ନାହିଁ ସେମାନେ ଯେଉଁ ଦିଗରେ ଅଛନ୍ତି ତା'ର ବିପରୀତ ଦିଗରେ ହିଁ ସେମାନଙ୍କର ସ୍ୱର ଶୁଭୁଛି । ଏହି ସୂତ୍ରରେ ମୁଁ ଖୁବ୍ ଜଲ୍‌ଦି ମୋର ସବୁ ସାଙ୍ଗଙ୍କୁ ଖୋଜି ଧରିପକାଇଲି । କେବଳ ପେଣ୍ଟୁ ବଞ୍ଚିଯାଇଥିଲା, ତାକୁ ବି ଧରିଦେଲି ।

ମୋର ଅନ୍ଧପୁତୁଳି ଖୋଲି ପେଣ୍ଟୁ ଆଖିରେ ଏଥର ଜୋର୍‌କରି ଭିଡ଼ିଦେଲି । ସେ ରାଗରେ ଗରଗର ହେଉଥାଏ, ଛୋଟେଇ ଛୋଟେଇ ସେ ଚିଡ଼ାଉଥିବା ସାଙ୍ଗମାନଙ୍କୁ ଧରିବାକୁ ଦୌଡ଼ୁଥାଏ । ହେଲେ, କୌଣସି ସାଙ୍ଗ ତା' ହାତରେ ଧରା ଦେଉନଥାନ୍ତି । ପେଣ୍ଟୁ ସେତେବେଳକୁ କାନ୍ଦ କାନ୍ଦ ହୋଇଗଲାଣି । ପେଣ୍ଟୁର ମନରଖିବା ପାଇଁ ମୁଁ ତା' ପାଖରେ ଜାଣିଶୁଣି ଛିଡ଼ା ହୋଇପଡ଼ିଲି । ସେ ମତେ ଚଟ୍‌କିନା ଧରିପକାଇଲା । ତା'ର ଆଖିର ପଟି ଖୋଲିଦେଇ ମୁଁ ଏକତରଫା ଘୋଷଣା କଲି, "ଅନ୍ଧପୁତୁଳି ଖେଳ ଏବେ ସମାପ୍ତ ହେଲା ।'' ଖେଳରେ ମୋର ହାରିକୁ ମୁଁ ଚତୁରତାର ସହିତ ଆଡ଼େଇ ଦେଲି, କିନ୍ତୁ ଚତୁର ପେଣ୍ଟୁ ଛଡ଼ା ଅନ୍ୟମାନେ ବୁଝିପାରିଲେ ନାହିଁ । ସେ ମତେ ଆଖିରେ ଆଖିରେ ଚୁପ୍ ରହିବାର ସଙ୍କେତ ଦେଲା ।

ସନ୍ଧ୍ୟା ପ୍ରାୟ ହୋଇ ଆସିଥିଲା, କପୋତ, ଶ୍ୱେନ, ସାରସ, ଚଣ୍ଡୋଳ, ଘରଚଟିଆ ଆଦି ଅସଂଖ୍ୟ ଚିତ୍ରବିଚିତ୍ର ପକ୍ଷୀପୁଞ୍ଜ ଅନେକ ଦୂରରୁ ଖାଦ୍ୟ ଅନ୍ୱେଷଣ କରିସାରି ନୀଡ଼କୁ ଫେରୁଥାନ୍ତି । ଦିନସାରା ଯମୁନାର ଗୋଚାରଣ ଭୂମିରୁ ପେଟଭର୍ତ୍ତି ଘାସ ଖାଇସାରି

ତୃପ୍ତ ହୋଇ ଆମର ଗାଈଗୋଠ, ହମ୍ବା .... ହମ୍ବା ରଡ଼ି କରି ଫେରୁଥାନ୍ତି । ପଶ୍ଚିମ ଦିଗରେ ତେଜୋମୟ ଆରକ୍ତ ସୂର୍ଯ୍ୟବିମ୍ବ କ୍ରମଶଃ ଯମୁନା କୋଳରେ ବିଲୀନ ହୋଇଯାଉଥିଲା । ମନ ମୋର ଭାରି ଖୁସି ହୋଇଯାଇଥାଏ । ମୁଁ ଜୋର୍‌ରେ ପାଟି କରି କହିଲି, "ଶୁଣ .... ଶୁଣ । ମୋର ଗୋପ ଜୀବନର ଆରମ୍ଭ ହୋଇଥିବାରୁ ମୁଁ ତୁମମାନଙ୍କୁ ଏକ ନୂଆ ଖେଳ ଶିଖାଇବାକୁ ଚାହେଁ । ମୋର ବିଶ୍ୱାସ, ତୁମମାନଙ୍କୁ ମଧ ଭଲଲାଗିବ । କିନ୍ତୁ ମୁଁ ଯାହା କହିବି ସେ କାମ ସଙ୍ଗେ ସଙ୍ଗେ କରିବ ।"

ସମସ୍ତେ ଏକ ସାଙ୍ଗରେ କହିଉଠିଲେ, "କହ କହ, କାହ୍ନା । ଆମକୁ କ'ଣ କରିବାକୁ ହେବ ?"

ମୁଁ କହିଲି, "ମୁଁ ଓ ଭାଇନା ଏଇଠି ରହିବୁ, ତୁମ ଭିତରୁ ଶ୍ରୀଦାମା, ରୁଦ୍ରସେନ, ସ୍ତୋକ, ଭଦ୍ରସେନ ପ୍ରମୁଖ ଯେତିକି ଆବଶ୍ୟକ ଜଳ, ସେତିକି ମାଠିଆରେ ଭର୍ତ୍ତିକରି ଆଣିବେ । ଅନ୍ୟମାନେ ବଣ ଭିତରକୁ ଯାଇ ସତେଜ ଧଳା ଫୁଲ, ବିଲ୍ୱପତ୍ର ତ୍ରିଦଳ ଫୁଲ ତୋଳି ଆଣିବେ । ଆଉ କେତେଜଣ ଗୋଠବାହୁଡ଼ା ଗାଈମାନଙ୍କୁ ଅଟକାଇ ସେମାନଙ୍କ ଦୁଧଭର୍ତ୍ତି ପହ୍ନାରୁ କ୍ଷୀର ଦୁହିଁ ଡ଼ାଳରେ ନେଇ ଆସିବେ । ବାକି ଅନ୍ୟମାନେ ଆମ ସହିତ ରହିବେ । ଚାଲ ଶୀଘ୍ର ଚାଲ, ନିଜ ନିଜ କାମରେ ଲାଗିପଡ଼ ।"

ମୋର ଗୋପାଳ ସାଥୀମାନେ ମୋର ପରାମର୍ଶ ଅନୁସାରେ କାମରେ ଲାଗିପଡ଼ିଲେ । ମୁଁ ଓ ବଳରାମ ଭାଇନା ଯମୁନା ବାଲିପଠାର ଏକ ସ୍ୱଚ୍ଛ ସ୍ଥାନକୁ ବାଛିଲୁ । ବଡ଼ବଡ଼ ପଥର ଗୋଡ଼ି ଖଣ୍ଡକୁ ବାଲୁକା ଶଯ୍ୟାରୁ ସାଉଁଟି, ଅଲଗା କରି ପାଣିରେ ଧୋଇଲୁ । ତା'ପରେ ବାଲିରେ ମୁଁ, ଭାଇନା ଓ ଅନ୍ୟସାଙ୍ଗମାନେ ମିଶି ଅଣ୍ଟା ଉଚ୍ଚରେ ଶିବଲିଙ୍ଗ ତିଆରି କଲୁ । ପଥର ଗୁଡ଼ିକୁ ପିଣ୍ଡି ଭଳିଆ କରି ଢ଼ିରା ଦେଲୁ । ନନ୍ଦୀ, ବୃଷଭଙ୍କର ପ୍ରତିମୂର୍ତ୍ତି ମଧ ବାଲିରେ ଗଢ଼ିଲୁ । ବଡ଼ସୁନ୍ଦର ଦେଖାଗଲା ଆମର ଶିବଲିଙ୍ଗ । ସେତେବେଳକୁ ପଶ୍ଚିମ ଦିଗରେ, ଧୀରେ ଧୀରେ ସୂର୍ଯ୍ୟ ଅସ୍ତ ହେଉଥାନ୍ତି । ସୂର୍ଯ୍ୟଙ୍କୁ ସାକ୍ଷୀରଖି ମୁଁ ପ୍ରଥମେ ଭାଇନାଙ୍କୁ ଶିବଙ୍କ ଉପରେ ଦୁଗ୍ଧାଭିଷେକ କରିବାକୁ କହିଲି ।

ତାଙ୍କ ପଛେ ପଛେ ମୁଁ ଏବଂ ମୋର ସାଙ୍ଗମାନେ ଶିବଙ୍କ ଉପରେ ଦୁଗ୍ଧାଭିଷେକ କଲୁ । ଏହାପରେ ଆମେ ଶିବଙ୍କ ଉପରେ ଜଳାଭିଷେକ କଲୁ । ମୋ ଇଙ୍ଗିତ ଅନୁସାରେ ସମସ୍ତେ ଶିବଙ୍କ ଲିଙ୍ଗତଳେ ଧଳାପୁଷ୍ପ, ବିଲ୍ୱପତ୍ର, ତ୍ରିଦଳ ଫୁଲ ଦେଇ ପ୍ରଣତି ଜଣାଇଲେ । ଆମେ ସମସ୍ତେ ଆଖି ବନ୍ଦ କରି ଶିବାଷ୍ଟକଂ ଉଚ୍ଚାରଣ କଲୁ - "ଶିବକାନ୍ତ ଶମ୍ଭୋ ଶଶାଙ୍କାର୍ଧମୌଳେ, ମହେଶାନ୍ ଶୂଳୀନ ଜଟାଜୁଟଧାରିନ୍, ତ୍ୱମେକୋ ଜଗଦ୍‌ବ୍ୟାପକୋ ବିଶ୍ୱରୂପ, ପ୍ରସୀଦ ପ୍ରସୀଦ ପ୍ରଭୋ ପୂର୍ଣ୍ଣରୂପ ।"

ଆମର କିଶୋର କଣ୍ଠର ସ୍ୱଚ୍ଛତାରେ ଚତୁର୍ଦ୍ଦିଗ ଯେପରି ଶିବମୟ ଜଣାପଡୁଥାଏ ।

ସୂର୍ଯ୍ୟ ସମ୍ପୂର୍ଣ୍ଣଭାବରେ ଅସ୍ତ ହୋଇଯାଇଥିଲେ । କିଛିକ୍ଷଣ ପରେ ମୁଁ ପ୍ରଥମେ ଆଖି ଖୋଲି ଶିବଲିଙ୍ଗକୁ ଦେଖିଲି । ମୁଁ ସାଙ୍ଗମାନଙ୍କୁ କହିଲି, "ଭାଇନା ! ଆମର ସୋମଭାନୁ ବଂଶର ଗୋପାଳମାନେ ପ୍ରାଚୀନ କାଳରୁ ଶିବପୂଜା କରିଆସୁଛନ୍ତି । ଏହି ଶିବଲିଙ୍ଗ ଅର୍ଦ୍ଧନାରୀଶ୍ୱରର ପ୍ରତୀକକୁ ଚିହ୍ନିତ କରେ । ଶିବ ଅର୍ଥାତ୍ ଶଙ୍କର । ଯିଏ ଅଶାନ୍ତ ମନକୁ ଶାନ୍ତ କରନ୍ତି, ସିଏ ହିଁ ଶଙ୍କର । ଶାନ୍ତି ପାଇଁ ଆବଶ୍ୟକ ପଡ଼ିଲେ ଶିବ ତାଣ୍ଡବନୃତ୍ୟ ମଧ କରିଥାନ୍ତି । ଅନ୍ୟାୟର ବିନାଶ କରନ୍ତି । ଶିବ ଅନିଷ୍ଟର ଅନ୍ତ କରୁଥିବା ଦେବତା ।''

ସମସ୍ତେ ମୁଗ୍ଧ ହୋଇ ଶୁଣୁଥାନ୍ତି । ମୁଁ କୁଳପୁରୋହିତ ବିଶ୍ୱକର୍ମାଙ୍କ ମୁଖରୁ ଏସବୁ ଶୁଣିଥିଲି । ମୋ କଥାରେ ଅବଶ୍ୟ ସେମିତି କିଛି ନୂତନତ୍ୱ ନଥିଲା ।

ଆମେ ସମସ୍ତେ ଆଖିମୁଦି ଧ୍ୟାନସ୍ଥ ହୋଇ ବାଲୁକାରେ ନିର୍ମିତ ଶିବଲିଙ୍ଗ ଉଦ୍ଦେଶ୍ୟରେ ହାତଯୋଡ଼ି ବସିଥିବା ବେଳେ ଆମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କଲାଭଳି ପଛରୁ କିଏ ଜଣେ ସୁମଧୁର କଣ୍ଠରେ ଉଚ୍ଚାରଣ କରୁଛି; ''ଓମ୍ ତ୍ରୟମ୍ବକ ଯଯାମହେ ସୁଗନ୍ଧିମ୍ ପୃଷ୍ଟିବର୍ଧନମ୍... ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ।''

ମୁଁ ଓ ବଳରାମ ଭାଇନା ଏକ ଅପୂର୍ବ ଉନ୍ମାଦନାରେ ପଛକୁ ଫେରିଚାହିଁ ଦେଖିଲୁ ସତ୍ୟ ଶିବ ସୁନ୍ଦରର ଏକ ଅଲୌକୀକ ଜ୍ୟୋତି ସଂପନ୍ନ ପୁରୁଷ ଭାବେ ଠିଆ ହୋଇଛନ୍ତି ଆମ ଗୋପାଳ ବାଳକ ବାହିନୀର ପ୍ରେରଣାର ଦୀପସ୍ତମ୍ଭ- ପ୍ରାଣାନନ୍ଦ କକା, ଓଠରେ ମୃଦୁ ମୃଦୁ ହସ ।

ସଦ୍ୟପ୍ରସବା ଗାଈମାନଙ୍କୁ ସ୍ତନ୍ୟବତୀ କରାଇବାର କଳାକୌଶଳ ପ୍ରାଣାନନ୍ଦ କକାଙ୍କୁ ଜଣା । ଯମୁନାନଦୀ ତଟବର୍ତ୍ତୀ ଅରଣ୍ୟରୁ ସେ ଔଷଧୀୟ ଗୁଳ୍ମଲତା ସଂଗ୍ରହ କରି, ସେସବୁ ଶୋଧନ କରି ଆସନ୍ନପ୍ରସବା ଓ ପ୍ରସବମୁକ୍ତା ଗାଈମାନଙ୍କୁ ଖୁଆନ୍ତି । ସେହିସବୁ ଚେରମୂଳ ସଂଗ୍ରହ କରି ପ୍ରାଣାନନ୍ଦ କକା ଫେରିବା ବେଳେ ବୋଧହୁଏ ଆମର ଏହି ବାଲୁକା ଶିବପୂଜା ଖେଳ ଦେଖୁଥିଲେ ଏବଂ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗାଇଦେଲେ ମହାମୃତ୍ୟୁଞ୍ଜୟ ମନ୍ତ୍ର ।

ପ୍ରାଣାନନ୍ଦ କକାଙ୍କ ଆମ ପ୍ରତି ଏପରି ଶ୍ରଦ୍ଧା ଓ ଆତ୍ମୀୟତାରେ ଭାବବିହ୍ୱଳ ହୋଇ ଆମେ ସମସ୍ତେ ତାଙ୍କ ପାଦତଳେ ଲୋଟି ପଡ଼ିଲୁ ।

କକା ମୋତେ ଓ ବଳରାମ ଭାଇନାଙ୍କୁ ଭୂମି ଉପରୁ ଉଠାଇ କୋଳାଗ୍ରତ କରିନେଲେ ।

ଆମ ମେଳରେ ଥିବା ମଧୁ ନାମକ ବାଳକଟି କକାଙ୍କୁ ଉଦ୍ଦେଶ୍ୟ କରି କହିଲା- କକା, ଏହି ଶ୍ଳୋକଟିର ଅର୍ଥ କଣ ?''

କାନ୍ଧରେ ଧରିଥିବା ଔଷଧୀୟ ବୃକ୍ଷଲତାର ସବୁଜପତ୍ର ପୁଟୁଳିଟିକୁ ବାଲିର ଶେଯ ଉପରେ ରଖିଦେଇ ପ୍ରାଣାନନ୍ଦ କକା ମଧ ଆମ ସମସ୍ତଙ୍କ ସାଙ୍ଗରେ ସଙ୍ଗୀଟିଏ ପରି ବସିପଡ଼ିଲେ ଓ କହିଲେ– "ବେଦ ଚାରିଟି ଭାଗରେ ବିଭକ୍ତ । ପ୍ରଥମ ଭାଗ ଯର୍ଜୁବେଦରେ ରହିଥିବା ଏହି ମନ୍ତ୍ରକୁ ମହାମୃତ୍ୟୁଞ୍ଜୟ ମନ୍ତ୍ର କୁହାଯାଏ । ଏହି ମନ୍ତ୍ର ନିତ୍ୟନିୟମିତ ଜପ କଲେ ମଣିଷକୁ ଯଶ ଓ ଶକ୍ତି ସହିତ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୋଇଥାଏ । ଏହି ମନ୍ତ୍ରକୁ ମହାମୋକ୍ଷମନ୍ତ୍ର ମଧ କୁହାଯାଏ ।"

କିଛିକ୍ଷଣ ଚୁପ୍ ରହି କକା ପୁଣି ଆରମ୍ଭ କଲେ– ''ଏହି ମନ୍ତ୍ରରେ ଥିବା 'ତ୍ରୟମ୍ବକଂ ଯଜାମହେ'ର ଅର୍ଥ ହେଉଛି ଆମେ ସମସ୍ତେ ତିନିନେତ୍ର ଥିବା ଦେବତା ଶିବଙ୍କୁ ପୂଜା କରୁ; କିନ୍ତୁ ପ୍ରକୃତରେ ମନୁଷ୍ୟ ପାଖରେ ଦୁଇଟି ନେତ୍ର ରହିଥାଏ ବୋଲି କୁହାଯାଉଥିଲେ ସୁଦ୍ଧା ତିନୋଟିନେତ୍ର ରହିଛି । ଯେତେବେଳ ଯାଏ ତୃତୀୟ ନେତ୍ର ବା ଜ୍ଞାନନେତ୍ର ଖୋଲିନଥାଏ, ସେଯାଏଁ ମଣିଷର ମୁକ୍ତି ନାହିଁ..... ଉଦ୍ଧାର ନାହିଁ । ପୃଥିବୀ ପୃଷ୍ଠରେ ଆମେ ଯେଉଁସବୁ କାର୍ଯ୍ୟ କରୁ ସର୍ବଶକ୍ତିମାନ ଈଶ୍ୱର ସେସବୁ ନିରନ୍ତର ନିରୀକ୍ଷଣ କରିଥାନ୍ତି । ଭଗବାନ କେବଳ ଆମର ବାହ୍ୟକାର୍ଯ୍ୟକଳାପ ନୁହେଁ ଆମ ଭିତରେ ଲୁଚି ରହିଥିବା ଚିନ୍ତାଧାରା... ମାନସିକତାକୁ ମଧ ଲକ୍ଷ୍ୟ କରନ୍ତି । ତେଣୁ ସେ ଉଭୟ ବର୍ହିଦର୍ଶୀ ଓ ଅନ୍ତର୍ଦର୍ଶୀ । ତିନିଲୋକର ପ୍ରାଣୀଙ୍କ ଗତିବିଧି ଲକ୍ଷ୍ୟ କରୁଥିବାରୁ ଶିବ ବା ଶଙ୍କରଙ୍କୁ ତ୍ରୟମ୍ବକ ବୋଲି ବେଦ ପ୍ରାର୍ଥନା କରିଛି । ସୃଷ୍ଟି-ସର୍ଜନାର ପ୍ରତିଟି ବସ୍ତୁରେ ଆମେ ଏହି ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବା । 'ସୁଗନ୍ଧିମ୍ ପୁଷ୍ଟିବର୍ଧନମ୍'ର ଅର୍ଥ ହେଉଛି– ସୁଗନ୍ଧି ଅର୍ଥାତ ଯଶ ବା କୀର୍ତ୍ତି ଏବଂ ପୁଷ୍ଟି ଅର୍ଥାତ ଶକ୍ତିବୃଦ୍ଧି ପାଇଁ ଆମେ ତ୍ରୟମ୍ବକଙ୍କୁ ଆରାଧନା କରିଥାଉ । କିନ୍ତୁ ଯଶରହିତ ଶକ୍ତି ହେଉଛି ନିରର୍ଥକ । ତେଣୁ ଏହାର ଶୋଭା ଯେତେବେଳେ ବୃଦ୍ଧିପାଏ ସେତେବେଳେ ଶକ୍ତି ସାଙ୍ଗରେ ଯଶ ସଂଯୁକ୍ତ ହୋଇଯାଏ ।''

ମୋତେ ସ୍ମିତହସ ବଦନରେ ଚାହିଁ କହିଲେ– ''ଶୁଣ କୃଷ୍ଣ-ବଳରାମ ଓ ଗୋପାଳ ବାଳକ ବୃନ୍ଦ । ମୂଳକଥା ହେଉଛି, ଆମେ ଶିବ ବା ଶଙ୍କର... ପରମେଶ୍ୱରଙ୍କୁ ନିବେଦନ କରିଥାଉ- ହେ ପରମାତ୍ମା ! ଦେବତ୍ୱର ମାର୍ଗରେ ଆମ୍ଭମାନଙ୍କୁ ନେଇଚାଲ । 'ଉର୍ବାରୁକମିବ ବନ୍ଧନାନ୍ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍'ର ଅର୍ଥ ହେଉଛି– ହେ ପରମାତ୍ମା ଆମକୁ ମୃତ୍ୟୁର ବନ୍ଧନରୁ ମୁକ୍ତି ମିଳୁ । ଏହି ମହାନ୍‌ମନ୍ତ୍ର ଉଚ୍ଚାରଣ କରି ସାଧକ ଭଗବାନଙ୍କ ନିକଟରେ ଯଶ ଓ ଶକ୍ତି ବଳରେ ପ୍ରଭୁକୃପାର ଅଧିକାରୀ ହେବା ସହିତ ମୃତ୍ୟୁର ବନ୍ଧନରୁ ମୁକ୍ତ ହେବାକୁ ପ୍ରାର୍ଥନା କରିଥାଏ । ବୁଝିଲ, ଗୋପାଳକୃଷ୍ଣ ଓ ବଳରାମ ! ଏହି

ସନାତନୀଭୂମି ଭାରତବର୍ଷର ସାଧୁସନ୍ଥଙ୍କ ବିଶ୍ୱାସ ରହିଛି ଏହି ମନ୍ତ୍ର ପ୍ରତିନିୟତ ଜପ କଲେ ମନୁଷ୍ୟ ମୋକ୍ଷପ୍ରାପ୍ତ ହୋଇଥାଏ, ଯଶବାନ... କୀର୍ତ୍ତିବାନ ହୋଇଥାଏ ।''

ପ୍ରସନ୍ନ ମନରେ ଆମେ ସମସ୍ତେ ଶୀଘ୍ର ଶୀଘ୍ର ନିଜ ନିଜ କମ୍ବଳ କାନ୍ଧରେ ପକାଇ ଧାଁ ଦଉଡ଼ କରି ନିଜର ଗୋଠବାଡ଼ି ନଚାଇ ନଚାଇ ଗାଈମାନଙ୍କୁ ଏକତ୍ରକରି ମୁଁ ଭାଇନା ଓ ସାଙ୍ଗମାନେ ଗୋକୁଳ ଫେରିବା ଆରମ୍ଭ କଲୁ । ମୁଁ ମୋର କମ୍ବଳ ଖୋସାରୁ ବଂଶୀ କାଢ଼ି ଧୀରେ ଧୀରେ ଚାଲୁ ଚାଲୁ ଅନେକ ରାଗର ତାନ ବଜାଇବାରେ ତନ୍ମୟ ହୋଇଯାଇଥାଏ । ଗୋଠବାହୁଡ଼ା ଗୋଧୂଳି ବେଳାର ସେଇ ପାଣିଚିଆ ଅନ୍ଧାର ଭିତରେ ମୋର ବଂଶୀର ସ୍ୱର ତୀବ୍ରତର ହେଲା ବେଳକୁ ଅକସ୍ମାତ୍ କେହି ଜଣେ ଦୌଡ଼ିଆସି ମୋ ହାତ ଭିଡ଼ି ଧରିପକାଇଲା ।

କାହାର ଏଇ ସ୍ପର୍ଶ ?

ଲହୁଣି ପରି କୋମଳ ଚିକ୍କଣ ମୁଲାୟମ୍ ହାତର ସ୍ପର୍ଶରେ ମୋର ସର୍ବାଙ୍ଗ ରୋମାଞ୍ଚିତ ହୋଇଉଠିଲା । ବଂଶୀ ସ୍ୱନର ତାଳେ ତାଳେ ତନ୍ଦ୍ରାଚ୍ଛନ୍ନ ମୋର ମୁଦ୍ରିତ ଆଖିପତା ଖୋଲିଗଲା । ବଂଶୀ ବାଦନ ମନକୁମନ ରହିଗଲା ।

ସେଥିଲା ଏକ ଗୋପ ନାରୀ । ଗୌରବର୍ଣ୍ଣା ସୁନ୍ଦରୀ ନିରାହା ଯୁବତୀଟିଏ । ମୋଠାରୁ ବୟସରେ ଟିକିଏ ବଡ଼ । ଡେଙ୍ଗା, ସୁଗଠିତ ଯୌବନା, ଅନୁପମା, ସୌନ୍ଦର୍ଯ୍ୟମୟୀ । ସେ ଗୋପୀମାନେ ବସ୍ତ୍ର ପିନ୍ଧିଲା ଭଳି ପିନ୍ଧିଥାଏ । ଗାଈମାନଙ୍କର ଖୁରାରୁ ଉଠୁଥିବା ଧୂଳି ଯୋଗୁଁ ହେଉବା ଛାୟାନ୍ଧକାର କାରଣରୁ ତା' ମୁହଁ ସ୍ପଷ୍ଟ ଦେଖାଯାଉନଥାଏ ।

ମୁଁ କୌତୁହଳବଶତଃ ସାଙ୍ଗମାନଙ୍କୁ ପଚାରିଲି, "ଇଏ କିଏ ?"

କିଏ ଜଣେ କହିଲା, "ଚନ୍ଦ୍ରସେଣା ଗୋପର ପତ୍ନୀ ରାଧା । ସେ ନିଜ ମାମୁଁ ଘର ଅରଷ୍ଟିଗ୍ରାମରୁ ନିଜ ଶ୍ୱଶୁର ଘର ଗୋକୁଳକୁ ଆସିଛି ।''

କିନ୍ତୁ ଅଭୂତ ସୁନ୍ଦରୀ ରାଧାଙ୍କର ଏସବୁ ପ୍ରତି ଦୃଷ୍ଟି ନଥିଲା । ସେ ବ୍ୟାକୁଳ ହୋଇ ମୋର ଗାଲକୁ ନିଜ ହାତରେ ସାଉଁଳେଇ ମୋର ଦୃଷ୍ଟି ଝାଡ଼ିବାର ପ୍ରକ୍ରିୟାରେ ଲାଗିପଡ଼ି କହିଲେ, "ତୋ ବଂଶୀର ଧୁନ୍‌ରେ ତୁ ତ ମତେ ପାଗଳ କରିଦେଲୁରେ କାହ୍ନା, ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ, ଦୌଡ଼ି ଦୌଡ଼ି ତୋ ପାଖକୁ ପଳାଇ ଆସିଲି ।"

ଶ୍ରୀରାଧାଙ୍କର ଏ ଅପୂର୍ବ ଆଗମନ ଜନିତ ମୋ ପ୍ରତି ଆନ୍ତରିକ ମମତ୍ୱବୋଧ ମତେ ସ୍ତବ୍ଧ ଚକିତ କରିଦେଇଥିଲା । ମୁଁ ବଂଶୀ ହାତରେ ଧରି ସେମିତି ଜଡ଼ଭଳି ଠିଆ ହୋଇଥିଲି । ସେତେବେଳେ ମୁଁ ନିଜ ଭିତରେ ନଥିଲି । କେଉଁ ଏକ ଅନନୁଭୂତ ଆକର୍ଷଣର

ସ୍ପର୍ଶରେ ମୁଁ ଉଦ୍‌ବେଳିତ ହୋଇଯାଇଥିଲି । ଏହା ପୂର୍ବରୁ ମୁଁ ମୋର ଦୁଇ ମା'ଙ୍କର ମମତାଭରା ସ୍ପର୍ଶ, ଭଉଣୀ ସୁଭଦ୍ରାର ନିରୀହ ସ୍ୱଚ୍ଛ ସ୍ପର୍ଶରେ ଅଭିଭୂତ ହୋଇଥିଲି । ହେଲେ, ରାଧାଙ୍କର ସ୍ପର୍ଶରେ ଏ ସବୁର ଫେଣ୍ଟାଫେଣ୍ଟି ଏକ ଅନାସ୍ୱାଦ ମହକ ଥିଲା । ମୋର ସେଇ ଅନୁଭବକୁ ବର୍ଣ୍ଣନା କରିବାକୁ ମୋ ପାଖରେ ଭାଷାର ଅଭାବ ଥିଲା, କ'ଣ କହିବି ଯେ !

ବଳରାମ ଭାଇନାଙ୍କୁ ଦେଖି ରାଧା କେବଳ ହସିଦେଲେ, ହେଲେ କିଛି କହିଲେ ନାହିଁ । ମୋ କାନ୍ଧରେ ବଡ଼ ଆତ୍ମୀୟତା ଓ ବିଶ୍ୱାସର ସହିତ ହାତ ରଖି ଆମ ସମସ୍ତଙ୍କ ସହିତ ଗୋକୁଳର ପଶ୍ଚିମ ଦ୍ୱାର ଆଡ଼କୁ ଚାଲୁଥିଲେ । ଚାଲିବା ଭିତରେ ମୋତେ କହିଲେ, "କାହ୍ନାରେ, ତୋ ମୁରଲୀ ସ୍ୱର ଶୁଣି ମତେ ଲାଗିଲା ଯେମିତି ମୁଁ ବି ତୋର ଓଠର ସ୍ପର୍ଶ ପାଇ ମୁରଲୀପାଲଟି ଯା'ନ୍ତିକି ।"

ଯେଉଁ ମୁହୂର୍ତ୍ତରେ ରାଧା ଆସି ମୋ ସମ୍ମୁଖରେ ଛିଡ଼ାହେଲେ ମୁଁ ଜାଣି ସାରିଥିଲି, ରାଧା ମୋ ଶରୀରର ଯେମିତି ଏକ ଅବିଚ୍ଛେଦ୍ୟ ଅଙ୍ଗ । ଅଜାଣତରେ ମୁଁ ମୋର ହାତକୁ ତାଙ୍କର ମାଂସଳ ସୁଗୋଲ ଉଷ୍ମ ପାପୁଲିରେ ଥାପିଦେଲି । ରାଧା ମଧ୍ୟ ପରମ ଆବେଗରେ ମୋ ହାତକୁ ମୁଠାଇ ଧରିଲେ । ଯେମିତି ଭବିଷ୍ୟତରେ ସେ ମତେ ହିଁ ପରିଚାଳିତ କରିବେ । ମତେ ହିଁ ଅନୁପ୍ରେରିତ କରିବେ ।

ପାର୍ଥ ! ତମେ ଏବେ କେଉଁଠି ଅଛ ? ଶୁଣିପାରୁଛନା, ସେହି ଅପୂର୍ବ ହଳକ ଘୁଙ୍ଗୁରର ରୁଣଝୁଣୁ ନାଦ । ମୋର ଅସ୍ତିତ୍ୱର ଦ୍ରଷ୍ଟା, ଅତିନ୍ଦ୍ରିୟ ଭାବଚେତନାର ମନ୍ମୟୀ ସ୍ରୋତସ୍ୱିନୀ, ପ୍ରାଣପ୍ରିୟା ରାଧା । ଯାହାର ସ୍ପର୍ଶରେ, ରସମୟ ଛଳଛଳ ଉପସ୍ଥିତରେ ଜୀବନର ପ୍ରାଣ ସ୍ପନ୍ଦନ, ବଂଶୀର ମଧୁର ଝଙ୍କାରରେ ରୂପନିଏ । ମୋ ବ୍ୟକ୍ତିତ୍ୱର ଅନାସକ୍ତ ରୂପମୟୀ ପ୍ରଣୟିନୀ ଯିଏ କେବଳ ମୋର ସୁପ୍ତ ସତ୍ତାକୁ ଜାଗ୍ରତ କରିବାରେ ପ୍ରଗାଢ଼ ଉଦ୍ୟମ କରେ । ସତରେ ପାର୍ଥ ! ଇହଲୋକରେ ମୋ ଜୀବନ ଧନ୍ୟ ହୋଇଛି । ଗୋପଦୀକ୍ଷା ସହିତ ଶିବଙ୍କ ଆଶୀର୍ବାଦ ମୋ ଉପରେ ଢ଼ାଳି ହୋଇଗଲା । ମୋ ଜୀବନର ପ୍ରାଣସଖୀ ! ସ୍ପନ୍ଦନମୟୀ ରାଧା ଯେ ମତେ ମିଳିଗଲେ । ତମେ ଦ୍ରୌପଦୀଙ୍କୁ ପାଇବା ପାଇଁ, ତାଙ୍କର ଟିକେ ସାନ୍ନିଧ, ସ୍ପର୍ଶ ପାଇଁ କେତେ ରାତି ବିନିଦ୍ର କଟାଇଛ । ତାଙ୍କରି କଥା ଜାଣିବା, ଶୁଣିବା ପାଇଁ ଦ୍ୱାରିକାରେ ମେଳାରେ ଆମେ ବୁଲିଲା ବେଳେ କେତେ ଅଳି କରିଛ । ସେ କଥା ମୁଁ ବୁଝିପାରୁଛି ପାର୍ଥ । ପ୍ରେମର ଅପୂର୍ବ କ୍ରିୟାଶୀଳତା ହିଁ ଅନ୍ତରର 'ମୁଁ' ଟିକୁ ବ୍ୟାପକ

ଗ୍ରହଣଶୀଳତାରେ ପରିଣତ କରିଦିଏ । ସେଥିପାଇଁ କାମନାହୀନ ପ୍ରେମ ନିରବଚ୍ଛିନ୍ନ ଆନନ୍ଦର ସ୍ରୋତରେ ବିଶ୍ୱର ପ୍ରତିଟି ଧୂଳିକଣାକୁ ସତତ ସ୍ପର୍ଶ କରେ ଏବଂ ସତ୍ୟ ପ୍ରତିଷ୍ଠା କରେ ।

ଆଃ ... ରାଧା, ମୋର ଆତ୍ମାର ସାକ୍ଷୀ । ଶବ୍ଦ, ଛନ୍ଦର ସୃଜନମୟୀ ଚୈତେଶ୍ୱରୀ । ମୋର ସତ୍ତାର, ପୁରୁଷପଣର ଅକ୍ଷୟୀ ସ୍ୱପ୍ନେଶ୍ୱରୀ । ତୁମର ସ୍ପର୍ଶରେ ମୂର୍ତ୍ତିମନ୍ତ ହୋଇଯାଇଛି କୃଷ୍ଣର ଜାଗତିକ ଆଧିଭୌତିକ ଅନୁଭବ ।

ଛପିଛପିକିଆ ସେଇ ଅନ୍ଧାର ଭିତରେ ଗାଈଗୋଠ ଗୋକୁଳରେ କେତେବେଳୁ ପ୍ରବେଶ କରିସାରିଥିଲେ । ଭାଇନା, ସାଙ୍ଗସାଥୀ ଓ ରାଧାଙ୍କ ସହିତ ମୁଁ ମଧ ଗୋକୁଳରେ ପହଞ୍ଚି ସାରିଥିଲି । ଏ ପର୍ଯ୍ୟନ୍ତ ଝାଳ ସରସର ରାଧାଙ୍କର ଓଦା ହାତକୁ ମୁଁ ମୁଠାଇ ଧରିଥିଲି । ଝାଳରେ ଆମ ଦୁହିଁଙ୍କର ହାତ ଓଦା ହୋଇଯାଇଥିଲା । ଏକ ବିବିକ୍ତ ତଟସ୍ଥ ଆର୍ଦ୍ରତାରେ ଆମ ଦୁଇଜଣଙ୍କର ହାତ, ଦେହ, ମନ, ମୁହଁ ଭିଜିଯାଇଥିଲା । ପ୍ରୀତିର ପାର୍ବଣ ରଙ୍ଗ ଲଗାଇ ଦେଇସାରିଥିଲା । ହାତମୁଠା ଖୋଲିଦେଲି, ସ୍ୱପ୍ନ ଭାଙ୍ଗିଗଲା । ମୋ କାନ୍ଧକୁ ହାଲ୍‌କା ଭାବରେ ଥାପୁଡେଇ ଦେଇ ରାଧା ନିଜ ଘରକୁ ଫେରିଗଲେ । ତାଙ୍କ ଚଲାବାଟକୁ ମୁଁ ଚାହିଁ ରହିଥିବାବେଳେ କୁଳନନ୍ଦ କକା କହିଥିବା 'ଧା' ଶବ୍ଦର ଅର୍ଥ ମୋ ମନରେ ସ୍ପଷ୍ଟ ହୋଇଯାଉଥିଲା, 'ଧା' ଅର୍ଥାତ୍ ମୋକ୍ଷ, ହେଲେ 'ରା' ଶବ୍ଦ ନିକଟରେ ମୁଁ ଅଟକି ଗଲି । 'ରା' ଅର୍ଥ ପ୍ରାପ୍ତ ହେବା, ମୋକ୍ଷ । 'ରାଧା' ଅର୍ଥ ହେଉଛି ମୋକ୍ଷପ୍ରାପ୍ତି ପାଇଁ ଜୀବର ବ୍ୟାକୁଳତା !

ଘରକୁ ଫେରିଲା ପରେ ମାଆଙ୍କୁ ଦିନଯାକ ଯାହା ସବୁ ଘଟିଥିଲା କହିବାରେ ଲାଗିଗଲି, "ମା' ଆମେ ଆଜି ଯମୁନାକୂଳରେ ବହୁତ ବଡ଼ ଶିବଲିଙ୍ଗ ତିଆରି କରିଥିଲୁ ବାଲିରେ । ପୂଜାକଲୁ । ତମେ ଜାଣିଛ ମା', ମୁଁ ବଂଶୀ ବଜାଇ ଆସିଲା ବେଳେ ରାଧା ଅଚାନକ ମୋ ସାମ୍ନାକୁ ପଳାଇ ଆସିଲେ । ମୋ ବଂଶୀର ସ୍ୱର କୁଆଡ଼େ ତାଙ୍କୁ ଟାଣିଆଣିଲା । ମା.... ମା ଶୁଣୁଛନା, ମୋ କଥା ।''

ମା'ଙ୍କୁ କୌଣସି କାମ କରାଇ ଦେଉନଥାଏ । ମା' ମୋ କଥାଶୁଣି ସବୁଦିନ ଭଳି ହସିଦେଲେ । ରନ୍ଧାଶାଳରେ ଆମମାନଙ୍କ ପାଇଁ ଭୋଜନ ଥାଳି ପରଷି ଦେଲାବେଳେ ମତେ କହିଲେ, "ତୁ ବଡ଼ ଅଧୈର୍ଯ୍ୟରେ କାହ୍ନା ! ବାଲି ପିଣ୍ଡରେ ଶିବ ଲିଙ୍ଗ ତିଆରି କଲେ କେତେ ସମୟ ରହିପାରିବ ଯେ ? ଆଉ ତୁ ଯେଉଁ ରାଧାର କଥା କହୁଥିଲୁ ସେ ଆମ ଚନ୍ଦ୍ରସେଣା ଗୋପର ପତ୍ନୀ । ତୋ ବଂଶୀଧ୍ୱନି ତାକୁ ମୁଗ୍ଧ କରିଦେଲା, ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି, କହିଲୁ । ଅନେକ ସମୟରେ ତ ମୁଁ ତୋ ବଂଶୀ ଧ୍ୱନିରେ ବ୍ୟାକୁଳ ହୋଇଯାଏ । ହେଲେ ବାବୁରେ ! ରାଧାଠୁ ତୁ ଟିକେ ଦୂରେଇ ରହିବୁ । କାହିଁକିନା, ତା'ର ସ୍ୱାମୀଟା ଗୋଟେ ବଡ଼ ବଦ୍‌ରାଗୀ ... କେତେବେଳେ ସେ କ'ଣ ଯେ କହିବ ତତେ ।''

ମୁଁ ମା'ଙ୍କ କଥା ଶୁଣି ହସିଦେଲି । ଆମ ପାଇଁ ରନ୍ଧାଶାଳରେ ଭୋଜନ ପରଷା ଯାଇସାରିଥିଲା । ହାତଯୋଡ଼ି କରି ଆଖି ବନ୍ଦ କରି ଆମେମାନେ ପୂର୍ବଜଙ୍କୁ ସ୍ମରଣ କଲୁ । ଥାଳି ପାଖରେ ଭାତ, ଡାଲି, ଚଟଣୀ, ଅନେକପ୍ରକାର ବ୍ୟଞ୍ଜନ ବଢ଼ାଯାଇଥିଲା । ସବୁଥିରୁ ଟିକେ ଟିକେ ନେଇ ଅନ୍ନଦେବତାଙ୍କୁ ଅର୍ପଣ କଲୁ, ଥାଳି ତଳେ ରଖିଦେଲୁ । ଜେଜେ ଓ ଅନ୍ୟ କକାମାନେ ଆଗରୁ ଖାଇସାରିଥିଲେ । ସେମାନେ ଘର ଅଗଣାରେ ବସିଥିଲେ । ଆମେ ଖାଇସାରିଲାପରେ ହାତ ଧୋଇ ଅଗଣାକୁ ଆସିଲୁ । ଜ୍ୟେଷ୍ଠମାନଙ୍କର ଚରଣ ଛୁଇଁ ପ୍ରଣାମ କଲୁ । ସେଠାରେ ଥିବା ଉଚ୍ଚପିଣ୍ଡା ଉପରେ ବସିଲୁ । ଏ ଭିତରେ ମୋର ସଙ୍ଗୀତ ବିଦ୍ୟାରେ ପାରଙ୍ଗମ ସୁନନ୍ଦକକା ଅନେକ ପ୍ରକାର ଗୋପ ବାଦ୍ୟମାନଙ୍କ ସଙ୍ଗତରେ କେତେଗୁଡ଼ିଏ ମଧୁର ଗୋପଗୀତ ଗାଇ ଶୁଣାଇଲେ । ଜେଜେ ମଧ ତାଙ୍କ ସମୟର ବୀର ପୂର୍ବଜଙ୍କର ପରାକ୍ରମ ବିଷୟରେ ଅନେକ ରୋମାଞ୍ଚକର କାହାଣୀ ଶୁଣାଇଲେ ।

ସୁନନ୍ଦ କକାଙ୍କର ଗୀତ ଏବଂ ଜେଜେଙ୍କର କାହାଣୀ ଶୁଣିବା ପାଇଁ ସେତେବେଳକୁ ମା', ସାନ ମା', ଖୁଡ଼ିମାନେ ଘରର ମଝି ଅଗଣାରେ ଆସି ବସି ସାରିଥାନ୍ତି । ନିଜ ନିଜ ମା' ମାନଙ୍କ ପାଖରେ ମୋର କକାପୁଅ ଝିଅ ଭାଇ ଭଉଣୀମାନେ ବସିଥାନ୍ତି । ଗେହ୍ଲୀ ସୁଭଦ୍ରା ଦୌଡ଼ି ଆସି ମୋ କୋଳରେ ବସିପଡ଼ିଲା । ଜେଜେଙ୍କର କଥା କହିବାର ଶୈଳୀ ଏତେ ମନୋମୁଗ୍ଧକର ଥିଲା ଯେ ଆମକୁ ପ୍ରତ୍ୟେକ ଘଟଣା ସତସତିକା ପରି ଜଣାପଡୁଥାଏ । ଆମେ ଅପଲକ ନୟନରେ ଜେଜେଙ୍କର ମୁହଁକୁ ଚାହିଁଥାଉ ।

ଏହି ସମୟରେ ଗୋକୁଳର ଘଣ୍ଟା ବାଦକ ଘଣ୍ଟାବେଦୀରୁ ଘଣ୍ଟା ପିଟି ଜଣାଇଦେଲା ରାତିର ପ୍ରଥମ ପ୍ରହର ଏବେ ଅତିକ୍ରାନ୍ତ । ଆମେ ସବୁ ନିଦୁଆ ଆଖିରେ ମା'ମାନଙ୍କୁ ଜାକି ଧରିଥାଉ ।

ଜେଜେ କହିଲେ, "ପିଲାମାନେ ଚାଲ ଏଥର ଶୋଇବା, ଆଜି ଏତିକି ଥାଉ ।"

ଗୋକୁଳର ସମସ୍ତଙ୍କ ଘରୁ ଦୀପ ଲିଭିଯିବାର ସୂଚନା ମିଳିଯାଇଥାଏ । ଆମର କୁଳ ପୁରୋହିତ ବିଶ୍ୱକର୍ମା ହାତଯୋଡ଼ି ଉଚ୍ଚସ୍ୱରରେ ପ୍ରଣବନାଦ 'ଓଁକାର' ଉଚ୍ଚାରଣ କଲେ । ଆମେ ମଧ ଆଖି ବୁଜି ସମବେତ କଣ୍ଠରେ ଓଁକାର ଧ୍ୱନି ଉଚ୍ଚାରଣକରି ଶୋଇବାକୁ ଗଲୁ । ମୋ କୋଳରେ ସୁଭଦ୍ରା କେତେବେଳୁ ଶୋଇପଡ଼ିଥିଲା । ମା' ତାକୁ କୋଳକୁ ନେଇ ପଲଙ୍କରେ ଶୁଆଇ ଦେଲେ ।

ମୋ ଆଖିରୁ ନିଦ୍ରାଦେବୀ କେଉଁ ଆଡ଼େ ଉଭାନ୍ ହୋଇଯାଇଥାନ୍ତି । ସାରାରାତି ଖାଲି କଡ଼ ଲେଉଟାଇ ଶଯ୍ୟାରେ ଏପଟ ସେପଟ ହେଉଥାଏ । ଭାବନାର ଅନ୍ତଃସ୍ଥଳରୁ ଗୋଟିଏ ଶବ୍ଦ ବାରମ୍ବାର ପ୍ରତିଧ୍ୱନି ହୋଇ ଫେରୁଥାଏ ରା...ଧା.... ରା...ଧା ! ରାଧା

ହେଉଛନ୍ତି ମୋକ୍ଷପ୍ରାପ୍ତିର ଧାରିକା । ରାଧାଙ୍କର ଦୀପ୍ତିମୟି ଅଙ୍ଗଲତା ... ଆଉଟା ସୁନାରଙ୍ଗର ସୁବର୍ଣ୍ଣ ପ୍ରତିମା ପରି ଦେହରୁ ବତୁରି ଯାଉଥିବା ପାରିଜାତ ଫୁଲର ବାସ୍ନା ଯେମିତି ମୋର ଦେହ, ମନ, ଶେଯ, ଆତ୍ମା, ଗୋକୁଳର ପ୍ରତିଟି କୋଣ ଅନୁକୋଣରେ ସଂଚାରିତ ହୋଇଯାଇଥାଏ । ରାଧାଙ୍କର ଓଢ଼ଣି ପଣତର କୋମଳତା ମୋର ମୁହଁ, ଆଖି, ଓଠକୁ ଯେମିତି ଛୁଇଁ ଛୁଇଁ ଫରଫର ଉଡ଼ିଯାଉଥାଏ - "କାହ୍ନାରେ ! ତୋର ମୁରଲୀର ମାଦକତାଭରାସ୍ୱନରେ ମୁଁ ତ ମୂର୍ଚ୍ଛାହତ ... ଆଃ ! ମୂରଲୀ ପାଲଟି ଯାଆନ୍ତି କି" ଏଇ ଶବ୍ଦ କେତୋଟି ସବୁ ଯେମିତି ମୋ ସାମଗ୍ରିକ ଚେତନାକୁ ଛମଛମେଇ ଦେଉଥାଏ ।

"ଆଃ .... ରାଧା .... ଆସ ..... ମୋର ବଇଁଶୀସ୍ୱନରେ, ଘୁଙ୍ଗୁରର ଛମ୍‌ଛମ୍ ନିକ୍ୱଣରେ, ରିମ୍‌ଝିମ୍ ସ୍ୱରର ଲହର ଚହଟେଇ ଦିଅ । ମୋର ସ୍ୱପ୍ନପ୍ରବଣ ଯୌବନର ମନକୁ ଶିଆର ଶିଆର କରି ତମେ ଆହ୍ଲାଦିତ କରି କେରି କେରି ପ୍ରେମର ପରାଗ ବୁଣିଦିଅ । ମୋ ଆତ୍ମାର ବିଭୋରତାରେ ପ୍ରାର୍ଥନାର ସ୍ତବ ଲେଖିଦିଅ । ହେ ମୋର ଜୀବନ୍ମୟୀ, ଫୁଲର ଈଶ୍ୱରୀ ! ମାତ୍ର ଗୋଟିଏ କ୍ଷଣ, ମୁହୂର୍ତ୍ତକ ପାଇଁ ଅଟକି ଯାଅ । ମୋର ରକ୍ତରେ, ଆଙ୍ଗୁଠିରେ ଟିକେ ତୃଷିତ ମାଟିର ଅନୁଭବର ଗାରେ ଇନ୍ଦ୍ରଧନୁ ଟାଣିବାର ସାମର୍ଥ୍ୟ ଟିକକ ଦେଇଦିଅ !"

ଏମିତି ଭାବୁ ଭାବୁ କେତେବେଳେ ଯେ ମୁଁ ଶୋଇପଡ଼ିଛି, ଜାଣିନଥିଲି । ବ୍ରାହ୍ମମୁହୂର୍ତ୍ତରୁ ମତେ କେଳିନନ୍ଦ କକା ଆସି ଉଠାଇଲା ବେଳେ ଯାଇ ମୋର ତନ୍ଦ୍ରା ଭାଙ୍ଗିଲା । ବଳରାମ ଭାଇନା ଓ ଅନ୍ୟାନ୍ୟ କକା ପୁଅ ଭାଇମାନେ ଉଠି ସାରିଥିଲେ ।

ସବୁଦିନ ଭଳି ପ୍ରାତଃ ନିତ୍ୟକର୍ମ ସାରି ଉଷୁମ କ୍ଷୀରପାନ କରି ସାରି ଆମେ ସମସ୍ତେ ଘରର ଅଗଣାରେ ଆସି ପହଞ୍ଚିଲୁ । କେଳିନନ୍ଦ କକା କିଛି ସୂଚନା ଆମକୁ ଦେଲେ । ବିଶେଷଭାବରେ ଭାଇନା ଓ ମତେ ସବୁବେଳେ ପ୍ରାଧାନ୍ୟ ଦିଆଯାଉଥିଲା । ଜେଜେ, ନନ୍ଦବାବା, ମୋର ଦୁଇ ମା', ସମସ୍ତ କକା, ଖୁଡ଼ି ମତେ ଓ ଭାଇନାଙ୍କୁ ଅନ୍ୟମାନଙ୍କଠାରୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏକଥାର ଅର୍ଥ ମୁଁ ଆଦୌ ବୁଝିପାରୁନଥିଲି । ମତେ ଭଲ ଲାଗୁନଥିଲା । ବିରୋଧ କରିବାକୁ ମୁଁ ସବୁବେଳେ ଚାହୁଁଥିଲି, ମୋର ପ୍ରଶ୍ନର ଉତ୍ତର କିନ୍ତୁ ପାଉନଥିଲି । ଅନେକଥର ଭାବୁଥିଲି ବଳରାମ ଭାଇନାଙ୍କର ଦେହର ରଙ୍ଗ ରକ୍ତିମ ଗୌରବର୍ଣ୍ଣ କାହିଁକି ହୋଇଛି ? ମୋର ରଙ୍ଗ ନୀଳକଳାର ମିଶ୍ରିତ ରଙ୍ଗ କାହିଁକି ହୋଇଛି ? ମୋର ଯମୁନା ପ୍ରତି ଏତେ ଆକର୍ଷଣ କାହିଁକି ? ଯାଦବ ପୁରୋହିତ ଗର୍ଗାଚାର୍ଯ୍ୟଙ୍କର ଗୋପପୁର ବାରମ୍ବାର ଆସିବାର କାରଣ କ'ଣ ? ମଥୁରାର ମହାରାଜ ଉଗ୍ରସେନଙ୍କୁ ବନ୍ଦୀଶାଳାରେ ରଖିଥିବା ପୁତ୍ର କଂସ କାହିଁକି ଏପରି ନିର୍ଦ୍ଦୟ ହୋଇଛି ?

କଂସ ବନ୍ଦୀ କରି ରଖିଥିବା ବସୁଦେବ ଦେବକୀଙ୍କ ସହିତ ସାକ୍ଷାତ କରିବା ପାଇଁ ଇଚ୍ଛା ମୋ ମନରେ ତୀବ୍ରତର କାହିଁକି ହେଉଛି ? ମଥୁରା ଯିବାକୁ ମୋର ମନ

ଏତେ ବ୍ୟାକୁଳ କାହିଁକି ? ସବୁ ପ୍ରଶ୍ନ ବାରମ୍ବାର ମତେ ଉଦ୍ବନ୍ତ କରୁଛି ହେଲେ ତା'ର ସଠିକ୍ ଉତ୍ତର ମିଳୁନାହିଁ । ଅବଶ୍ୟ ମୁଁ ଜାଣିନି ବଳରାମ ଭାଇନାଙ୍କ ମନରେ ଏ ସବୁ ପ୍ରଶ୍ନ ଉଙ୍କିମାରୁଛି କି ନାହିଁ ?

ବ୍ରାହ୍ମମୁହୂର୍ତ୍ତରୁ କେଳିନନ୍ଦ କକା ଆମ ସବୁ ଭାଇମାନଙ୍କୁ ମୁଖିଆ ନିବାସରୁ ନେଇ ଗୋକୁଳର ବ୍ୟାୟାମଶାଳାରେ ପହଞ୍ଚିଲେ, ସେଦିନ ଗୋକୁଳ ଆହୁରି ଭଲଭାବରେ ନିଦରୁ ଉଠିନଥିଲା । ଯମୁନାର ଶୀତଳ ପବନ ଦେହମନରେ ଶୀତଳତା ଭରିଦେଉଥିଲା । ବ୍ୟାୟାମ ଶାଳାର ମଝିରେ ମଣ୍ଡଳାକାରର ଆଖଡ଼ା ଘର କରାଯାଇଥିଲା । ତଳେ ଲାଲ ମାଟି ବିଛାଯାଇଥିଲା । ମାଟିରେ ତେଲ ଓ ପାଣି ଛିଞ୍ଚାଯାଇ କୋଦାଳରେ ଗୋପମଲ୍ଲମାନେ ସମତୁଲ କରିଦେଇଥିଲେ । ସୁଦୂର ମଗଧର ପର୍ବତଶ୍ରେଣୀରୁ ଖୋଳି ଏହି ଲାଲମାଟି ନନ୍ଦବାବା ଆଖଡ଼ା ପାଇଁ ଅଣାଇଥିଲେ, ସେହି ବଡ଼ ବଡ଼ ମାଟିଟେଳା ସବୁକୁ ଛେଚିକୁଟି କୋଦାଳରେ ଉପରତଳ କରାଯାଇଥିଲା । ତା'ପରେ ଯାଇ ଆଖଡ଼ା ଚାରିଆଡ଼େ ପକାଯାଉଥିଲା ।

ନନ୍ଦବାବା ଚାରିଦିଗରୁ ବିଭିନ୍ନ ଗୁରୁକୁଳରୁ ଯଜ୍ଞଶାଳାର ପବିତ୍ର ପାଉଁଶ ଭର୍ତ୍ତି ଟୋକେଇ ଗୋପ ସେବକମାନଙ୍କ ଦ୍ୱାରା ଅଣାଇ ଆଖଡ଼ାର ଚାରିଦିଗରେ ରଖିଥିଲେ । ଆଖଡ଼ାରେ ମଲ୍ଲବିଦ୍ୟା ଅଭ୍ୟାସ କଲାପରେ ଝାଳ ସରସର ମଲ୍ଲଯୋଦ୍ଧାମାନେ ସେମାନଙ୍କର ଶରୀରରେ ଏହି ପବିତ୍ର ପାଉଁଶ ଲଗାଇ ଶୁଖାଉଥିଲେ । କାରଣ ଯଜ୍ଞକୁଣ୍ଡରେ ବିଭିନ୍ନ ଆର୍ଯୁବେଦିକ ଔଷଧି ଗୁଣଯୁକ୍ତ ଚେରମୂଳି, ଗଛର ଛାଲି, କାଠ ପ୍ରଭୃତି ପୋଡ଼ାଯାଇଥିଲା । ସେହି ପାଉଁଶର ଔଷଧୀୟଗୁଣ ଦେହପାଇଁ ରୋଗ ପ୍ରତିଷେଧକୀ ଭାବରେ କାର୍ଯ୍ୟ କରୁଥିଲା । ଯାହାଫଳରେ ମଲ୍ଲମାନେ ନିରୋଗ, ସୁସ୍ଥ ଓ ସବଳ ରହୁଥିଲେ ।

ବ୍ୟାୟାମଶାଳାର ପ୍ରଥମ ପାର୍ଶ୍ୱରେ ଆମର ଇଷ୍ଟଦେବୀ ମାତଙ୍ଗେଶ୍ୱରୀଙ୍କର ପାଷାଣର ଏକ ବିଶାଳ ମୂର୍ତ୍ତି ପୂର୍ବଦିଗକୁ ମୁହଁ କରି ପ୍ରତିଷ୍ଠା କରାଯାଇଥିଲା । କକାଙ୍କ ନିର୍ଦ୍ଦେଶ ଅନୁସାରେ ଆମେମାନେ ମାତଙ୍ଗେଶ୍ୱରୀଙ୍କ ବନ୍ଦନା କଲୁ । କକାଙ୍କୁ ମଧ୍ୟ ପାଦସ୍ପର୍ଶ କରି ପ୍ରଣାମ କଲୁ । ବ୍ୟାୟାମ ଆରମ୍ଭ ହେଲା । ଦଣ୍ଡବୈଠକ କଲାବେଳକୁ 'ହୁଙ୍କାର' ଶବ୍ଦ ମଧ୍ୟ ଜୋର୍‌ରେ ହେଲା । ମୁଦ୍‌ଗର ବୁଲାଇବା, ମାଲଖମ୍ବକୁ ତେଲ ସରସର କରି ଚିକ୍କଣ କରାଯାଇଥାଏ । ତା'ଉପରେ ଚଢ଼ିବା ଓହ୍ଲାଇବା, ଓଜନଦାର ଲୁହା ଗୋଳାମାନଙ୍କୁ ତଳୁ ଉଠାଇ ଫିଙ୍ଗିବା ପ୍ରଭୃତି ଶବ୍ଦରେ ବ୍ୟାୟାମଶାଳା ଗହକି ଉଠିଲା । ଆମ ଦେହ ସାରା ସରସର ଝାଳ କପାଳରୁ, ହାତରୁ, ପେଣ୍ଡାରୁ ତଳେ ନିଗିଡ଼ି ପଡୁଥାଏ । କିନ୍ତୁ ଆମ ଉତ୍ସାହ ଟିକେ ହେଲେ ଊଣା ନଥାଏ ।

ଆମର ଶରୀର ସବୁ ବ୍ୟାୟାମ ଫଳରେ ସତେଜ ହୋଇଗଲା କ୍ଷଣି ପଛରୁ କକା, ଭାଇନା ଓ ମତେ ଏକାସଙ୍ଗରେ ଆଖଡ଼ା ଭିତରକୁ ଠେଲି ଦେଲେ । ସେ ନିଜେ ମଧ୍ୟ ଆଖଡ଼ା ଭିତରକୁ ଓହ୍ଲାଇ ପଡ଼ିଲେ । ତାଙ୍କ ପଛେ ପଛେ ଆମର ଅନ୍ୟ ସାଙ୍ଗମାନେ ମଧ୍ୟ ସେଠାକୁ ଆସିଗଲେ, ଗେରୁ ରଙ୍ଗର ଧୋତିକୁ କଚ୍ଛା ପରି ପଛପଟେ ଖୋସି ଦେଇ 'କକ୍ଷାବନ୍ଧନ' କୌଶଳ ଲଢ଼ିବା ପାଇଁ ଆମେ ପ୍ରସ୍ତୁତ ହୋଇଗଲୁ । ଦୁଇଜଣ ଲେଖାଏଁ କାନ୍ଧ ସହିତ ବାହୁକୁ ବାହୁ ଛନ୍ଦି, ମୁହାଁମୁହିଁ ହୋଇ ଲଢ଼ିବା ଆରମ୍ଭ କରୁ । କେଳିନନ୍ଦ କକା ମୋର ବେକଶଣ୍ଢା ଉପରେ ହାତ ଦେଇ ବଳପୂର୍ବକ ଝଟ୍‌କା ଦିଅନ୍ତି । ମୁଁ ଲଢ଼ଖଡ଼ ହୋଇ ତଳେ ଧଡ଼ାମ୍ କରି ପଡ଼ିଯାଉଥାଏ । ଭାଇନାଙ୍କୁ ମଧ୍ୟ ମୋ ଭଳି ତଳେ ପକାଇଦିଅନ୍ତି । ନାକ ମୁହଁରେ ପଶିଯାଇଥିବା ଲାଲମାଟିକୁ ଝାଡ଼ିଝୁଡ଼ି ଆମେ ଠିଆ ହେଲାବେଳକୁ କକା ପୁଣି ପ୍ରବଳ ବେଗରେ ମୋର କାନପଟିପାଖରେ ଶକ୍ତ ଚଟକଣାଟିଏ ମାରନ୍ତି, ସେହି ଶକ୍ତିଶାଳୀ ଥାପଡ଼ର ମାଡ଼ରେ ମୋର ଆଖି ବୁଜିହୋଇଯାଏ । ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା ଭଳି ମତେ ଲାଗେ । ସବୁ ଯେମିତି ଘନଘୋର ଅନ୍ଧାର ମୋ ମୁଣ୍ଡ ଉପରେ ଚକ୍ରାକାରରେ ଘୂରିଲାଭଳି ମନେ ହେଉଥିଲା । ସେହି ଘୂରିବା ଭିତରେ ମୋ ଆଖି ଆଗରେ କିଛି ମୁହୂର୍ତ୍ତ ପାଇଁ ଯଶୋଦା ଓ ରୋହିଣୀ ମା'ଙ୍କର ସାତ୍ତ୍ୱିକ ମୁଖମଣ୍ଡଳ ବି ଦେଖାଗଲା । ଏକ ଅବିସ୍ମରଣୀୟ ଅନୁଭବ ଥିଲା ସେଦିନ । ନିଜର ବେକକୁ ବାମଡାହାଣକୁ ବୁଲାଇ ମୁଁ ବଡ଼କଷ୍ଟରେ ଛିଡ଼ା ହେଲି । ସେଇଠୁ ମୋ ପଛରୁ କକା ନିଜର ସଶକ୍ତ ଗୋଡ଼ରେ ମୋର ପେଣ୍ଡାକୁ ଖୁବ୍ ବେଗରେ ଆଘାତ କଲେ । ଓଃ.. ଛଟପଟ ହୋଇ ମୁଁ ମାଟି ଉପରେ ମୁହଁମାଡ଼ି ପଡ଼ିଲି । କିଛିକ୍ଷଣପରେ କକା ମୋ ନିକଟକୁ ଆସି ସ୍ନେହରେ ମୋର କାନ୍ଧକୁ ଥାପୁଡ଼ାଇ ଦେଇ ମତେ ତଳୁ ଉଠାଇଦେଇ, କହିଲେ, "କାହ୍ନା ! ଯମୁନାରେ ଡେଇଁ କୁଦି ତୁମେ ପହଁରା ତ ଶିଖିଯାଇଛ । ହେଲେ, ଏଠାରେ ସେ କୌଶଳ କାମ ଦେବ ନାହିଁ, ଏହା ମଲ୍ଲବିଦ୍ୟା, ତୁମକୁ ପ୍ରଥମେ ଏହି ମାଟିର ନଦୀରେ ପହଁରି ନିଜ ଭିତରର ଭୟକୁ ଲୋପ କରିବାକୁ ହେବ । ସେଥିପାଇଁ ହୃଦୟକୁ ଦୃଢ଼ କରିବାକୁ ହେବ । ତେଣୁ ମୁଁ ପ୍ରାଥମିକ ପର୍ଯ୍ୟାୟରୁ ହିଁ ତୁମ ଉପରେ କଠୋର ଆଘାତ କଲି । ଏପରି ଆଘାତ ତମକୁ ଏଥର ପ୍ରତିଦିନ ସହିବାକୁ ପଡ଼ିବ । ଏମିତି ପ୍ରଚଣ୍ଡ ପ୍ରହାର ଯେଉଁଦିନ ତୁମେ ତୁମର ପ୍ରତିଦ୍ୱନ୍ଦ୍ୱୀ ଉପରେ ହାଣିପାରିବ, ସେତେବେଳେ ଯାଇ ତୁମେ ବାସ୍ତବରେ ଦକ୍ଷ ମଲ୍ଲ ହୋଇପାରିବ । ହେଲେ ଚିନ୍ତା କରି କୁହ, ତୁମେ ଏଥିପାଇଁ ପ୍ରସ୍ତୁତ କି ନୁହଁ ।"

ମୋ ହାତକୁ କକା ଅତ୍ୟନ୍ତ ସ୍ନେହରେ ଚାପି ଦେଲେ । ମୁଁ ମଧ୍ୟ ସମ ପ୍ରେମରେ ତାଙ୍କ ହାତକୁ ଜାବୁଡ଼ିଧରି ନିର୍ଭୀକ ନିର୍ଲିପ୍ତ ହସ ଡୋଳି କହିଲି, "ମୁଁ ସର୍ବଦା ପ୍ରସ୍ତୁତ ଅଛି, କେଳିକକା ।"

ସେ ତଳୁ ଲାଲମାଟି ନେଇ ମତେ ଓ ଭାଇନାଙ୍କ ହାତରେ ଦେଇ ଲଢ଼ିବା ପାଇଁ ଆହ୍ୱାନ ଦେଲେ, ଆମର ବାହୁମାନଙ୍କୁ ଠୁକାଇ ଦେଇ ଆମ ଦୁହିଁଙ୍କୁ ଲଢ଼ିବା ପାଇଁ ପ୍ରଲୋଭିତ କଲେ । କେଳିନନ୍ଦ କକା ନିଜର ବାହୁକୁ ଥାପୁଡ଼େଇ ଆଖିରେ ସଙ୍କେତ ଦେଲେ । ଆମେ ମଧ ଅନୁରୂପ ଅଭିନୟ କଲୁ । ଆମେ ଏଥର କେହି କାହାର ଭାଇବନ୍ଧୁ ନଥିଲୁ । ଆମର ସାଙ୍ଗମାନେ ମଧ ଅନୁରୂପ ଉତ୍ସାହରେ ପରସ୍ପରର ବାହୁକୁ ଥାପୁଡ଼େଇଲେ ।

ପ୍ରବଳ ଉତ୍ସାହ ଓ ଶକ୍ତିର ପ୍ରଦର୍ଶନରେ ବ୍ୟାୟାମଶାଳାର ଚତୁର୍ଦ୍ଦିଗ ଧଡ଼ାଧଡ଼ ଫଟାଫଟ ଶବ୍ଦରେ ପ୍ରକମ୍ପିତ ହେଲା । କେତେକ୍ଷଣ ଯାଏଁ ମୁଁ ଓ ଭାଇନା ଏକ ଅପରର ମୁଣ୍ଡକୁ ଭିଡ଼ାଭିଡ଼ି କରି, ଦାନ୍ତ କଟମଟ କରି ଲଢ଼ିଲୁ । ମଝି ମଝିରେ କକା ଆମକୁ ମଲ୍ଲ ବିଦ୍ୟାର କୀଳବଜ୍ରନିପାତ, ଅବରୋଧ, ବାହୁକଣ୍ଟକ ତଥା ଅନ୍ୟାନ୍ୟ ଜଟିଳ କୌଶଳ ଗୁଡ଼ିକ ଶିଖାଇବା ସହିତ ତାହାର ସୂକ୍ଷ୍ମତା ବୁଝାଇଦେଲେ । ଆମେ ଅଭିଭୂତ ହେଲା ପରି କେତେବେଳ ଯାଏଁ ପରସ୍ପରକୁ ଭିଡ଼ି ଗଡ଼ାଗଡ଼ି ହେଉଥାଉ । ଆମ ଦେହରୁ ସ୍ୱେଦଧାରା ବୋହି ତଳେ ପଡୁଥାଏ । ଏ ଭିତରେ କେହି ଜଣେ ଆମ ଦୁହିଁଙ୍କ ଉପରେ ପବିତ୍ର ପାଉଁଶ ପକାଇ ଦେଲା । ଦେହରେ ଆଗରୁ ଲାଗିଥିବା ଲାଲମାଟି, ପାଉଁଶ ସବୁ ମିଶି ଆମ ମୁହଁକୁ ବଡ଼ କୌତୁକିଆ କରିଦେଇଥାଏ ।

ମୋ ଦେହର ରଙ୍ଗ ଶ୍ୟାମଳ ହୋଇଥିବାବେଳେ ସେଥିରେ ପାଉଁଶ ବୋଳା ହେବାରୁ ମୁଁ କଳାରାତ୍ରିର କଙ୍କାଭୂତ ଭଳି ଦେଖାଗଲି । ଯଦି ମା' ମାତେ ଏବେ ଦେଖନ୍ତେ ନା ତା' ହେଲେ ଡରି ଯାଇଥାନ୍ତେ । ପ୍ରାୟ ଦେଢ଼ ଘଣ୍ଟା ପରେ କେଳି ନନ୍ଦକକା ବ୍ୟାୟାମ ସମାପ୍ତିର ଘୋଷଣା କଲେ । ଭାଇନା ହାଲିଆ ହୋଇ ମୋର କକାପୁଅ ଭାଇମାନଙ୍କ ସହିତ ନିଶ୍ଚେଷ୍ଟ ହୋଇ ତଳେ ଶୋଇପଡ଼ିଥାନ୍ତି । ମୁଁ ମଧ ଆଖଡ଼ା ମଝିରେ ଝାଳରେ ବୁଡ଼ି ପଡ଼ିଥାଏ । ମୋର ଓ ଭାଇନାଙ୍କ ସ୍ୱେଦସିକ୍ତ ଦେହରେ ଲାଗିଥିବା ମାଟି ପାଉଁଶକୁ କକା ଯତ୍ନର ସହିତ ପୋଛି ବାହାର କରିଦେଲେ ।

ଜମାରୁ ହାତ ପାଦ ହଲାଇବାକୁ ଇଚ୍ଛା ହେଉନଥାଏ । ବେଶୀ ମନେପଡୁଥାଏ ଯମୁନାର କହିଥିବା ସେଇ କଥାପଦକ 'ଜଳ ହିଁ ଜୀବନର ଆଧାର' । ସତରେ 'ଜଳ' ଜୀବନରେ କେତେ ଜରୁରୀ, ସେ କଥା ଭାବୁଥାଏ ମୁଁ । ଯମୁନାରେ ଆଗ ପହଁରାରେ ପହଁରୁ ଥିଲାବେଳେ ସୂର୍ଯ୍ୟଙ୍କୁ ଏକାଗ୍ର ଚିତ୍ତରେ ଦେଖି ମୁଁ ଜାଣିପାରିଥିଲି, ସୂର୍ଯ୍ୟଙ୍କର ତେଜରେ କି ବିସ୍ଫୋରକ ଶକ୍ତି ଅଛି । ବର୍ତ୍ତମାନ ଆଖଡ଼ାରେ ମଲ୍ଲବିଦ୍ୟା ଶିଖିଲାବେଳେ ଜାଣିପାରୁଛି, ମାଟିର ମୂଲ୍ୟ କ'ଣ ? ମାଟି କେତେ ଉପଯୋଗୀ ମଣିଷର ଜୀବନଧାରଣ କରିବା ପାଇଁ । ପ୍ରକୃତି ଅସରା ଭାବରେ, ଅକୃପଣ ଭାବରେ କେମିତି ସବୁ ଅଜାଡ଼ି ଦେଇଛି ।

ଗୋକୁଳରେ ମୋର ଦିନଗୁଡ଼ିକ ଯେମିତି ଆଖି ପିଛୁଳାକେ ସରିଯାଉଥାଏ । ଗୋକୁଳର ପ୍ରତ୍ୟେକ କୋଣ ଅନୁକୋଣ ମୋ ଦୃଷ୍ଟିରୁ ବାଦ୍ ଯାଇନଥାଏ । ଗୋକୁଳର ଏମିତି କାହାର ଘରର କ୍ଷୀର ଦହି ସଂଚିତ ଭଣ୍ଡାର କୋଠରୀକୁ ମୁଁ, ଭାଇନା ଓ ମୋର କେତେଜଣ ବିଶ୍ୱସ୍ତ ସଖାମାନଙ୍କ ସହିତ ଯାଇ ଆବିଷ୍କାର ବା ସନ୍ଧାନ ନ କରିଛୁ, ଏମିତି କିଛି ନଥିଲା । ଆମ ଘରେ କ୍ଷୀର, ଦହି, ସର, ଲବଣୀର ପ୍ରଚୁରତା ସତ୍ତ୍ୱେ ମୁଁ ସଖାମାନଙ୍କ ସହିତ ସମସ୍ତଙ୍କ ଘରୁ କ୍ଷୀର, ଲବଣୀ ଚୋରାଇ ନେଇ ଖାଉଥିଲି । ମୁଁ ଏମିତି ଭାବିବାର କାରଣ ହେଲା ଗୋକୁଳର ସମସ୍ତ ଘର ଆମ ନିଜର ଭଳି ଲାଗୁଥିଲା । ପର ଆପଣାର ସଂକୀର୍ଣ୍ଣ ଭେଦଭାବ ସେଠି ନଥିଲା । ମୁଁ ସମସ୍ତଙ୍କୁ ଭଲପାଉଥିଲି ପ୍ରାଣଭରି । ସେମାନେ ମଧ୍ୟ ଅନୁରୂପ ଭଲପାଉଥିଲେ । ଗୋକୁଳର ଗୋଟିଏ ମଧ୍ୟ ପରିବାର ମୋର ଅପରିଚିତ ନଥିଲେ । ତେଣୁ ଗୋକୁଳର ପୁଅ ଝିଅମାନେ ମୋର ଜକାଝିଅ ଭାଇଭଉଣୀ ଭଳି ଆତ୍ମୀୟ ମନେ ହେଉଥିଲେ । ସୁଭଦ୍ରାକୁ ଯେମିତି ଭଲପାଉଥିଲି, ସେମିତି ଏମାନଙ୍କୁ ସ୍ନେହ କରୁଥିଲି । ମୋର ଓ ଭାଇନାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମର ସଖାମଣ୍ଡଳୀ ନିତ୍ୟ ନିୟମିତ ଅନେକ ପ୍ରକାର ହଟଚମଟ ଖେଳ ସବୁଦିନ ଗୋକୁଳରେ ଖେଳୁଥିଲୁ ।

ଆମେ ଅନେକପ୍ରକାର ଉପାୟ ବାହାର କରୁଥିଲୁ । ମିଛ କାହାଣୀ ବର୍ଣ୍ଣନା କରି ଗୋପୀମାନଙ୍କୁ ସେମାନଙ୍କ ଘରୁ ବାହାର କରି ଆଣୁଥିଲୁ । ସେମାନେ ଚାଲିଗଲା ପରେ ଘରେ ପଶି ସବୁ ଦୁଧ, ଦହି, ସର, ଲବଣୀ ଖାଉଥିଲୁ । ଦିନେ ଦିନେ ଆମ ଭିତରୁ ଜଣେ ଦୌଡ଼ି ଯାଇ ଜଣକ ଘରକୁ ଯାଇ କାନ୍ଦ କାନ୍ଦ ସ୍ୱରରେ କହୁଥିଲା, "ମାଉସୀ ! ଆପଣଙ୍କର ପ୍ରାଣପ୍ରିୟ ପତି ଯମୁନା କୂଳରେ ଥିବା ଉଚ୍ଚାଗଛରୁ ତଳେ ପଡ଼ିଯାଇଛନ୍ତି ।" ପୁଣି ଆଉଜଣେ ଯାଇ କାହାକୁ କହୁଥିଲା, "ଖୁଡ଼ି ! ତୁମର ଗେହ୍ଲାପୁଅ ଯମୁନାରେ ପଡ଼ିଯାଇଛି ।" ଏମିତି କେତେ କ'ଣ । ଗୋପୀମାନେ ଭୟଭୀତ ହୋଇ ଚିତ୍କାର କରି କାନ୍ଦି କାନ୍ଦି ଛାତି ପିଟି ପିଟି ଯମୁନା ଆଡ଼କୁ ଦୌଡ଼ିଯାଉଥିଲେ । ଘରଦ୍ୱାର ଖୋଲା ଛାଡ଼ି ଦେଉଥିଲେ । ତା'ପରେ ଦେଖ ମଜା । ସେମାନଙ୍କ ଘରେ ଥିବା ଥାକଥାକ କ୍ଷୀର, ଦହି, ଲବଣୀର ମାଟି ହାଣ୍ଡି ସବୁ ଓହଳା ହୋଇଥାଏ । ହାତ ନ ପାଇଲେ ଆମେ ଗୋଠବାଡ଼ିରେ ସବା ଉପରୁ ମାଠିଆକୁ ଧୀରେକିନା ଠୁକାଇ ଦେଉଥିଲୁ । ଯେମିତି କ୍ଷୀର ଧାର ସିଧା ଆସି ଆମ ପାଟିରେ ପଡ଼ିବ । ଯଦି ଶିକା ଆହୁରି ବେଶୀ ଉଚ୍ଚା ହୋଇଥିବ, ତେବେ ତଳେ ଦୁଇଜଣ ସାଥୀକୁ ପିଠି ଭାଙ୍ଗି ବସାଉଥିଲୁ । ତା'ପରେ ଜଣକ ଉପରେ ଜଣେ ବସି ଯାଉଥିଲେ । ମୁଁ ଓ ଭାଇନା ସିଢ଼ିରେ ଚଢ଼ି ଉପର ଶିକାରୁ ରାବିଡ଼ି, ଲହୁଣୀ ହାତ ପୂରାଇ ଆଣୁଥିଲୁ, ସାଙ୍ଗମାନଙ୍କୁ ଦେଉଥିଲୁ ଓ ନିଜେ ଖାଉଥିଲୁ ।

ଆମେ ମଜା ଦେଖିବାକୁ ଆହୁରି ଅନେକ ଦୁଷ୍ଟାମୀ କରୁଥିଲୁ । ଖରାଦିନରେ ଗରମ ଯୋଗୁଁ ଘର ଅଗଣାରେ ପତିପତ୍ନୀ ମସିଣାରେ ଶୋଉଥାନ୍ତି । ମୁଁ ଓ ଭାଇନା ଚୁପ୍‌କିନା ତାଙ୍କ ଘରକୁ ଯାଇ ପତିର ଲମ୍ବାଦାଢ଼ିର ବାଳ ସହିତ ପତ୍ନୀଙ୍କର ଲମ୍ବା ମୋଟା ବେଣୀକୁ ଏକତ୍ର କରି ବାନ୍ଧି ଦେଉଥିଲୁ । ପୁଣି ଆଉ କେତେଜଣ ସାଙ୍ଗ ଯଦି କେହି ଗୋପପୁରୁଷ ଖୁବ୍ ଜୋର୍‌ରେ ଘୁଙ୍ଗୁଡ଼ି ମାରୁଥିଲେ, ସେମାନଙ୍କୁ ଶେଯ ସହିତ ଆମ ପୂର୍ବ ପଟ ଦ୍ୱାର ପାଖରେ ନେଇ ରଖିଦେଉଥିଲୁ । ଆମର ଉତ୍ପାତ, ବଦ୍‌ମାସୀ ଯୋଗୁଁ ଗୋପପୁରବାସୀ ସମସ୍ତେ ଅସ୍ତବ୍ୟସ୍ତ ହୋଇପଡୁଥାନ୍ତି । ପ୍ରତିଦିନ ମା'ଙ୍କ ନିକଟରେ ଆମ ଘର ସମ୍ମୁଖରେ ଅଭିଆଡ଼ି ଅବିବାହିତା ଯୁବତୀ, ବିବାହିତା, ମଧ୍ୟବୟସ୍କା, ବୟସ୍କା, ପ୍ରୌଢ଼ା ଗୋପୀମାନଙ୍କର ଗୋଷ୍ଠୀ ରାଗିମାଗି କରି ଆସି ମୋର ଓ ଭାଇନାଙ୍କ ବିରୁଦ୍ଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ମେଲାଇ ଦେଉଥିଲେ ।

ମୁଖିଆ ନିବାସ ଗୋପନାରୀମାନଙ୍କର କୋଳାହଳରେ ହୁଲୁସ୍ଥୁଲୁ, ଉଛୁଳି ଉଠୁଥିଲା । ସେମାନଙ୍କ ଭିତରୁ କେତେଜଣ ଜୋର୍‌ରେ ଚିତ୍କାର କରୁଥିଲେ - "ଆଗୋ ଯଶୋଦା .... ରୋହିଣୀ ! କ'ଣ ତମ ଦିହିଁଙ୍କ କାନ ବଧିର ହୋଇଗଲା କି ? ଆମେ ଗୋକୁଳରେ ଏଣିକି ଆଉ ରହିପାରିବୁ ନାହିଁ । ଏଥର ମୁହଁ କଳା କରି ଆମକୁ କେଉଁଠି ଲୁଚିବାକୁ ହେବ । ତୁମେ ତୁମର ପିଲାମାନଙ୍କୁ କାହିଁକି ଆକଟ କରୁନାହଁ ? ତୁମର ବେଶୀ ଆଦର ଗେଲରେ ପିଲାଗୁଡ଼ାକ ନଷ୍ଟ ହୋଇଗଲେଣି । ତୁମେ ବେଶୀ ମୁହଁ ଦେଇଛ । ତୁମ କାହ୍ନା ଆଉ ବଳରାମଙ୍କ ଜ୍ୱାଳାରେ ଆମେ ଆଉ ଘରେ ରହିପାରିବୁ ନାହିଁ ।

ଏମିତି କେତେ କ'ଣ ଅଭିଯୋଗ । ଆମର ଦୁଇ ମାଆ ଗୋପୀମାନଙ୍କୁ କାକୁତି ମିନତି ହୋଇ ଯୋଡ଼ହସ୍ତରେ କ୍ଷମା ମାଗି ବୁଝାଇ ବୁଝାଇ ଥକି ପଡୁଥିଲେ । କେବେ କେବେ ନ ପାରିଲେ ମା' କହୁଥିଲେ, "ମୁଁ ଆଉ ପାରୁ ନାହିଁ । ଏଥର ରାମବଳରାମକୁ ଗୋକୁଳରୁ ବାହାର କରି ଅନ୍ୟ କେଉଁଆଡ଼େ ପଠାଇଦେବି । ଆମେ ବି ଏମାନଙ୍କର ଦୁଷ୍ଟାମୀରେ ଅତିଷ୍ଠ ହୋଇଗଲୁଣି ।"

ମା'ଙ୍କ ଲୁହ ସରସର ମୁହଁରେ ଏଭଳି କଥା ଶୁଣି ଗୋପୀମାନେ ଏକାଥରକେ ନରମି ଯାଉଥିଲେ । ତା'ପରେ ପୁଣି ମା'ଙ୍କୁ ସାନ ମା'ଙ୍କୁ ବୁଝାଇ କହୁଥିଲେ; "ନା ଯଶୋଦା ... ରୋହିଣୀ ଏମିତି ଆମେ କହିନଥିଲୁ, ଖାଲି ପିଲାମାନଙ୍କୁ ଆକଟ କରିବାକୁ କହିବାକୁ ବାଧ୍ୟହେଲୁ ।"

ଅଭିଯୋଗକାରିଣୀ ଗୋପାଲୁଣୀମାନେ ଆମ ମା' ଦୁହିଁଙ୍କଠାରୁ ଦହି, ସରବତ ପିଇ ମାଇପି ସୁଲଭ ଯାବତୀୟ ଆଳାପ କରି ହସି ହସି ନିଜଘରକୁ ଫେରିଯାଉଥିଲେ । ଆମେ

ଦୁଇଭାଇ ଘରର ଭିତର ପଟ କବାଟ କୋଣରେ ଥାଇ ସେମାନଙ୍କ କଥା ଶୁଣୁଥାଉ । ଆମ ବିରୁଦ୍ଧରେ ଅଭିଯୋଗ ବାଢ଼ୁଥିବା ସେଇ ଗୋପାଳୁଣୀ ମାନେ କେତେ ନିରୀହ ନିଷ୍ପାପ ଦେଖାଯାଉଥିଲେ ସତରେ । ଆମର ଦୁଷ୍ଟାମୀ ସେମାନଙ୍କୁ କଷ୍ଟ ଦେଉଥିଲେ ହେଁ ନିର୍ମଳ ପ୍ରେମ କିନ୍ତୁ, ସେମାନଙ୍କ ହୃଦୟରେ ଭରି ରହିଥିଲା ।

ଦିନେ ଦିନେ ଗୋଟିଏ ଭୟଙ୍କର ଅଭିଯୋଗ ନେଇ ରାଧାଙ୍କର ସ୍ୱାମୀ ଚନ୍ଦ୍ରସେଣା ଆମ ଘରକୁ ଆସୁଥିଲା । ରାଗରେ ହାତପାଦ କଚାଡ଼ି, ଗୋଠବାଡ଼ିକୁ ଆମ ମୁଖିଆ ନିବାସର ବଡ଼ ପିଣ୍ଡା ଚଟାଣରେ ପିଟି ପିଟି, ଦାନ୍ତ କଡ଼କଡ଼ କରି କହୁଥାଏ, "ତମର ଏହି କୁପୁତ୍ର କୃଷ୍ଣ ମୋର ଜୀବନ ନଷ୍ଟ କରିଦେଲା । ମୋର ଦିଣ୍ଡା, ଭୁଆସୁଣୀ ପତ୍ନୀକୁ ତା'ର ମୁରଲୀର ସ୍ୱରରେ ବାୟା ବାତୁଳ କରି ସମ୍ପୂର୍ଣ୍ଣ ବଶକରିଦେଲାଣି । ନନ୍ଦବାବା ! ମୋର ସହିବାର ସୀମା ବୋଲି ଆଉ କିଛି ନାହିଁ । ତୁମେ ତୁମ ପୁତ୍ରକୁ ଠିକ୍ ଠିକ୍‌ରେ ରଖ । ଏଣିକି ମୁଁ ଆଉ ତାକୁ ଛାଡ଼ିବିନି, ଦିନେ ଜାଣିବ, ତୁମ ପୁଅକୁ ଯମୁନାରେ ଫିଙ୍ଗି ଦେବି ଆଉ ରାଧାକୁ ତା' ବାପଘର ଅରଷ୍ଟିଗ୍ରାମ ପଠାଇ ଦେବି । ଦେଖିବି କିଏ ମୋର କ'ଣ କରିବ ?"

ମା' ଘର ଭିତରୁ ଦଉଡ଼ି ଆସି କହୁଥିଲେ, "ଏମିତି କ'ଣ କହୁଛ ଚନ୍ଦ୍ରସେଣା ! ତୁମ ସ୍ତ୍ରୀ ରାଧା କେତେବଡ଼, ମୋ କାହ୍ନା ଏତେ ଛୋଟ ପିଲାଟା, କି ଅନିଷ୍ଟ କଥା ତମେ କହୁଛ ବା ! ଆମେ କ'ଣ କରିବୁ ଯେ । ତମେ ନିଜ ପତ୍ନୀକୁ ଆକଟ କରୁନ ! ମୋ କାହ୍ନା ଉପରେ କାହିଁକି ଦୋଷ ନଦି ଦେଉଛ ? ଆମେ ତ କେହି ତାକୁ ପାରୁନୁ । ସେ ଆମକଥା ଜମା ଶୁଣୁନି । ହଁ । ତମେ ଚାହିଁଲେ ତାକୁ ଯମୁନାରେ ଫିଙ୍ଗି ଦେବ ସିନା, ଆମେ କିଛି କରିପାରିବୁ ନାହିଁ ।

ମିଛିମିଛିକା ରାଗ ଦେଖାଇ ମା' ଘର ଅଗଣାକୁ ଚାଲିଯାନ୍ତି । ଗୁଜୁଗୁଜୁ ହୋଇ ଚନ୍ଦ୍ରସେଣା ମନକୁମନ ମତେ ଗାଳି ଦେଇ ଫେରିଯାଏ, "ବଦ୍‌ମାସ ଦୁଷ୍ଟ କାଳିଆଟା । ଇଜ୍ଜତ ମହତ ବୋଲି ଯାହା କିଛି ଥିଲା ମୋର, ସବୁ ସାରିଦେଲା ।"

ମା' ପୁଣିଥରେ ବାହାରକୁ ଆସି ଦେଖନ୍ତି ଚନ୍ଦ୍ରସେଣା ଯାଇଛି କି ନାହିଁ । ତା'ର ଚିହ୍ନବର୍ଣ୍ଣ ସେଠାରେ ନ ଜଣାପଡ଼ିବାରୁ ମା' କାନିପଣତରେ ହସକୁ ଚାପି ସାନମା'ଙ୍କୁ କହୁଥିଲେ, "ବଡ଼ ଅଦ୍ଭୁତ ଏ ରାଧାର ସ୍ୱାମୀ ଚନ୍ଦ୍ରସେଣାଟା । ମୋ ପୁଅକୁ କହୁଛି, ରାଧାକୁ ବାୟାଣୀ କରିଛି ବୋଲି । ପୁଣି କହୁଛି ଯମୁନାରେ ଫିଙ୍ଗିଦେବ । ଯଦି ଇଏ ଶହେଥର ମୋ କାହ୍ନାକୁ ଯମୁନା ପାଣିକୁ ଫିଙ୍ଗିବ ସେତିକିଥର ସେ ପହଁରି ପହଁରି ପଳାଇ ଆସିବ । ନିଇତି ପରା ସେ ଦିନସାରା ଯମୁନା ପାଣିରେ ବୁଡୁଛି, ବାହାରୁଛି । ସାନମା ମଧ୍ୟ ମା'ଙ୍କ କଥାରେ ହସି ଦିଅନ୍ତି । ଏମିତି ମୋର ହସଖୁସିର କିଶୋର ଜୀବନ ଅତିବାହିତ ହେବାରେ ଲାଗିଲା ।

ଯମୁନା କୂଳର ବାଲିରେ ମୋର ଓ ଭାଇନାଙ୍କର ପଦଚିହ୍ନ ଯେମିତି ସବୁଦିନ ପାଇଁ ଆଙ୍କି ହୋଇ ରହିଯାଇଥାଏ । ବିଶାଳ ଗୋଚରଣ ଭୂଇଁର ପ୍ରତିଟି ଘାସ, ଲତା ପତ୍ର ଦେହରେ ଆମର ଘନିଷ୍ଠ ସ୍ପର୍ଶ ବୋଲି ହୋଇରହିଥାଏ ।

ସତରେ ଅର୍ଜୁନ ! ଗୋକୁଳର ସୌନ୍ଦର୍ଯ୍ୟମୟୀ ନିରୀହତା, ବର୍ଷା ଭିଜା ଓଦା ମାଟିର ଗନ୍ଧ, ଫୁଲଫୁଟିବା ପୁଣି ମଉଳିବାର ମହୋତ୍ସବ, ଅଜଣା ଆବେଗରେ ମୁଗ୍ଧ ହେଉଥିବା ମୋର ସ୍ୱପ୍ନପ୍ରବଣ କୈଶୋର ଅବିସ୍ମରଣୀୟ, ଅନନ୍ୟ । ତମକୁ ସବୁବେଳେ କହିଛି ନା ଗୋକୁଳରେ ମୋର ହୃଦୟ ରହିଯାଇଛି । ପ୍ରକୃତିକୁ ନିବିଡ଼ଭାବରେ ଅନୁଭବ କରିବାର ମହାର୍ଘ ମୁହୂର୍ତ୍ତ ସେଠି ମୁଁ ପାଇଥିଲି, ଅନନ୍ତ ନୀଳ ଆକାଶ ତଳେ ଅର୍ଜୁନ ! ଅସୁମାରୀ ଖେଳ ମୁଁ ଖେଳିଛି ଭାଇନା ଓ ସାଙ୍ଗମାନଙ୍କ ସାଙ୍ଗରେ । ସେ ଅନ୍ତରଙ୍ଗ ଖେଳମାନଙ୍କର କୌଣସି ସୀମା ନାହିଁ କି ଅନ୍ତ ନାହିଁ । ଆକାଶରେ ଉଡ଼ିଯାଉଥିବା ପକ୍ଷୀମାନଙ୍କର ଛାଇ ଯମୁନାର ବାଲି ଉପରେ ପଡ଼ିଲାବେଳେ ମୁଁ ଆଉ ବଳରାମ ଭାଇନା ସେ ଛାଇକୁ ଧରିବା ପାଇଁ କେତେଥର ଦୌଡ଼ ଲଗାଇଛୁ ଯେ ତା'ର କଳନା କରିପାରିବି ନାହିଁ ।

ଅର୍ଜୁନ ! ଆମର ଏମିତି ଅଣନିଃଶ୍ୱାସୀ ହୋଇ ଦୌଡ଼ିବା ଦେଖି ଗଛଡ଼ାଳରେ ବସିଥିବା ମାଙ୍କଡ଼ମାନେ ଆମକୁ ଚିଡ଼ାଇବାକୁ ଦାନ୍ତ ନିକୁଟି ଆମ ପଛରେ ଦୌଡୁଥିଲେ । ସେକଥା ସବୁ ମନେପଡୁଛି । ଗୁଣୁଗୁଣୁ ଗୀତର କୁହୁସ୍ୱରକୁ ଅନୁକରଣ କରିବା ପାଇଁ ଗ୍ରୀଷ୍ମ ଋତୁରେ ମୁଁ ଓ ବଳରାମ ଭାଇନା ଦେଖାଯାଉନଥିବା କୋଇଲିର କୁହୁ କୁହୁ କୁହୁ ସ୍ୱରକୁ ଉଚ୍ଚାସ୍ୱରରେ ଲହରେଇ ଗାଉଥିଲୁ ।

ମୋର ଏବେ ଜୁଇ ଜଳୁଛି ଅର୍ଜୁନ ! ସେହି ଅଶ୍ୱତ୍ଥ ଗଛରେ ବସିଛି କୋଇଲି । ସ୍ୱାଭାବିକ ନିଃସଙ୍ଗ କଣ୍ଠରେ ଗୁଣୁଗୁଣୁଉଛି କୁହୁ.... କୁହୁ । ତା'ର ପ୍ରିୟ ସାଥୀକୁ ଖୋଜୁଛି । ଆତ୍ମାର ମୃତ୍ୟୁ ନାହିଁ .... । ଶୂନ୍ୟତା ... ଅକୁହା ନୀରବତାର ଜୁଇ ଭିତରୁ କଅଁଳ ସୂର୍ଯ୍ୟର ଦିହୁଡ଼ି ଜଳୁଛି ପାର୍ଥ ! ଜହ୍ନ ରାତିର ମତୁଆଲା ବିଭୋର ପଣରେ ଜ୍ୟୋତ୍ସ୍ନାର ଶୀତଳ ପଣତରେ ରାଧାଙ୍କୁ ଟିକେ ଛୁଇଁଦେବାକୁ, ତାଙ୍କର ସ୍ୱପ୍ନାତୁରା ଓଠରେ ଚୁମ୍ବନଟିଏ ଆଙ୍କିଦେବାକୁ ଭାରି ମନହେଉଛି ପାର୍ଥ !

ଅନେକଗୁଡ଼ିଏ ବିପତ୍ତି ସାଙ୍ଗ ହୋଇ ଆମର ଗୋକୁଳରେ ପହଞ୍ଚିଗଲା । ଦିନେ ଗୋଟିଏ ଭୟଙ୍କର ବନ୍ୟ ଶାର୍ଦ୍ଦୁଳ ଆମ ଗୋଚର ଭୂମିରେ ପଶି ଗାଈମାନଙ୍କ ଉପରେ

ାକ୍ରମଣ ଆରମ୍ଭ କରିଦେଲା । ଗାଈମାନେ ଭୟରେ ଛତ୍ରଭଙ୍ଗ ଦେଇ ଇଆଡ଼େ ସିଆଡ଼େ ପ୍ରାଣ ବିକଳରେ ଦୌଡ଼ିଲେ । ସାଙ୍ଗମାନେ ମଧ୍ୟ ଭୟରେ ଦୌଡ଼ିଲାବେଳେ ଚିତ୍କାର କରିଉଠିଲେ, "ହେ କୃଷ୍ଣ, ରାମ୍ ଭାଇନା ଦୌଡ଼ି ଆସ । ଶଙ୍କୁ ଭାଇନା ଦୌଡ଼ିଆସ । ଶୀଘ୍ର ଆସ ।"

ମୁଁ ଓ ବଳରାମ ଭାଇନା ଦ୍ରୁତବେଗରେ ଦୌଡ଼ିଗଲୁ । ନିଜର ସମସ୍ତ ସାମର୍ଥ୍ୟ ଓ କୁଶଳତା ପୂର୍ବକ ମଲ୍ଲବିଦ୍ୟାର ପେଞ୍ଚ ଗୁଡ଼ିକ ଏଠାରେ ପ୍ରୟୋଗ କରି ବନ୍ୟ ଶାର୍ଦ୍ଦୂଳକୁ ଦୁଇଆଡ଼ୁ ଭିଡ଼ି ମାଡ଼ିବସିଲୁ । ବନ୍ୟ ଶାର୍ଦ୍ଦୂଳର ତଣ୍ଟିରେ ଗୋଟିଏ ଆଘାତ ଦେଲାବେଳକୁ ସେ ଶ୍ୱାସରୁଦ୍ଧ ହୋଇ ପ୍ରାଣତ୍ୟାଗ କଲା । ସେଠାରେ ଉପସ୍ଥିତ ଥିବା ଆମର ସମସ୍ତ ଗୋପସଖାମାନେ ଆନନ୍ଦରେ ଜୟଜୟକାର ଧ୍ୱନି ଦେଇ ମତେ ଓ ବଳରାମ ଭାଇନାଙ୍କୁ କାନ୍ଧରେ ଉଠାଇ ନାଚି ନାଚି ଗୋକୁଳ ଫେରିଲେ ।

ଆଉ ଦିନେ ଗୋଟିଏ ବନ୍ୟ ବାରହା, ଗାଈମାନେ ଚରିଲାବେଳେ ଆସି ଗୋଠ ଭିତରେ ପଶିଯାଇ ଆକ୍ରମଣ କଲା । ସେହି ବାରହାକୁ ମଧ୍ୟ ଆମେ ଦୁଇଭାଇ ନିର୍ଭୟତାର ସହିତ ସାମ୍ନା କରି ସେଠାରୁ ତଡ଼ିଦେଲୁ ଓ ଗାଈମାନଙ୍କୁ ନିରାପଦରେ ଗୋକୁଳ ଫେରାଇଆଣିଲୁ । ଆମର ଏହି ସବୁ ବୀରତ୍ୱ ଓ ପରାକ୍ରମର ସୂଚନା ବ୍ରଜଭୂମି ତଥା ଅନ୍ୟାନ୍ୟ ଗୋକୁଳ ଜନପଦଗୁଡ଼ିକରେ ବନ୍ୟାର ତରଙ୍ଗ ଭଳି ବ୍ୟାପୀ ଯାଇଥାଏ । ତେଣୁ ଆଖ ପାଖ ଗୋକୁଳର ଗୋପମାନେ ଆମକୁ ଦେଖିବାକୁ ଉତ୍ସୁକତାର ସହିତ ଆମ ଗ୍ରାମକୁ ଆସୁଥାନ୍ତି । ସେମାନେ ଆଗ୍ରହର ସହିତ ଜେଜେ, ନନ୍ଦବାବା ଓ ଆମର କକାମାନଙ୍କୁ ଆମ ବିଷୟରେ ବିଭିନ୍ନ ପ୍ରଶ୍ନ ସବୁ ପଚାରୁଥାନ୍ତି । ଏମିତି ଦିନ ବିତୁଥିଲା ବେଳେ ଯମୁନା ନିକଟବର୍ତ୍ତୀ ଏକ ଗଭୀର ଦହ ନିକଟରେ ଗୋଟିଏ ସାପ ଗାଈ ଓ ଗୋପମାନଙ୍କୁ ଭୟଭୀତ କରି ରଖିଥିଲା, ଏହାର ସୂଚନା ମଧ୍ୟ ଆମକୁ ମିଳି ସାରିଥିଲା ।

ଅଜଗର ଭଳି ଦୀର୍ଘକାୟ ଏକ ବିଶାଳ ସାପ । ସାପର ଫଣାର ଫୁ ଫୁ ଗର୍ଜନରେ ଆତଙ୍କିତ ହୋଇପଡ଼ିଥିଲା ଯମୁନା ନଦୀର ପଠା ଓ ନଦୀର ସୁଦୀର୍ଘକୂଳବର୍ତ୍ତୀ ଅଞ୍ଚଳ । ଦେଖିଲା ଲୋକର ଅକଲ ଗୁଡୁମ୍ ହୋଇଯାଉଥିଲା । ସେହି ଭୟଙ୍କର ସାପଟା କେତେବେଳେ ଘଞ୍ଚ ଅରଣ୍ୟରେ ତ କେତେବେଳେ ଦହଭିତରେ ଯାଇ ଲୁଚିପଡୁଥିଲା । ସାପର ଗତିବିଧିକୁ ବହୁତ ନିରୀକ୍ଷଣ କଲାପରେ ମୁଁ ଅନେକ ତଥ୍ୟ ଜାଣିପାରିଲି । ଦିନେ ସାପର ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ମୁଁ ଦହ ପାଖରେ ଯାଇ ପହଞ୍ଚିଲି । ଦହରୁ ବାହାରି ସାପ ଘଞ୍ଚ ପତ୍ର ଜଙ୍ଗଲ ଭିତରେ ଲୁଚିଗଲା । ସମ୍ଭବତଃ ସାପକୁ ଶିକାର ମିଳିଯାଇଥିଲା । ତାକୁ ଗିଳି ଦେଇ ହଜମ କରିବାରେ ସାପ ଚୁପ୍‌ଚାପ୍ ଶୋଇପଡ଼ିଥିଲା । ମତେ ସେତିକିବେଳେ ଠିକ୍ ସୁଯୋଗ

ମିଳିଯାଇଥିଲା । ମୁଁ ଅଣ୍ଟା ଖୋସଣିରୁ ଝକ୍‌ମକି ପଥର ଦୁଇଟି ବାହାର କଲି । ଝକ୍‌ମକି ପଥର ପରସ୍ପର ସହିତ ଘଷି ନିଆଁ ବାହାର କରି ଶୁଖିଲା ଘାସ, ପତ୍ର ଉପରେ ଲଗାଇଦେଲି ।

କାଠିକୁଟା, ଘାସ, ପତ୍ରରୁ ଧୂଆଁ ବାହାରିବାରେ ଲାଗିଲା । ଧୂଆଁକୁ ଫୁଙ୍କି ଫୁଙ୍କି ମୁଁ ନିଆଁକୁ ଆହୁରି ଦହକାଇଲି, କିଛିକ୍ଷଣ ମଧ୍ୟରେ ଆକାଶକୁ ଛୁଇଁଲାପରି ନିଆଁ ଜଳିଉଠିଲା । ଶୁଖିଲା ପାଗ ସହିତ ଶୁଖିଲା କାଠି, ପତର, କୁଟା, ଘାସର ସ୍ତୁପ ଭିତରୁ ବାଡ଼ବାଗ୍ନି ପରି ନିଆଁ ଜଳିଉଠିଲା । ନିଆଁର ବାଡ଼ବାନଳ ଯମୁନାନଦୀପଠାର ଗୁଳ୍ମମୟ ପତ୍ର ଜଙ୍ଗଲକୁ ବ୍ୟାପିଗଲା । କ'ଣ ହେଲା ନଦୀ ଭିତରେ, ବଣରେ କାହିଁକି ନିଆଁ ଲାଗିଗଲା ବୋଲି ଜାଣିବା ପାଇଁ ଗୋପପୁରର ସକଳ ଗୋପନରନାରୀ ଯମୁନା ନିକଟବର୍ତ୍ତୀ ଦହଆଡ଼କୁ ଦୌଡ଼ି ଆସିଲେ । ନିଆଁର ତାତିରେ ସାପ ସହ୍ୟ କରିନପାରି ଭୀଷଣ ବେଗରେ ଫୁ ଫୁକାର ଶବ୍ଦରେ ଫଣାଟେକି ସରସର ବଣ ଭିତରୁ ବାହାରି ଆସିଲା । ତା'ର ଦେହର କିଛି ଅଂଶ ନିଆଁର ସର୍ବଗ୍ରାସୀ ଜିହ୍ବାରେ ପୋଡ଼ିଯାଇଥାଏ । ଦହ କୂଳକୁ ଆସି ଜିଭ ବାହାର କରି ନିଷ୍ପ୍ରାଣ ହୋଇପଡ଼ିଗଲା ।

ଦୂରରୁ କାନ୍ଦି କାନ୍ଦି ଛାତିକୁ ପିଟି ପିଟି ମୋର ସ୍ନେହମୟୀ ମା' ଦୌଡ଼ି ଆସିଲେ । ମତେ ସୁରକ୍ଷିତ ଥିବାର ଦେଖି ଆବେଗରେ ମତେ ଆଲିଙ୍ଗନ କରିପକାଇଲେ । ମୋ ଦେହ ହାତ ଆଉଁସି ଦେଲେ, ମୋ ମୁହଁକୁ ବାରମ୍ବାର ଚୁମା ଦେଉ ଦେଉ କହିଲେ, "ମରୁ ସେ ନିଆଁଜଳା ସାପ । ଚାଲ ବାପା କାହ୍ନା ଘରକୁ ଚାଲ । ତୁ ଆଉ ଏଠି ରହନା ।"

ମା'ଙ୍କ ପଛ ପଛେ ଜେଜେ, ସାନ ମା', ନନ୍ଦବାବା, ସମସ୍ତ କକା, ଖୁଡ଼ି, ଭାଇଭଉଣୀ ଆସି ପହଞ୍ଚିଗଲେ, ମତେ ସମସ୍ତେ ଛୁଇଁ ଦେଇ ନିଜ ନିଜ ମନକୁ ଆଶ୍ବସ୍ତ କରୁଥାନ୍ତି ..... "ଯାହା ହେଉ ଆମ କାହ୍ନାର କିଛି ହୋଇନାହିଁ ।" ମୋ ସାଙ୍ଗମାନେ ମତେ କାନ୍ଧରେ ଉଠାଇ ବଡ଼ ଆନନ୍ଦରେ ଝୁଲାଇ ଝୁଲାଇ ଏକ ସ୍ଵରରେ କହିଉଠିଲେ - "ଜୟ ହେଉ, ନନ୍ଦନନ୍ଦନ କୃଷ୍ଣ କହ୍ନେଇଙ୍କର ଜୟ ହେଉ ।"

ଆନନ୍ଦ ବିଭୋର ହୋଇ, ଝୁମି ଝୁମି ବଳରାମ ଭାଇନା, ମୋର ସବୁ ସାଙ୍ଗ ସାଥୀ, ଭାଇ ଭଉଣୀ, ମୋର ଦୁଇ ମା', ଜେଜେ, ନନ୍ଦବାବା ପ୍ରମୁଖ ଗୋପପୁରକୁ ଫେରିଲେ । ଜୟ ଜୟକାର ଧ୍ଵନିରେ ଯମୁନା ଅଞ୍ଚଳ କମ୍ପି ଉଠୁଥାଏ । ଯମୁନା ନିକଟ ଦହ କୂଳରେ ଭୟଙ୍କର ସାପକୁ ମାରିବା ଘଟଣା ବିଜୁଳି ପରି ସମଗ୍ର ବ୍ରଜଭୂମିର ଗୋକୁଳ ଜନପଦ ଗୁଡ଼ିକରେ ପ୍ରଚାରିତ ହୋଇସାରିଥିଲା । ଏଥର ସବୁଦିନ ଆଖପାଖର ଗୋକୁଳ ଗୁଡ଼ିକର ଗୋପାଳମାନଙ୍କର ଭିଡ଼ ଆମର ମୁଖିଆନିବାସରେ ଏକତ୍ର ହେବାକୁ ଲାଗିଲା । ସେମାନଙ୍କର ସ୍ଵାଗତ ଅଭ୍ୟର୍ଥନା କରି କରି ମୋର ଦୁଇ ମା', ଖୁଡ଼ିମାନେ, ସେବକ ଓ ସେବିକାମାନେ କ୍ଳାନ୍ତ ହୋଇଗଲେ ।

ସେହି ଦିନଗୁଡ଼ିକ ମହା ଆନନ୍ଦ ଉଲ୍ଲାସରେ କଟିଯାଉଥାଏ । ହେଲେ ଏହି ଆନନ୍ଦ ବେଶୀଦିନ ଦୀର୍ଘସ୍ଥାୟୀ ହୋଇରହିଲା ନାହିଁ । ଆମ ଗୋପପୁର ଉପରେ ଯେମିତି କାହାର ଶେନ୍ୟ ଦୃଷ୍ଟି ପଡ଼ିଗଲା । କାରଣ ଯମୁନାତଟବର୍ତ୍ତୀ ଗୋଚର ଭୂମିରେ ଗାଈମାନଙ୍କର ଚରିବା ସମୟରେ ମହାବଳ ବାଘ, ଚିତାବାଘ ଗଧିଆ ପ୍ରଭୃତି ଦିନଦି'ପହରେ ଆକ୍ରମଣ କରି ଗୋସମ୍ପଦକୁ ଖାଇବାକୁ ଲାଗିଲେ । ଆମର ପ୍ରଶିକ୍ଷିତ ଶ୍ୱାନମାନେ ଯେତେ ଭୁକି ଭୁକି ଏମାନଙ୍କୁ ଅଡ଼େଇବାକୁ ଚେଷ୍ଟା କଲେ ବି ସେମାନେ ଡରିଲେ ନାହିଁ । ଅନେକ ସମୟରେ ଚରୁଚରୁ ଯଦି ବାଛୁରୀ ଗୁଡ଼ାକ ଟିକେ ଘଞ୍ଚ ଜଙ୍ଗଲ ଆଡ଼କୁ ପଳାଇ ଯାଉଥିଲେ, ସେତେବେଳେ ଆଗରୁ ଛକିଥିବା ବାଘମାନେ ଝପଟି କରି ବାଛୁରୀମାନଙ୍କୁ ଟେକି ନେଇ ଯାଉଥିଲେ । ଗୋଧନ ଚରାଇବାକୁ ନେଇଥିବା ଗୋପବାଳକମାନେ ଆସି ବାବାଙ୍କୁ ଏ ସମ୍ପର୍କରେ ସୂଚନା ଦେଉଥିଲେ ।

ମୋର ନିର୍ଭିକ ବାବା ଧୋତିକୁ କଛାପରି ପିନ୍ଧି ଘର କାନ୍ଥରେ ଲଗାଯାଇଥିବା ବର୍ଚ୍ଛା ଧରି କାହାକୁ ନଡ଼ାକି ବଣ ଆଡ଼କୁ ଦୌଡ଼ିଯାଉଥିଲେ । ଦୌଡୁ ଦୌଡୁ ଚିଲ୍ଲାଉଥିଲେ "ଆରେ ଦୌଡ଼ରେ ଦୌଡ଼ । ଆମର ବାଛୁରୀମାନଙ୍କୁ ବାଘ ଖାଇଗଲାରେ ।" ତାଙ୍କର ଡାକଶୁଣି ଗୋପର ଅନ୍ୟାନ୍ୟ ଗୋପାଳମାନେ ବର୍ଚ୍ଛାଧରି ତାଙ୍କୁ ଅନୁସରଣ କରୁଥିଲେ । ନନ୍ଦବାବା ଓ ମୋର ଅନ୍ୟ କକାମାନଙ୍କ ବର୍ଚ୍ଛା ଗୁଡ଼ିକର ଅଚୂକ ଲକ୍ଷ୍ୟ ଆକ୍ରମଣକାରୀ ବାଘମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିଲା । ଫଳରେ ଅନ୍ୟ ବାଘମାନେ ନିରୁପାୟ ହୋଇ ବାଛୁରୀକୁ ଛାଡ଼ି ବଣ ଭିତରକୁ ଦୌଡ଼ି ପଳାଉଥିଲେ । ଦରମରା ଆହତ ବାଛୁରୀ ମାନଙ୍କୁ ନନ୍ଦବାବା ଓ କକାମାନେ ନିଜ ହାତର ଦୋଳିରେ ଆଣି ଆମଘର ପିଣ୍ଡା ଉପରେ ରଖୁଥିଲେ, ବିଭିନ୍ନ ଜଡ଼ିବୁଟି, ବନଜାତ ଔଷଧ ଦ୍ୱାରା ସେମାନଙ୍କର ଚିକିତ୍ସା କରୁଥିଲେ । ବାବା ଓ କକାମାନଙ୍କ ଏହି ଉତ୍ସର୍ଗୀକୃତ କାର୍ଯ୍ୟରେ ମତେ ଭାରି ପ୍ରେରଣା ମିଳୁଥିଲା । ନିଜ ଜୀବନକୁ ବାଜି ଲଗେଇ ଅସହାୟପ୍ରାଣୀମାନଙ୍କୁ ସୁରକ୍ଷା ଦେବାର ପ୍ରେରଣା ମୋର ନନ୍ଦବାବା ଓ କକାମାନଙ୍କଠାରୁ ମୋର ସେଇ କୈଶୋର କାଳରେ ପ୍ରାପ୍ତ ହୋଇଥିଲା ।

ଗୋପପୁର ସୁରକ୍ଷା ପାଇଁ ଆମର ସକଳ ଉପାୟ କାର୍ଯ୍ୟକାରୀ କରାଗଲା । କିନ୍ତୁ ଯେତେ ଯାହାହେଲେ ମଧ ବାଘ, ଚିତାବାଘ, ଗଧିଆମାନଙ୍କର ଆକ୍ରମଣ ବନ୍ଦ ହେଉ ନଥିଲା । ଏହାଛଡ଼ା ଗୋପପୁରର ଆଖପାଖର ଗୋଚର ଭୂମିରେ ଘାସ ମଧ କାଳକ୍ରମେ ନିଅଣ୍ଟ ପଡୁଥିଲା । ତେଣୁ ଆମେ ସ୍ଥିର କଲୁ ଅନ୍ତତଃ ଏକବର୍ଷ ପର୍ଯ୍ୟନ୍ତ ଆମକୁ ଏହିଭୂମିକୁ ଛାଡ଼ିଦେବାକୁ ପଡ଼ିବ । ମୋର ପ୍ରାଣପ୍ରିୟ ସ୍ଥାନ, ସ୍ୱପ୍ନର ଭୂମି ଗୋପପୁରକୁ ଏହି ପ୍ରଥମ ଥର ପାଇଁ ଛାଡ଼ିଯିବାକୁ ହେବ ଭାବିଲାକ୍ଷଣି ମନଟା କେମିତି ଝାଉଁଳି ଗଲା । ସେଥିପାଇଁ

ବାବାଙ୍କ ନେତୃତ୍ୱରେ ଆମ ଘରେ ଏକ ଜରୁରୀକାଳିନ ବୈଠକ ଡକାହେଲା । ଅନୁକୂଳ ଓ ପ୍ରତିକୂଳ ସକଳ ପ୍ରକାର ଦୃଷ୍ଟିକୋଣରୁ ବିଚାରବିମର୍ଷ କରାଗଲା । ଗୋକୁଳରେ ରହୁଥିବା ଅନ୍ୟ ଶୂଦ୍ର ଶ୍ରେଣୀର ଲୋକମାନଙ୍କ ପାଇଁ ଘର - ଧନର କ'ଣ ବ୍ୟବସ୍ଥା ହେବା କଥା ସେ ସମ୍ପର୍କରେ ମଧ ଆଲୋଚନା କରାଗଲା ।

ନୂଆ ଗୋକୁଳ ସ୍ଥାପନ ପାଇଁ ଆମର ଜ୍ୟେଷ୍ଠମାନେ ବୁଲି ବୁଲି ଉପଯୁକ୍ତ ସ୍ଥାନ ଖୋଜିବାରେ ଲାଗିପଡ଼ିଲେ । ସେହି ନୂଆଁ ସ୍ଥାନର ନାମ ଦେବା ପାଇଁ ସମସ୍ତେ ମତେ ପଚାରିଲେ । ସେହି ନୂତନ ସ୍ଥାନର ଚତୁର୍ଦ୍ଦିଗରେ ଘଞ୍ଚ ଅରଣ୍ୟ ଘେରି ରହିଥିଲା, ଅତ୍ୟନ୍ତ ପ୍ରାକୃତିକ ରମଣୀୟ ସୌନ୍ଦର୍ଯ୍ୟରେ ସ୍ଥାନଟି ଅପୂର୍ବ ଦେଖାଯାଉଥିଲା । ସୌନ୍ଦର୍ଯ୍ୟର ଅତୁଳନୀୟ ଭଣ୍ଡାର ଥିଲା ସେହି ନୂଆ ଗୋକୁଳ । ମନକୁ ମନ ମୋ ପାଖିରୁ ବାହାରି ଆସିଲା ଏକ ସୁନ୍ଦର ନାମ 'ବୃନ୍ଦାବନ' । ଆମର ଜ୍ୟେଷ୍ଠ ଗୋପମାନେ ପୂର୍ବରୁ ଆସି 'ବୃନ୍ଦାବନ'ରେ ସ୍ଥାନ ବାଛିସାରିଥିଲେ । ଅନ୍ୟ କେତେକ ଗୋପ ସେଠାକୁ ଯାଇ କାଠ ବାଉଁଶରେ ଏକ ସୁଦୃଢ଼ ବାଡ଼ ତିଆରି କରିସାରିଥିଲେ । ସେହି ନୂତନ ସ୍ଥାନ 'ବୃନ୍ଦାବନ'ର ନାମକରଣ ସମସ୍ତଙ୍କର ମନକୁ ଖୁବ୍ ପାଇଥିଲା ।

ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ଦ୍ଧାରିତ ଦିନର, ଶୁଭମୁହୂର୍ତ୍ତରେ ଗୋକୁଳରୁ ବୃଷଭ ରଥ ଗୁଡ଼ିକ ଚାଲିବା ଆରମ୍ଭ କଲା । ସେହିସବୁ ରଥଗୁଡ଼ିକରେ ମାଠିଆ, ଘଡ଼ା, ଦହିମନ୍ଥିବା ଦଣ୍ଡ, ଲୁଗାପଟାର ଗଣ୍ଠିଲି, ପେଟିକା ପ୍ରଭୃତି ଭର୍ତ୍ତି କରା ହୋଇଥିଲା । ଗ୍ରାମର ସମସ୍ତେ ଯାଇସାରିଲା ପରେ ଆମର ମୁଖିଆ ପରିବାର ଗୋକୁଳରୁ ବାହାରି ଆସିଲା । ସେତେବେଳକୁ ମୋର ବୟସ କେତେହେବ ? ୧୨ ବର୍ଷ । ଭାଇନା ମୋଠାରୁ ମାତ୍ର ବର୍ଷଟିଏ ବଡ଼ ଥିଲେ । ମା' ମୋର ବାମ ହାତ ଧରିଥାନ୍ତି । ସାନ ମା' ବଳରାମ ଭାଇନାଙ୍କ ହାତ ଧରିଥାନ୍ତି । ଗୋକୁଳର ପୂର୍ବଦ୍ୱାରକୁ ଶେଷଥର ପ୍ରଣାମ ଜଣାଇ ବୃନ୍ଦାବନ ଆଡ଼କୁ ଆମେ ପ୍ରସ୍ଥାନ କଲୁ ।

ଆହା ! ମୋର ପ୍ରାଣପ୍ରିୟ ସ୍ନେହମୟୀ ଜନନୀ ଗୋକୁଳ, ପ୍ରିୟସଖୀ ଯମୁନାକୁ ଛାଡ଼ି ଗଲାବେଳେ ସତରେ ଅର୍ଜ୍ଜୁନ ବଡ଼ କଷ୍ଟ ହେଉଥିଲା । ତମେ ଯେଉଁ ଗଛ ଲତା, ବନ, ଗିରି, କନ୍ଦର, ନରନାରୀ, ଜୀବଜନ୍ତୁଙ୍କୁ ପ୍ରାଣଭରି ଭଲପାଅ ତାଙ୍କୁ ଛାଡ଼ିଯିବାର ମୋହ ସତରେ କେତେ ମର୍ମନ୍ତୁଦ, ପାର୍ଥ ! ତମେ ମତେ ସେଦିନ ଠିକ୍ ଏଇ କଥା କହୁଥିଲ । ନାରଦଙ୍କ ସର୍ତ୍ତ ଅନୁସାରେ ନିୟମ ଭଙ୍ଗ କରି ତୁମେ ଯୁଧିଷ୍ଠିର ଦ୍ରୌପଦୀଙ୍କ ବାସଭବନରେ ପ୍ରବେଶ କରିଥିଲ । ନିୟମ ଭଙ୍ଗକଲେ ୧୨ ବର୍ଷ ବନବାସ ଯିବାକୁ ହେବ । ସେଦିନ ପ୍ରାଣପ୍ରିୟା ଦ୍ରୌପଦୀଙ୍କୁ, ଭାଇମାନଙ୍କୁ ଛାଡ଼ି ଗଲାବେଳେ ସେହି ଅର୍ନ୍ତଦାହରେ ତମେ ଜଳୁଥିଲ । ଆତ୍ମୀୟ ସୋଦରଙ୍କୁ ଛାଡ଼ିଯିବାର ଯନ୍ତ୍ରଣା, ପ୍ରିୟସ୍ଥାନକୁ ତ୍ୟାଗ କରିବାବେଳର ଅନିଚ୍ଛାକୃତ ପ୍ରୟାସ ହୃଦୟକୁ ବିଦୀର୍ଣ୍ଣ କରିଦିଏ ।

ଦୁଃଖରେ ସେଇ ଓଦା ଓଦା ଅନୁଭବକୁ ସେଦିନ ଗୋପପୁର ଛାଡ଼ିବା ବେଳେ ଲୁହଛଳ ଛଳ ଆଖିରେ ମୁଁ ଖାଲି ଯାଉଁଟୁ ଥିଲି ।

କୁଆଡୁ ଦୌଡ଼ିଆସି ରାଧା ବଡ଼ ସ୍ନେହରେ ମୋର ଡାହାଣ ହାତକୁ ଭିଡ଼ି ଧରି ହସି ଦେଲେ । ଗୋକୁଳକୁ ଛାଡ଼ି ଯାଉଥିବାର ଦୁଃଖ ରୁକ୍ ରୁକ୍ ହୋଇ ଖେଞ୍ଚି ହେଉଥିଲା ବେଳେ ରାଧାଙ୍କର ହାତର ଆଶ୍ୱାସ ପଣ ମତେ ପୁଣି ଧୈର୍ଯ୍ୟ ଦେଲା ଭଳି ଲାଗିଲା । ଆମ ପଛେ ପଛେ ଜେଜେ, ନନ୍ଦବାବା, ସକଳ କକା, ଖୁଡ଼ି, ଭାଇଭଉଣୀମାନେ ଆସୁଥିଲେ । ଆମର ସୋମବଂଶୀ ବଂଶର ଗୋପାଳମାନେ ଏକ ନୂଆ ସ୍ଥାନ. ନୂଆ ଜୀବନର ପୃଷ୍ଠା ଖୋଲିବା ପାଇଁ ଗୋକୁଳରୁ ବୃନ୍ଦାବନ ଯାତ୍ରା କରୁଥିଲେ ।

ବୃନ୍ଦାବନ ... ନାମ ଉଚ୍ଚାରଣ କଲାବେଳକୁ କେମିତି ଉଶ୍ୱାସ ଲାଗୁଥିଲା । ଖୁସି ଖୁସି ଭାବ ଖେଳାଇ ଯାଉଥିଲା ।

ନେତି ... ନେତି ... ଖୋଜ, ଖୋଜ, ସନ୍ଧାନକର ... ଚରୈବତି .... ଚରୈବତି । ନୂତନ ଜୀବନର ସନ୍ଧାନରେ ଚାଲିବା ହିଁ ଜୀବନ !

ବୃନ୍ଦାବନ ! ମୋ ହୃଦୟର ଭାବ ବୃନ୍ଦାବନ, ଏହାର ପ୍ରାକୃତିକ ରୂପ ମୋର ପ୍ରିୟ ଗୋକୁଳ ଭଳି ହିଁ ସଜା ହୋଇ ଯାଇଥିଲା । ଗୋକୁଳ ପରି ତା'ର ସକଳ ଘର, ଆମର ମୁଖିଆ ନିବାସ, ଜନପଥ, ଗୋଶାଳା, ଶିବମନ୍ଦିର, ବ୍ୟାୟାମଶାଳା, ପାଚେରୀ ପରି ବାଡ଼ ସବୁଥିଲା । ସବୁଠାରୁ ଆକର୍ଷଣୀୟ ଥିଲା ବୃନ୍ଦାବନର ପଶ୍ଚିମ ଦିଗରେ ଅସଂଖ୍ୟ ବୃକ୍ଷ, ଘଞ୍ଚ ଅରଣ୍ୟ, ପକ୍ଷୀମାନଙ୍କର ସଘନ ମଧୁବନ । ଅନେକ ଉପବନ ମଧ ଥିଲା । ସେଥିରେ ଅସଂଖ୍ୟ ଆମ୍ବ ବୃକ୍ଷ, କେତକୀବନ, କିକର ବନ, ଚମ୍ପକବନ୍ ଆଦି ମୁଖ୍ୟ ଥିଲା । ବୃନ୍ଦାବନକୁ ଯମୁନା ଅର୍ଦ୍ଧଚନ୍ଦ୍ର ଆକୃତିରେ ଘେରି ରହିଥିଲା । ବୃନ୍ଦାବନର ପ୍ରାକୃତିକ ସୌନ୍ଦର୍ଯ୍ୟ ସମ୍ଭାବନାରେ, ପ୍ରାଣପ୍ରାଚୁର୍ଯ୍ୟମୟ ଭରା ଚିତ୍ରମୟ ଜଗତର ଏକ ଅନାବୃତ ଉପତ୍ୟକା ଥିଲା । ବୃନ୍ଦାବନର ଚତୁର୍ଦ୍ଦିଗରେ ଚମ୍ପକ, ପିଜୁଳି, ଆମ୍ବ, ତେନ୍ତୁଳି, ପିପ୍ପଳୀ, ନୀଳ ହଳଦିଆ ରଙ୍ଗର ପତ୍ର ସହିତ କଦମ୍ବ ଗଛର ଉପବନ ରହିଥିଲା । ଭରତିଆ, ଚାତକ, ମୟୂର, କୋକିଳ, ଘରଚଟିଆ, ଚଣ୍ଡୋଳ, କାଠହଣା ପ୍ରଭୃତି ପକ୍ଷୀମାନଙ୍କର ସୁମଧୁର କଳରବରେ ମୁଖରିତ ହୋଇଉଠୁଥିଲା । ସ୍ୱଚ୍ଛସ୍ଫଟିକ ଶୁଭ୍ର ଝରଣା ଠାଏ ଠାଏ ଝର୍ଝର ନାଦରେ ବୋହି ଯାଉଥାଏ । ନିରନ୍ତର ପଡୁଥିବା ଧୂଆଁଧାର.ଛୋଟବଡ଼ ପ୍ରପାତ ସବୁ ରହିଥିଲା । ମତେ ଏହି ସବୁ ପ୍ରପାତ ତଳେ ବୋହୁଥିବା ଝରଣାରେ ପହଁରିବାକୁ ଭାରିଭଲ ଲାଗୁଥିଲା । ତୀବ୍ର ଗତିଯୁକ୍ତ ପାଣିର ବେଗରେ ପହଁରିବାର କୌଶଳ ମୁଁ ଭଲଭାବରେ ଜାଣିସାରିଥିଲି ।

ମୁଁ, ଭାଇନା, ସାଙ୍ଗମାନେ ପ୍ରପାତର ଝରଣା ପାଣିରେ ପହଁରିଲା ବେଳେ ଉପରେ ଆକାଶ ମୟୂରର ପୁଚ୍ଛର ନୀଳ ଠାରୁ ମଧ୍ୟ ଆହୁରି ନୀଳବର୍ଣ୍ଣ ଦେଖାଯାଉଥାଏ । ଯେମିତି ସ୍ୱପ୍ନମୟ ଦେଶର ମୁଁ ରାଜକୁମାର ପକ୍ଷୀରାଜ ଘୋଡ଼ାରେ ଚଢ଼ି ଆକାଶରେ ଉଡ଼ି ଉଡ଼ି ଯାଉଥିବା ବେଳେ ପ୍ରକୃତିର ସୌନ୍ଦର୍ଯ୍ୟରେ ବିଭୋର ହୋଇ ବଣ ମଝିରେ ଓହ୍ଲାଇ ପଡ଼ିଛି । ଝରଣା ପାଣିରେ ପହଁରୁଛି ଆଉ ମୁଗ୍ଧ ହୋଇ ଦେଖୁଛି କୁମାରୀ ଅନାଘ୍ରାତା କିଶୋରୀ ପ୍ରକୃତିର ଅନବଦ୍ୟ ସୁଷମା, ସୁକୁମାର ପକ୍ଷୀର କାକଳି, କମନୀୟ ବୃକ୍ଷଲତା ରାଜିର ସ୍ନେହିଳ ସ୍ପର୍ଶ, ମୌନ ମୁଖର ପାହାଡ଼ମାନଙ୍କର ନୀରବ ନିଭୃତ ସଂଳାପ, ଗେହ୍ଲେଇ ମେଘମାନଙ୍କର ପାହାଡ଼କୁ ଛୁଇଁ ଦେଇ ଦିଗ୍‌ବଳୟରେ ଲୁଚିଯାଉଥିବା ଲୁଚକାଳି ଖେଳ । ଆଃ ....

ବୃନ୍ଦାବନର ଅପୂର୍ବ ସୌନ୍ଦର୍ଯ୍ୟର ଭଣ୍ଡାର ଏହାର ପୂର୍ବଦିଗକୁ ମହିମାମଣ୍ଡିତ କରିଦେଉଥିଲା । ଆମର ଗୋଧନକୁ ସୁରକ୍ଷା ଦେବା ପାଇଁ ଯେଉଁ ସଂରକ୍ଷକ ବାଡ଼ ଠିଆ ହୋଇଥିଲା ତା'ର ନିକଟରେ ଏକ ବିଶାଳ ବରଗଛ ଥିଲା । ତା'ର ଚେରର ଗୋଲେଇ ପ୍ରାୟ ଏକଶହ ବ୍ୟାସାର୍ଦ୍ଧ ଯାଏଁ ଥିଲା । ଶାଖାପ୍ରଶାଖା ସବୁ ସେହି ଅନୁସାରେ ଖେଳାଇ ହୋଇଥିଲା । ସବୁଥିରେ ସବୁଜପତ୍ର ଭର୍ତ୍ତି ହୋଇଥିଲା । ସାତଜଣ ଗୋପାଳଙ୍କ ହାତର ଘେରା ଭିତରେ ମଧ୍ୟ ବରଗଛର ମୋଟେଇକୁ ମାପି ହେଉନଥିଲା । ସେଭଳି ଶକ୍ତ ଥିଲା ବରଗଛ । ଗଛର ଚତୁର୍ଦ୍ଦିଗରେ ଆମର ଗୋପସଖାମାନେ ପଥର ବେଦିକା ନିର୍ମାଣ କରିଥିଲେ ଯେଉଁଥିରେ ଆମେମାନେ ବସୁଥିଲୁ । ଏହି ବରଗଛ ବ୍ରଜଭୂମିର ଅଠରଟି ଗୋକୁଳ ଜନପଦର ସର୍ବଶ୍ରେଷ୍ଠ ପ୍ରସିଦ୍ଧ ବୃକ୍ଷ ଥିଲା । ଯେମିତି ମନେହେଉଥିଲା କେହିଜଣେ ମହାନ୍ ଧ୍ୟାନସ୍ଥ ମହାପୁରୁଷ ବା ବାସ୍ତୁ ପୁରୁଷଙ୍କ ଭଳି ବରଗଛ ଅଭୟ ମୁଦ୍ରାରେ ଠିଆହୋଇଛି । ବ୍ରଜର ସମସ୍ତ ଗୋପାଳମାନେ ସମ୍ମାନର ସହିତ ଏହି ବିଷୟରେ କଥାବାର୍ତ୍ତା କରୁଥିଲେ । ସେମାନେ ଏହାକୁ ନିଜର ପ୍ରାଚୀନ କୁଳପୁରୁଷ ବୋଲି ମାନ୍ୟ ଓ ଭକ୍ତି କରୁଥିଲେ । ବିଶାଳ ଆକାରର ଗୋଲ୍ୟାକାର ବରଗଛର ଶାଖାପ୍ରଶାଖାରେ ଭର୍ତ୍ତି ହୋଇଥିବା ପତ୍ର, ଫୁଲ, କଢ଼ର ସମ୍ଭାର ବୃନ୍ଦାବନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ମହିମାନ୍ୱିତ କରିଦେଇଥିଲା । ଉଚ୍ଚଉଚ୍ଚ ପାହାଡ଼ ଶ୍ରେଣୀ ମଧ୍ୟ ବୃନ୍ଦାବନକୁ ଘେରାଇ ହୋଇ ରହିଥିଲା । ତେଣୁ ସେହି ପର୍ବତକୁ ଗୋପାଳମାନେ ଇନ୍ଦ୍ରପର୍ବତ ବୋଲି କହୁଥିଲେ । ଇନ୍ଦ୍ରପର୍ବତର ଉଚ୍ଚତମ ଶିଖର ଦେଶରେ ପଥରରେ ନିର୍ମିତ ଏକ ବିଶାଳ, ଭବ୍ୟ ମନ୍ଦିର ନିର୍ମାଣ କରାଯାଇଥିଲା । ମନ୍ଦିରରେ ଇନ୍ଦ୍ରଙ୍କର ଏକ ସୁନ୍ଦର ମୂର୍ତ୍ତି ସ୍ଥାପନ କରାଯାଇଥିଲା । ଇନ୍ଦ୍ରଥିଲେ ସ୍ୱର୍ଗର ଦେବତା, ଆକାଶର ଦେବତ । ତାଙ୍କୁ ସନ୍ତୁଷ୍ଟ କରିବାକୁ ମନ୍ଦିର କାନ୍ଥମାନଙ୍କରେ ପଥରରେ ମେଘମାନଙ୍କର ଆକୃତି ଖୋଦେଇ କରାଯାଇଥିଲା । ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ଏକ ବଡ଼ ଇନ୍ଦ୍ରୋତ୍ସବର ଆୟୋଜନ

କରାଯାଉଥିଲା । ପର୍ବତମାନଙ୍କର ଦେବତା ଇନ୍ଦ୍ରଙ୍କୁ ତ କେହି ପ୍ରତ୍ୟକ୍ଷରେ ଦେଖିନଥିଲେ ତଥାପି ଗୋପାଳମାନଙ୍କର ପୁରୁଷାନୁକ୍ରମିକ ସଂସ୍କାରରେ ଇନ୍ଦ୍ର ପୂଜା ଚଳି ଆସୁଥିଲା । ଗୋପାଳମାନେ ଇନ୍ଦ୍ରଙ୍କୁ ଭୟ କରୁଥିଲେ । ଇନ୍ଦ୍ରଉତ୍ସବ ବ୍ୟତୀତ ଅନ୍ୟକୌଣସି ସମୟରେ ଗୋପାଳମାନେ ଇନ୍ଦ୍ରପର୍ବତକୁ ଯିବାକୁ ସାହସ ସୁଦ୍ଧା କରୁନଥିଲେ ।

ଇନ୍ଦ୍ରପର୍ବତର ପାଦ ଦେଶରେ ବିସ୍ତୃତ ଗୋଚାରଣ ଭୂମିଥିଲା । ସେହି ପାର୍ବତ୍ୟଦେଶରେ ଏକ ବିଚିତ୍ର ଧରଣର ସାପ ରହୁଥିଲେ । ସେମାନଙ୍କୁ ପାଦବନ୍ଧକ ସାପ ବୋଲି କୁହାଯାଉଥିଲା । ସେହି ଧୂର୍ତ୍ତ ସାପମାନଙ୍କର ଏକ ଅଦ୍ଭୁତ ସ୍ୱଭାବ ଥିଲା । ସେମାନେ ଚରୁଥିବା ଗାଈମାନଙ୍କ ଗୋଠ ଭିତରୁ ଯଦି କୌଣସି ଗାଈ ଚରୁ ଚରୁ ଆଗକୁ ଚାଲିଯାଉଥିଲା, ସେହି ଗାଈ ଉପରକୁ ମରଣାନ୍ତକ ଆକ୍ରମଣ କରୁଥିଲେ । ଗାଈର ପଛ ଦୁଇଗୋଡ଼କୁ ନିଜର ଶରୀରରେ ଜୋର୍‌ରେ ଭିଡ଼ି ଧରି ତା'ର ପହ୍ନାରେ ମୁହଁ ଲଗାଇ ଦୁଧ ପିଇ ଦେଉଥିଲେ । ସାପର ଏ ଅଦ୍ଭୁତ ଚୋଟ ସହିନପାରି ବିଚରା ଗାଈଟି ଚକ୍ରାକାରରେ ଘୂରୁଥିଲା ଓ କ୍ଲାନ୍ତ - ନିସ୍ତେଜ ହୋଇ ତଳେ ପଡ଼ିଯାଉଥିଲା । ପାଦବନ୍ଧକ ସାପ ମନଇଚ୍ଛା ଦୁଧ ଗାଈ ପହ୍ନାରୁ ପିଉଥିଲା, ତା'ପରେ ଯାଇ ତା' ଦେହର ଫାଶକୁ ଢ଼ିଲା କରୁଥିଲା । ସାପର ଆଘାତରେ ସେତେବେଳକୁ ଗାଈଟି ଭୟଭୀତ, ଅର୍ଦ୍ଧମୃତ ହୋଇଯାଉଥିଲା ।

ସର୍ପବନ୍ଧନରେ ପଡୁଥିବା ଗାଈମାନଙ୍କର ବନ୍ଧନମୁକ୍ତ କରିବା ପାଇଁ ମୁଁ ଏକ ଉପାୟ ଖୋଜି ବାହାର କଲି । ମୋର କାମ କ'ଣ ଥିଲା କି ? ଯେଉଁଠି ଜୀବନ କୌଣସି କାରଣରୁ ବାଧାପ୍ରାପ୍ତ ହେଉଥିଲା, ତାକୁ ସହଜସରଳ ଓ ବନ୍ଧନ ମୁକ୍ତ କରି ଜୀବନକୁ ଗତିଶୀଳ କରିବା । ଏହାହିଁ ମୋର ଜୀବନର ମୁଖ୍ୟ ଲକ୍ଷ୍ୟ ଥିଲା । ଦୂରରୁ ଯେତେବେଳେ କୌଣସି ଗାଈର ଗରଗର ଶବ୍ଦ ଶୁଣୁଥିଲି, ମୁଁ ଜାଣିପାରୁଥିଲି ଗାଈ ପାଦବନ୍ଧକ ସର୍ପ କବଳରେ ପଡ଼ିଛି । ତେଣୁ ମୁଁ ମୋ ବଂଶୀରେ ଏକ ବିଶିଷ୍ଟ କମ୍ପନଯୁକ୍ତ ଧ୍ୱନି ତୋଳୁଥିଲି । ମୋର ବଂଶୀର ସେହି ଧୂନ୍ ବାଜିଲାକ୍ଷଣି, ଗୋପାଳମାନେ ଏହା ବିପଦର ସତର୍କ ସୂଚନା ବୋଲି ଜାଣି ଚିତ୍କାର କରି ଗୋଠବାଡ଼ି ନେଇ ଦୌଡ଼ି ଆସୁଥିଲେ । ପାଦବନ୍ଧକ ସାପର କୁଣ୍ଡଳୀରେ ଅର୍ଦ୍ଧମୂର୍ଚ୍ଛିତ ଆମର ଗାଈମାନଙ୍କୁ ମୁକୁଳାଉଥିଲେ । ସାପକୁ ବାଡ଼ିରେ ପିଟି ପିଟି ମାରି ଶୁଖିଲା ଘାସପତ୍ରରେ ନିଆଁ ଲଗାଇ ପୋଡ଼ି ଦେଉଥିଲେ ।

ବେଳେବେଳେ ସାପକୁ ପୋଡ଼ିବା ପାଇଁ ଯେଉଁ ନିଆଁ ଲଗାଯାଉଥିଲା ତାହାର ଧୂଆଁ ଇନ୍ଦ୍ରପର୍ବତର ଗୁମ୍ଫାରେ ଥିବା ମହୁମାଛି ଫଣାରେ ବାଜୁଥିଲା । ଧୂଆଁର ଜ୍ୱାଳାରେ ମହୁମାଛିମାନେ ଇତଃସ୍ତତ ହୋଇ ଉଡ଼ିବୁଲୁଥିଲେ । ମତେ ଅନେକ କ୍ଷଣ ଧରି ସେହି ମହୁଫେଣାକୁ ଦେଖିବାକୁ ଇଚ୍ଛା ହେଉଥିଲା । ମହୁଫେଣାକୁ ତିଆରି କରିବା ପାଇଁ ମହୁମାଛିମାନଙ୍କର ସଂଘବଦ୍ଧ ଉଦ୍ୟମ ମତେ ବଡ଼ ପ୍ରଭାବିତ କରୁଥିଲା । ସତରେ କେତେ

ଆଦର୍ଶମୟ ଜୀବନ ମହୁମାଛିମାନଙ୍କର । ମହୁ ସଂଗ୍ରହ କରିବା ପାଇଁ ମହୁମାଛିମାନେ ବୃନ୍ଦାବନର ଚତୁର୍ଦ୍ଦିଗ ବୁଲିବୁଲି ଟୋପାଏ ଟୋପାଏ ମହୁ ସଂଗ୍ରହ କରି ଫେରିଆସୁଥିଲେ । ସହସ୍ରରୁ ମଧ ଅଧିକ ସଂଖ୍ୟକ ମହୁମାଛି କେବେ ହେଲେ ପରସ୍ପର ମଧରେ କଳହ କରୁନଥିଲେ । କେତେ ଶୃଙ୍ଖଳିତ ଜୀବନ ସେମାନଙ୍କର । ଦିନସାରା ଅକ୍ଲାନ୍ତ ଶ୍ରମପରେ ସେମାନେ ରାତିରେ ଗୁମ୍ଫାର ସେହି ଛାତତଳେ ରାଣୀ ମହୁମାଛି ସହିତ ମିଳିମିଶି ବିଶ୍ରାମ କରୁଥିଲେ । ପୁଣି ସକାଳୁ ମହୁସଂଗ୍ରହ ପାଇଁ ଉଡ଼ିଯାଉଥିଲେ ।

ସେହି ଛାତରେ ହିଁ ପିଢ଼ି ପରେ ପିଢ଼ି ମହୁମାଛି ଜନ୍ମ ହେଉଥିଲେ, ମହୁ ସଂଗ୍ରହ କାର୍ଯ୍ୟକୁ ନିରନ୍ତର ଅବ୍ୟାହତ ରଖୁଥିଲେ । ବର୍ଷ ବର୍ଷ ଧରି ମହୁଫେଣା ସେମିତି ସଜୀବ, ସତେଜ ହୋଇ ଗୁମ୍ଫାର ଛାତରେ ଲଟକି ରହୁଥିଲା । ଯଦି ମଣିଷ ମହୁମାଛିମାନଙ୍କ ଭଳି ଜୀବନର ଶ୍ରେଷ୍ଠତମ ମହୁ ସଂଗ୍ରହ କରି ଜୀବନକୁ ନିର୍ମାଣ କରିବାରେ ସରଳଭାବରେ ଉପଯୋଗ କରୁଥାନ୍ତା ତେବେ କେତେ ସହଜ ହୋଇଥାନ୍ତା, ଜୀବନ । ମହୁମାଛିମାନଙ୍କର ଜୀବନ ଶୈଳୀରୁ ମତେ ଜୀବନର ଅମୂଲ୍ୟ ଜୀବନବୋଧ ପ୍ରାପ୍ତ ହୋଇଥିଲା ।

ଏକଛତ୍ରପତି ମଗଧ ସମ୍ରାଟ ଜରାସନ୍ଧର ବାହୁବଳ ଓ ବୁଦ୍ଧିବଳରେ ବଳୀୟାନ୍ କଂସ ମଥୁରାରେ ଆତଙ୍କରାଜ ଚଳାଇଥିବା ବେଳେ ତା' ବିରୁଦ୍ଧରେ ଜନମତରେ ଅସନ୍ତୋଷର ଦାନା ବାନ୍ଧୁଥିଲା । ମଥୁରାର ରାଜପ୍ରାସାଦ ଓ ତା'ର ଚତୁଃପାର୍ଶ୍ୱରେ ଚଳଚଞ୍ଚଳ ହୋଇଉଠୁଥିବା ରାଜନୀତି ଓ କୁଟନୀତିର ପ୍ରଭାବରୁ ନିରାପଦ ଦୂରତ୍ୱରେ ଥିବା ବୃନ୍ଦାବନର ଜନ ଜୀବନଯାତ୍ରା ସ୍ୱାଭାବିକ ଗତିରେ ଚାଲିଥିଲା । ବୃନ୍ଦାବନର ଶାନ୍ତ ପରିବେଶ ଓ ବାୟୁମଣ୍ଡଳ ପୂର୍ବପରି ଅରଣ୍ୟ ଉଦ୍ୟାନର ବନ୍ୟ ପୁଷ୍ପ ପରି ସୁଗନ୍ଧରେ ମହକିତ ହୋଇଉଠୁଥିଲା । ବୃନ୍ଦାବନର ନଦୀ-ନାଳ-ସରୋବର ଓ ତାଳ-ତମାଳ-ବନ ବିଥିକାତ ପ୍ରକୃତିରାଣୀର ସ୍ପର୍ଶରେ ହସୁଥିଲା । ବୃକ୍ଷରାଜିରେ ଆଶ୍ରିତ ପକ୍ଷୀମାନଙ୍କର କଳରବ ପ୍ରାକୃତିକ ବାତାବରଣକୁ ସକାଳେ ସନ୍ଧ୍ୟାରେ ଯେମିତି ସଙ୍ଗୀତମୟ କରୁଥିଲା ବୃନ୍ଦାବନର ଗାଈ, ବୃଷଭ ଓ ବାଛୁରୀମାନେ ନିତ୍ୟନିୟମିତ ଜୀବନଚର୍ଯ୍ୟା ପରି ଗୋଚର ଭୂମିରେ ବୁଲୁଥିଲେ ଓ ଗୋଧୂଳି ବେଳାରେ ନିଜ ନିଜ ଆଶ୍ରୟସ୍ଥଳୀକୁ ଫେରିଆସୁଥିଲେ । ଗୋ-ସମ୍ପଦର ବେକରେ ବନ୍ଧାଯାଇଥିବା ଘଣ୍ଟ ଗୁଡ଼ିକର ଧ୍ୱନିରେ ବୃନ୍ଦାବନର ସକାଳ-ସନ୍ଧ୍ୟା ଯେମିତି ଧ୍ୱନିମୟ .... ମୁଖରିତ ହେଉଥିଲା । ଗୋପବାଳକଙ୍କ ମେଳରେ ଆମେ ଦୁଇଭାଇ କୃଷ୍ଣ-ବଳରାମ କାୟା ସଙ୍ଗେ ଛାୟା ପରି ଘୂରି ବୁଲିବା ଗୋପଳମାନଙ୍କ ପାଇଁ ସତେ ଯେପରି

ଉତ୍ସାହବର୍ଦ୍ଧକ ଥିଲା । ମୋର ବଂଶୀବାଦନରୁ ନିସୃତ ମଧୁର ଧ୍ୱନି ସମସ୍ତଙ୍କୁ ଏକତାସୂତ୍ରରେ ବାନ୍ଧି ରଖୁଥିଲା । ଗୋପାଳ ବାଳକମାନଙ୍କ ସମର୍ଥନରେ ଆମେ ଦୁଇଭାଇ କୃଷ୍ଣ ଓ ବଳରାମ ଏତେ ଶକ୍ତିଶାଳୀ ହୋଇ ଉଠିଥିଲୁ ଯେ, ଯେକୌଣସି ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସମର୍ଥ ହୋଇଥିଲୁ ।

ଏଇ ସମୟରେ ଆସି ଉପଗତ ହେଲା ବର୍ଷାଋତୁ । ଶ୍ରାବଣର ଶ୍ୱେତ-ଶ୍ୟାମ ମେଘ ପୁଞ୍ଜରେ ଆକାଶ ଆଚ୍ଛନ୍ନ ହୋଇଗଲା । ଗଗନରୁ ଅବାରିତ ଜଳପାତ ହେଲା । ପଶୁପକ୍ଷୀ, ନରନାରୀଙ୍କ ସହ ବୃକ୍ଷଲତା ମଧ୍ୟ ଆକାଶରୁ ନିର୍ଗତ ସେଇ ସୁଶୀତଳ ଜଳର ସ୍ପର୍ଶ ପାଇ ଆହ୍ଲାଦିତ ହୋଇଉଠିଲେ ।

ଏଇ ସମୟ ଥିଲା ଇନ୍ଦ୍ରପୂଜନର ସମୟ । ଏମିତିରେ ପ୍ରତିବର୍ଷ ଇନ୍ଦ୍ରପୂଜା ତ ଧୁମ୍‌ଧାମରେ ପାଳିତ ହୁଏ, କିନ୍ତୁ ଏଇ ବର୍ଷ ସେଥି ନିମନ୍ତେ ଏକ ବିଶେଷ ଆୟୋଜନ ହୋଇଥିଲା । ଏହି ସ୍ୱତନ୍ତ୍ର ଆୟୋଜନର ଏକ କାରଣ ଥିଲା ଆଉ ସେହି କାରଣ ହେଲା ବୃନ୍ଦାବନ ଓ ବ୍ରଜପ୍ରାଣ ମୁଁ କୃଷ୍ଣ .... ମୋର ଗୋଟିଏ ପରେ ଗୋଟିଏ ବିଜୟ । ସବୁଠୁ ବେଶୀ ଖୁସିର ଲହରୀ ଖେଳିଯାଇଥିଲା କାଳୀୟ ନାଗ ଦଳନ ପରେ । ଯମୁନାର ଏକ ଅଂଶ ଯାହା କାଳ କାଳ ଧରି ଲୋକଙ୍କ ଭିତରେ ଭୟ ସଞ୍ଚାର କରି ଆସିଥିଲା, ଏବେ ସମସ୍ତଙ୍କ ପାଇଁ ସୁଲଭ ଯାତାୟତ ହୋଇପାରିଥିଲା । କାଳୀୟର ଆତଙ୍କରେ ଆତଙ୍କିତ ଲୋକମାନେ ବହୁ ବର୍ଷ ପରେ ସ୍ୱସ୍ତିରେ ଦୀର୍ଘଶ୍ୱାସଟିଏ ନେଇଥିଲେ । ଏଣୁ ଏଇ ଖୁସିର ଅବସରରେ ଇନ୍ଦ୍ରପୂଜା ପାଇଁ ଧୁମ୍‌ଧାମ୍ ଆୟୋଜନ ଲାଗିଗଲା । କିନ୍ତୁ ଏଇ ପ୍ରସ୍ତାବ ଯେତେବେଳେ ମୋ ପାଖରେ ପହଞ୍ଚିଲା ମୁଁ ଏହାର ଘୋର ବିରୋଧ କଲି ।

ଏହି କାରଣରୁ ପୁରାତନ ପୀଢ଼ି ଓ ନୂତନ ପୀଢ଼ି ମଧ୍ୟରେ ଏକ ବିରାଟ ତାରତମ୍ୟ ସୃଷ୍ଟି ହେଲା । ପରମ୍ପରାବାଦୀ ଗୋପଗଣ ବି ଯଦିଓ ଅଲୌକିକ ଶକ୍ତି ସମ୍ପନ୍ନ ଚଳନ୍ତି ଭଗବାନ ବୋଲି ମୋତେ ମାନୁଥିଲେ, କିନ୍ତୁ ମୋର ଇନ୍ଦ୍ରପୂଜାର ବିରୋଧକୁ ସେମାନେ ସ୍ୱୀକାର କଲେ ନାହିଁ ।

ଏଣୁ ସେହି କଦମ୍ବ ବୃକ୍ଷ ତଳେ, ବିସ୍ତୃତ ଚଉତରା ଉପରେ ବୈଠକ ଜମିଲା । ଗୋଟିଏ ପଟେ ଇନ୍ଦ୍ରପୂଜାର ସମର୍ଥକ ବରିଷ୍ଠ ପରମ୍ପରାବାଦୀ ଗୋପବାସୀ ଆଉ ଅନ୍ୟ ପଟେ ମୁଁ ଓ ମୋର ସଖା - ନୂଆ ପୀଢ଼ିର ନୂଆ ଶାଖା ।

- "କିନ୍ତୁ ଏଇ ପୂଜାର ଆୟୋଜନ କାହିଁକି କରାଯାଏ ?" ମୁଁ ପ୍ରଶ୍ନ କଲି ।

ପୁରୁଣା ପୀଢ଼ିର ଗୋପ ନାଗରିକମାନେ କିଛି ସମୟ ଚୁପ୍ ରହିଲେ । ଶେଷରେ ଜଣେ ବୃଦ୍ଧ କହିଲା - "କାହିଁକିର ଉତ୍ତର ଆମକୁ ଜଣା ନାହିଁ । କିନ୍ତୁ ଆମେ ଜନ୍ମନେବା

ପରଠୁଁ ଏଇ ପୂଜା କରି ଆସୁଛୁ । ଆମର ପୂର୍ବଜ ଓ ତାଙ୍କର ପୂର୍ବଜମାନେ ବି ଏଇ ପୂଜା କରି ଆସିଥିଲେ ।"

- "ଯେଉଁ କାମସବୁ ପୂର୍ବଜମାନେ କରି ଆସିଛନ୍ତି, ସେଗୁଡ଼ିକ ଠିକ୍ ସେମିତି ପାଳନ କରିବା କ'ଣ ନିତାନ୍ତ ଆବଶ୍ୟକ ?" ନୂଆ ପୀଢ଼ି ତରଫରୁ ମୁଁ ଏଇ ପ୍ରଶ୍ନ କଲି ।

- "ନିତାନ୍ତ ଆବଶ୍ୟକ ।" ବୃଦ୍ଧ ଉତ୍ତର ଦେଲା ।

- "ଆମର ପୂର୍ବଜଗଣ ତ ବକ୍କଳ ପିନ୍ଧୁଥିଲେ । ଫଳମୂଳ, କନ୍ଦା ଖାଇ ପେଟ ଭରୁଥିଲେ । ଆମେ କ'ଣ ଏବେ ସେପରି କରୁଛୁ ?"

ଏଇ ତର୍କ ଶୁଣି ପୁରୁଣା ପୀଢ଼ି ଚୁପ୍ ହୋଇଗଲେ । କିଛି କ୍ଷଣ ନୀରବତା ପରେ ଜଣେ ବୃଦ୍ଧ ଓ ପ୍ରତିଷ୍ଠିତ ଗୋପ ନାଗରିକ କହିଲେ - "କଥାଟି କେବଳ ଏତିକିରେ ସୀମିତ ନୁହେଁ । କେବଳ ପରମ୍ପରା କଥା ହୋଇଥିଲେ ଆମେ ଚାହିଁଲେ ଟାଳି ବି ପାରିଥାନ୍ତୁ । କିନ୍ତୁ କଥାଟା ଆଉ କିଛି ଏବଂ ବହୁତ ମହତ୍ତ୍ୱପୂର୍ଣ୍ଣ ବି ।"

- "ଶୁଣ ଗୋପାଳକୃଷ୍ଣ ! କଥାଟା ଏୟା ଯେ, ଆମ୍ଭେ ଗୋପଗଣ, ତୁମ ଦୁଇ ଭାଇଙ୍କ ଯୋଗୁଁ ଗୋଚାରଣ ସହିତ କୃଷି ଉପରେ ଅଧିକ ଧ୍ୟାନ ଦେବାରେ ଲାଗିଛୁ । ବୃନ୍ଦାବନ ନନ୍ଦକୁଳ ହିଁ ବୃନ୍ଦାବନର ଅନେକ ଭୂମିକୁ କର୍ଷଣ କରି କୃଷି ଉପଯୋଗୀ କରାଇପାରିଛନ୍ତି । ତୁମର କୃଷ୍ଣ ନାମ ବି ପ୍ରାୟ ଏଇ କାରଣରୁ ହିଁ ଅଧିକ ପ୍ରସିଦ୍ଧ ହୋଇଛି - 'କର୍ଷତି ଇତି କୃଷ୍ଣଃ'... ଯେ କର୍ଷଣ କରେ ଅର୍ଥାତ୍ ଭୂମିକୁ ଯେ ଖୋଦନ କରେ ସେ କୃଷ୍ଣ । ବଳରାମ ତ ହଳକୁ ଏତେ ସମ୍ମାନ ଦେଲେ ଯେ ତାକୁ ହିଁ ନିଜର ଅସ୍ତ୍ର କରିନେଲେ । ଏୟା ନିରାଟ ସତ୍ୟ ଗୋଚାରଣ ମଧ୍ୟ ବର୍ଷା ଉପରେ ହିଁ ନିର୍ଭରଶୀଳ । ବର୍ଷା ନ ହେଲେ ଗୋଚର ଭୂମି କେଉଁଠୁ ସୃଷ୍ଟି ହେବ ? ଆଉ କୃଷି ପାଇଁ ମଧ୍ୟ ବର୍ଷା ନିହାତି ଆବଶ୍ୟକ । ଧରିତ୍ରୀକୁ ଶସ୍ୟଶ୍ୟାମଳା କରିବାରେ ବର୍ଷା ହିଁ ସାହାଯ୍ୟ କରେ ଏବଂ ବର୍ଷା ଦାନ କରନ୍ତି ସ୍ୱୟଂ ଇନ୍ଦ୍ର ! ଏଣୁ ଇନ୍ଦ୍ରପୂଜା ବନ୍ଦ କରିବାର ଆମର କୌଣସି ଅଧିକାର ନାହିଁ ।

- "କିଏ କହିଲା ଇନ୍ଦ୍ର ବର୍ଷା ଦିଅନ୍ତି ବୋଲି ?" ମୁଁ ସ୍ୱାଭିମାନ ଭରା କଣ୍ଠରେ ପ୍ରଶ୍ନ କଲି ।

ଏକଥା ଶୁଣି ବୃଦ୍ଧ ଜଣେ ସ୍ପଷ୍ଟ ପଚାରିଲେ - "ତେବେ ଇନ୍ଦ୍ର ବର୍ଷା ଦିଅନ୍ତିନି ?"

- "ନା' ।" ମୁଁ ଦୃଢ଼ତାର ସହିତ ଘୋଷଣା କଲି ।

- "ତେବେ, ବର୍ଷା ଦିଏ କିଏ ?"

- "ପ୍ରକୃତି ।" ମୁଁ ସିଧାସଳଖ ପ୍ରତ୍ୟୁତ୍ତର ଦେଲି ।

- "ପ୍ରକୃତି ? କିପରି ?" ଗୋପବୃନ୍ଦମାନେ ପ୍ରଥମଥର ପାଇଁ ଯେମିତି ଏଇ ନୂଆ କଥା ଶୁଣୁଥିଲେ ।

- "ହଁ ବର୍ଷା ଦିଏ ପ୍ରକୃତି । ମେଘଖଣ୍ଡମାନଙ୍କୁ ଆକର୍ଷିତ କରନ୍ତି ପାହାଡ଼, ବୃକ୍ଷଲତା । ଏମାନଙ୍କ ଯୋଗୁଁ ବର୍ଷା ହୁଏ ଆଉ ଆମେ ସେ କଥା ନ ବୁଝି ନିର୍ମମ ଭାବରେ ଗଛଲତାକୁ ହାଣି ପକାଉ, ପର୍ବତରୁ ପଥର କାଢ଼ି ନେଇ ରାଜମାର୍ଗ ତିଆରି କରୁ । ଗିରିରାଜ ଗୋବର୍ଦ୍ଧନକୁ ଉଦାହରଣ ଭାବେ ନିଅନ୍ତୁ । କୋଶ କୋଶ ଧରି ବ୍ୟାପ୍ତ ଏଇ ପର୍ବତ ବର୍ଷାର ପ୍ରମୁଖ ଉତ୍ସ । ଅଥଚ ଆମେ କ'ଣ କରୁ ? ଗୋବର୍ଦ୍ଧନକୁ ପ୍ରତିଦିନ ନିଜର ଓ ନିଜ ପାଳିତ ପଶୁଙ୍କ ପାଦତଳେ ଦଳି ଦଳି ଦିନକୁ ଦିନ ବାମନ କରିଚାଲିଛେ । ସେଥିରୁ ପଥର ଭାଙ୍ଗି ଭାଙ୍ଗି ତାକୁ ଖଣ୍ଡିଆ କରିଚାଲିଛୁ । କ୍ଷମତା ଓ ଭୋଗଲାଳସାରେ ଅନ୍ଧ ହୋଇପଡ଼ିଥିବା କଂସ ତା'ର ମଥୁରାର ରାଜମହଲ ନିର୍ମାଣ ପାଇଁ ଗୋବର୍ଦ୍ଧନର ମୂଲ୍ୟବାନ ଶିଳାଖଣ୍ଡ ସବୁ ଅପହରଣ କରିବାରେ ଲାଗିଛି । କାହାରି ପ୍ରତିବାଦ କରିବା ସାହସ ନାହିଁ । ଗୋବର୍ଦ୍ଧନ ଶ୍ରୀହୀନ ହେଲାଣି । ଯଦି ପୂଜା କରିବା ତ ଗୋବର୍ଦ୍ଧନକୁ ପୂଜା କରିବା ଉଚିତ । ତେବେ ଯାଇ ଗୋବର୍ଦ୍ଧନ ପ୍ରତି ଶ୍ରଦ୍ଧା ଭକ୍ତିଭାବ ଜାତ ହେବ । ଲୋକେ ତାହାର ସୁରକ୍ଷା ପ୍ରତି ଧ୍ୟାନ ଦେବେ । ଲକ୍ଷେ ଇନ୍ଦ୍ର ଥାଇ ସୁଦ୍ଧା ଯଦି ଗିରିରାଜ ଗୋବର୍ଦ୍ଧନ ନ ରହିବ ତେବେ ବ୍ରଜଭୂମି ମରୁଭୂମି ପାଲଟି ଯିବ । ଆପଣମାନେ ଜାଣିଛନ୍ତି ନା ଗିରିରାଜ ଗୋବର୍ଦ୍ଧନଠୁଁ କିଛିଦୂର ପଶ୍ଚିମରେ ଏକ ବିରାଟ ବାଲୁକାମୟ ମରୁଭୂମି ଆରମ୍ଭ ହୋଇଛି ଯେଉଁଠି ଅନ୍ନ ଫସଲ ତ ଦୂରର କଥା ଦୂବଘାସଟିଏ ମଧ୍ୟ କଅଁଳି ଉଠେ ନାହିଁ ।"

ମୁଁ ଦୃଢ଼ତାର ସହିତ ସମସ୍ତଙ୍କୁ ଉଦ୍ଦେଶ୍ୟ କରି କହିଲି - "ହେ ସଭାଜନ ! ଇନ୍ଦ୍ରଙ୍କୁ କୌଣସି ପ୍ରକାରେ ଭୋଗ ଅର୍ପଣ କରାଯିବ ନାହିଁ । କିଏ ଏଇ ଇନ୍ଦ୍ର ? କ'ଣ ପାଇଁ ତାଙ୍କୁ ଏତେ ଗୁରୁତ୍ୱ ଓ ସମ୍ମାନ ଦିଆଯିବ ? ଆଉ କେବେ ହେଲେ ଇନ୍ଦ୍ର ପୂଜା ଉତ୍ସବ ବୃନ୍ଦାବନରେ ପାଳନ ହେବ ନାହିଁ । କାରଣ ଏହି ଗୋବର୍ଦ୍ଧନ ପର୍ବତ ବା ତଥାକଥିତ ଇନ୍ଦ୍ରପର୍ବତ କଂସର ନୁହେଁ, ଗୋପାଳମାନଙ୍କର ପର୍ବତ । ଇନ୍ଦ୍ରୋତ୍ସବ ପାଇଁ ଆପଣ ମାନେ ସମସ୍ତେ ଯାଇପାରନ୍ତି, କିନ୍ତୁ ମୁଁ ସେଠାକୁ ଆଦୌ ଯିବି ନାହିଁ ।"

ମୋର ଶରୀର ଅତ୍ୟନ୍ତ ଉତ୍ତେଜିତ ହୋଇଉଠିଲା । ଏକ ଅଦମ୍ୟ ଆତ୍ମବିଶ୍ୱାସ ମୋ ଭିତରେ କେମିତି ଯେ ସଂଚରି ଗଲା ... ମୁଁ ନିଜେ ମଧ୍ୟ ସ୍ତମ୍ଭୀଭୂତ ହୋଇଗଲି । ମତେ ସମସ୍ତେ ବିସ୍ମୟ-ବିସ୍ଫାରିତ ନେତ୍ରରେ ଚାହିଁ ରହିଥିଲେ । ବଳରାମ ଭାଇନା ମୋ ଆଖିର ଦୃଢ଼ତାକୁ ଖୁବ୍ ଭଲଭାବରେ ବୁଝିପାରି, ମୋତେ ସମର୍ଥନ କରି କହିଲେ

"କୃଷ୍ଣ ଯାହା କହୁଛି ତାହା ସତ୍ୟ ଓ ସ୍ପଷ୍ଟ । କାହାର ଭୟ, ଆତଙ୍କରେ ଡରିଯାଇ ତାକୁ ପୂଜା କରି ଆମେ କେବେ ହେଲେ ସନ୍ତୋଷ କିମ୍ବା ସମୃଦ୍ଧି ପାଇପାରିବା ନାହିଁ ।"

ମୁଁ କାହାରି କୌଣସି କଥା ନ ଶୁଣି କହିଲି - "ମୁଁ ଗୋବର୍ଦ୍ଧନ ପର୍ବତମାଳାରେ ଇନ୍ଦ୍ରୋତ୍ସବକୁ ସବୁଦିନ ପାଇଁ ଲୋପ କରିଦେବା ଚାହେଁ । ଗୋବର୍ଦ୍ଧନକୁ ଇନ୍ଦ୍ର ଓ କଂସର ପ୍ରଭାବ ତଥା ଆତଙ୍କରୁ ମୁକ୍ତ କରିବାକୁ ଚାହୁଁଛି । ଆପଣମାନେ କ'ଣ ମତେ ସମର୍ଥନ କରିବେ ?"

ଏତକ କହିଦେଇ ମୁଁ ସମସ୍ତ ବିରୋଧର ସମ୍ଭାବନାକୁ କାଟି ଦେଲି । ଅନୁଭବରୁ ମୁଁ ଜାଣିସାରିଥିଲି, ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ଉପରେ ଚିନ୍ତା କରିବାକୁ ଛାଡ଼ିଦେଲେ ଲୋକମାନେ ଅନେକ ଗୁଡ଼ିଏ କାଳ୍ପନିକ ବିରୋଧ ସୃଷ୍ଟି କରିଦିଅନ୍ତି ।

ଗୋପାଳମାନଙ୍କ ଏଇ ସ୍ୱଧର୍ମା ସଭାରେ ମୁଖିଆ ଭାବେ ବସିଥିବା ନନ୍ଦବାବା ମୋର ଦୃଢ଼ମତକୁ ମଧ୍ୟ ସର୍ବାନ୍ତଃକରଣରେ ସମର୍ଥନ କରିବାକୁ ଲାଗିଲେ । ସେ ଶେଷ ନିଷ୍ପତ୍ତି ଶୁଣାଇ କହିଲେ - "କୃଷ୍ଣ ଯାହା କହିବ, ତାହାହିଁ ହେବ । କେବଳ ଆଜିପାଇଁ ନୁହେଁ ଭବିଷ୍ୟତରେ ମଧ୍ୟ କାର୍ଯ୍ୟକାରୀ ହେବ । ଅବଶ୍ୟ ଇନ୍ଦ୍ରପର୍ବତ ବା ଗୋବର୍ଦ୍ଧନ ପର୍ବତର ମଣ୍ଡଳାଧିକାରୀ ହେଉଛନ୍ତି ବସୁଦେବ ମହାରାଜ । କିନ୍ତୁ ସେ ମଥୁରାର କାରାଗୃହରେ ନିଜ ଶାଳକ ମଥୁରାରାଜ କଂସଙ୍କ ଦ୍ୱାର ବନ୍ଦୀ ଭାବରେ ଅଛନ୍ତି । ତେବେ ମୁଁ ତାଙ୍କର ସେବକ ତଥା ଉପମଣ୍ଡଳାଧିକାରୀ । ମୁଁ ଖାଲି ଏକଥା ଭାବୁଛି ଯେ, ବସୁଦେବ ଯଦି ଆଜି ଏଠାରେ ଉପସ୍ଥିତ ଥାଆନ୍ତେ, ସେ ଯାହାକିଛି ନିଷ୍ପତ୍ତି ନେଇଥାଆନ୍ତେ ।"

ବସୁଦେବଙ୍କ ଅନୁପସ୍ଥିତିରେ ସମ୍ପ୍ରତି ତାଙ୍କ ଦ୍ୱାରା ନିଯୁକ୍ତ ସମଗ୍ର ଗୋକୁଳର ମୁଖ୍ୟ ନନ୍ଦଙ୍କର ମୁଁ ପ୍ରିୟ ପୁତ୍ର । ପୁଣି ଗୋକୁଳ ଅଷ୍ଟଜନପଦର ଜନସୁମାରୀର ଆସ୍ଥା ଓ ବିଶ୍ୱାସର ପ୍ରତୀକ । ତଥାପି ଜଣେ ବୃଦ୍ଧଗୋପ, ଯେତେଦୂର ସମ୍ଭବ ସେ ଶକ୍ତିମାନ ଇନ୍ଦ୍ରଙ୍କ ପ୍ରତି ଅନ୍ଧବିଶ୍ୱାସରେ ଆସକ୍ତ ଓ କ୍ଷମତାନ୍ଧ କଂସର କ୍ଷମତା ଉତ୍ପାତରେ ଆତଙ୍କିତ, ସେ ମୋର ସ୍ଥିତି ଓ ସତ୍ତାକୁ ଆହ୍ୱାନ କରି ପ୍ରଶ୍ନ କଲେ - "ଆଚ୍ଛା ଗୋପାଳକୃଷ୍ଣ ! ମୋର ଧୃଷ୍ଟତା ପାଇଁ କ୍ଷମା କରିବ । ମୋର ଜିଜ୍ଞାସା ହେଉଛି ଦେବଲୋକର ନିର୍ବାଚିତ ନେତା ଯେଉଁ ଇନ୍ଦ୍ରଙ୍କୁ ବହୁ ବର୍ଷଧରି ଆମ୍ଭେ ଗୋପାଳମାନେ ପୂଜା ଓ ସମ୍ମାନ କରିଆସିଛୁ, ଏପରିକି ଏବେ ମଥୁରା ବନ୍ଦୀଶାଳରେ ବନ୍ଦୀଜୀବନ ବିତାଉଥିବା ଗୋକୁଳ ଅଧିପତି ବସୁଦେବ ସ୍ୱୟଂ ଇନ୍ଦ୍ରଙ୍କ ପ୍ରଭୁତ୍ୱକୁ ସ୍ୱୀକାର କରି ବହୁବର୍ଷଧରି ଇନ୍ଦ୍ରୋତ୍ସବ ପାଳନ କରିଆସିଛନ୍ତି, ସେଇ ଇନ୍ଦ୍ରଙ୍କୁ ତୁମର ଏତେ ଅବଜ୍ଞା କାହିଁକି ?"

ମୁଁ ଯୋଡ଼ହସ୍ତରେ ଗୋପାଳ ମାନଙ୍କ ସ୍ୱଧର୍ମା ସଭାକୁ ସମ୍ବୋଧନ କରି କହିଲି - "ଅଣସଂଗଠିତ ଦୂର୍ବଳ ମାନଙ୍କୁ ଶୋଷଣ, ଅତ୍ୟାଚାର କରିବା ପ୍ରଭାବଶାଳୀ ପ୍ରଭୁତ୍ୱର ସ୍ୱଧର୍ମ । ଇନ୍ଦ୍ର ଦେବଲୋକର ଚତୁର ପ୍ରବଳପରାକ୍ରମୀ ପ୍ରଭୁ । ବାହୁବଳ, ବୁଦ୍ଧିବଳ ଏବଂ କ୍ଷମତାବଳରେ ସେ ଉଦ୍ଧତ ଓ ଅହଂକାରୀ । ତା'ର ଔଦ୍ଧତ୍ୟରେ, କୂଟନୀତିରେ, ମଦମତ୍ତରେ, କାମତୃଷ୍ଣାରେ ବହୁ ଅସହାୟ ମଣିଷ, ଏପରିକି ବହୁ ସାଧ୍ୱୀ, ସତୀ ନାରୀ ସର୍ବସ୍ୱ ହରାଇ ସାରିଛନ୍ତି । ସୁନ୍ଦରୀ ମାଂସଲୋଭୀ ଏପରି ଏକ ଭ୍ରଷ୍ଟାଚାରୀକୁ ଆପଣମାନେ ଇନ୍ଦ୍ରୋତ୍ସବ ନାମରେ ପୂଜା କରିବା ଅର୍ଥ ନିଜ ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଅନ୍ୟାୟକୁ କାପୁରୁଷ ପରି ପୂଜା କରିବା ସଙ୍ଗେ ସମାନ । ଗୋକୁଳ ଅଷ୍ଟଜନପଦର ସକଳ ଜନସମୂହ, ବିଶେଷକରି ଅସହାୟା ଗୋପାଳୁଣୀମାନଙ୍କର ସ୍ୱାଭିମାନ ରକ୍ଷା ଦୃଷ୍ଟିରୁ ଇନ୍ଦ୍ର ବିରୁଦ୍ଧରେ ମୋର ଏହି ଯୁଦ୍ଧ ଘୋଷଣା !"

ଗୋପାଳ ସ୍ୱଧର୍ମା ସଭା ସ୍ତବ୍ଧ, ତଟସ୍ଥ ଓ ସନ୍ତ୍ରସ୍ତ ।

ମୁଁ ପୁଣି କ୍ରୋଧାନ୍ୱିତ ସ୍ୱରରେ କହିଲି - "ଆଉ କାହାର କିଛି ପ୍ରଶ୍ନ ଅଛି କି ?

ନିରାପଦ ଦୂରତ୍ୱରେ, ଗୋଟିଏ ଗଙ୍ଗଶିଉଳି ଗଛ ଆଢୁଆଳରେ ଥାଇ ଶ୍ରୀରାଧା କୂଳଲାଜ ମହତକୁ ଭୁଲିଯାଇ ହୁଳହୁଳି ନାଦରେ ମୋତେ ଯେମିତି ସମର୍ଥନ କରୁଥିଲେ । ଅନ୍ୟ ଗୋପାଳୁଣୀମାନଙ୍କ ହୁଳହୁଳି ସହ ଗୋପାଳବାଳକମାନଙ୍କ ଜୟନାଦ ଭାଷା ଆସିଲା - "ତତ୍‌ସତ୍, ତତ୍‌ସତ୍, ଆମର ଗୋପାଳକୃଷ୍ଣଙ୍କର ଜୟ ହେଉ, ଜୟ ହେଉ ।"

ମୋ ପରି ଚତୁର୍ଦ୍ଦଶ ବର୍ଷୀୟ ଗୋଟେ କିଶୋରର ଏହି କଥା ଶୁଣି ସମସ୍ତେ ପ୍ରତ୍ୟକ୍ଷ ରୂପେ ପ୍ରଭାବିତ ହେଲେ - ଉଭୟ ନୂତନ ଓ ପୁରାତନ ପୀଢ଼ି ।

- "ତେବେ ଇନ୍ଦ୍ରପୂଜା ଏଇ ବର୍ଷ ବନ୍ଦ କରାଯିବ ? ବୃଦ୍ଧ ଗୋପ ଜଣେ ପ୍ରଶ୍ନ କଲେ ।

- "ହଁ, ଏବଂ ଗିରିରାଜଙ୍କ ପୂଜା ଆରମ୍ଭ ହେବ ।" ମୁଁ ଦୃଢ଼ତାର ସହିତ ଘୋଷଣା କଲି ।

- "କୁହନ୍ତୁ, ଏଥିରେ ସମସ୍ତେ ସହମତ ଅଛନ୍ତି ?" ବୃଦ୍ଧ ପ୍ରଶ୍ନ କଲା ।

- "ହଁ ।" ସମ୍ମିଳିତ ସ୍ୱର ଶୁଣାଗଲା । ସେଥି ମଧ୍ୟରୁ ନୂଆ ଆଉ ପୁରୁଣା ପୀଢ଼ିର ସ୍ୱର ବାରିବା କଠିନ ଥିଲା । ଅର୍ଥାତ୍ ମୁଁ କ୍ରମଶଃ ଉଭୟ ପୀଢ଼ିର ଘୋଷିତ ନେତାଯେ ହୋଇଯାଇଥିଲି, ଏଥିରେ ସନ୍ଦେହ ନ ଥିଲା ।

ଗୋବର୍ଦ୍ଧନ ପୂଜାର ଆୟୋଜନ ପ୍ରବଳ ଉତ୍ସାହର ସହ ଆରମ୍ଭ ହେଲା । ମୋର ପ୍ରସ୍ତାବରେ ମନ ଓ ପ୍ରାଣରେ ଏକତାବଦ୍ଧ ହୋଇ ସକଳ ଗୋପଗୋପୀ ଏକଜୁଟ ହେଲେ । ରାଧାଙ୍କ ସହିତ ଲଳିତା, ବିଶାଖା, ଜୟଶ୍ରୀ ଆଦି ଗୋପୀଗଣ ପ୍ରସ୍ତୁତିରେ ମଜ୍ଜିଗଲେ ।

ରାଧା ଓ ତାଙ୍କ ସଖୀଗଣ ବୃନ୍ଦାବନରେ ସତେ ଯେମିତି ଲାଖି ଯାଇଥିଲେ । ଲାଗୁଥିଲା ଏବେ ଆଉ ଶୀଘ୍ର ଫେରିବାର-ପୂର୍ବ ବ୍ୟଗ୍ରତା ଆଉ ନାହିଁ । ଶ୍ରୀରାଧାଙ୍କ ସହିତ ମୋର ନିତ୍ୟ ମିଳନ ସରଳ ହୋଇଯାଇଥିଲା । ଭାଣ୍ଡିର-ବନର ନିର୍ଦ୍ଧାରିତ ସେଇ କୁଞ୍ଜସ୍ଥଳୀ ଆମର ମିଳନସ୍ଥଳୀ ହୋଇ ଯାଇଥିଲା । ଲଳିତାର କାର୍ଯ୍ୟ ଆମ ଦୁହିଁଙ୍କ ଭିତରେ ମିଳନ କରାଇବା ଏବଂ ପହରାଦାର ରୂପେ କାର୍ଯ୍ୟ କରିବା ଥିଲା । ଏଇ ପହରା ମଧ୍ୟ ବୃଥା ଥିଲା କାରଣ ରାଧାଙ୍କ ସହିତ ମୋର ପ୍ରେମ-ଆକର୍ଷଣ ବିଷୟରେ ଗୋପବାସୀ ବେଶ୍ ପରିଚିତ ହୋଇସାରିଥିଲେ ।

ଇନ୍ଦ୍ରପୂଜା ପାଇଁ ଯେଉଁ ଦିନଟି ନିର୍ଦ୍ଧାରିତ ହୋଇଥିଲା, ଠିକ୍ ସେଇଦିନ ହିଁ ଗିରିରାଜ ପୂଜା ସମ୍ପନ୍ନ କରିବାକୁ ନିର୍ଣ୍ଣୟ କରାଗଲା । ପୂଜା-ବିଧି ନିଶ୍ଚିତ କରିବା ପାଇଁ ମଥୁରାରୁ ରାଜପୁରୋହିତ ଗର୍ଗାଚାର୍ଯ୍ୟଙ୍କୁ ପୁଣି ଥରେ ଆମନ୍ତ୍ରିତ କରାଗଲା ।

ଗର୍ଗାଚାର୍ଯ୍ୟ ସବୁକିଛି ଠିକ୍ ଠିକ୍ ତ ନିର୍ଣ୍ଣୟ କଲେ କିନ୍ତୁ ଏକ ବିଚିତ୍ର ସର୍ତ୍ତ ସେଥିରେ ଯୋଡ଼ି ଦେଲେ । ସେଇ ସର୍ତ୍ତ ଅନୁଯାୟୀ ନିର୍ଦ୍ଧାରିତ ଦିନ ସମଗ୍ର ବ୍ରଜବାସୀ ସ୍ନାନ-ଧ୍ୟାନ ସମାପ୍ତ କରି, ନୂତନ ବସ୍ତ୍ର ଧାରଣ କରି ଗିରିରାଜ ଠାରେ ପହଞ୍ଚି, ପ୍ରଣାମ ପୂର୍ବକ ତାଙ୍କୁ ପରିକ୍ରମା କରିବେ । ସଧବା ଗଣ ପୂଜନ ସାମଗ୍ରୀ ଏକତ୍ରିତ କରି ଗିରିରାଜର ପାଦ ଦେଶରେ ପହଞ୍ଚିବେ । ତା'ପରେ ଋଷି ଗର୍ଗ ସବିଧି ଅକ୍ଷତ, ତଣ୍ଡୁଳ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ଆରତୀ ଦେଇ ପୂଜନ ସମ୍ପନ୍ନ କରିବେ । ନାନାବିଧ ବ୍ୟଞ୍ଜନ ଭୋଗ କରିବେ । ସବୁତୀର୍ଥ, ଗ୍ରହ ଅବା ପବିତ୍ର ନଦୀର ଅଧିଷ୍ଠାତା ଦେବତା ଓ ଦେବୀ ଥାଆନ୍ତି । ଏହି ଅଧିଷ୍ଠାତା ଦେବ ବା ଦେବୀଙ୍କ ଶରୀର ମାନବ ସଦୃଶ ହିଁ ହୋଇଥାଏ । ସବିତା (ସୂର୍ଯ୍ୟ) ଯିଏ ଅଗ୍ନିପିଣ୍ଡ ସଦୃଶ ଆକାଶରେ ଉଦିତ ହୁଅନ୍ତି ସେ ହିଁ ତାଙ୍କ ଅଧିଷ୍ଠାତା ଦେବତାଠୁଁ ଭିନ୍ନ । ତାଙ୍କର ଅଧିଷ୍ଠାତା ଜଣେ ପ୍ରକାଶମାନ ଦେବପୁରୁଷ । ଠିକ୍ ସେଇ ଭଳି ଗଙ୍ଗା କେବଳ ଜଳର ଏକ ପ୍ରବହମାନ ସ୍ରୋତର ନାମ ନୁହେଁ । ଗଙ୍ଗାନଦୀର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀଙ୍କ ପରି ସୌମ୍ୟ ଏବଂ ଧବଳ ଶ୍ୱେତ ବସ୍ତ୍ରା ଦେବୀ । ସେଇ ଦେବୀ ସେଇମାନଙ୍କୁ ହିଁ ଦର୍ଶନ ଦିଅନ୍ତି, ଯେଉଁମାନେ ଗଙ୍ଗାଙ୍କୁ ଉପାସନା ଆରାଧନା ପୂର୍ବକ ତାଙ୍କୁ ପ୍ରସନ୍ନ କରନ୍ତି ।

"....ଗୋବର୍ଦ୍ଧନ ପୂଜା ଯେହେତୁ ବର୍ତ୍ତମାନ ଆରମ୍ଭ ହୋଇଛି, ଏଣୁ ଏହାର କେହି ଅଧିଷ୍ଠାତା ଦେବତା ନାହାନ୍ତି । ମନ୍ତ୍ରରେ ସେଇ ଶକ୍ତି ଅଛି ଯାହା ଫଳରେ କି ନୂତନ

ଦେବତା ମଧ୍ୟ ନିର୍ମିତ ହୋଇପାରିବେ । ଏଣୁ ବୈଦିକ ଅବା ପୌରାଣିକ ଦେବତା ମୂଳତଃ ନ ଆସିଲେ ସୁଦ୍ଧା ତାଙ୍କ ପୂଜା ଅର୍ଚ୍ଚନା ଓ ନାମଜପ କରି ମନ୍ତ୍ର ଦ୍ୱାରା ତାଙ୍କୁ ନିର୍ମିତ କରିହେବ ଓ ପୂଜା ସମ୍ପନ୍ନ କରାଯାଇପାରିବ ।"

- "ଗିରିରାଜ ଗୋବର୍ଦ୍ଧନର କେହି ଅଧିଷ୍ଠାତା ଦେବ ଯଦି ନାହାନ୍ତି ତେବେ ଆମ ଦ୍ୱାରା ପ୍ରସ୍ତୁତ ସୁସ୍ୱାଦୁ ବ୍ୟଞ୍ଜନ ଗ୍ରହଣ କରିବେ କିଏ ?" ବ୍ରଜବାସୀ ପ୍ରଶ୍ନ କଲେ ।

- "ସେକଥାତ ତ ମୁଁ ମଧ୍ୟ ଭାବୁଥିଲି ।" ଋଷି ଗର୍ଗ କହିଲେ

- "ଆପଣ ହିଁ କିଛି ନିର୍ଣ୍ଣୟ ଦିଅନ୍ତୁ ।"

- "ହଁ ।"

- "କ'ଣ ?"

- "ଗୋପାଳ ଶ୍ରୀକୃଷ୍ଣଙ୍କୁ ହିଁ ଗିରିରାଜର ଅଧିଷ୍ଠାତା ଦେବ ମାନିନିଆଯାଇ ସମସ୍ତ ବ୍ୟଞ୍ଜନ ନୈବେଦ୍ୟ ତାଙ୍କୁ ଅର୍ପଣ କରାଯାଉ । ନିଜର ଅଲୌକିକ ପରାକ୍ରମ ପ୍ରଦର୍ଶନ କରି ଶ୍ରୀକୃଷ୍ଣ ନିଜ ଦେବତ୍ୱ ପ୍ରମାଣ କରିସାରିଛନ୍ତି । ବ୍ରଜର ସମସ୍ତ ନାଗରିକତ ତାଙ୍କୁ ଭଗବାନଙ୍କ ଅବତାର ରୂପେ ସ୍ୱୀକାର କରନ୍ତି ।" ଗର୍ଗାଚାର୍ଯ୍ୟ ଭାବବିହ୍ୱଳ କଣ୍ଠରେ କହିଲେ ।

ପ୍ରସ୍ତାବଟି ସମସ୍ତଙ୍କ ପସନ୍ଦଯୋଗ୍ୟ ହେଲା । କିନ୍ତୁ ମୋତେ ବୁଝାଇବ କିଏ ? ମୁଁ ଯେ ନୈବେଦ୍ୟ ଗ୍ରହଣ କରିବାକୁ ନାରାଜ । ଯୋଡ଼ହସ୍ତରେ କହିଲି - "ଗୋବର୍ଦ୍ଧନରେ ପୂଜନ ପ୍ରସ୍ତାବ ମୁଁ ହିଁ ଦେଇଥିଲି, ଆଉ ମୁଁ ହିଁ ଯଦି ଗିରିରାଜ ହୋଇଯାଏ, ତେବେ ଜନମତରେ ସୁନ୍ଦର ପରିହାସଟିଏ ସୃଷ୍ଟି ହେବ । ଲୋକେ କହିବେ, ମୁଁ ଗିରିରାଜ ପୂଜା ବାହାନାରେ ନିଜର ପୂଜା ଆରମ୍ଭ କରିଦେଇଛି । ଏ ପର୍ଯ୍ୟନ୍ତ ତ ଗିରିରାଜ ଗୋବର୍ଦ୍ଧନକୁ ପୂଜା ନିବେଦନ କରିଆସିଛି, ଆଜି ସ୍ୱୟଂ ଗିରିରାଜ ହୋଇଯିବି, ଏ କଥା ଅସମ୍ଭବ ।" ମୁଁ ଗର୍ଗାଚାର୍ଯ୍ୟଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲି ।

ବ୍ରଜବାସୀଙ୍କ ପାଖରେ ସର୍ବଶେଷ ଉପାୟଟି ଥିଲା । ସେମାନେ ଜାଣିଥିଲେ ସଂସାରରେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ଅନୁରୋଧକୁ ମୁଁ ଆଡ଼େଇ ପାରନ୍ତି ନାହିଁ । ଲୋକେ ଦୌଡ଼ିଲେ ଶ୍ରୀରାଧାଙ୍କ ପାଖକୁ - "ବୃଷଭାନୁ ସୁତା । କୃପାକର । ଆମେ ଜାଣିଛୁ, ଶ୍ରୀକୃଷ୍ଣଙ୍କ ମନରେ ତୁମ ପ୍ରତି କିଭଳି ବିଶୁଦ୍ଧ ନିଃସ୍ୱାର୍ଥପ୍ରେମ ଅଛି । ତୁମେ ମଧ୍ୟ ଠିକ୍ ସେହିପରି ତାଙ୍କୁ ଭଲପାଅ । ତୁମେ ଚାହିଁଲେ ଶ୍ରୀକୃଷ୍ଣ ଗିରିରାଜ ହେବାପାଇଁ ରାଜି ହେବେ ।"

- "ମୁଁ ଚେଷ୍ଟା କରିବି ।" ରାଧା ବ୍ରଜବାସୀଙ୍କୁ ଆଶ୍ୱାସନା ଦେଲେ ।

ଶ୍ରୀରାଧା ଲଳିତା ମାଧମରେ ମୋତେ ଭାଣ୍ଡୀର - ବଣକୁ ଡକାଇଲେ । ଶ୍ରୀରାଧାଙ୍କ ଆହ୍ୱାନକୁ ମୁଁ ପ୍ରତ୍ୟାଖ୍ୟାନ କରିପାରିବି, ଏହା ତ କଦାପି ସମ୍ଭବ ନୁହେଁ । ମୁଁ ଆସି ଉପସ୍ଥିତ ହେଲି କରୀଳ- କୁଞ୍ଜରେ ।

- "ରାଧା ! ଏଇ ଅସମୟରେ ମୋତେ କାହିଁକି ସ୍ମରଣ କଲ । ଆସନ୍ତାକାଲି ଗିରିରାଜ ପୂଜନ । ମୁଁ ପ୍ରସ୍ତୁତିରେ ବ୍ୟସ୍ତ ଥିଲି ।" ମୁଁ କହିଲି ।

- "ତେବେ ମୋର ଡାକରା ବ୍ୟାଘାତ ଦେଲା ତୁମକୁ ?"

- "ନା, ରାଧା ! ବ୍ୟାଘାତର ପ୍ରଶ୍ନ କାହିଁ । ଆମ ଦୁହିଁଙ୍କ ସାକ୍ଷାତକାର, ନୀରବ ନିଃଶ୍ୱାସର ଭାବବିନିମୟ ନିରନ୍ତର ଚାଲିଥାଏ । ତୁମେ କ'ଣ ଜାଣି ନ ତୁମର ନିବାସ କେଉଁଠି ?"

- "ବୃହସାନୁପୁର ।" ରାଧା ପରିହାସ କଲେ ।

- "ପରିହାସ କରନା ରାଧା । ତୁମେ ନିରନ୍ତର ମୋ ଅନ୍ତରରେ ବସି ମୋର ପ୍ରେରଣାର ଉତ୍ସ ହୋଇ ଆସିଛ । ତୁମେ ମୋର ଆରାଧ୍ୟା । କି ଆଦେଶ ଦେବ ଦିଅ ବୃଷଭାନୁ ନନ୍ଦିନୀ ।" ମୁଁ ସ୍ମିତ ହସ ଚୋଳି କହିଲି ।

- "ଆଦେଶ ନୁହେଁ, ଅନୁରୋଧ ... ଅନୁରୋଧ ନୁହେଁ ମାଗୁଣି ।" ରାଧା କହିଲେ ।

"ମାଗୁଣି ! ଆଦେଶ କର ରାଧା ? ମାଗିବା ପାଇଁ ଆଉ କ'ଣ ଯେ ଶେଷ ରହିଯାଇଛି, ତୁମର ଅବା ମୋର ? ତୁମେ ତ ସ୍ୱୟଂ ଜାଣିଛ ଆମ ଦୁହିଁଙ୍କ ସମ୍ପର୍କ ଅଭେଦ । ତୁମକୁ ଦେବା ଅର୍ଥ ସ୍ୱୟଂକୁ ଦେବା । ରାଧା କୃଷ୍ଣଙ୍କୁ ମାଗୁଣି କରିବେ ଆଉ କୃଷ୍ଣ ରାଧାଙ୍କ ପାଖରେ, ଏହାଠାରୁ ବଳି ହାସ୍ୟାସ୍ପଦ କଥା ଆଉ କ'ଣ ଅଛି ? ଆଦେଶ କର ରାଧେ ।" ମୁଁ କହିଲି ।

- "ଠିକ୍ ଅଛି ଆଦେଶ ହେଉ ପଛେ ତା'ର ପାଳନ ହେବ ତ ?" ରାଧା ପଚାରିଲେ ।

ମୁଁ ଅନ୍ୟମନସ୍କ ଭାବେ ଚୁପ୍ ରହିଗଲି । ସଦା ପ୍ରସନ୍ନ ମୁଖଟି ମୋର ମ୍ଳାନ ପଡ଼ିଗଲା । ରାଧାଙ୍କର ମନେ ହେଲା ମୁଁ ଯେପରି ରାଗିଯାଇଛି ।

ମୋର ଚିବୁକରେ ନିଜର ଡାହାଣ ତର୍ଜନୀ ସ୍ପର୍ଶ କରି ରାଧା ପ୍ରଶ୍ନ କଲେ - "ତୁମେ ଉତ୍ତର ଦେଲ ନାହିଁ ଯେ ... ।"

- "ତୁମେ ମୋତେ ଉତ୍ତର ଦେବା ଅବସ୍ଥାରେ ବି ରଖିଲ ନାହିଁ ରାଧା ।"

ରାଧା ଆଶ୍ୱସ୍ତ ହେଲେ । ମୁଁ ସମ୍ପୂର୍ଣ୍ଣ ରାଗି ହୋଇନାହିଁ । ନ ହେଲେ ଏଇ ସମ୍ବୋଧନ ଟିକକ ମଧ୍ୟ ତାଙ୍କ ତୁଣ୍ଡକୁ ଆସି ନ ଥାନ୍ତା ।

- "କାହିଁକି ? କ'ଣ ଭୁଲ୍ ରହିଗଲା ମୋ'ଠାରେ ।" ରାଧା ମୋର କାନ୍ଧ ଉପରକୁ ଝୁଙ୍କି ପଡ଼ିଲେ ।

- "ତୁମେ ପଚାରିଲ ଆଦେଶ ପାଳନ ହେବ ତ ?"

- " ହଁ ।" ରାଧା କଥାର ଗଭୀରତା ପର୍ଯ୍ୟନ୍ତ ପହଞ୍ଚିପାରୁ ନଥିଲେ । ଶ୍ରୀରାଧାଙ୍କ ପାପୁଲିକୁ ନିଜ ହାତକୁ ଟେକି ନେଲି । ମନେ ହେଲା ଯେପରି ନିରୁତା ସ୍ନେହରେ ମୁଁ ତାଙ୍କର କୋମଳ ଆଙ୍ଗୁଠିଗୁଡ଼ିକୁ ଆଉଁଷୁଥିଲି । ଗଭୀର ବିଶ୍ୱାସର ସହିତ ମୁଁ ତାଙ୍କ ସ୍ପର୍ଶକୁ ଆତ୍ମାରେ ଅନୁଭବ କରୁଥିଲି ।

- "ମୁଁ ଜାଣିପାରୁନାହିଁ, କ'ଣ ଭୁଲ ହୋଇଛି । ତୁମେ ଯଦି ଜାଣିଛ କହିଦେଉନ !" ରାଧାଙ୍କର ଚମ୍ପକକଢ଼ି ଆଙ୍ଗୁଡ଼ିଗୁଡ଼ିକର ଅନୁଚାରିତ କମ୍ପନ ଯେମିତି ମୋ ଉଷ୍ମତାରେ ନେସି ହୋଇଯାଇଥିଲା ।

- "ତୁମର ଭୁଲ୍ ମୋତେ ତମେ ସନ୍ଦେହ କଲ । ତୁମ ଓ ମୋ ମଧ୍ୟରେ ସନ୍ଦେହ କାହିଁକି ? ତୁମର ଆଦେଶର ଆଦେଶପାଳନ କରିବି ନାହିଁ, ଏକଥା କିପରି ତୁମେ ଭାବିପାରିଲ ରାଧା !"

- "କାହ୍ନା ମୋର ! ତମର ମୋ ଉପରେ ଏତେ ବିଶ୍ୱାସ ଅଛି ।" ଆହ୍ଲାଦିନୀ ଶ୍ରୀରାଧା ମୋତେ ତାଙ୍କ ବାହୁ ବନ୍ଧନରେ ବାନ୍ଧି ନେଲେ ।

- "ତୁମକୁ ଆଜି ଏକଥା ଅନୁଭବ ହେଉଛି ରାଧା !" ମୋର ବିଚଳିତ ସ୍ୱରରେ ଅଭିମାନ ଥିଲା ।

- " ନା, ପ୍ରେମରେ ପରୀକ୍ଷା ବି ମଧ୍ୟେ ମଧ୍ୟେ ଦେବାକୁ ପଡ଼ିଥାଏ ।"

- "ପରୀକ୍ଷା ଜଟିଳ ନିଶ୍ଚୟ । କାରଣ ଏହା ଖାଲି ବାକ୍ୟ ନୁହେଁ ମୋର ମହିଷ୍ମତି ପରମପ୍ରିୟା ଶ୍ରୀରାଧାଙ୍କର ମୁଖନିସୃତ ଆଦେଶ । ଆଜି ପର୍ଯ୍ୟନ୍ତ ସବୁତକ ପରୀକ୍ଷାରେ ତୁମରି ଭରସାରେ ହିଁ ଉତ୍ତୀର୍ଣ୍ଣ ହୋଇଆସିଛି ମୁଁ । ବର୍ତ୍ତମାନ ବି ଉତ୍ତୀର୍ଣ୍ଣ ହୋଇଯିବି । ପରୀକ୍ଷା କରିନିଅ । ଆଜି ପର୍ଯ୍ୟନ୍ତ ଅନ୍ୟମାନେ ହିଁ ମୋର ପରୀକ୍ଷା ନେଇ ଆସିଛନ୍ତି । ଭବିଷ୍ୟତରେ ନେବେ ମଧ୍ୟ । ତୁମରି ଶକ୍ତିରେ ହିଁ ଆଜି ପର୍ଯ୍ୟନ୍ତ ସବୁତକ ପରୀକ୍ଷାରେ ମୁଁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛି । କିନ୍ତୁ ଆଜି ତୁମେ ଯେହେତୁ ନିରୀକ୍ଷିକା ହୋଇ ବସିଛ, ତେବେ ପରୀକ୍ଷା କଠିନ ଥିବ ନିଶ୍ଚୟ । କିନ୍ତୁ ଏଥିରେ ମଧ୍ୟ ପୂର୍ବ ପରି ତୁମେ ହିଁ ମୋତେ ଉତ୍ତୀର୍ଣ୍ଣ କରାଇବ । କୃଷ୍ଣ ଶକ୍ତିର ମୂଳଉତ୍ସ କିଏ କୁହ ତ ଦେବୀ ?"

- "ତୁମକୁ ଗିରିରାଜ ଭୂମିକାରେ ଅବତୀର୍ଣ୍ଣ ହେବାକୁ ହେବ ।" ରାଧା କଥାର ରହସ୍ୟମୋଚନ କଲେ ।

ମୁଁ ନୀରବ, ନିରୁତ୍ତର ଓ ଭାବମଗ୍ନ ହୋଇ ପଡ଼ିଲି ।

- "ପରୀକ୍ଷା କ'ଣ ଖୁବ୍ ଜଟିଳ । ଏଇ ତିନିଟି ଶବ୍ଦ ଧନୁର ବିଷ-ଯୁକ୍ତ ତୀର ପରି ତୁମକୁ କ'ଣ ବିଦ୍ଧ କଲା ?" ଶ୍ରୀରାଧା ମୋର ଭାବମଗ୍ନତା ଓ ନୀରବତାକୁ ଭଙ୍ଗ କରିବାକୁ ଉଦ୍ୟମ କଲେ ।

- "ପରୀକ୍ଷା ସତରେ ଜଟିଳ । କିନ୍ତୁ ତୀର ନୁହେଁ, ଚାରୋଟି ସଦ୍ୟ ପ୍ରସ୍ଫୁଟିତ କମଳ ପୁଷ୍ପ ମୋର ହୃଦୟରେ ପତିତ ହେଲା ପରି ମନେ ହେଲା । କାରଣ ଏହା ଯେ ମୋର ପରମପ୍ରିୟା ରାଧାଙ୍କ ମୁଖରୁ ନିସୃତ !"

- "ଶ୍ୟାମ ମୋର !!" ଶ୍ରୀରାଧା ଆବେଗରେ, କୋହରେ ଯେମିତି ଫାଟିପଡ଼ିଲେ ।

- "ଜାଣିଛ, ଏ ତୁମର ପ୍ରସନ୍ନତାର ଅଶ୍ରୁ, ରାଧା ।" ମୁଁ ଆରମ୍ଭ କଲି - "ତଥାପି ତୁମେ କାନ୍ଦ ନାହିଁ । ମୁଁ ଗର୍ଗାଚାର୍ଯ୍ୟଙ୍କ ଆଦେଶ ଓ ଅନୁରୋଧକୁ ଅସ୍ୱୀକାର କରିବାର ଦୁଃସାହସ କରିଥିଲି, କିନ୍ତୁ ଏବେ ସେହି ବିଷୟରେ ଆଉ କିଛି ଚିନ୍ତା କରିବାର ଆବଶ୍ୟକତା ନାହିଁ । ଆସନ୍ତାକାଲି ମୁଁ ଗିରିରାଜ ହେବି - ଗୋବର୍ଦ୍ଧନର ଅଧିଷ୍ଠାତା ଦେବ !

- "ମୋର ପ୍ରାଣ ! ମୋର ସର୍ବସ୍ୱ ! ତୁମ ଉପରେ ମୋର ଏଇ ଭରସା ଥିଲା ।" ଶ୍ରୀରାଧା ଅଶ୍ରୁ ସମ୍ବରଣ କରି କହିଲେ ।

- "କିନ୍ତୁ ମୋର ଗୋଟେ କଥା କହିବାର ଅଛି ।" ମୁଁ ସ୍ମିତ ହସ ଟୋକି କହିଲି ।

- "କୁହ ।"

- "ଯଦି ମୁଁ ମୋର ଇଚ୍ଛା ପ୍ରକଟକରେ, ସେଇ ଇଚ୍ଛା ଅଭିଳାଷର କଥା ପାଳନ କରାଯିବ ତ ?"

- "ମୁଁ ଜାଣିଛି ତୁମେ ଏପରି କୌଣସି ପ୍ରଶ୍ନ ବା ଇଚ୍ଛା ପ୍ରକଟ କରିବ ନାହିଁ ଯାହା ଅପ୍ରାସଙ୍ଗିକ ମନେହେବ ।" ରାଧା ବି ହସିବାର ପ୍ରଚେଷ୍ଟା କଲେ ।

- " ତେବେ ଆସନ୍ତାକାଲି ମୋ ପାର୍ଶ୍ୱରେ ଛିଡ଼ା ହୋଇ ତୁମକୁ ମଧ ପୂଜା ଗ୍ରହଣ କରିବାକୁ ହେବ । ମୁଁ ଗିରିରାଜର ଅଧିଷ୍ଠାତା ହେବି ଆଉ ତୁମେ ଅଧିଷ୍ଠାତ୍ରୀ ।"

ଶ୍ରୀରାଧା ମୋର ଏହି କଥାରେ କାନ୍ଦି କାନ୍ଦି ହୋଇ କାନ୍ଦି ଉଠିଲେ । ଅବିରତ । କୋହ ପରେ କୋହ । ଥମିବାର ଉପାୟ ନାହିଁ ।

ମୁଁ ତଟସ୍ଥ ... ବ୍ୟାକୁଳ । ମୋର କିଛି ଭୁଲ୍ ହୋଇଗଲା କି ? କହି ସାରିଥିବା କଥାକୁ ପୁଣି ଫେରେଇ ଆଣିବି କେମିତି ?

- "ରାଧା ! ରାଧା ! ଶୁଣିହୁଅ !" ମୋର ଆଶ୍ୱାସନାରେ ସୁଦ୍ଧା ରାଧାଙ୍କ କ୍ରନ୍ଦନ ବନ୍ଦ ହେଲା ନାହିଁ । ମୁଁ ଯେତେ ରାଧାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥାଏ ସେ ସେତିକି ଆକୁଳ ହୋଇ କାନ୍ଦୁଥାନ୍ତି ।

- "ମୁଁ ନିଜର ପ୍ରସ୍ତାବ ଫେରେଇ ନେଉଛି ପ୍ରିୟେ । ଆଉ କାନ୍ଦ ନାହିଁ ଦୟାକରି ମୋତେ କଷ୍ଟ ଦିଅନାହିଁ ?"

- "ନା, ଶ୍ୟାମ, ପ୍ରସ୍ତାବ ଫେରେଇ ନେବାର କୌଣସି ଆବଶ୍ୟକତା ନାହିଁ । ତୁମେ ମୋର କଥା ଟାଳି ପାରିବନି ତ ମୁଁ କେଉଁ ସାହସରେ ତୁମ ପ୍ରସ୍ତାବ ଟାଳିବି ?" ରାଧା କୋହଭରା ଅଶ୍ରୁଭରା ସ୍ୱରରେ କହିଲେ ।

- "ତେବେ କାହିଁକି କାନ୍ଦୁଛ ?" ମୁଁ କ୍ରନ୍ଦସୀ ଶ୍ରୀରାଧାଙ୍କ ଚିବୁକ ଟୋଳି ପ୍ରଶ୍ନ କଲି । ରାଧାଙ୍କ ଲୁହଭରି ଆଖିରେ ଯେମିତି ମେଘଢ଼ଙ୍କା ଆକାଶ ଘୁମୁରି ଉଠୁଥିଲା ।

- "ତୁମେ ମୋତେ ଯେ ଏତେ ଭଲପାଅ, ସମ୍ମାନ କର, ଏହାର କଳ୍ପନା ମୁଁ ସ୍ୱପ୍ନରେ ସୁଦ୍ଧା କରି ନଥିଲି । ଏତେ ବ୍ରଜବାସୀଙ୍କ ଗହଣରେ ତୁମେ ଯେଉଁ ଅଦମ୍ୟ ସାହସରେ ମୋତେ ପର୍ବତରେ ତୁମ ପାର୍ଶ୍ୱରେ ରଖି ପୂଜା ଗ୍ରହଣ କରିବ, ସେ କଥା ଭାବିଲା କ୍ଷଣି ମୁଁ ଅସ୍ଥିର ... ଉଚ୍ଚାଟ ହୋଇଯାଉଛି କାହ୍ନା ।"

ପରମସ୍ନେହରେ ରାଧାଙ୍କର କପାଳରେ ଝୁଲୁଥିବା ଚୂର୍ଣ୍ଣକୁନ୍ତଳକୁ ଆଡ଼େଇ ଦେଇ କହିଲି - "ପ୍ରାଣମୟି, ଚୈତନ୍ୟମୟି ରାଧା ମୋର ! ତମର ଭଲପାଇବାର ଲୁହରେ ମୁଁ ମୋର ଚେତନାର ଭୂମିକୁ କେବେଠାରୁ ପ୍ରୀତିପୂର୍ଣ୍ଣ ଅନୁରାଗରେ ରଙ୍ଗାଇ ଦେଇଛି । ତମର ପ୍ରେମର ଆଶ୍ଲେଷରେ ମୋର ସବୁ ଅରମା ଅମାନିଆପଣ କେବେଠୁ ସମତୁଲ ହୋଇଯାଇଛି । ତମର ମୋହମୁଗ୍ଧ ପ୍ରେମର ଆତୁରପଣ ଯେ ମୋ ପାଇଁ କେତେ ଗଭୀର ଅନ୍ତରଙ୍ଗ ତାହା ଆସନ୍ତାକାଲି ବ୍ରଜବାସୀ ଆହୁରି ଭଲଭାବରେ ବୁଝିପାରିବେ ।"

- "କାହ୍ନା ... ମୋର ପ୍ରିୟ କାହ୍ନା !" .... ରାଧାଙ୍କ କଣ୍ଠ କୋହରେ ବତୁରି ଯାଉଥିଲା । ".... ମୋର ନାଡି, ନିଃଶ୍ୱାସ, ସ୍ନାୟୁର ପ୍ରତିଟି ରକ୍ତକୋଷରେ ମୁଁ ତୁମକୁ ହିଁ ଅହରହ ଭେଟୁଛି କାହ୍ନା । ହେଲେ ତମର ସ୍ନେହର ଛଳ ଛଳ ପଣରେ ମୋର ସମଗ୍ର ଅସ୍ତିତ୍ୱ ସୁଗନ୍ଧିତ ହୋଇଯାଉଛି । ତୁମ ମୁରଲୀ ଧ୍ୱନିରେ ମୁଁ ସଙ୍ଗୀତମୟ, ମଧୁମୟ ହୋଇଯାଉଛି ଯେ .... ।"

ରାଧା ଖାଲି କାନ୍ଦୁଥାନ୍ତି । ମୁଁ ତାଙ୍କ ଲୁହକୁ ଅଟକାଇ ପୋଛି ପାରୁ ନଥାଏ । ମୋତେ ଭାରି ଅସହାୟ ଲାଗୁଥାଏ ।

ତା'ପର ଦିନ ଗର୍ଗାଚାର୍ଯ୍ୟଙ୍କ କଥାନୁଯାୟୀ ଧୁମ୍‌ଧାମ୍‌ରେ ଗିରିରାଜ ପୂଜନ ହେଲା ଗିରିରାଜ ପରିକ୍ରମା କରାଗଲା । ଗିରିରାଜର ଅଧିଷ୍ଠାତା ଓ ଅଧିଷ୍ଠାତ୍ରୀ ଦେବୀ ରୂପରେ ମୁଁ କାହ୍ନା ଓ ଶ୍ରୀରାଧା ପୂଜା ଗ୍ରହଣ କଲୁ ।

ସେଇଦିନଠୁଁ ରାଧା-କୃଷ୍ଣ ପୂଜା ଆରମ୍ଭହେଲା ପାର୍ଥଅର୍ଜୁନ - ଯାହା ଏ ପର୍ଯ୍ୟନ୍ତ ଚାଲିଆସିଛି । ମୋର ଶତାୟୁ ଜୀବନରେ ବହୁ ନାରୀ ଆସିଛନ୍ତି - ମହିଷୀ, ପଟ୍ଟମହିଷୀ । କିନ୍ତୁ ମୋ ବାମପାର୍ଶ୍ୱରେ ଶ୍ରୀରାଧା ଯେଉଁ ଥରେ ମାତ୍ର ବିରାଜିତ ହୋଇଥିଲେ, ଆଜିପର୍ଯ୍ୟନ୍ତ ଲୋକମାନସରେ ଠିକ୍ ସେମିତି ପାର୍ଶ୍ୱବିରାଜିତା ହୋଇ ରହି ଆସିଛନ୍ତି ।

ଏପରି ସୌଭାଗ୍ୟ କେତେ ଜଣଙ୍କ ଭାଗ୍ୟରେ ଜୁଟିଛି, କହିଲ ପାର୍ଥ ଅର୍ଜୁନ । ଦେଖୁଛ ଏବେ ହୁତ୍ ହୁତ୍ ହୋଇ ଜଳୁଥିବା ମୋର ଜୁଇରେ ଶ୍ରୀରାଧଙ୍କ ସହିତ ମୋର ଅନାବିଳ ପ୍ରେମକାହାଣୀର ପ୍ରତିଟି ଶବ୍ଦ, ପ୍ରତିଟି ମୁହୂର୍ତ୍ତ କିପରି ଅପୂର୍ବ ନାଦରେ ଚଡ଼ଚଡ଼ ହୋଇଫୁଟୁଛି ।

ବୃନ୍ଦାବନରେ ତାହା ମୋର ସେଇ ସ୍ମରଣୀୟ କୈଶୋର ଓ ଉଦଗ୍ର ଯୌବନର କାଳ - ଯାହା ଏବେ କାଳାତୀତ ହେବାକୁ ବସିଛି, ସଖା ଅର୍ଜୁନ !

ଏହି ଘଟଣା ଘଟିଯିବା ପରଦିନ ହିଁ ବୃନ୍ଦାବନ ଉପରେ ଭୟଙ୍କର ସଙ୍କଟ ଆସି ଉପସ୍ଥିତ ହେଲା । ଯାହାର ଭୀଷଣତା କେବେ ହେଲେ ଭୁଲିହେବ ନାହିଁ । ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲା, ହଠାତ୍ ଆକାଶରେ ହାତୀ ଭଳି ବିଶାଳ ଆକୃତିର କଳା ହାଣ୍ଡିଆ ମେଘଖଣ୍ଡ ଦ୍ୱାରା ଆକାଶ ଛାଇଗଲା ।

ଖୁବ୍‌ବେଗରେ ଆକାଶରେ ବିଜୁଳି ଚମକିଲା । ଅଣଚାଷ ବେଗରେ ବତାସ ବୋହିବାକୁ ଲାଗିଲା । କ୍ରମଶଃ ପ୍ରବଳ ଜଳଧାରା ଅଜାଡ଼ି ହୋଇପଡ଼ିଲା । ତୀବ୍ର ପବନର ଗତି ଯୋଗୁଁ ବିଶାଳକାୟ ବୃକ୍ଷ ସବୁ ଭାଙ୍ଗିଗଲା । ସନ୍ଧ୍ୟା ଆସନ୍ନ ହେଲାବେଳକୁ ବର୍ଷାର ବେଗ ଶହେ ଗୁଣ ବଢ଼ିଗଲା । ସମଗ୍ର ବୃନ୍ଦାବନ ଏହି ହଠାତ୍ ଭୀଷଣ ବର୍ଷାରେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଗଲା । ନନ୍ଦବାବା ଛତା ଧରି କେହି କେହି କମ୍ବଳଦ୍ୱାରା ଦେହ ମୁହଁକୁ ଘୋଡ଼ାଇ ପରସ୍ପରକୁ ତକାତକି ହୋଇ ସମସ୍ତେ ଆସି ଘଞ୍ଚ ବରଗଛ ମୂଳରେ ପହଞ୍ଚିଲେ । ଅନ୍ୟାନ୍ୟ ଗୋପନାରୀ, ରାଧା ଓ ତାଙ୍କ ପତି ଚନ୍ଦ୍ରସେଣା ମଧ୍ୟ ଆସି ଯୋଗଦେଲେ । ସମସ୍ତଙ୍କ ମୁହଁରେ ଆତଙ୍କର ଛାଇ ବୋଲି ହୋଇଯାଇଥାଏ । ବର୍ଷା ଥମିବାର ନାମ

ନେଉନଥାଏ । ବିଜୁଳି ପ୍ରଚଣ୍ଡ ବେଗରେ ଚମକୁଥାଏ । ବରଗଛକୁ ଛାଡ଼ି ଦେଇ ଆଖପାଖରେ ଅସଂଖ୍ୟ ବୃକ୍ଷ ମୂଳ ସହିତ ଉପୁଡ଼ି ତଳେ ପଡ଼ିଯାଇଥାନ୍ତି । ପ୍ରକୃତିର ଏହି ରୁଦ୍ରରୂପ ତାଣ୍ଡବ ଅନବରତ ଦୁଇଦିନ ଧରି ଚାଲିଥିଲା । ବରଗଛମୂଳରେ ସମସ୍ତେ ଏକତ୍ରିତ ହେଲାପରେ ଭାଇନା ମତେ କହିଲେ, "କୃଷ୍ଣ ! ଏହି ଘୋର ବିପତ୍ତି ସମୟରେ କେବଳ ତୋ'ର ମୂରଲୀ ହିଁ ସମସ୍ତଙ୍କୁ ଧୈର୍ଯ୍ୟ ଦେଇପାରିବ ।"

ଭାଇନାଙ୍କ କଥାରେ ମୁଁ କେବଳ ହସିଦେଲି । ହେଲେ ମୁଁ ତ ମୋର ବଂଶୀକୁ ଘରେ ଛାଡ଼ିଦେଇ ଚାଲିଆସିଥିଲି । ସମସ୍ତେ ବର୍ଷାରେ ଓଦା ହୋଇ ଶୀତରେ ଥରୁଥାନ୍ତି, ଦାନ୍ତ ଠକ୍ ଠକ୍ ବାଜୁଥାଏ । ଅନ୍ୟମାନେ ଭାଇନାଙ୍କ କଥାକୁ ଅନୁମୋଦନ କରି କହିଲେ, "ହଁ କାହ୍ନା ! ତୁମେ ମୂରଲୀ ବଜାଅ ।"

କିନ୍ତୁ ମୁଁ କ'ଣ କରିବି । ମୋ ପାଖରେ ବଂଶୀ ନଥିଲା । ହେଲେ ମୋ ପ୍ରିୟ ସଖୀ ରାଧା ବର୍ଷାରେ ଓଦା ହୋଇ ଶୀତରେ ଥରି ଥରି ମୋ ନିକଟକୁ ପାଖେଇଆସିଲେ । ସେ ମୋର କମ୍ବଳ ଘୋଡ଼ି ହୋଇଥିଲେ । ସେହି କମ୍ବଳ ଖୋସାରୁ ମୂରଲୀ ବାହାର କରି ଆଣି ମୋ ହାତରେ ଦେଇ କହିଲେ, "କାହ୍ନା ! ଏଇ ନିଅ ତୁମର ମୂରଲୀ, ବଜାଅ" ତୁମର ମୂରଲୀର ସ୍ୱର୍ଗୀୟ ସ୍ୱରରେ ଭୟଭୀତ ଏହି ଗୋପଜନଙ୍କୁ ଧୈର୍ଯ୍ୟ ଦିଅ ।"

ମୁଁ ପ୍ରେମଭରା ଦୃଷ୍ଟିରେ ରାଧାଙ୍କୁ ଦେଖୁଥିଲି । ଭାଇନା ଓ ଅନ୍ୟ ଗୋପ ସଖାମାନଙ୍କୁ ଦେଖି ମୁଁ ହସିଲି । ସେମିତି ମୂଷଳଧାରାରେ ବର୍ଷା ହେଉଥିଲା । ବିଜୁଳି ଗର୍ଜୁଥିଲା । ମୁଁ ବଂଶୀକୁ ଓଠ ପାଖକୁ ନେଇ ଏକ ଅଜ୍ଞାତ ସ୍ୱରରେ ତାଳ ଫୁଙ୍କିଲି । ବର୍ଷା ସହିତ ତାଳ ଦେଇ ମୋର ମୂରଲୀ ଧ୍ୱନି ବୃନ୍ଦାବନର ଚତୁର୍ଦ୍ଦିଗରେ ଖେଳାଇ ଗଲା । ବର୍ଷାରେ ଭିଜୁଥିବା ମୋର ପ୍ରିୟ ଗୋପପରିବାର ଏକସ୍ୱରରେ ଗାଇ ଉଠିଲେ, "ବୃନ୍ଦାବନ ତାରକ, ମୂରଲୀଧର ଗୋପାଳକୃଷ୍ଣଙ୍କର ଜୟ ।"

ଉତାଳ ତରଙ୍ଗ ଭଳିଏହି ବଜ୍ରଧ୍ୱନି ପ୍ରତିଧ୍ୱନି କ୍ଷଣି ତୋଫାନର ଗତି ଧୀର ହୋଇଆସିଲା । ବର୍ଷାର ଧାର କମିଆସିଲା । ସମ୍ଭବତଃ ରାତ୍ରିର ଜଳପ୍ରଳୟ ଭିତରେ ଇନ୍ଦ୍ରର ଉତ୍ପାତ କେଉଁଆଡ଼େ ନିଶ୍ଚିହ୍ନ ହୋଇଯାଇଥିଲା ।

ତା' ପରଦିନ ସକାଳେ, ମୋର ଅନ୍ତଃପ୍ରେରଣାରୁ ମୁଁ ଏକ ନାମ ପାଇଲି ଏବଂ ଘୋଷଣା କଲି, "ଆଜି ଠାରୁ ଏହି ପର୍ବତର ନାମ ହେଲା ଗୋବର୍ଦ୍ଧନ । ବର୍ତ୍ତମାନଠାରୁ ଏଠାରେ ପର୍ବତର ସମ୍ମାନାର୍ଥେ ଗୋବର୍ଦ୍ଧନ ଉତ୍ସବ ପାଳିତ ହେବ । ବ୍ରଜଭୂମିର ଅଠରଟି ଗୋକୁଳ ଜନପଦର ସକଳ ଗୋଧନ ସମୂହ ଏଠାରେ ଆସି ଚରିବେ । ଏହାର ସ୍ୱାସ୍ଥ୍ୟକର ଘାସ, ଗଛର ପତ୍ର ପ୍ରଭୃତିରେ ଥିବା ଜୀବନୀସାର ଗାଈମାନଙ୍କର ସ୍ୱାସ୍ଥ୍ୟବର୍ଦ୍ଧନ ଦିଗରେ ସହାୟକ ହେବ ।"

ମୋର ଘୋଷଣା ପରେ ସମସ୍ତେ 'ଗୋବର୍ଦ୍ଧନ ପର୍ବତଙ୍କର ଜୟ ହେଉ' ଧ୍ୱନି ଦେଲେ । ଇତିମଧ୍ୟରେ ଗ୍ରୀଷ୍ମଋତୁ ତାହାର ପ୍ରବଳ ପ୍ରତାପରେ ବୃନ୍ଦାବନର ପ୍ରକୃତିକୁ ଦଗ୍ଧ କରିଦେବାର ଚେଷ୍ଟାରେ ଯେମିତି ଥକି ପଡ଼ିଲା । ଗ୍ରୀଷ୍ମର ପ୍ରଚଣ୍ଡ କିରଣ ବୃନ୍ଦାବନର ସବୁଜମୟୀ ପ୍ରକୃତିକୁ ପରାହତ କରିବାରେ ଅସଫଳ ହୋଇଗଲା । ମୃଗଶିରା ନକ୍ଷତ୍ରର ଆଗମନରେ ବର୍ଷାଋତୁର ସୂଚନା ମିଳିଲା କ୍ଷଣି ସଜଳ ମେଘ ଖଣ୍ଡମାନ ବୃନ୍ଦାବନର ଘନନୀଳ ଆକାଶରେ ସେମାନଙ୍କର ଶୋଭାଯାତ୍ରା ଆରମ୍ଭ କରିଦେଲେ । ଗୁରୁ ଗୁରୁ ମେଘର ଗର୍ଜନ ସହିତ ବିଜୁଳିର ଚମକ ରିମ୍‌ଝିମ୍ ବର୍ଷା ଟୋପା ଯେତେବେଳେ ଉତପ୍ତ ମାଟିକୁ ଚୁମିଲା ସେହି ଭିଜା ଭିଜା ମାଟିର ମିଠାଳିଆ ମତାଣିଆ ବାସ୍ନାରେ ସମଗ୍ର ବୃନ୍ଦାବନ ଯେମିତି ବିଭୋର ହୋଇଉଠିଲା ।

କେ'କା ରାବ କରି ମତ୍ତ ମୟୂରମାନେ ନିଜ ନିଜର ପୁଚ୍ଛ ମେଲାଇ ନୃତ୍ୟ କରିବାକୁ ଲାଗିଲେ । ଛୋଟ ଛୋଟ ଧଳା ପକ୍ଷଥିବା କୀଟପତଙ୍ଗମାନେ ବର୍ଷାର ଆଗମନରେ ଉଡ଼ିବାକୁ ଲାଗିଲେ । ଝିଡ଼ିପୋକ ପ୍ରବଳ ହେବାକୁ ଲାଗିଲେ । କନିଅର, ଟଗର, କଦମ୍ବ, ନାଗେଶ୍ୱର, ମନ୍ଦାର ପ୍ରଭୃତି ଫୁଲମାନେ ଖିଲ୍‌ଖିଲ୍ ହୋଇ ଫୁଟିବାରେ ଲାଗିଲେ । ମଧୁର ଫୁଲଙ୍କର ବାସ୍ନା, ମାଟିର ଆବେଗ ଭରା ସୁଗନ୍ଧ, ପଲ୍ଲବିତ ଗଛ, ପତ୍ର, ଲତାଙ୍କର ଗାଧୁଆ ସଲ୍ଲଜ ମୁହଁ ମତେ ଅଭିଭୂତ କରିଦେଉଥିଲା । ବୃନ୍ଦାବନରେ ଏଇ ଥିଲା ମୋର ପ୍ରଥମ ବର୍ଷାର ଓଦା ଓଦା ଅନୁଭବ ।

ଥରେ ମଧୁବନରେ ମୋର ପ୍ରାଣପ୍ରିୟ ସଖୀ ରାଧିକା ମୋର ହାତ ଦୁଇଟିକୁ ଟାଣି ନେଇ ସାଙ୍ଗମାନଙ୍କଠାରୁ କିଛିଦୂରକୁ ଗୋଟିଏ ଗଛତଳକୁ ନେଇଗଲେ । ବଡ଼ ବଡ଼ ଲାଲ ରଙ୍ଗର ପେନ୍ଥା ପେନ୍ଥା ଫୁଲରେ ଲଦି ହୋଇଥିବା କଦମ୍ବ ଗଛ ମୋର ଅତିପ୍ରିୟ । ହଁ କଦମ୍ବଗଛ । କଦମ୍ବ ଫୁଲର ମାଦକତା ଭରା ସୁଗନ୍ଧରେ ସାରା ପରିବେଶ ଅତ୍ୟନ୍ତ ମୁଗ୍ଧକର ଜଣାପଡୁଥିଲା । ରାଧା ଯେମିତି ମତେ କିଛି ଗୋଟିଏ ଜିନିଷ ଉପହାର ଦେବାକୁ ଚାହୁଁଥାନ୍ତି । ସେଥିପାଇଁ ସେ ତାଙ୍କର ଓଢ଼ଣୀରେ ଲୁଚାଇରଖିଥାନ୍ତି । ତାଙ୍କର ପ୍ରଥମ ସ୍ପର୍ଶ ମନେପଡ଼ିଲା କ୍ଷଣି ମୋର ସର୍ବାଙ୍ଗରେ ଶିହରଣ ଖେଳିଗଲା ଭଳି ମନେହେଉଥାଏ । ସେ ଭାରି ଅଲଗା ଅଲଗା ଦେଖାଯାଉଥାନ୍ତି । ଯେମିତି ଆକାଶର ଚନ୍ଦ୍ର, ସୂର୍ଯ୍ୟଙ୍କର ତେଜରେ ସେ ତେଜମୟୀ, ଶକ୍ତିମୟୀ ଦେଖାଯାଉଥାନ୍ତି । ରାଧାଙ୍କର ଚଳ ଚଞ୍ଚଳ ମୃଗନୟନ ଦୁଇଟିରେ ଯେମିତି ଯୁଗ ଯୁଗର ଅୟୁତ ରହସ୍ୟ ମିଶା ଆଶ୍ଳେଷ ଭରି ରହିଥିଲା । ମୁଁ ବିଭୋର ହୋଇ ରାଧିକାଙ୍କର ନିରୁତା ସ୍ନେହ ଛଳଛଳ କୋମଳ ବ୍ୟକ୍ତିତ୍ୱକୁ ନିରେଖି ଦେଖୁଥାଏ । ଯେତେ ତାଙ୍କୁ ଦେଖୁଥାଏ ସେତିକି ମୁଁ ସ୍ନାୟୁ ସ୍ନାୟୁରେ ମହକିତ ହୋଇ ଉଠୁଥାଏ । ମୁଁ ଆଉ ଆବେଗକୁ ସମ୍ଭାଳି ନ ପାରି ପଚାରିଲି, "ରାଧିକା ! ଆଜି ତମେ ଏତେ ଭିନ୍ନ ଦେଖା ଯାଉଛ କାହିଁକି ? ବାସ୍ତବରେ କେମିତି ଦେଖାଯାଉଛ ତାହା କହିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । କ'ଣ ହୋଇଛି, କୁହ ?"

ରାଧା ମୋ ପ୍ରଶ୍ନର କୌଣସି ଉତ୍ତର ଦେଲେ ନାହିଁ । ଲାଜେଇ ଗଲେ । ନିଜର ଚଳଚଞ୍ଚଳ ଆଖିରେ ମୋହମୟ ହସ ଝରାଇ କେବଳ ଏତିକି କହିଲେ, "ହେ ମନମୋହନ ! ତୁମକୁ ମୁଁ ଏକ ଅପୂର୍ବ ଉପହାର ଦେବାକୁ ଚାହୁଁଛି, ସେଥିପାଇଁ ମୁଁ ତୁମକୁ ସମସ୍ତଙ୍କଠାରୁ ଏଠାକୁ ଅଲଗାକରି ନେଇ ଆସିଛି । ମୋର ଏହି ଛୋଟ ଉପହାରଟି ତୁମକୁ ନିଶ୍ଚୟ ଭଲ ଲାଗିବ ।"

ରାଧା ତାଙ୍କର ଓଢ଼ଣିରେ ଲୁଚାଇ ରଖିଥିବା ଉପହାରଟି ଆଣି ମୋ ସମ୍ମୁଖରେ ରଖିଲେ । ଛୋଟ ଛୋଟ ସବୁଜ ପତ୍ରରେ ସେହି ବନଲତାର ମୁକୁଟଟି ତିଆରି ହୋଇଥିଲା । ସେଥିରେ ହାତ ପାପୁଲି ଆକାରର ମୟୁରପୁଚ୍ଛଟିଏ ମଧ୍ୟ ଗୁନ୍ଥା ହୋଇଥିଲା । ବିସ୍ଫାରିତ ନୟନରେ ମୁଁ ସେହି ଅପୂର୍ବ ବନଲତାଯୁକ୍ତ ମୟୂର ମୁକୁଟକୁ ଦେଖୁଥାଏ ।

ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ଆବେଗରେ ରାଧାଙ୍କ ଆଡ଼କୁ ଚାହିଁ ଟିକେ ହସି ଦେଲି ଓ ମୁକୁଟଟିକୁ ନେଇ ମୁଣ୍ଡରେ ଲଗାଇଲି । ରାଧାଙ୍କ ଆଖିରେ ଖୁସିର ଚମକ ଫୁଟିଉଠିଲା । ସତେ ଯେମିତି ଆନନ୍ଦର ଅଶ୍ରୁ ଝରିପଡ଼ିଲା । ରାଧାଙ୍କର ଓଠ ତଳକୁ ଗୋଟିଏ ଛୋଟିଆ ତିଳଚିହ୍ନ ତାଙ୍କର ଅନିନ୍ଦ୍ୟ ସୁନ୍ଦର ମୁଖମଣ୍ଡଳକୁ ଆହୁରି ରକ୍ତିମ କରିଦେଉଥାଏ ।

ମୁଁ ତ ପାର୍ଥ ! ତଟସ୍ଥ ହୋଇ ଭାବବିମୁଗ୍ଧ ହୋଇ ରାଧାଙ୍କୁ ଦେଖୁଥିଲି । ମୋ ଆଖି ଆଗରେ ମୋ କଳ୍ପନାର ସେଇ ତିଳଚିହ୍ନ ବାରମ୍ବାର ମତେ ରୋମାଞ୍ଚିତ କରୁଥାଏ । ତମେ ଠିକ୍ କହିଥିଲ ଅର୍ଜୁନ ! ପ୍ରେମ ମଣିଷକୁ ଏକ ଅଲୌକିକ ଆଧିଭୌତିକ ଚେତନାରେ ବୁଡ଼ବୁଡ଼ୁ କରିଦିଏ । ସେଥିପାଇଁ ସାଧାରଣ ରକ୍ତମାଂସର ଜଣେ ନାରୀ ତା'ର ଏକାନ୍ତ ଅନୁଗତ ପ୍ରେମିକ ଆଖିରେ ମହୀୟସୀ, ବିପୁଳା, ମହା ବ୍ୟକ୍ତିତ୍ୱମୟୀ ମହାମାୟା ରୂପରେ ଦେଖାଦିଏ । ଆଉ ମୋର ପ୍ରାଣପ୍ରିୟା ରାଧା ... ଯିଏ ଯୋଜନା ବ୍ୟକ୍ତା, କାରୁଣ୍ୟ, କୋହ, କୁହୁଡ଼ିର କୁଳୁପିନ୍ଧା ମୌନମୟୀ ଅନୁରକ୍ତି । ତାଙ୍କର ସେହି ନିରୀହ ନିଷ୍ପାପ ନୈସର୍ଗିକ ପ୍ରେମ, ଆହ୍ଲାଦମୟ ସ୍ପର୍ଶକୁ ମୁଁ ଆତ୍ମାରେ ଅନୁଭବ କରୁଥିଲି । ରାଧାଙ୍କର ସେହି ଅନୁପମ ଉପହାର ମୋ ଜୀବନର ସର୍ବଶ୍ରେଷ୍ଠ ସ୍ମୃତିମୟ ପ୍ରାପ୍ତି, ଅର୍ଜୁନ ! ଥର ଥର ହାତରେ ରାଧା, ମୁଁ ପିନ୍ଧିଥିବା ତାଙ୍କର ପ୍ରିୟ ମୟୂର ମୁକୁଟକୁ ଆଉଁଷି ଦେଇ ମୋ ହାତର ପାପୁଲିକୁ ଚୁମିନେଲେ । ଲହରେ ଓଦା ହୋଇଯାଇଥିଲୁ ଆମେ ଦୁଇଜଣ, କେତେ ଯେ ସମୟ, ମୁହୂର୍ତ୍ତ, ମନ୍ୱନ୍ତର ବିତିଥିଲା କେଜାଣି, କିନ୍ତୁ ଏକ ବିନ୍ଦୁରେ ଆମେ ଦୁହେଁ ସ୍ଥିର ହୋଇ ସେମିତି ଅପଲକ ନୟନରେ ପରସ୍ପରକୁ ଦେଖୁଥିଲୁ ।

ହେଇ ଦେଖୁଚ ପାର୍ଥ ! କେମିତି ରାଧାଙ୍କର ନରମ ଚମ୍ପାକଢ଼ି ଆଙ୍ଗୁଠିର କମ୍ପନ ଏବେ ବି ମୋ ହାତ ପାପୁଲିରେ ରହି ରହି କମ୍ପୁଛି । ମୋର ଦୀର୍ଘଶ୍ୱାସରେ ଦେଖୁନ କେମିତି ସକଳ ମୁହୂର୍ତ୍ତ ସୁଗନ୍ଧିତ, ବାଷ୍ପମୟ ହୋଇଯାଉଛି । ଓଃ କି ମହିମ୍ନ ସେଇ ଅନୁଭବ । ମୁଁ ତୁମକୁ କେମିତି ବୁଝାଇବି କେଜାଣି । ରୁହ, ପାର୍ଥ ! ଦଣ୍ଡେ ଅଟକି ଯାଅ । ଶୁଣ ! କାନପାତି ଶୁଣ ! ମୋର ଆତ୍ମାର ଝଲସୁଥିବା ଶବ୍ଦଙ୍କର ଡାକ ।

ମଧୁବନ ଉପରେ ସନ୍ଧ୍ୟା ତା'ର କଳା ଓଢ଼ଣୀ ଟାଣି ଦେବାର ପ୍ରୟାସ କରୁଥିଲା । ଗୋଧୂଳି ବେଳାରେ ଗୋପସଖାମାନଙ୍କ ସହିତ ଘରକୁ ଫେରିଲା ବେଳେ ମୁଁ ବାରମ୍ବାର ମୋ ଆଖିକୁ ମନୁଥିଲି । ମୋ ହାତ ପାପୁଲିକୁ ଓଠରେ ଚୁମୁଥିଲି । ରାଧା ମୋ ଠାରୁ ବିଦାୟ ନେଇ ଘରକୁ ଫେରିଯାଇଥିଲେ, ହେଲେ ତାଙ୍କର ଅସ୍ତିତ୍ୱକୁ ମୋ କମ୍ପନ, ସ୍ନାୟୁ, ଅସ୍ଥି, ମଜ୍ଜାରେ ତିନ୍ତେଇ ଦେଇ ଚାଲିଯାଇଥିଲେ ।

ରାଧାଙ୍କୁ ମୁଁ କ୍ଷଣିକ ପାଇଁ ହେଲେ ଭୁଲିପାରୁ ନଥିଲି । ତା' ହେଲେ ଏହା କ'ଣ ମୋର ଦୁହା କୈଶୋରର ଆକର୍ଷଣ ? ରାଧାଙ୍କ ମୁହଁ, ଓଠ, ଚମ୍ପକକଢ଼ି ଆଙ୍ଗୁଠି, ସ୍ନେହ ଜରଜର ସ୍ପର୍ଶ, ମୁରଲୀ ଧ୍ୱନିରେ ବିଭୋର ହୋଇଯାଉଥିବା ତାଙ୍କର ମୋହମଗ୍ନା ଉପସ୍ଥିତି ଏ ସବୁ ମତେ କାହିଁକି ଏତେ ଆକର୍ଷିତ କରୁଛି ? ଏକ ଅଜଣା ହୃତ୍‌ସ୍ପନ୍ଦନରେ ମୁଁ ଶିହରି ଉଠିଲି, ମୋ ମୁଣ୍ଡରେ ସେତେବେଳ ଯାଏ ମୟୂର ମୁକୁଟଟି ଥିଲା । ରାଧା ମୋର ପ୍ରଥମ ପାବନ ପ୍ରେମର ପରାଗେଶ୍ୱରୀ । ମୋର ପରମ ସାର୍ଥକ ଓ ଉଲ୍ଲାସର ସ୍ୱପ୍ନପୁରୀ ବୃନ୍ଦାବନର ବୃନ୍ଦାୟନୀ। ସେ ମୋର ଜୀବନର ପ୍ରଥମ ନାରୀ, ପ୍ରଥମ ପ୍ରେମ, ପ୍ରଥମ ପ୍ରେମ ଗୁରୁ ଥିଲେ । ନାରୀର ସ୍ୱୟଂସମ୍ପୂର୍ଣ୍ଣ ରୂପର ଏକ ମହାର୍ଘ ବର୍ଣ୍ଣାଳୀ ମୁଁ ରାଧାଙ୍କ ବ୍ୟକ୍ତିତ୍ୱରେ ଦେଖିଥିଲି । କେତେବେଳେ ସେ ପ୍ରଗଳଭା କିଶୋରୀଟିଏ ଭଳି ମୋ କିଶୋରପଣକୁ ଛମଛମେଇ ଦେଉଥିଲେ ତ କେତେବେଳେ ତାଙ୍କର ମୁଗ୍ଧ ସ୍ପର୍ଶରେ ମତେ ମତୁଆଲା କରିଦେଉଥିଲେ । ପୁଣି କେତେବେଳେ ଦାର୍ଶନିକାଟିଏ ପରି ସକଳ କାମନା ବାସନା ରହିତ ଶୁଦ୍ଧ ପ୍ରେମର ଉଦାର ଓଁକାରର ରହସ୍ୟ ମତେ ବୁଝାଉଥିଲେ । ରାଧାରାଣୀ ମୋର ଅନୁରାଗର ପରମ ରାଗେଶ୍ୱରୀ । ଯାବତୀୟ ସକଳ ଅତୁଳନୀୟ ଅପାର୍ଥିବ ପ୍ରେମଯୋଗର ଅନ୍ତରଙ୍ଗ ପ୍ରାଣସଙ୍ଗିନୀ । ଯିଏ ମତେ ବିଶୁଦ୍ଧ ପ୍ରେମର ଚନ୍ଦ୍ରମୟତାର ଚନ୍ଦନରେ ଚର୍ଚ୍ଚିତ କରିଦେଇ ପ୍ରେମଯୋଗୀ କରିଦେଇଥିଲେ । ମୁଁ ଏକାନ୍ତ ଅନୁରକ୍ତ ଶିଷ୍ୟ ଭଳି ମହିୟସୀ ଗୁରୁ ରାଧାଙ୍କୁ ମୋର ଅସ୍ତିତ୍ୱକୁ ସକଳ ସମର୍ପି ଦେଇଥିଲି ।

ବୃନ୍ଦାବନରେ ଶ୍ରାବଣର ପ୍ଲାବନ ଆସି ସାରିଥିଲା । କେତେବେଳେ ଶ୍ରାବଣର ମହାପ୍ଲାବନ ଭିତରେ ବୃନ୍ଦାବନ ଉନ୍ମାଦିତ ହେଉଥିଲା ତ କେତେବେଳେ ମଝି ମଝିରେ ଖରାର ହଳଦିଆ କିରଣରେ ଫିକ୍‌କିନା ହସିଦେଉଥିଲା । ଶ୍ରାବଣର ଖରାବର୍ଷାର ଲୁଚକାଳି ଖେଳ ମୋର ଭାବୁକ ପଣକୁ ଆହୁରି ଘନିଷ୍ଠ କରୁଥିଲା । ଏମିତିରେ ମତେ ବର୍ଷାଋତୁ ସବୁବେଳେ ଭଲଲାଗେ । ମୁଁ ପରା 'ଜଳପୁରୁଷ' ପାର୍ଥ ! ବର୍ଷାର ବିମୋହିତ ଓଦାପଣରେ ସୃଜନର ମନ୍ତ୍ର ଥାଏ ବୋଲି ମୁଁ ବିଭୋର ହୋଇ ବଂଶୀରେ ଅନାହତ ରାଗର ରାଗିଣୀ ତୋଳେ । ଆମର ସେଇ ପ୍ରାଚୀନ ବରଗଛରେ ଫୁଲମାଳାରେ ସଜା ହୋଇଥିବା ବଡ଼ ବଡ଼ ଦୋଳି ଦଉଡ଼ିରେ ବନ୍ଧା ହୁଏ । ଶ୍ରାବଣ ମାସରେ ବରଗଛରେ ଦୋଳି ଖେଳର ମଉଜ ସତରେ ଭାରି ନିଆରା । ବଟଗଛର ବଡ଼ ବଡ଼ ଶାଖାରେ ବହୁତ ଉଚ୍ଚାରେ ଦୋଳି ବନ୍ଧା

ହୋଇଥାଏ । ଗୋପ ଗୋପୀମାନେ ଯୁଗଳବନ୍ଦୀ ହୋଇ ଦୋଳି ଗୀତ ଗାଇ ଗାଇ ଦୋଳି ଖେଳନ୍ତି । ମନ ଆନନ୍ଦରେ ଖେଳନ୍ତି ।

ମୋ ସହିତ ଦୋଳିରେ ରାଧା ବି ଝୁଲୁଥାନ୍ତି । ଯେତେ ଉପରକୁ ଦୋଳି ଉଠୁଥାଏ, ସେ ସେତିକି ଉଚ୍ଚାଟ କରନ୍ତି - "ଆହୁରିଜୋର୍‌ରେ ଆହୁରି ଜୋର୍‌ରେ ଝୁଲାଅ !" ସେତେବେଳକୁ ଦୋଳି ବରଗଛର ସବା ଉଚ୍ଚ ଶାଖାକୁ ଛୁଇଁ ସାରିଥାଏ । ହୋଲି ଖେଳୁଥିଲା ବେଳେ ଶ୍ରୀରାଧାଙ୍କର ଚୂର୍ଣ୍ଣକୁନ୍ତଳ ମୋର ଗାଲକୁ ମୁହଁକୁ ଛୁଇଁ ଯାଉଥାଏ । ରାଧାଙ୍କ ରକ୍ତାଭ ଓଠର ଈଷତ୍ କମ୍ପନ, ଉଷ୍ମ ନିଃଶ୍ୱାସ ମୋର ଚିବୁକରେ, ଗାଲରେ ଦେହରେ ବୋଳି ହୋଇଯାଉଥାଏ । ଦୋଳିର ଦଉଡ଼ିରେ ତାଙ୍କ ହାତମୁଠାରେ ମୋ ହାତ ମୁଠା ସେମିତି ମୃଦୁମୃଦୁ ସ୍ନେହରେ ତିନ୍ତୁଥାଏ । ଦୋଳିର ପବନର ବୁକୁଚିରା ଦୋଳନରେ ରାଧା ଓ ମୁଁ ଏକାକାର ହୋଇଯାଇଥାଉ । ଯେମିତି ଆମେ ଦୋଳିରେ ଝୁଲୁନାହୁଁ; ଶୂନ୍ୟ, ମହାଶୂନ୍ୟ ମହାକାଶ, ଶୂନ୍ୟ ବ୍ରହ୍ମାଣ୍ଡରେ ବିଚରଣ କରୁଛୁ । ସେ ରାଧା ଆଉ ନୁହନ୍ତି କି ମୁଁ କୃଷ୍ଣ କହ୍ନେୟା ନୁହେଁ । ଯୁଗଳବନ୍ଦୀର ଦୁଇଟି ଶରୀର ଗୋଟିଏ ଆତ୍ମାରେ ଗୋଟିଏ ମାଂସଳ ଯୁଗନଦ୍ଧ ପ୍ରତିମାରେ ରୂପାୟିତ ହୋଇଯାଇଥିଲା ।

ମଝିରେ ମଝିରେ ନନ୍ଦବାବା ସେବକମାନଙ୍କୁ ପଠାଇ ଗୋକୁଳର ସମାଚାର ବୁଝିଆସୁଥାନ୍ତି । ଖୁବ୍ ଶୀଘ୍ର ଶରତ ପୂର୍ଣ୍ଣିମାର ରୂପବତୀ ରାତ୍ରି ତାରାର ଓଢ଼ଣା ପିନ୍ଧି ବୃନ୍ଦାବନର ଭୂମି ଉପରକୁ ଓହ୍ଲାଇ ଆସିଥିଲା । କାର୍ତ୍ତିକମାସର ସୁନ୍ଦରୀ ପୂର୍ଣ୍ଣମୀ ଜହ୍ନ ତା'ର ମୁଠା ମୁଠା କିରଣରେ ବୃନ୍ଦାବନ, ମଧୁବନକୁ ଶୁଭ୍ରମୟୀ କରିଦେଇଥିଲା । ଆମ ସୋମଭାନୁ ବଂଶରେ କେଉଁ ପୂର୍ବକାଳରୁ ଏକ ପ୍ରେମମୟ, ଭାବପୂର୍ଣ୍ଣ ପ୍ରଥା ... ରାସକ୍ରୀଡ଼ା... ଚଳି ଆସୁଥିଲା । ଯେଉଁଥିରେ ଶରତ ଋତୁରେ କାର୍ତ୍ତିକମାସ ପୂର୍ଣ୍ଣମୀ ରାତିରେ ଗୋପପୁରର ସକଳ ନରନାରୀ ଯୁଗଳବନ୍ଦୀ ଛନ୍ଦରେ ଜ୍ୟୋତ୍ସ୍ନାମୟ ଜ୍ୟୋତିର୍ମୟ ପୂର୍ଣ୍ଣଚନ୍ଦ୍ରକୁ ସାକ୍ଷୀରଖି ମନରେ ରାସ ଖେଳନ୍ତି । ବ୍ରଜଭୂମିର ଅଠରଟି ଗୋକୁଳ ବ୍ୟତୀତ ଅନ୍ୟକେଉଁଠାରେ ଏ ପ୍ରଥା ନଥିଲା । ଏହା ଏକ ବିରଳ ଉତ୍ସବ ଥିଲା ।

ବୃନ୍ଦାବନର ମଧୁବନରେ ରାସ ଖେଳିବା ପାଇଁ ଗୋପକୁଳ ଜମା ହୋଇ ସାରିଥାନ୍ତି । ବିଭିନ୍ନ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି । ମଧୁବନର ନୀଳ ସରୋବର ନିକଟରେ ଏହି ମେଳା ଲାଗିଥାଏ । ସାତଆଠ ହାତର ଗଭୀର ଗୋଟିଏ ଗାତ ଖୋଳା ଯାଇଥାଏ । ମାଟି ଓ ଗୋବରରେ ସେହି ସ୍ଥାନକୁ ଗୋପନାରୀମାନେ ଲିପି ଚିକ୍‌ଚିକ୍ କରିଦେଲେ । ଗୋଟିଏ ବଡ଼ ଗୋଲାକାର ଆକୃତିର ଢୋଲକୁ ସେହି ଗାତରେ ରଖାଗଲା । ରାତିରେ ବିଭିନ୍ନ ପ୍ରକାରର ତାଳ, ଲୟ ସହିତ ଗୋପର ବାଦକମାନଙ୍କ ଦ୍ୱାରା ବାଦ୍ୟର ନିନାଦ ଚତୁର୍ଦ୍ଦିଗ ଖେଳାଇଗଲା । ମଧୁବନରେ ଉତ୍ସବର କାଉଁରୀ ସ୍ପର୍ଶ ଯେମିତି ଲାଗିଯାଇଥାଏ । ଅନ୍ୟାନ୍ୟ ବାଦ୍ୟ ଗୁଡ଼ିକ ମଧ୍ୟରେ ତନ୍ତୁବାଦ୍ୟ, ଚର୍ମବାଦ୍ୟ, ଶିଙ୍ଗବାଦ୍ୟର ଥାପ ମଧ୍ୟ

ବାଦକମାନେ ଦେଉଥାନ୍ତି । ମାଟି ଉପରେ ତାକୁ ଲିପା ଯାଇ ତା' ଭିତରେ ଏହି ସବୁ ବାଦ୍ୟମାନଙ୍କୁ ଖଞ୍ଜାଗଲା ।

ରାସ ଆରମ୍ଭ ହେଲାବେଳକୁ ମୋର ପ୍ରିୟଜେଜେ ଗୋପମୁଖିଆ ଚିତ୍ରସେନ ମୁଣ୍ଡରେ ବଡ଼ ଘେରବାଲା ଗୋଲାକାର ପଗଡ଼ି ପିନ୍ଧିଥାନ୍ତି । ହାତରେ ସୁନାର କଙ୍କଣ ଶୋଭା ପାଉଥାଏ । ସେ ଫୁଲନେଇ ପ୍ରଥମେ ଆମକୁଳର ଇଷ୍ଟଦେବୀ ମାତଙ୍ଗେଶ୍ୱରୀଙ୍କୁ ସ୍ମରଣ କରି ରାସକ୍ରୀଡ଼ା ଆରମ୍ଭ ଘୋଷଣା କଲେ । ଗୋପାଳ ବାଦକମାନଙ୍କର ହାତର ଲୟ ବାଦ୍ୟଉପରେ ଏପରି ମଧୁରଭାବରେ ଗୁଞ୍ଜାରିତ ହେବାକୁ ଲାଗିଲା ଯେ ବନ୍ଦ ହେବାର ନାମ ନେଲା ନାହିଁ ।

ଦୁଇଟି ବାଡ଼ି ସାହାଯ୍ୟରେ ଯୋଡ଼ି ଯୋଡ଼ି ହୋଇ ବାଦ୍ୟର ତାଳେ ତାଳେ ଆବାଳବୃଦ୍ଧ ବନିତା ନୃତ୍ୟ କରିବାକୁ ଲାଗିଲେ । ପ୍ରତ୍ୟେକଙ୍କ ହାତରେ ଥିବା ବାଡ଼ି ଅନ୍ୟ ଜଣଙ୍କର ବାଡ଼ିରେ ତାଳ ଅନୁସାରେ ଥାପ ଦେଇ ନୃତ୍ୟ ଚାଲୁଥାଏ । ଦଳ ଦଳ ହୋଇ ନୃତ୍ୟ କରୁଥାନ୍ତି ପୁଣି ଶ୍ରାନ୍ତ ହୋଇ କିଛି ସମୟ ବିଶ୍ରାମ କରୁଥାନ୍ତି । ମଧୁବନ ଉପରେ ରାତ୍ରି କ୍ରମଶଃ ଗଭୀର ହେବାକୁ ଲାଗିଲା । ଜହ୍ନର ସ୍ୱପ୍ନମୟୀ ରହସ୍ୟମୟୀ କିରଣରେ ଯେମିତି ବୃନ୍ଦାବନର ମଧୁବନ ବିଭୋର ହୋଇ ନାଚି ଉଠୁଥାଏ । କଦମ୍ବ ଫୁଲର ଭିନିଭିନି ସୁଗନ୍ଧରେ ଯେମିତି ପ୍ରେମର କର୍ପୂର ବାସ୍ନାରେ ବାସୁଥାଏ ସମଗ୍ର ବୃନ୍ଦାବନ । ତମେ ଯଦି ସତରେ ପାଖରେ ଥାନ୍ତ ପାର୍ଥ !! .... ତମ କଥା ବେଶି ମନେପଡୁଛି । ମୁଁ ତମେ ରାତିସାରା ଦାଣ୍ଡିଆ ରାସକ୍ରୀଡ଼ାରେ ସମଗ୍ର ବୃନ୍ଦାବନକୁ ଏକାକାର କରି ଦେଇଥାନ୍ତେ । ହସକୁରୀ ଜହ୍ନ ଏଇ ଦେଖୁନ କେମିତି ଖିଲ୍‌ଖିଲ୍ ହସୁଛି । ଜହ୍ନର ହସିଲା ବେଳେ ଦେଖୁନ କେମିତି ତା' ଗାଲରେ ଗୋଟେ ଭଉଁରୀ ଖେଳିଯାଉଛି । ସେ ଆହୁରି ଲାଜେଇଯାଇ ମେଘ ଆଢୁଆଳକୁ ଚାଲିଯାଉଛି ।

ମଧୁବନର ଯମୁନା କୂଳରେ ଗୋଟିଏ ବଡ଼ ପଥରର ଚୂଲିରେ ପ୍ରଶସ୍ତ କଡ଼େଇଟିଏ ରଖା ହୋଇଥାଏ । ସେଥିରେ ଖୁଆ, ମହୁ ମିଶ୍ରିତ କ୍ଷୀର ସହିତ ସିଝିସିଝି ବହଳିଆ କ୍ଷୀରି ଭଳି ହୋଇଥାଏ । ଯମୁନା ଫୁଲେଇ ନଈ ଭଳି କୁରୁଳି ଉଠିଥାଏ । ଆକାଶ ଉଦାର ପ୍ରେମିକ ପରି ଜ୍ୟୋତ୍ସ୍ନାଭିଜା କିରଣରେ ଯମୁନାକୁ ତିନ୍ତେଇ ଦେଉଥାଏ । ଚନ୍ଦ୍ରାଲୋକରେ ଯମୁନାକୁ ଆଉଁଷି ଦେଉଥାଏ । କ୍ଷୀରର ସିଝିଯାଇଥିବା ବାସ୍ନା ମଧ୍ୟ ପବନରେ ମହକି ଉଠୁଥାଏ । ମଧ୍ୟରାତ୍ରି ହୋଇ ଆସିଥାଏ । ଜେଜେ ନିଜହାତରେ ଘଣ୍ଟିଲାଗିଥିବା ବାଡ଼ିରେ ଭୂଇଁରେ ପିଟି ରାସକ୍ରୀଡ଼ା ବିରତିର ସଙ୍କେତ ପ୍ରଦାନ କଲେ । ସମସ୍ତ ଗୋପଗୋପୀମାନେ 'ଜୟ ମାତଙ୍ଗେଶ୍ୱରୀ' ବୋଲି ଜୟଜୟକାର ଧ୍ୱନି କରି କ୍ଷୀରି ଖାଇବା ପାଇଁ ବସିପଡ଼ିଲେ । ଏତେ ସୁସ୍ୱାଦୁ ସୁଗନ୍ଧିଯୁକ୍ତ କ୍ଷୀରି ପାଟିରେ ପଡ଼ିଲାକ୍ଷଣି ମିଳେଇଯାଉଥାଏ । ସମସ୍ତେ ମନଇଚ୍ଛା କ୍ଷୀରି ହାତଚାଟି ଚାଟି ଖାଉଥାନ୍ତି । ଶେଷରେ ମୁଁ,

ଭାଇନା, ମୋ ଦୁଇ ମା', ଢେଙ୍କେ, ନନ୍ଦବାବା, ସମସ୍ତ କାକାଖୁଡ଼ି, ରାଧା, ତାଙ୍କର ସ୍ୱାମୀ ଚନ୍ଦ୍ରସେଣା ପ୍ରମୁଖ ବସି ସ୍ୱାଦିଷ୍ଟ କ୍ଷୀରି ଖାଇଲୁ । ଶରତ ଋତୁର ପୂର୍ଣ୍ଣିମା ଚନ୍ଦ୍ର ଏଥର ଟିକିଏ ଢ଼ଳିଆସିଲେ ।

ରାସ ଖେଳର ଦ୍ୱିତୀୟ ପର୍ଯ୍ୟାୟ ଏଥର ପୂର୍ଣ୍ଣ ରୂପରେ ଆରମ୍ଭ ହେଲା । ଜାଣିଛ ! ପାର୍ଥ ! ମୋର ପ୍ରିୟସଖୀ ରାଧା ସତେଯେପରି ରାସୋତ୍ସବକୁ ଆହୁରି ବର୍ଣ୍ଣାଢ଼୍ୟ କରିବା ପାଇଁ ଯେମିତି ବଦ୍ଧପରିକର ହୋଇ ଆସିଥିଲେ । ଆହା ! ମୋର ପ୍ରାଣପ୍ରିୟା ମହମହ ମହାମାୟା ରାସେଶ୍ୱରୀ ଯୋଗମାୟା ! ଆମର ପ୍ରେମକୁ ସ୍ମୃତିର ସ୍ୱପ୍ନରେ ବୁଣିଦେବାକୁ କେତେ ପରିଶ୍ରମ କରିଛ ଯେ । ମୋ ପାଇଁ ତୁମ ଓଢ଼ଣୀରେ ଲୁଚାଇ କେଉଁ ଅମୂଲ୍ୟରତ୍ନ ନେଇ ଆସିଛ କହିଲ ! ମୁଁ ଭାଇନା, ସାଙ୍ଗମାନେ ଓ ଅନ୍ୟାନ୍ୟ କକାପୁଅ ଭାଇମାନଙ୍କ ସହିତ ରାସଖେଳରେ ପ୍ରମତ୍ତ ହୋଇ ଖେଳିଲାବେଳେ ରାଧା ଚୁପ୍‌କିନା ଆସି ରାସ ମଣ୍ଡଳ ମଝିରୁ ତାଙ୍କର ଓଦା ହାତରେ ମୋର ଦୁଇ ହାତକୁ ମୁଠାଇ ଆହୁରି ମଝିକୁ ଟାଣିନେଲେ । ନନ୍ଦବାବା ମୋ ପାଇଁ ମଥୁରାରୁ ଆଣିଥିବା ଗାଢ଼ ହଳଦିଆ ପାଟର ରାସବସ୍ତ୍ର ମୁଁ ସେଦିନ ପିନ୍ଧିଥିଲି । ଭାଇନାଙ୍କର ନୀଳରଙ୍ଗର ରାସବସ୍ତ୍ର ଥିଲା । ଅଣ୍ଟାରେ ବହୁରତ୍ନ ବିଜଡ଼ିତ କଟିବନ୍ଧ ଅତ୍ୟନ୍ତ ମନମୋହକ ଥିଲା । ଗଳାରେ ମୁକ୍ତାର ମାଳା, ମୁଣ୍ଡରେ ସ୍ୱର୍ଣ୍ଣକିରୀଟ ସାଙ୍ଗରେ ମା'ଙ୍କର ପ୍ରିୟ ମୟୂରପୁଚ୍ଛଟିଏ ମଧ୍ୟ ଖୋସା ହୋଇଥିଲା । ମୋର ମୌନୀ ଭାବମୟୀ ପ୍ରଜ୍ଞା ସରସ୍ୱତୀ ରାଧା ମହାଶକ୍ତାୟନୀ, କାତ୍ୟାୟନୀ ସୁପର୍ଣ୍ଣା ଭଳି ଝଲମଲ କରୁଥାନ୍ତି । ତାଙ୍କର ଓଦା ପାପୁଲିରେ ମୋର ହାତ କେତେବେଳୁ ମହାର୍ଘ ଧୂପଗନ୍ଧରେ ତୃଷାତୁର ହୋଇ ସାରିଥିଲା । ରାଧା ବଡ଼ ଆବେଗରେ କହିଲେ, "କାହ୍ନା ! ! ମୁଁ ଯେଉଁ ଉପହାର ତୁମକୁ ଦେବି ତାକୁ ମୋର ବିଗଳିତ ଲୁହର ପ୍ରଣୟ ଉପହାର ବୋଲି ସ୍ୱୀକାର କରିବ । ତାକୁ କେବେ ନିଜଠାରୁ ଦୂର କରିବ ନାହିଁ । ସାମାନ୍ୟ ଆଘାତରେ କିନ୍ତୁ ମଉଳିଯିବ କାହ୍ନା ! ମୋ ପଣତର ଛୋଟ ଅରାକ ମୁଠାରେ ମୁଁ ବଡ଼ ଯତ୍ନରେ ତାକୁ ବାନ୍ଧି ଆଣିଛିରେ । ମୁଁ ଏତେ ନିଃସ୍ୱ ଯେ ମୋ ପାଖରେ ତତେ ଦେବାକୁ କିଛି ନାହିଁରେ । ସ୍ୱପ୍ନ ଓ ସମ୍ପର୍କରେ ନିବିଡ଼ତା ଟିକକ ଦେବାଛଡ଼ା ମୋ ପାଖରେ ଆଉ କିଛି ନାହିଁ ଯେ । ମୋ ପଣତ ଏତେ ଛୋଟ ଯେ ତୋ ଆଖି ଲୁହକୁ ବି ପୋଛିପାରିବନିରେ । ମୋର ଏଇ ସାମାନ୍ୟ କୋମଳ ଆଗ୍ରହକୁ ତୁ ରଖିବୁନା କାହ୍ନା ? କଥା ଦେ । '

ପୂର୍ଣ୍ଣିମାର ଜ୍ୟୋତ୍ସ୍ନାରେ ରାଧାଙ୍କର ଆଖିର ଜ୍ୟୋତି ଚମକି ଉଠିଲା । ପରମ ଆବେଗରେ ରାଧା ତାଙ୍କର ଡାହାଣ ହାତ ମୋ ଆଗକୁ କରିଦେଲେ । ମୁଁ ମଧ୍ୟ ସ୍ନେହରେ ତାଙ୍କର ଦୁଇଟି ହାତକୁ ନିଜ ହାତରେ ନେଇ ଦାବିଦେଲି । ଆଃ ...! କେତେ କଅଁଳ ରକ୍ତିମ ମୋ ପ୍ରିୟ ରାଧାଙ୍କର ହାତ ଓ ପାପୁଲି । ସେମିତି ହାତ ରଖି ଆତ୍ମୀୟତା ଭରା କଣ୍ଠରେ କହିଲି, "କୁହ ରାଧା ! ତୁମର କଥା ମୁଁ ନିଶ୍ଚୟ ରଖିବି । ତୁମର ପ୍ରତିଟି ଉପହାର

ମୋ ପାଇଁ ନିରୁତା ସ୍ନେହର କୋମଳ ନିର୍ଯ୍ୟାସ ରାଧା ! କାଇଁ ଦେଖାଅ, ଦେଖାଅ .... ତୁମର ଉପହାର ।

ରାଧା ନିଜ ପଣତରୁ ସତେଜ ଶୁଭ୍ର ଫୁଲ ସହିତ ସବୁଜ ପତ୍ର ମିଶା ଏକ ସୁନ୍ଦର ମାଳା କାଢ଼ିଲେ ଓ ମୋ ଗଳାରେ ବଡ଼ ଆଦରରେ ପିନ୍ଧାଇ ଦେଇ କହିଲେ, "ଏଇ ଫୁଲମାଳ ମୋର ପ୍ରିୟ ବୈଜୟନ୍ତୀ ଫୁଲର ମାଳା, ତତେ ଭାରି ମାନିବ । ସୁନ୍ଦର ଦେଖାଯିବ । ତତେ ଛ'ଅ ରତ୍ନ ତ ଭବିଷ୍ୟତରେ ମିଳିବ । ହେଲେ ଏ ବୈଜୟନ୍ତୀ ମାଳା ସାତରତ୍ନ ଭିତରେ ଅନ୍ୟତମ । ପ୍ରତିଦିନ ତୁ ଏହିଭଳି ବୈଜୟନ୍ତୀ ମାଳା ପିନ୍ଧୁବି କାହ୍ନା । କାହିଁକି ନା ଗୁଣୁଗୁଣୁ ଗୀତର ମୁରୁଜରେ ମୁଁ ଆମର ପ୍ରେମକୁ ଚିତ୍ରମୟ କରିଦେଇଛି । ସେହି ବିଚିତ୍ର ଚିତ୍ରଶାଳାର ପାଖୁଡ଼ାଏ ଫୁଲରେ ମୋ ଆତ୍ମାର କସ୍ତୁରୀ ମହ ମହ ବାସୁଛି । ମିଠା ମିଠା କସ୍ତୁରୀର ମୋହ ମଗ୍ନ ସୁଗନ୍ଧ, କ'ଣ କେବେ ସରିପାରେ କାହ୍ନା ? ସେ ତ ଅମଳିନ ସତ୍ୟବତୀ ଜୀବନର ଧୂପବାସ୍ନା ।" ରାଧାଙ୍କର ବିଭୋର ବିମୁଗ୍ଧ ଆଖି ମୁହଁର ଅନ୍ତରଙ୍ଗତା, ଅସରା ଜ୍ୟୋତ୍ସ୍ନା କିରଣ ବର୍ଷା ଭିତରେ ସ୍ରୋତଲଗ୍ନା ସ୍ରୋତସ୍ୱତୀ ଭଳି ସାଧ୍ୱୀ ମେଘବତୀ ଭଳି ଔଜଲ୍ୟମୟୀ ଦେଖାଯାଉଥିଲେ । ପାର୍ଥ ! କେମିତି କହିବି ସେ ଅନନୁଭୂତ ଅନାସ୍ୱାଦିତ ଅପୂର୍ବ ଅନୁଭୂତିର କଥା । ମୁଁ ତ ଅବାକ୍ ହୋଇ ଖାଲି ରାଧାଙ୍କୁ ଦେଖୁଥିଲି । ମୁଁ ଭାବିପାରୁନଥିଲି ମୁଁ କେଉଁଠି ଅଛି ? ଶରତ ପୂର୍ଣ୍ଣିମାର ସେହି ମୂର୍ଚ୍ଛାହତ ଜ୍ୟୋତ୍ସ୍ନା ତରଙ୍ଗରେ ରାଧାଙ୍କର ଅନନ୍ୟ ପ୍ରେମର ଅମାନିଆ ସୁରଞ୍ଜନୀ ଉପହାର ଶୁଭ୍ର ବୈଜୟନ୍ତୀ ଫୁଲର ମାଳା, ଚନ୍ଦ୍ରମଲ୍ଲିକାର ଆଞ୍ଜୁଳା ଆଞ୍ଜୁଳା ଆବେଗ ମତେ କେଉଁ ଅଲୌକିକ ଜଗତର ଚିତ୍ରକାବ୍ୟଟିଏ ଯେମିତି ହାତରେ ଧରାଇ ଦେଇଥିଲା । ଏଇ ଦେଖୁନ ! ମୋର ଅସ୍ତିତ୍ୱ କେମିତି ସେଇ ଅପାର୍ଥିବ ଅନୁରାଗର ରଙ୍ଗରେ ମେଘାମ୍ବରୀ ପାଲଟିଯାଇଛି । ମୁଁ ବାରମ୍ବାର ରାଧାଙ୍କର ପ୍ରିୟ ମାଳାକୁ ହାତରେ ଛୁଉଁଥିଲି ଆଉଁଷୁଥିଲି ।

ଜେଜେ କୁଳଦେବୀ ମାତଙ୍ଗେଶ୍ୱରୀଙ୍କର ଜୟଜୟକାର କଲାବେଳେ ମୁଁ ମଧ କଲି ଓ ଆକାଶକୁ ଫୁଲର ଆଞ୍ଜୁଳି ଫିଙ୍ଗିଦେଲି । ମଧୁବନ ବାଦ୍ୟ, ନୃତ୍ୟ, ସଙ୍ଗୀତର ବର୍ଣ୍ଣୋତ୍ସବରେ ଚଳଚଞ୍ଚଳ ହୋଇପଡ଼ିଥିଲା । ମୋର ପ୍ରିୟ ମୁରଲୀର ସ୍ୱର ଏଥର ମୁଁ ଧୀରେ ଧୀରେ ବଜାଇବା ଆରମ୍ଭ କଲି । ମୋର ମୁରଲୀର ସ୍ୱର ସହିତ ଅନ୍ୟାନ୍ୟ ବାଦ୍ୟ ଗୁଡ଼ିକର ଝଙ୍କାର ମିଶି ଏକ ଅପୂର୍ବ ଧ୍ୱନି ଝଙ୍କୃତ କଲା । ତା' ସହିତ ଦାଣ୍ଡିଆର ତାଳ ଦୁନ୍ଦୁଭିର ନାଦ ମଧ ମଧୁବନକୁ ଜୁଡୁବୁଡୁ କରିଦେଲା । ସିରିସିରି ଶୀତୁଆ ପବନ ଦେହ ମନରେ ରୋମାଞ୍ଚ ଜଗାଇ ଦେଉଥିଲା । ଚନ୍ଦ୍ରାଲୋକର ଅଝଟପଣ ରାତ୍ରିକୁ ଆହୁରି ନିବିଡ଼ ଆଶ୍ଳେଷରେ ବାନ୍ଧି ରଖୁଥାଏ । ସମସ୍ତ ସ୍ଥିତି, ଅସ୍ଥିତି ଏକ ଅଦୃଶ୍ୟ ଦୃଶ୍ୟମୟତାର ଚିତ୍ରଲିପିରେ ଯେମିତି ଆଙ୍କି ହୋଇଯାଉଥାଏ । ମାଟି, ଆକାଶ, ଗଛ, ବୃକ୍ଷ ସବୁ ରାସର ମଧୁର ଶୃଙ୍ଗାରରେ ମଦମତ୍ତ ହୋଇଉଠୁଥାଏ । ଆଉ ମୋର ପ୍ରିୟ ସଖୀ ରାଧାଙ୍କର ମହକମୟୀ ବୈଜୟନ୍ତୀ ମାଳା ସେମିତି ମୋ ଛାତି ଉପରେ ଧୀରେ ଧୀରେ ସ୍ପନ୍ଦିତ ହେଉଥାଏ ।

ନାଚି ନାଚି ମୋର ନୀଳାମ୍ବରୀ ପ୍ରେମମୟୀ ଯୋଗିନୀ ପ୍ରିୟା ରାଧା ଥକିଯାଇଥାନ୍ତି । ତାଙ୍କର କପାଳରେ ସ୍ୱେଦବିନ୍ଦୁ ଚିକ୍ ଚିକ୍ କରୁଥାଏ । ରାଧାଙ୍କ ସହିତ ନାଚୁ ନାଚୁ ମୁଁ କେଉଁ ସ୍ୱର୍ଗଲୋକ କି ଭୂଲୋକରେ ବିଚରଣ କରୁଥିଲି ଜାଣିପାରୁନଥିଲି । ସମଗ୍ର ବ୍ରହ୍ମାଣ୍ଡ ଯେମିତି ସେଇ ମାହେନ୍ଦ୍ର ମଧୁକ୍ଷରା ମୁହୂର୍ତ୍ତରେ ସ୍ଥିର ହୋଇଯାଇଛି । ଯେଉଁଠି ସମସ୍ତ ସଂଯୋଗ ମୂର୍ତ୍ତିମନ୍ତ ହୋଇଯାଇଛି କାଳାନ୍ତରିତ ପୂର୍ଣ୍ଣତାରେ । ମୋର ପ୍ରେମମୟୀ ପାର୍ଥିବେଶ୍ୱରୀ ରାଧା ପାତ୍ରାନ୍ତରିତ ହୋଇଯାଇଛନ୍ତି ପରମେଶ୍ୱରୀ ଭାବରେ । ନା ସେଠି ବୃନ୍ଦାବନ ଅଛି, ନା ମଧୁବନ କି ଗୋପଗୋପୀ ସମସ୍ତେ ଏକାକାର ତଲ୍ଲୀନ ହୋଇଯାଇଛନ୍ତି ମହା ରାସକ୍ରୀଡ଼ାର ପାବନୀ ପ୍ରେମର ମୋହିନୀମାୟାରେ ।

ମୋର ଓ ରାଧାଙ୍କର ଦୁଇଟି ଶରୀର ଆଉ ଭିନ୍ନ ହୋଇ ରହିନାହିଁ । ଆଦିମ କାଳରୁ ପରମ ସତ୍ୟ ପ୍ରେମପୁରୁଷ ଓ ପ୍ରେମ ପ୍ରକୃତିଙ୍କର ଅକ୍ଷୟୀ ମିଳନର ମୈଥୁନର *ଅନିନ୍ଦ୍ୟସୁନ୍ଦର ମହାଅଭିବ୍ୟକ୍ତି ଭାବରେ ପ୍ରକାଶିତ ହୋଇସାରିଛି ।* ଏଠି ଆଉ କୃଷ୍ଣ କୃଷ୍ଣ ନୁହନ୍ତି, ରାଧା ରାଧା ନୁହନ୍ତି ରାଧା ରଞ୍ଜିତ କୃଷ୍ଣ ହିଁ ଶ୍ରୀକୃଷ୍ଣ । କୃଷ୍ଣକୃତାର୍ଥିନୀ ରାଧା ହିଁ ଶ୍ରୀରାଧା । କଦମ୍ବଫୁଲର ମହମହ ମହକରେ ନୀଳସରୋବର କୂଳରେ ଗୋଟିଏ ସ୍ୱରରେ ଲଳିତ ଲାସ୍ୟଲୀଳା ରାସସୋବର ସ୍ୱପ୍ନାବିଷ୍ଟ ଜ୍ୟୋତ୍ସ୍ନାମୟ ଗୁଞ୍ଜରଣ ଶତକଣ୍ଠରେ ଗୁଞ୍ଜରି ଉଠୁଥାଏ, ରାଧାକୃଷ୍ଣ, ରାଧାଗୋବିନ୍ଦ .... ! ରାଧେକୃଷ୍ଣ, ରାଧେ ଗୋବିନ୍ଦ ।"

ଆକାଶର ଶୁକ୍ଳବର୍ଣ୍ଣା ଶୁଭ୍ରାଙ୍ଗିନୀ ଚନ୍ଦ୍ରାଲୋକ ମଧ୍ୟ ମୋର ମୁରଲୀ ଆଉ ବାଦ୍ୟର ମୋହମଗ୍ନ ତାନରେ ଗାଇ ଉଠୁଥାଏ 'ରାଧେକୃଷ୍ଣ, ରାଧେ ଗୋବିନ୍ଦ ।'

ବୃନ୍ଦାବନର ଭାବମନ୍ଥିତ ଦିନ ଗୁଡ଼ିକ ଏଥର ଧୀରେ ଧୀରେ ସମାପ୍ତ ହୋଇଆସିଲା । ଆମର ପୂର୍ବ ଗୋପପୁର ପୁଣି ସବୁଜିମାରେ ଭରପୂର ହୋଇସାରିଥିଲା । ବାବା ବୃନ୍ଦାବନରେ ଧେଣ୍ଡୁରା ଦେଇ ଗୋପପୁର ଫେରିଯିବା ପାଇଁ ସମସ୍ତଙ୍କୁ ନିଷ୍ପତ୍ତି ଜଣାଇଦେଲେ । ହେଲେ ବୃନ୍ଦାବନରେ ମୋର ପ୍ରିୟ ସଖୀରାଧାଙ୍କ ସହିତ ବିତାଇଥିବା ଅପୂର୍ବ ମହାର୍ଘ ସ୍ମୃତି ସବୁକୁ ମନର ଅଣ୍ଟିରେ ସାଉଁଟି ନେଇ ପୁଣି ଗୋପପୁର ଫେରିଯିବାର ସମୟ ଆସିଯାଇଥିଲା । ମୁଁ ତ ଜନ୍ମଦିନରୁ ବିଦାୟ ନେବାର ଅଶ୍ଳୀଳ ବେଳାରେ ଅଭ୍ୟସ୍ତ ହୋଇସାରିଥିଲି । ମୋର ଜାତକରେ ସବୁବେଳେ ଗୋଟିଏ ଶବ୍ଦ ବିଦାୟ .... ବିଦାୟ .... ବିଦାୟ ଆଉ ମୁଠାଏ ଶୂନ୍ୟତା । ମୋର ମୁରଲୀର ଅନନ୍ୟ ସ୍ୱରର ନିନାଦରେ ନିଛାଟିଆ ଅନ୍ଧାରର ବୁକୁଚିରି ଯେଉଁ ସ୍ୱପ୍ନକୁ ବୁଣିଦେଇଥିଲି ତା'ର ନିବିଡ଼ ଆଶ୍ଲେଷର ଆର୍ଦ୍ରତା ମୁଁ ଚିରକାଳ ଆତ୍ମାରେ ଅନୁଭବ କରୁଥିଲି ପାର୍ଥ ! ବୃନ୍ଦାବନ ମୋର ନୀଳାଭ ଇଚ୍ଛାର ନର୍ତ୍ତନ ଭୂମି । ମୁଁ ଏଠି ଧୁ ଧୁ ଦି' ପହରେ ବରଗଛ ଓହଳରେ ଭାଇନା ଓ ସାଙ୍ଗମାନଙ୍କ ସହିତ କେତେ ଯେ ଦୋଳି ଖେଳିଛି । ଯମୁନାର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟକୁ ମନ ଭରି ଉପଭୋଗ କରିଛି । ଜାଣିଛ ପାର୍ଥ ! ପ୍ରକୃତିର ନିବିଡ଼ ନୀରବତାକୁ, ତା'ର ରସମୟ ଅନୁଭବକୁ ମୋର

ଅସ୍ତିତ୍ୱରେ ସୁଗନ୍ଧିତ କରିଦେଇଛି । ମୋ ଆଖିରେ ସ୍ୱପ୍ନର କଜ୍ଜ୍ୱଳ ଆଉ କିଏ ଲଗେଇ ଦେଇଛି କି ପାର୍ଥ ! ଏଇ ମୋର ମୋହମୟୀ ବୃନ୍ଦାବନର ମୁଗ୍ଧ ପଦ୍ମବନ ଓ କୋଇଲିର କୁହୁତାନ । ବୃନ୍ଦାବନରେ ମୁଁ ରାଧାଙ୍କର ଅଧିକ ନିକଟବର୍ତ୍ତୀ ଓ ଅନ୍ତରଙ୍ଗ ହୋଇଥିଲି । ରାଧା ହିଁ ମୋ ଜୀବନର ସର୍ବୋତ୍ତମା ନାରୀ ଯିଏ ମତେ ହାତଧରି ଆଞ୍ଜୁଳା ଆଞ୍ଜୁଳା ଅଶ୍ରୁର ଅନୁରାଗରେ କେମିତି ପ୍ରୀତିପର୍ଣ୍ଣ ପ୍ରେମାନୁଭବକୁ ଆତ୍ମାରେ ଅଭିଭୂତ କରିହୁଏ ଶିଖାଇ ଦେଉଥିଲେ । ରାଧାଙ୍କର ଦେହର ସ୍ପର୍ଶରେ ମୁଁ ପ୍ରଥମକରି ଭଲପାଇବାର ଭୁରୁଭୁରୁ ବାସ୍ନାରେ ମହକିତ ହୋଇଥିଲି ପାର୍ଥ ! କେତେବେଳେ ଛାଇଛାଇକା ଅଧାଛାଇ ଅଧା ଆଲୁଅରେ ସେଇ ମୋର ପ୍ରିୟ ମଧୁବନର କଦମ୍ବଗଛ ମୂଳରେ ରାଧାଙ୍କ ଦେହକୁ ଦେହ ଲଗାଇ ବସିଥିଲା ବେଳେ ଉଷ୍ଣ ଅଶ୍ରୁର ଅନୁଚ୍ଚାରିତ ଆର୍ଦ୍ରତାରେ ଭିଜିଛି ଯେ ଭିଜିଛି । ରାଧା ଅନୂଢ଼ା ଅବୁଝା କିଶୋରୀଟିଏ ଭଳି ମୋର ମୁରଲୀର ମଧୁର ତାନରେ ଅମାନିଆ ନୃତ୍ୟରେ ବିଭୋର ହୋଇଛନ୍ତି । ରାଧାଙ୍କର ଗଙ୍ଗୋତ୍ରୀ ଭଳି ଛଳଛଳ ପ୍ରାର୍ଥନାମୟ ପ୍ରେମ ଶିଉଳି ଲଗା ସମୟର ଚିହ୍ନକୁ ମଧ ଲିଭାଇ ଦେଇ ମୋ ଆତ୍ମା, ଅସ୍ତିତ୍ୱ, ଚେତନାରେ ଅଭାବିତ ସ୍ନେହର ଲାବଣ୍ୟରେ ମୋହ ମୁଗ୍ଧ କରିଦେଇଛି । ସୃଜନ ସ୍ୱପ୍ନକୁ ମୋର ଆକାଶମୁଖୀ ମୌନତାରେ ରାଧାଙ୍କର ଅନ୍ତରଙ୍ଗତା ହିଁ ଭରିଦେଇଥିଲା ପାର୍ଥ !! ରାଧାଙ୍କୁ ପାଇ ନଥିଲେ ନାରୀର ବିମୋହିତ ସ୍ନେହର ରସସ୍ନାତ ରୋମାଞ୍ଚିତ ସୁରଭିର ବାସ୍ନା ମୁଁ କେବେ ହେଲେ ପାଇପାରିନଥାନ୍ତି ।

ରାଧାଙ୍କ ପାଦର ହଳକ ମଧୁର ଘୁଙ୍ଗୁରରେ ଯେଉଁ ନମ୍ର ସକାଳର ସବୁଜ ଘାସରୁ କାକର ବୁନ୍ଦାକ ଲାଖିଯାଏ, ପୁଣି ସେଇ ମତୁଆଲା ଘୁଙ୍ଗୁରର ଝଙ୍କାରରେ ମୋର ବଂଶୀରେ ସେମିତି ତୃଷ୍ଣାର କୁହୁକ ମୋ ଜୀବନକୁ ମିଠା ମିଠା ମୋହରେ ସ୍ୱରମୟ କରିଦେଇଥିଲା । ପାର୍ଥ ! ରାଧାଙ୍କ ସହିତ ଅନୁପମ ପ୍ରେମର ପରାଗ ମୋ ଅବଶିଷ୍ଟ ଆୟୁଷକୁ ଜୀବନ୍ମୟୀ, ହିରଣ୍ମୟୀ ଆଲୋକରେ ପରିପୂର୍ଣ୍ଣ କରିଦେଇଥିଲା । ବୃନ୍ଦାବନରୁ ବିଦାୟ ନେଇ ଗଲାବେଳେ ଏକ ଅଭାବିତ ଶୂନ୍ୟତାରେ ହୃଦୟ ମୋର ମଚ୍ଛି ହୋଇଯାଉଥିଲା । ରାଧାଙ୍କୁ ବ୍ୟାକୁଳ ହୋଇ ମୁଁ କହିଥିଲି -"ଆୟୁତ ଆଲୋକବର୍ଷ ପରେ ମଧ ଆମ ଦୁହିଁଙ୍କର ଭଲପାଇବାର ନୈସର୍ଗିକ ଭାସ୍କର୍ଯ୍ୟ ସେମିତି ବୃନ୍ଦାବନର ପ୍ରତିଟି ଗଛଲତା, ପ୍ରକୃତିର ପ୍ରତି ଛତ୍ରେ ଛତ୍ରେ ଲାଖି ରହିଯିବ । ଅନେକ ଜନ୍ମ-ପ୍ରଜନ୍ମ ପରେ ସୁଦ୍ଧା ସମୟର ଶିଉଳିଲଗା ହାତ ଆମର ସ୍ୱପ୍ନମୟ ଅସ୍ତିତ୍ୱକୁ ଲିଭାଇ ପାରିବନାହିଁ । କଦମ୍ବ ଫୁଲର ମହକିତ ବାସ୍ନାରେ, ପବନର ହିଲ୍ଲୋଳରେ, ପକ୍ଷୀଙ୍କ କୂଜନରେ, ଯମୁନାର କୁଳୁକୁଳୁ ଛନ୍ଦରେ, ବର୍ଷାଋତୁ, କୁହୁଡ଼ିରେ, କେଉଁଏ କିରଣରେ ଚିରକାଳ ଗୁଣୁଗୁଣାଉ ଥିବ ଗୋଟିଏ ମୂର୍ଚ୍ଛନା, ଗୋଟିଏ ପ୍ରାର୍ଥନା - ରାଧେ କୃଷ୍ଣ .... ରାଧେ କୃଷ୍ଣ... ରାଧେ ଗୋବିନ୍ଦ .... ବିଶୁଦ୍ଧ ଅପାର୍ଥିବ ଭାବର ସମ୍ମୋହନୀ ପ୍ରେମର ସ୍ମାରକୀ ମୋର ପ୍ରିୟ ବୃନ୍ଦାବନ ।"

ଶ୍ରାବଣୀର ଉଷାକାଳର ସେଇ ମୁହୂର୍ତ୍ତ ମୋ ସ୍ମୃତିରେ ଯେବେ ପାଦ ଚିପି ଚିପି ଆସେ, ମୁଁ କେଉଁ ଏକ ଅଜଣା, ଅନାସ୍ୱାଦିତ ସୁଖର ସ୍ପର୍ଶରେ ପୁଲକିତ ହୋଇଉଠେ,

ପାର୍ଥ ! ଜାଣିଚ, ସେଇ ସୁଖସଂହିତାର ପୁଣ୍ୟଶ୍ଳୋକ, ମାଧୁର୍ଯ୍ୟମୟ ରାଗ-ମହ୍ଲାରର ଅପୂର୍ବ ମୂର୍ଚ୍ଛନା ! ହଁ, ସେଇ ଉଷାକାଳ । ବିଦାୟୀରାତ୍ରିର ପଣତକାନି ସହିତ ପ୍ରାକ୍ ସୂର୍ଯ୍ୟୋଦୟର ଅରୁଣିମା ଲୁଚକାଳି ଖେଳ ଆରମ୍ଭ କରିବା ପୂର୍ବରୁ ଉଷାରାଣୀ, ମୋର ପ୍ରେମଯୋଗିନୀ ରାଧାରାଣୀଙ୍କୁ ଚନ୍ଦ୍ରଶେଣାର ବନ୍ଦୀଗୃହରୁ ମୁକୁଳାଇ ଆଣି ଯମୁନା ନଦୀର ପଥରତୁଠର ଘାଟଆଡ଼କୁ ଟାଣିନେଇଥିଲା । ନୀଳ ନୀଳ, ଘନନୀଳ ଦିଗନ୍ତକୁ ସ୍ପର୍ଶ କରୁଥିବା ଯମୁନାରେ ସେଦିନ ଅଶାନ୍ତ .... ପ୍ରଗଲ୍‌ଭ ଢ଼େଉ । ଶ୍ରାବଣର ପୂର୍ଣ୍ଣଗର୍ଭା ଯମୁନାନଦୀର ଘାଟକୁ ଘେରି ରହିଥିବା ଉପବନର କଦମ୍ବ, ବଉଳ ଓ ଗଙ୍ଗଶିଉଳୀ ବୃକ୍ଷମାଳା ଭିତରେ ଥାଇ ମୋତେ ଯେମିତି କିଏ ହାତ ଠାରି ଡାକୁଛି - "ଆସ, ଆସ ।" ଅର୍ଦ୍ଧଶାୟିତ ଅବସ୍ଥାରେ ଭୂମି ଉପରେ ଚିତ୍ ହୋଇ ଶୋଇ ପାଦକୁ ଆସ୍ତେ ଆସ୍ତେ ଭୂମିରେ କଚାଡୁଛି । ପାଦସହିତ ଭୂମିର ସ୍ପର୍ଶରୁ ଘୁଙ୍ଗୁରର ଛମ୍ ଛମ୍ ଶବ୍ଦ ମୋତେ ନିଦରୁ ଉଠାଇ ଦେଲା ଯେମିତି । ଜାଣିଛ ପାର୍ଥ ! ମୋର ପ୍ରେମଯୋଗିନୀ ଶ୍ରୀରାଧାଙ୍କ ସେଇ ପ୍ରଥମ ସ୍ପର୍ଶ କାଳରୁ ମୁଁ ତ ପ୍ରାୟ ପ୍ରତିକ୍ଷଣ ଯେମିତି ସୁସୁପ୍ତିରେ, ଜାଗ୍ରତରେ, ମୂର୍ଚ୍ଛାହତ ସ୍ୱପ୍ନରେ ସ୍ୱପ୍ନରେ, ତନ୍ଦ୍ରାଚ୍ଛନ୍ନ ଭାବରେ ଦେଖୁଛି ମୋର କୈଶୋରର ସେଇ ପ୍ରାଣସଙ୍ଗିନୀ, ଚନ୍ଦ୍ରବଦନୀ, ଯାବତୀୟ ଉପମା, ଉପମେୟ, ରୂପକଳ୍ପ କଳ୍ପନାରୁ ବହୁ ଉର୍ଦ୍ଧ୍ୱରେ ଥିବା ଏକ ଅପୂର୍ବ ଲାବଣ୍ୟବତୀ ରାଧା, ରାଧାରାଣୀ, ମାନିନୀ ଶ୍ରୀରାଧାଙ୍କୁ !

ବୃନ୍ଦାବନର ନବନିର୍ମିତ ନନ୍ଦମହଲ ଭିତରୁ ବାହାରି ସକାଳର ସେଇ ପାଣିଚିଆ ଅନ୍ଧାର ଭିତରେ ମନ୍ତ୍ରମୁଗ୍ଧ ଭାବରେ ମୁଁ ଚାଲିଥିଲି ଯମୁନା କୂଳର ସେଇ ଉପବନ ଆଡ଼କୁ । ମୋ ଓଠରେ ବଂଶୀର ମତୁଆଲା ରାଗ ମେଘମହ୍ଲାର । ନୀଳଆକାଶରେ ଭସା ମେଘର ସାମୁଦ୍ରିକ ଢ଼େଉ ..... ବାଦଲ । ବୃକ୍ଷମାନଙ୍କର ଶାଖାପ୍ରଶାଖାରେ ଥିବା ନୀଳ ପତ୍ର ଗହଳି ଭିତରୁ ପକ୍ଷୀମାନଙ୍କର କଳରବ । କିଚିରି ମିଚିରି ଶବ୍ଦ । ମୁଁ ଚାଲିଥାଏ ଶିଶିରସିକ୍ତ ସବୁଜ ତୃଣର ଶଯ୍ୟା ଉପରେ । ମୋ ବଂଶୀର ସ୍ୱର ତରଙ୍ଗ ସହିତ ତାଳ ମିଳେଇ ଭାସି ଆସୁଛି, ସେଇ ହଳକ ଘୁଙ୍ଗୁରର ଛମ୍ ଛମ୍ ... ରୁଣୁଝୁଣୁ ଶବ୍ଦ । ଶବ୍ଦ ଡାକୁଛି ସ୍ୱରକୁ । ସ୍ୱରତରଙ୍ଗକୁ । ସ୍ୱର, ତାଳ, ଲୟର ଅପୂର୍ବ ମୂର୍ଚ୍ଛନା ଭିତରେ ମିଳନର ଛନ୍ଦପାଇଁ କିଏ ଯେମିତି ଜଣେ ମତେ ଡାକୁଛି, ଆଉ ମୁଁ ଚାଲିଛି ଯେ, ଚାଲିଛି । ମୁଁ ଚାଲିଛି, ବାଟ ଅବାଟ ଛୁଡ଼ି । ଆତ୍ମର ଆତ୍ମା ମାନୁନାହିଁ ବାଟ ଅବାଟ । କୂଳ-କିନାରା । ଦେହ ଡାକୁଛି ଦେହକୁ, ଦେହାତୀତ ହୋଇଯିବା ପାଇଁ । ପ୍ରେମରେ ସମାଧିସ୍ଥ ହୋଇଯିବାକୁ । ନିଜ ଭିତରର ସତ୍ତା ଅନ୍ୟର ସତ୍ତାରେ ବିଲୀନ ହୋଇଯିବାକୁ ଯେମିତି ବ୍ୟାକୁଳ । ଆଚ୍ଛନ୍ନ, ଉଚ୍ଛନ୍ନ, ତନ୍ଦ୍ରାଚ୍ଛନ୍ନ ।

ରାଧା, ଶ୍ରୀରାଧା, ରାଧାରାଣୀ ! ଆଗୋ ମୋର ଆଦ୍ୟ ପ୍ରେମଗୁରୁ, ମହାଯୋଗିନୀ, ମହାକାମିନୀ ରାଧାରାଣୀ ତମେ ଗଲ କୁଆଡ଼େ ? ମୁଁ ତ ତୁମକୁ ଏ କଦମ୍ବ ଉପବନରେ ଖୋଜୁଛି ଯେ ଖୋଜୁଛି । ଆଗୋ ପ୍ରେମପ୍ଳାବିନୀ ତଟିନୀ ... ଖରସ୍ରୋତା

ପ୍ରଗଲ୍‌ଭା ସ୍ରୋତସ୍ୱିନୀ, ଅପୂରନ୍ତ ପ୍ରେମରେ, କାମନାରେ ମୋତେ ବୁଡ଼ୁବୁଡ଼ୁ ... ପ୍ରେମର ଯମୁନାରେ ଉବୁଟୁବୁ କରିଦେଇଥିବା ରାଧାରାଣୀ, ମୋର ହାତଧରି ତମେ ମୋତେ କୁଆଡ଼େ ଟାଣୁଛ ଯେ ? କୁଆଡ଼େ ନେଉଛ ମତେ ତମକୁ ହିଁ ଜଣା, ଜାଣିଗଲେ ସେଇ କଥା ହେବି ବାଟବଣା ଗୋ, ରାଧାରାଣୀ !

ମୋ ବଂଶୀର ରାଗମହ୍ଲାରରେ ଉପବନର ପକ୍ଷୀମାନେ ସୁଦ୍ଧା ଯେପରି ମତୁଆଲା ହୋଇ ଡାଳରୁ ଡାଳକୁ ଡେଇଁ ଡେଇଁ ନିଜ ସାଥୀମାନଙ୍କ ସହିତ ଖେଳୁଛନ୍ତି । ମେଘମେଦୁର ଶ୍ରାବଣୀ ରାତିର ରତିରେ ସେମାନେ ଯେପରି ଉତ୍‌ଫୁଲ୍ଲ । ରାତିର ରତିସୁଖଜନିତ ପକ୍ଷୀମାନଙ୍କ ଉଷାକାଳର କଳରବ, କୋଇଲିର କୁହୁତାନ, ଯୁଗଳବନ୍ଦୀରେ ମୟୂରମାନଙ୍କର କେଳୀ ସେ ଉଷାକାଳକୁ ମିଥୁନମୟ କରିଦେଇଥିବା ବେଳେ ମୋ ଓଠରେ ବଂଶୀର ବିଳମ୍ବିତ ରାଗ ସେମାନଙ୍କୁ ଯେମିତି ଅଧିକ ସ୍ପର୍ଶକାତର କରୁଥିଲା ।

ଓଃ .... ରାଧାରାଣୀ ! ମୋର ପ୍ରଥମ ୍‌ପ୍ରେମର ଦୀକ୍ଷାପ୍ରଦାୟିନୀ, ପ୍ରେମଯୋଗିନୀ, ମହାକାମିନୀ ତମେ ଗଲ କୁଆଡ଼େ ? ମୋ ବଂଶୀର ସ୍ୱରଲହରୀ, ମୋ ଆତ୍ମାର ଡାକ ତମେ କ'ଣ ବୁଝିପାରୁଛନା, ନାଇଁ ମ ? ଆଗୋ, ତମେ ଗଲ କୁଆଡ଼େ ?

କୁଞ୍ଜବନ ଭିତରୁ ଶୁଭୁଛି ସେଇ ହଳିକ ଘୁଙ୍ଗୁରର ଛମ୍‌ଛମ୍ ... ରୁଣୁଝୁଣୁ ନିକ୍ୱଣ । ଅପୂର୍ବ ଛନ୍ଦ ଲହରୀର ସେଇ ଶବ୍ଦକୁ କାନପାତି ମୁଁ ପଶିଗଲି ପେନ୍ଥା ପେନ୍ଥା ଫୁଲର ଭାରାରେ ନଇଁପଡ଼ିଥିବା ବୃକ୍ଷମାନଙ୍କର କୁଞ୍ଜବନ ଭିତରକୁ । ଆରେ, ଏଠିତ ମୋର ପ୍ରାଣପ୍ରିୟା ରାଧାରାଣୀ ! କାମସର୍ପ ଦଂଶନରେ ମୂର୍ଚ୍ଛାଗତ କେଉଁ ଏକ ଷୋଡ଼ଶୀ ପରି ଚିତ୍ ହୋଇ ଶୋଇଛନ୍ତି ରାଧାରାଣୀ, ଗଙ୍ଗଶିଉଳୀ ଫୁଲର ଶେଯରେ । ଫୁଲର ଈଶ୍ୱରୀ ମୋର ରାଧାରାଣୀ ସତେ ଯେମିତି ସେ ମୂର୍ଚ୍ଛିତା ମୋ ପ୍ରେମର ବଂଶୀର ରାଗମହ୍ଲାରରେ । ସଂଜ୍ଞା ତାଙ୍କର ହଜିଯାଇଛି ଯେମିତି ଗତ ସାରାରାତି ପ୍ରତୀକ୍ଷାର ବିରହ ଜ୍ୱାଳାରେ । ମୁଖମଣ୍ଡଳରେ ମ୍ଳାନ ବିଷର୍ଣ୍ଣତାର ଢେଉ, ଛାତିର ଉପତ୍ୟକାରେ ଅନାବୃତ୍ତ ଉଦ୍ଧତସ୍ତନର ଅସ୍ଥିର ନୃତ୍ୟ । ବସ୍ତ୍ର ଭୂଷଣ ଅସଂଯତ । ଅଥଚ ଚମ୍ପାବର୍ଣ୍ଣର, ଆଉଟା ସୁନା ରଙ୍ଗର ପଦଯୁଗଳରେ ବନ୍ଧା ହଳିକ ଘୁଙ୍ଗୁର କ୍ଷଣିକ୍ଷଣିକେ ଧିର ମନ୍ଥର ଛନ୍ଦରେ ତୋଳୁଛି କେଉଁ ମୂର୍ଚ୍ଛାହତ ରାଗର ଅନାମ ରାଗିଣୀ !

ମୋ କମରପଟିରେ ବନ୍ଧା ଉତ୍ତରୀୟରେ ବଂଶୀଟିକୁ ଖୋସିଦେଇ ମୁଁ ରାଧାରାଣୀଙ୍କ ମାନଭଞ୍ଜନ ପାଇଁ ତାଙ୍କର ପାଦଦୁଇଟି ମୋର କୋଳକୁ ଟାଣିନେଲି । ରାଧାରାଣୀଙ୍କ ପାଦସ୍ପର୍ଶ ମୋର ଶରୀରରେ, ଆତ୍ମାରେ, ପ୍ରାଣର ପ୍ରତିଟି ତନ୍ତ୍ରୀରେ, ସ୍ନାୟୁରେ ସ୍ନାୟୁରେ ବିଦ୍ୟୁତ୍ ବେଗରେ ସ୍ପନ୍ଦନ ତୋଳିଲା । ସେଇ ସ୍ପର୍ଶରେ ମୁଁ ଜାଣିପାରିଲି, ରାଧାରାଣୀ ଜଣେ ରକ୍ତମାଂସର ସାଧାରଣ ଗୋପାଳୁଣୀ ନୁହଁନ୍ତି, ଜଣେ ଶକ୍ତିପ୍ରଦାୟିନୀ, ସେତେଯେମିତି

ନିର୍ଜୀବ ପୁରୁଷ ଦେହରେ ଅପରାଜେୟ ପୌରୁଷ ପ୍ରଦାୟିନୀ ଏକ ମହାଶକ୍ତି । ସକଳ ଶକ୍ତିର ଆଧାରଧାରିଣୀ ପ୍ରକୃତି, ମହାପ୍ରକୃତି ... ମନସ୍ୱିନୀ, ପ୍ରଜ୍ଞାପାରମିତା ।

ମୁଁ ତାଙ୍କ ପଦଯୁଗଳକୁ ସ୍ପର୍ଶରେ, ସ୍ପନ୍ଦନରେ ପଖାଳିଲା ବେଳେ ଗଛଲତାର ଘନସବୁଜ ପତ୍ର ଗହଳି ଭେଦକରି କୁଞ୍ଜବନ ଭିତରକୁ ପ୍ରଚଣ୍ଡଦୀପ୍ତିମାନ ବର୍ଚ୍ଛାପରି ପ୍ରବେଶ କରୁଥିଲା ସୂର୍ଯ୍ୟଙ୍କର ପ୍ରାତଃକାଳୀନ ଅରୁଣିମା । ସେଇ କୋମଳ ଆଲୋକର ତେର୍ଚ୍ଛାସ୍ପର୍ଶରେ ଶ୍ରୀରାଧାଙ୍କ ପଦଯୁଗଳ ଅଧିକ ଜ୍ୟୋତିର୍ମୟ ହୋଇଉଠୁଥିଲା । ଶ୍ରୀରାଧାଙ୍କ ପାଦରେ ମୁଁ ଭାବବିହ୍ୱଳ ହୋଇ ଚୁମ୍ବନଟିଏ ଆଙ୍କିଦେବାକୁ ଉଦ୍ୟମ କଲାବେଳେ, ମୋର ପ୍ରାଣସଙ୍ଗିନୀ, ପ୍ରେମଯୋଗର ଦୀକ୍ଷାପ୍ରଦାୟିନୀ ରାଧାରାଣୀ ସଂକୋଚରେ ପାଦଟାଣି ନେଉ ନେଉ କହିଲେ - 'ଛି ...

ତାଙ୍କର ସେଇ ସ୍ମିତ ହସର ପାର୍ବଣ, କଲ୍ଲୋଳ ି ିରେ ରାଧାରାଣୀଙ୍କ ବାମପାଦରେ ମୁଁ ଦେଖିଥିଲି ସ୍ୱସ୍ତିକ ଚିହ୍ନ । ହଁ, ସ୍ୱସ୍ତିକ ଚିହ୍ନ । କିଛିକ୍ଷଣ ପୂର୍ବରୁ ଶ୍ରୀରାଧାଙ୍କ ଉଦ୍ଧତସ୍ତନର ତିଳଚିହ୍ନ ମୁଁ ଦେଖି ମନେ ମନେ ତାଙ୍କ ରୂପଲାବଣ୍ୟ କଳ୍ପନା କଲାବେଳେ ପୁଣି ବାମପାଦରେ ସ୍ୱସ୍ତିକ ଚିହ୍ନ ଦର୍ଶନ ମତେ କେଜାଣି କାହିଁକି ଶ୍ରାବଣର ସେଇ ମେଘମେଦୁର ସକାଳରେ ଦାର୍ଶନିକ କରିଦେଉଥିଲା । ବେଦ ଓ ଉପନିଷଦରେ ପ୍ରବୀଣ ଦାର୍ଶନିକ ମୋର କୁଳନନ୍ଦ କକାଙ୍କୁ ସେଦିନ ପଚାରିଥିଲି ଜଣେ ନାରୀ ପାଦରେ ସ୍ୱସ୍ତିକ ଚିହ୍ନର ଲକ୍ଷଣ । କକା ମତେ ସେଦିନ ପିଠି ଥାପୁଡ଼ାଇ କହିଥିଲେ - "ଜଣେ ନାରୀର ପାଦରେ ସ୍ୱସ୍ତିକ ଚିହ୍ନ ଦର୍ଶନ କରିବା ଜଣେ ରାଜଚକ୍ରବର୍ତ୍ତୀ ଯୋଗ୍ୟତା ସମ୍ପର୍ଣ୍ଣ ପୁରୁଷର ସୌଭାଗ୍ୟ । ତୁମେ ଯଦି ସେପରି ପୌରୁଷର ଅଧିକାରୀ ହୋଇପାରିଛ ତେବେ ବୁଝିବାକୁ ହେବ ତୁମ ଜୀବନ ଧନ୍ୟ ହୋଇଛି ଗୋପଳକୃଷ୍ଣ । ତୁମକୁ ବିନା ସାଧନା ଓ ତପସ୍ୟାରେ ପ୍ରାପ୍ତ ହୋଇଛି ପ୍ରାପ୍ତି ଓ ◌ୋକ୍ଷ । ରା... ଧା... ରାଧା ରାଧା... ଧାରା... ଧାରା ।

ଗୋପପୁର, ବୃନ୍ଦାବନ ପୁଣି ଗୋକୁଳ ବ୍ରଜଭୂମିର ଜୀବନପ୍ରଦ ବାୟୁ, ଜଳ, ଖାଦ୍ୟ ଓ ପ୍ରାକୃତିକ ପରିବେଶର ପ୍ରତ୍ୟକ୍ଷ ସଂସ୍ପର୍ଶରେ ମୋର ଶରୀର, ମନ ଆହୁରି ଶକ୍ତିଶାଳୀ ତଥା ସୁଦୃଢ଼ ହୋଇ ଉଠିଥାଏ । କେଳିନନ୍ଦ ଓ ପ୍ରାଣନନ୍ଦ କକାଙ୍କର କଠୋର ଅନୁଶାସନରେ ଯେଉଁ ବ୍ୟାୟାମ ସବୁ ଆମେ ଶିକ୍ଷା କରିଥିଲୁ ତାହାଦ୍ୱାରା ଆମର ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ବଳବାନ୍ ହୋଇଯାଇଥିଲା । ଏହା ସହିତ ଗୋକୁଳର ଗାଈ ମାନଙ୍କର କ୍ଷୀର ପିଇ ଆମେ ଆହୁରି ସତେଜ ଦେଖାଯାଉଥିଲୁ । ଯୌବନର କାଉଁରୀ ସ୍ପର୍ଶରେ ଦେହର ଲାବଣ୍ୟ ଯେମିତି ଆହୁରି ନିଖାରି ଆସିଥିଲା । ଭାଇନା ମୋଠାରୁ ବେଶୀ ସଶକ୍ତ, ସୁନ୍ଦର ଓ ଦୃଢ଼କାୟ ମଲ୍ଲ ଭଳି ଦେଖା ଯାଉଥିଲେ । ଆମ ଦୁଇଭାଇଙ୍କର ମୁହଁରେ ନିଶ ମଧ ଗଜୁରି ଆସିଥିଲା । ଯୌବନ ତା'ର ସୁନ୍ଦରୀ ପଣତରେ ଆମକୁ ସ୍ୱପ୍ନାବିଷ୍ଟ କରିଦେଇଥିଲା । ଜେଜେ, ନନ୍ଦବାବା, ଦୁଇ ମା', କକା-ଖୁଡ଼ି ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଙ୍କିମାରୁଥାଏ । ମୁଁ

ଜେଜେଙ୍କୁ, ନନ୍ଦବାବାଙ୍କୁ ପଚାରିଚାଲିଥିଲି ମଥୁରାର ମହାରାଜ ଉଗ୍ରସେନଙ୍କୁ କାହିଁକି କଂସ ବନ୍ଦୀଶାଳାରେ ଭର୍ତ୍ତି କରିଦେଇଛି ? ପୂର୍ବରୁ ଯାଦବବଂଶର କ'ଣ କେହି ଏଭଳି କର୍ମ କରିଥିଲେ ? କାହିଁକି ଏଭଳି ଅପକର୍ମ ପାଇଁ ମଥୁରାରେ ପ୍ରତିବାଦର ସ୍ୱର ସୁଦ୍ଧା ଉଠିଲା ନାହିଁ ? ମହାରାଜ ବସୁଦେବ ଓ ଦେବକୀଙ୍କୁ ବିନା ଦୋଷରେ କଂସର ବନ୍ଦୀଶାଳାରେ ସଡ଼ିବାକୁ ଛାଡ଼ି ଦିଆଗଲା ? କାହିଁକି କେହି ହେଲେ ନିଷ୍ପାପର ଭାବରେ ପ୍ରତିବାଦର ସ୍ୱର ଉଠାଇଲେ ନାହିଁ ? ସେମାନଙ୍କୁ କାରାଗୃହରୁ ମୁକ୍ତି କରିବା ପାଇଁ ମୋ ମନ କାହିଁକି ଏତେ ବ୍ୟାକୁଳ ହେଉଛି ? ଆମର ଗୋପ ଏବଂ ଯାଦବମାନଙ୍କ ମଧ୍ୟରେ କିପ୍ରକାର ସମ୍ବନ୍ଧ ରହିଛି ?"

ମୋର ଏହିସବୁ ପ୍ରଶ୍ନର ଉତ୍ତର ଜେଜେ କି ନନ୍ଦବାବା ଦେଇପାରୁନଥିଲେ । ବରଂ ନିରୁତ୍ତର ହୋଇଯାଉଥିଲେ । ନିଜ ନିଜ ଭିତରେ ବିଡ଼ବିଡ଼ାଉ ଥିଲେ "କଂସ .... କଂସ ..... କଂସ" ।

ନିଜର ଅତିପ୍ରିୟ ବଳରାମ ଭାଇନାଙ୍କର ସୁପୁଷ୍ଟ ବାହୁକୁ ଚିପିଦେଇ କହୁଥିଲି, "ଭାଇନା ! ତମେ କହିଲ ଦେଖି, ମଥୁରା ଯିବାପାଇଁ ମୋର ମନ କାହିଁକି ଏତେ ବ୍ୟାକୁଳ ହେଉଛି ? ବନ୍ଦୀଶାଳରେ ଥିବା ବସୁଦେବ ଓ ଦେବକୀଙ୍କୁ ସାକ୍ଷାତ କରିବା ପାଇଁ ମୋ ମନ କାହିଁକି ଏତେ ଉଚ୍ଛନ୍ନ ହେଉଛି ? ତମକୁ ଏପରି ମନେ ହେଉଛି ନା ?"

ଭାଇନା ମୋର ଆଖିରେ ଆଖି ମିଶାଇ ବଡ଼ ସ୍ନେହରେ ଆଦର କରି କହନ୍ତି, "କାହ୍ନା ! ଯେଉଁ ପ୍ରଶ୍ନର ଉତ୍ତର ତୋତେ ଜଣାନାହିଁ ତାହା ମତେ କିପରି ଜଣାପଡ଼ିବ କହିଲୁ ? ମୁଁ ତ କେବଳ ନାମକୁ ମାତ୍ର ବଡ଼ । ବାସ୍ତବରେ ବଡ଼ ତୁ । ମୁଁ ଖାଲି ତୋ'ର ଛାଇସିନା ।"

ଭାଇନାଙ୍କର ଏ ଭଳି ବୁଦ୍ଧିପୂର୍ଣ୍ଣ ଉତ୍ତରରେ ମୋ ମନ ଆହୁରି ବ୍ୟାକୁଳ ହୋଇଉଠୁଥାଏ । ଦିନେଦିନେ ସକାଳୁ ମୁଁ ସାଙ୍ଗମାନଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ଯମୁନାକୂଳକୁ ଚାଲିଯାଉଥିଲି । ଯମୁନାକୁ ଏକଲୟରେ ଚାହିଁ ରହୁଥିଲି । କେତେବେଳେ ସକାଳେ, ଖରାବେଳେ ନହେଲେ ସନ୍ଧ୍ୟାବେଳେ ଯମୁନାକୂଳକୁ ଚାଲିଯାଉଥିଲି । ଏକୁଟିଆ ତାକୁ ଦେଖୁଥିଲି ଏବଂ ମନେ ମନେ ପଚାରୁଥିଲି, "ଯମୁନା ମା' ! ମୋ ମନରେ ତୁମ ପାଇଁ ଏତେ ଆକର୍ଷଣ କାହିଁକି ? ତୁମେ କୁହ ମା' ! ମଥୁରା ଯିବାପାଇଁ ମୋ ମନରେ ବାରମ୍ବାର ବିଦ୍ରୋହର ବହ୍ନି କାହିଁକି ଜଳିଉଠୁଛି ? ମଥୁରାର ଯାଦବମାନଙ୍କ ସହିତ ତଥା ବସୁଦେବ ଓ ଦେବକୀଙ୍କ ସହିତ ମୋର କି ସମ୍ପର୍କ ରହିଛି ? ଜେଜେ, ନନ୍ଦବାବା, ସମସ୍ତଗୋପ ଯେମିତି ମୋର ଆତ୍ମୀୟ ଲାଗନ୍ତି ସେମିତି ଯାଦବମାନେ ମଧ୍ୟ ମନେହୁଅନ୍ତି ? କେହି ହେଲେ ମୋର ଏତେ ସବୁ ପ୍ରଶ୍ନର ଗୋଟିଏ ହେଲେ ଉତ୍ତର କାହିଁକି ଦେଉନାହାନ୍ତି ?"

ମୋର ଦ୍ୱନ୍ଦର ସମାଧାନ ଆଦୌ ହେଉନଥାଏ । ଗୋଟିଏ ହେଲେ ସନ୍ତୋଷଜନକ ଉତ୍ତର ମୁଁ କାହାଠାରୁ ପାଉନଥାଏ । ମନର ବୋଝ କିନ୍ତୁ ବଢ଼ିଚାଲି ଥାଏ ଅହରହ । ହେଲେ ବେଶୀଦିନ ଆଉ ସେମିତି ଅସ୍ଥିରତାରେ କଟିଲା ନାହିଁ । ଦିନେ ସେହି ପ୍ରଶ୍ନର ଅନ୍ତ ହେବା ସମୟ ଆସି ପହଞ୍ଚି ଗଲା । ମୁଁ ଓ ବଳରାମ ଭାଇନା ସବୁଦିନ ଭଳି ନିଜର ସାଙ୍ଗମାନଙ୍କ ସହିତ ଗାଈଗୋଠମାନଙ୍କ ସହିତ ସନ୍ଧ୍ୟାରେ ଯମୁନା କୂଳରୁ ଫେରି ଆସି ସାରିଥାଉ । ପ୍ରଥମ ଥର ପାଇଁ ପଶ୍ଚିମ ମହାଦ୍ୱାର ନିକଟରେ ପାଞ୍ଚଟି ହୃଷ୍ଟପୁଷ୍ଟ ଅଶ୍ୱ ରାଜରଥରେ ବନ୍ଧା ହୋଇ ଛିଡ଼ା ହୋଇଥିବାର ଦେଖିଲୁ । ସେମାନଙ୍କୁ ଦେଖି ମୁଁ ଓ ଭାଇନା ଖୁବ୍ ଜୋର୍‌ରେ ଚମକି ପଡ଼ିଲୁ । ହେଲେ ରଥରେ କେହି ନଥିଲେ । ଭାଇନା ଦୌଡ଼ି ଦୌଡ଼ି ଆଡ଼କୁ ଗଲେ । ହେଲେ ମୁଁ କୌତୂହଳତାବଶତଃ ରଥ ନିକଟକୁ ଗଲି । ସେହି ସତେଜ ହୃଷ୍ଟପୁଷ୍ଟ ଅଶ୍ୱମାନଙ୍କ ଉପରେ ହାତକୁ ଥାପ ଜାଣିବାକୁ ଚାହିଁଲି ସେମାନେ ମୋର ଗ୍ରହଣଶକ୍ତିକୁ ଆଘ୍ରାଣ କରୁଛନ୍ତି ନା ନାହିଁ ? ମୁଁ ଗଭୀରଭାବରେ ଅଶ୍ୱମାନଙ୍କର ଆଖିକୁ ଦେଖିବାକୁ ଲାଗିଲି । ସେମାନେ ପ୍ରତ୍ୟୁତ୍ତରରେ ହିନହିନାଇ ସମର୍ଥନ କଲେ । ଅଶ୍ୱମାନେ ମତେ ଭଲଭାବରେ ଗ୍ରହଣ କରିସାରିଥିଲେ ।

ଏହି ସମୟରେ ନନ୍ଦବାବା ଓ ଭାଇନା ମୋ ପାଖରେ ପହଞ୍ଚିଗଲେ । କେତେବଡ଼ ବିପତ୍ତି ହେଉ ନା କାହିଁକି ସବୁଥିରେ ହସିଦେଉଥିବା ମୋର ବାବାଙ୍କର ମୁହଁ କିନ୍ତୁ ଶୁଖି ଯାଇଥିଲା । ନିସ୍ତେଜ ଦେଖାଯାଉଥିଲେ ସେ । ଆନମନା ହୋଇ ସେ ମତେ କହିଲେ, "କୃଷ୍ଣ ଶୀଘ୍ର ଚାଲ ! ତତେ ନେବା ପାଇଁ ମଥୁରାର ରାଜମନ୍ତ୍ରୀ ଆସିଛନ୍ତି । ସେ ଆମର ଅତିଥି ଗୃହରେ ବିଶ୍ରାମ କରୁଛନ୍ତି ରେ ।"

ଆମେ ତିନିଜଣ ଯଥାଶୀଘ୍ର ଆମ ମୁଖିଆ ନିବାସ ଆଡ଼କୁ ଅଗ୍ରସର ହେଲୁ । ସମସ୍ତଙ୍କ ଆଗରେ ମୁଁ ଚାଲୁଥାଏ । ଅତିଥି ଗୃହରେ ଜଣେ ରାଜପୋଷାକ ପରିହିତ ମସ୍ତକରେ ମୁକୁଟ ଧାରଣ କରି ଥିବା ଲମ୍ବା ତଥା ସୁଦୃଢ଼ ଦେହଧାରୀ ଦାଢ଼ୀ ବାଲା ଜଣେ ପୁରୁଷଙ୍କୁ ଦେଖିଲି । ତାଙ୍କୁ ଦେଖିଲାକ୍ଷଣି ମୋ ମନର ଉଦ୍‌ବେଗ ଆହୁରି ବଢ଼ିବାକୁ ଲାଗିଲା । ଭାଇନା ମୋ ପଛରେ ଛିଡ଼ା ହୋଇଥାନ୍ତି । ଜୀବନରେ ପ୍ରଥମଥର ପାଇଁ ଆମେ ଜଣେ ଯାଦବପୁରୁଷଙ୍କୁ ସମ୍ମୁଖରେ ଦେଖିଲୁ । ଆଦର ପୂର୍ବକ ମୁଁ ତାଙ୍କୁ ପ୍ରଣାମ କରିବାପାଇଁ ପାଦ ଛୁଇଁଲାବେଳକୁ ସେ ମତେ ବଡ଼ ଆବେଗରେ ଉପରକୁ ଉଠାଇଆଣି ଛାତିରେ ଜାକି ଧରିଲେ ।

ନନ୍ଦବାବା ତାଙ୍କର ପରିଚୟ କରାଇ କହିଲେ, "ଇଏ ହେଉଛନ୍ତି ମହାରାଜା କଂସଙ୍କର ମନ୍ତ୍ରୀ ଅକ୍ରୁର । ତୁମକୁ ନେବା ପାଇଁ ଆସିଛନ୍ତି । ମଥୁରାରେ ଏକ ବଡ଼ଧରଣର ଧର୍ନୁଯଜ୍ଞ ଉତ୍ସବ ହେବାକୁ ଯାଉଛି । ସେଥିରେ ସମ୍ମିଳିତ ହେବା ପାଇଁ ତୁମ ସହିତ ବଳରାମଙ୍କୁ ମଧ ଆମନ୍ତ୍ରଣ ଦେବାକୁ ଆସିଛନ୍ତି ।"

ନନ୍ଦବାବାଙ୍କର କଣ୍ଠସ୍ୱର ଏକ୍‌ବାରେ ଭଙ୍ଗା ଭଙ୍ଗା ଶୁଣାଯାଉଥାଏ ।

ଅକ୍ରୂର ଅନେକ ସମୟ ପର୍ଯ୍ୟନ୍ତ ମତେ ଏକଲୟରେ ଦେଖିଲେ । କିଛିକ୍ଷଣ ପରେ କହିଲେ, "ମହାରାଜ କଂସ ତୁମ ଦୁଇଜଣଙ୍କର ବଳପରାକ୍ରମ ଦେଖିବାକୁ ଇଚ୍ଛା କରୁଛନ୍ତି । ତେଣୁ ମତେ ଦୂତ ଭାବରେ ତୁମ ଦୁଇଜଣଙ୍କୁ ଧର୍ନୁଯଜ୍ଞ ଦେଖାଇବା ପାଇଁ ଆମନ୍ତ୍ରଣ କରିବା ପାଇଁ ପଠାଇଛନ୍ତି ।"

ହଠାତ୍ ମୁଁ ମନ୍ତ୍ରୀ ଅକ୍ରୂରଙ୍କୁ ଗୋଟିଏ ପ୍ରଶ୍ନ ପଚାରିଲି "ଆପଣ ପ୍ରଥମେ ମତେ କୁହନ୍ତୁ ଅକ୍ରୂର କକା ! ଏତେ ବଡ଼ ରାଜରଥକୁ ଆପଣ କପରି ଯମୁନା ପାରକରି ଗୋକୁଳ ଆଣିଲେ ?"

ଅକ୍ରୂର ମୋ ପ୍ରଶ୍ନଶୁଣି ଖୁସିହୋଇ କହିଲେ, "ସାଧୁ ସାଧୁ ! ବଡ଼ ବୁଦ୍ଧିମାନ ତୁମେ । ତୁମ ପ୍ରଶ୍ନ ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ଆମର ଶକ୍ତିଶାଳୀ ସୈନ୍ୟବାହିନୀରେ ଗୁଡ଼ିଏ ବିଶାଳ ନୌକା ମଧ୍ୟ ଅଛି । ଯାହା ସାହାଯ୍ୟରେ ଗୋଟିଏ ନୌକାରେ ମୋର ରଥ ଏବଂ ଅନ୍ୟ ଏକ ନୌକାରେ ମୁଁ ଓ ସାରଥି ଯମୁନା ପାର ହୋଇ ତୁମ ଗୋପପୁରରେ ପହଞ୍ଚିଲୁ । ବର୍ତ୍ତମାନ ଦୁଇଟିଯାକ ନୌକା ଯମୁନା କୂଳରେ ବନ୍ଧା ହୋଇ ଛିଡ଼ା ହୋଇଛନ୍ତି ।" କହି କହି ଅକ୍ରୂର ଧୀରେ ଧୀରେ ହସୁଥାନ୍ତି । ମୋ କାନ୍ଧରେ ହାତ ରଖି ସେ ଅନ୍ତଃପୁର ଆଡ଼କୁ ଅଗ୍ରସର ହେଲେ ।

ରାତ୍ରିଭୋଜନ ସମାପ୍ତ ହୋଇସାରିଥିଲା । ରାଜ ଅତିଥି ଅକ୍ରୂର ମଧ୍ୟ ଆମ ସହିତ ପ୍ରାର୍ଥନାରେ ଯୋଗ ଦେଇଥାନ୍ତି । ମୋର ଓ ଭାଇନାଙ୍କ ମଝିରେ ବସିଥିବା ସୁଭଦ୍ରା ଅନେକ ସମୟ ଯାଏଁ ତାଙ୍କୁ ଦେଖୁଥାଏ । ଅକ୍ରୂରଙ୍କର ଅପ୍ରତ୍ୟାଶିତ ଆଗମନ ଫଳରେ ମୁଖିଆ ନିବାସର ସମସ୍ତ ବ୍ୟକ୍ତି ବିଚଳିତ ହୋଇପଡ଼ିଥାନ୍ତି । ସମସ୍ତେ ନିଜ ନିଜ କକ୍ଷରେ ଶଙ୍କାଗ୍ରସ୍ତ ମନରେ ଖାଲି କଡ଼ ଲେଉଟାଉଥାନ୍ତି । ନିଦ ଯେମିତି ବହୁତ ଦୂରକୁ ଚାଲିଯାଇଥିଲା । ନନ୍ଦବାବା ସବୁଠାରୁ ବେଶୀ ଚିନ୍ତିତ ଜଣାପଡୁଥାନ୍ତି । ତାଙ୍କ ଆଖିରୁ ଯେମିତି ନିଦ କେଉଁ ଆଡ଼େ ହଜିଯାଇଥାଏ । ମୁଁ ଓ ଭାଇନା ମଥୁରା ଯିବାର ବିଚାରରେ ଶୋଇ ନଥାଉ । ମା' ଓ ସାନ ମା' ଶେଯ ଉପରେ ବସି ନିଜ ଭିତରେ କଥାବାର୍ତ୍ତା ହେଉ ହେଉ କାନ୍ଦୁଥାନ୍ତି ।

ଆମେ ଭାବୁଥିଲୁ ପଥ ଶ୍ରାନ୍ତଜନିତ କ୍ଲାନ୍ତି ଯୋଗୁଁ ଅକ୍ରୂରକକା ଶାନ୍ତ ଭାବରେ ଶୋଇପଡ଼ିଛନ୍ତି । କିନ୍ତୁ ପ୍ରକୃତରେ ସେଇଆ ନଥିଲା । ମଧ୍ୟରାତ୍ରି ବେଳକୁ ଅକ୍ରୂର କକା ହାତରେ ଦୀପଧରି ନନ୍ଦବାବାଙ୍କର ଶୟନକକ୍ଷ ନିକଟକୁ ଆସିଲେ । ସେ ନନ୍ଦବାବାଙ୍କୁ କହିଲେ, "ନନ୍ଦରାଜା ! ମୁଁ ଆପଣଙ୍କୁ କେତୋଟି ମହତ୍ତ୍ୱପୂର୍ଣ୍ଣ କଥାକହିବାକୁ ଚାହୁଁଛି । ଏକାନ୍ତରେ ମୁଁ ଏକଥା ଆପଣଙ୍କୁ କହିବି । ଆପଣ ଏକୁଟିଆ ମୋର ବିଶ୍ରାମକକ୍ଷକୁ ଆସନ୍ତୁ ! ପଛରେ ଆପଣଙ୍କର ଦୁଇପୁଅଙ୍କ ମଧ୍ୟ ଆବଶ୍ୟକତା ପଡ଼ିପାରେ ।"

ଆଗରୁ କଂସର ଅତ୍ୟାଚାରରେ ଭୟଭୀତ ହୋଇଯାଇଥିବା ମୋର ନନ୍ଦବାବା ବ୍ୟସ୍ତ ପଦରେ ଅକ୍ରୂରଙ୍କ ପଛେ ପଛେ ଯିବାକୁ ଲାଗିଲେ । ଅକ୍ରୂର କକା ପ୍ରଥମେ ନିଜ

କକ୍ଷର ଦ୍ୱାରବନ୍ଦ କଲେ । କ୍ରୂର, ନିଷ୍ଠୁର କଂସର ଧର୍ନୁଯଜ୍ଞ ଆୟୋଜନର ପଛରେ ଯେଉଁ ଗୁଢ଼ ଅଭିସନ୍ଧି ଓ ଷଢ଼ଯନ୍ତ୍ର ଅଛି ସେ ସମ୍ପର୍କରେ ଅକ୍ରୂର ଅତ୍ୟନ୍ତ ଧୀରସ୍ୱରରେ ବାବାଙ୍କୁ କହିଲେ, "ଗୋପରାଜା ! ଧର୍ନୁଯଜ୍ଞର ଆମନ୍ତ୍ରଣ ଏକ ଅହେତୁକ ମିଥ୍ୟା ଏବଂ ଛଳନା । ମହାରାଜା କଂସ ମଥୁରାର ରାଜପ୍ରସାଦରେ କପଟରେ ଆପଣଙ୍କର ଦୁଇପୁତ୍ରଙ୍କୁ ହତ୍ୟା କରିବାର ସମସ୍ତ ଷଡ଼ଯନ୍ତ୍ର ଯୋଜନା କରିଛନ୍ତି । ସେଠାରେ ମଦ୍ୟପାନ କରାଯାଇ ଉନ୍ମତ୍ତ କରାଯାଇଥିବା ହାତୀମାନଙ୍କ ଦ୍ୱାରା ଆପଣଙ୍କ ପୁତ୍ରମାନଙ୍କ ଉପରକୁ ପ୍ରଚଣ୍ଡ ଆକ୍ରମଣ କରାଯିବ । ଏହା ସହିତ ବଡ଼ ବଡ଼ ମଲ୍ଲଯୋଦ୍ଧାମାନଙ୍କ ସହିତ ଏହି ବାଳକ ଦୁହିଁଙ୍କର ଲଢ଼େଇ କରାଯାଇ ମାରିବାର ଷଡ଼ଯନ୍ତ୍ର ମଧ କରାଯାଇଛି । ଆପଣ ଯଥାଶୀଘ୍ର ଯାଇ ପୁତ୍ରମାନଙ୍କୁ ମୋ ନିକଟକୁ ନେଇ ଆସନ୍ତୁ । ସେମାନଙ୍କୁ ମଧ ସେ ସମ୍ପର୍କରେ ଚେତାବନୀ ଦେଇ ସତର୍କ କରିଦେବି ।"

ନନ୍ଦବବାଙ୍କର ଅବସ୍ଥା କହିଲେ ନସରେ । ତାଙ୍କର ଦୁଇ ନୟନପିତୁଳା କୃଷ୍ଣ, ବଳରାମଙ୍କ ଉପରେ ଅନାଗତ ଅଚାନକ ବିପତ୍ତି ଆଗାମୀଦିନରେ ରହିଛି, ଏହି କଥାଭାବି ସେ ଅତ୍ୟନ୍ତ ଭୟଭୀତ ହୋଇ ଆମକକ୍ଷକୁ ଦୌଡ଼ିଆସିଲେ । ଅଧା ନିଦରୁ ମତେ ଓ ଭାଇନାଙ୍କୁ ଉଠାଇ ଆମକୁ ଅକ୍ରୂରକକାଙ୍କ ନିକଟକୁ ନେଇ ଆସିଲେ । ମୋର ଆଖିରେ ଆଖି ରଖି ଗଭୀର ଭାବରେ ଅକ୍ରୂରକକା ଏ ସମସ୍ତ କଥା କହିଲେ । ଆମେ ପ୍ରଥମଥରପାଇଁ ଦେଖିଲୁ ଯାଦବବୀର ଅକ୍ରୂର ଅତ୍ୟନ୍ତ ଗମ୍ଭୀର କଣ୍ଠରେ ସମସ୍ତ କଥା କହୁଥାନ୍ତି । ତାଙ୍କର ପ୍ରତ୍ୟେକ ଶବ୍ଦରୁ ଯେପରି ଅଗ୍ନିବର୍ଷା ହେଉଥାଏ । ସେହି ଗୋଟିଏ ରାତିରେ ଯେମିତି ଭାବନା ଜଗତରେ ହଲ୍‌ଚଲ୍ ଖେଳିଗଲା । ଅକ୍ରୂର କକା ପୂର୍ବଭଳି ଚାପା ସ୍ୱରରେ କହିଲେ, "ହେ କୃଷ୍ଣ-ବଳରାମ ! ତୁମେ ଦୁଇଜଣ ଗୋପପୁତ୍ର ନୁହଁ । ଯାଦବ ପୁତ୍ର । ବସୁଦେବ ଦେବକୀଙ୍କର ପୁତ୍ର । ସେଥିପାଇଁ ଧର୍ନୁଯଜ୍ଞ ନାମରେ ତୁମ ଦୁଇଜଣଙ୍କୁ ଆମନ୍ତ୍ରଣ କରିବା ମୂଳରେ ଏହି କାରଣଟି ହିଁ ରହିଛି । ମୁଁ ଯାହାସବୁ କହୁଛି ତାକୁ ଶାନ୍ତିର ସହ ଶୁଣ ଏବଂ ଧୈର୍ଯ୍ୟ ଧର । କାଲି ମଥୁରାରେ ଧର୍ନୁଯଜ୍ଞ ଅବସରରେ ତୁମ ଦୁଇଜଣଙ୍କ ଉପରେ ପ୍ରାଣଘାତି ପ୍ରଚଣ୍ଡ ଆକ୍ରମଣ ହେବ । ତୁମେ ଦୁଇଜଣ ଯାଦବମାନଙ୍କର ଆଦରଣୀୟ ରାଜା ବସୁଦେବ ଓ ଦେବକୀ ଦେବୀଙ୍କର ପୁତ୍ର । ତୁମେ ଦୁଇଜଣ ଯାଦବ ହୋଇଥିବା ଦୃଷ୍ଟିରୁ ତୁମମାନଙ୍କୁ ନିମନ୍ତ୍ରଣ କରାଯାଇଛି । ମିତ୍ର ଭାବରେ ନୁହେଁ । ଶତ୍ରୁଭାବରେ ତୁମମାନଙ୍କୁ ନାଶ କରିବା ପାଇଁ ଏ ନିମନ୍ତ୍ରଣ କରାଯାଉଛି । ପୁତ୍ର କୃଷ୍ଣ ! ମହାରାଜ କଂସ ନିଜର ଅସୀମ ରାଜ୍ୟଲିପ୍ସା ପାଇଁ ନିଜର ଜନ୍ମଦାତା ମାତା ପିତାଙ୍କୁ ପ୍ରଥମେ ବନ୍ଦୀ କରିଥିଲେ । ତୁମର ମା'ଙ୍କର ବିବାହ ସମୟରେ ଶୁଣିଥିବା ଆକାଶବାଣୀରେ ଭୟଭୀତ ହୋଇ ସେ କ୍ରୋଧିତ ହୋଇ ତୁମର ପିତା ମାତାଙ୍କୁ ମଧ ବନ୍ଦୀଶାଳାରେ ଭର୍ତ୍ତି କରିଦେଇଛନ୍ତି । ପୁତ୍ର ! କଂସ ଏତେ ଭୟଙ୍କର ଅତ୍ୟାଚାରୀ ଓ ନିଷ୍ଠୁର ଯେ ତୁମର ଛଅଜଣ ନବଜାତ ଭାଇମାନଙ୍କୁ ମଧ ସେ ହତ୍ୟା କରିଛନ୍ତି । ଯାଦବମାନଙ୍କୁ କଳଙ୍କିତ କରିବାର ସମସ୍ତ ଅପକର୍ମ କଂସ କରିସାରିଛି । ତୁମର

ଛଅଭାଇ ଜନ୍ମ ନେଲାକ୍ଷଣି କଂସ ଅତିନିଷ୍ଠୁରତାର ସହିତ ସେମାନଙ୍କୁ ପଥରରେ ପିଟି ହତ୍ୟା କରିଦେଇଛି । ପୁତ୍ର ବଳରାମ ! ତୁମେ ଏକୁଟିଆ ହିଁ ତା' ନିଷ୍ଠୁର ହାତରୁ ବଞ୍ଚି ଯାଇଥିଲ । କୃଷ୍ଣ ତୁମର ଭାଇ ମହାରାଜା ବସୁଦେବଙ୍କର ଅଧିନସ୍ଥ ଗୋପରାଜ ନନ୍ଦଙ୍କ ସହିତ ଅନେକ ବିଚାର ବିମର୍ଷ କଲାପରେ ତୁମ ଦୁଇଜଣଙ୍କର ପାଳନର କଠିନ ଦାୟିତ୍ୱ ତାଙ୍କୁ ଅର୍ପଣ କରିଥିଲେ । ଗୋପରାଜ ନନ୍ଦ ମଧ ଅତ୍ୟନ୍ତ ନିଷ୍ଠାର ସହିତ ତାଙ୍କର ଦାୟିତ୍ୱ ପାଳନ କରିଆସିଛନ୍ତି । ତୁମମାନଙ୍କର ଜନ୍ମସମୟରୁ ନନ୍ଦରାଜା ଜାଣିଛନ୍ତି ଯେ ତୁମେ ଦୁଇଜଣ ବାସ୍ତବରେ କିଏ ? କାଲି ଯେମିତି ହେଲେ ତୁମ ଦୁଇଜଣଙ୍କୁ ନେଇ ମତେ ମଥୁରା ଯିବାକୁ ହେବ । କାଲି ତୁମମାନଙ୍କୁ ଅତ୍ୟନ୍ତ ସାବଧାନତାର ସହିତ ଏଠାକାର ସମସ୍ତ ଅତ୍ମୀୟସ୍ୱଜନ, ଗୋପାଳମାନଙ୍କଠାରୁ ବିଦାୟ ନେଇ ଯିବାକୁ ହେବ । ରାଜାର ସେବକ ହୋଇଥିବା ଯୋଗୁଁ ମତେ ରାଜାଜ୍ଞା ପାଳନ କରିବାକୁ ହେବ । ଏହା ସହିତ ଯେଉଁ ଯାଦବକୁଳରେ ମୋର ଜନ୍ମ ସେହି ଯାଦବକୁଳଙ୍କୁ ରକ୍ଷା କରିବା ମଧ ମୋର ଜନ୍ମଜାତ କର୍ତ୍ତବ୍ୟ । ସେଥିପାଇଁ ମୁଁ ତୁମମାନଙ୍କୁ ଆଗରୁ ସାବଧାନ କରିଦେଉଛି । ମୋର ଭୂମିକା ମଧ ତୁମେମାନେ ଭଲଭାବରେ ଏବଠାରୁ ଜାଣି ନିଅ । ହେ ନନ୍ଦରାଜା ନିଜକୁ କଠୋର କରି ଆପଣ ଏହି ଦୁଇଜଣଙ୍କୁ କାଲି ବିଦାୟ ଦେବାପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ । ଆଜି ପର୍ଯ୍ୟନ୍ତ ଆପଣଙ୍କର ଏହି ଦୁଇପୁତ୍ର ସୋମବଂଶର ରକ୍ଷା କରିଆସିଛନ୍ତି । ଭବିଷ୍ୟତରେ ଏହି ଦୁଇଜଣ ଯଦୁବଂଶର ମଧ ସେବା କରିବେ ।"

ଭାବାବେଗରେ ଅକ୍ରୂର କକା କହୁ କହୁ ଆମ ଦୁଇଜଣଙ୍କୁ ନିଜ ଆଡ଼କୁ ଟାଣିଆଣିଲେ : ତାଙ୍କର ଏହି ଆବେଗପୂର୍ଣ୍ଣ କଥାରେ ମତେ ଅନେକ ଅଜଣା ତଥ୍ୟ ମିଳିଗଲା । ତାଙ୍କର ଶେଷ ଶବ୍ଦ କେତୋଟିରେ ନନ୍ଦବାବା ନିଜକୁ ଆହୁରି ସମ୍ଭାଳି ନେଲେ । ଅକ୍ରୂର କକାଙ୍କୁ ପ୍ରଣାମ ଜଣାଇ ଆମେ ଦୁଇଜଣ ଶୟନକକ୍ଷକୁ ଫେରିଆସିଲୁ । ସେଦିନ ରାତିରେ ଆମର ମୁଖିଆ ନିବାସରେ ସମସ୍ତେ ଶାନ୍ତ ଭାବରେ ନିଦରେ ଶୋଇପଡ଼ିଥିଲେ । ମୋର ଜନ୍ମଦାତା ପିତା ନନ୍ଦବାବା ନୁହନ୍ତି ବସୁଦେବ ବାବା । ସେ ଗଲା କେତେବର୍ଷ ହେଲା ମଥୁରାରେ କଂସର କାରାଗୃହରେ ପଡ଼ିଛନ୍ତି । ମୋର ନିଷ୍ପାପ ଛଅଭାଇଙ୍କର ନିଷ୍ଠୁର ହତ୍ୟାକାରୀ ମାମୁଁ ମୋ ମା'ଙ୍କ ସମ୍ମୁଖରେ ଏ ସମସ୍ତ ହତ୍ୟା କରିଛି । ପ୍ରକୃତରେ ଯେକୌଣସି ମାମୁଁଙ୍କୁ ତାଙ୍କର ଭଣଜା ସବୁଠାରୁ ପ୍ରିୟ ହୋଇଥାଏ । ଏହା ସାମାଜିକ ଜୀବନଧାରାରେ ଏକ ପ୍ରାକୃତିକ ନିୟମ ମାତ୍ର । ତଥାପି ଆମର ମାମୁଁ ହୋଇ କଂସ ଆମର କାହିଁକି କାଳଭାବରେ ଆସି ଛିଡ଼ା ହେଲା ? ଏହାର ଏକମାତ୍ର କାରଣ ଥିଲା ତା'କୁ ମୃତ୍ୟୁର ଭୟ ଦେଖାଇଥିବା ଆକାଶବାଣୀ, "ଦେବକୀର ଅଷ୍ଟମ ଗର୍ଭର ପୁତ୍ର ତୁମକୁ ବଧ କରିବ ।" ଅନ୍ୟ କାରଣ ହେଲା କଂସର ଅପ୍ରତିମ ରାଜ୍ୟଲୋଭ । ଏପରିକି ଏହି ରାଜ୍ୟ ଲିପ୍‌ସା ପାଇଁ କଂସ ନିଜର ପିତାମାତାଙ୍କୁ ମଧ କାରାଗାରରେ ଭର୍ତ୍ତି କରିଦେଇଥିଲା ।

ଯାଦବବଂଶର ଅଠରଟି କୁଳଙ୍କୁ କଂସ ଦେଶରୁ ନିର୍ବାସିତ କରିଦେଇଥିଲା । ମୁଁ ମଧ ଜଣେ ଯାଦବ । ମଥୁରାର ନିଷ୍ଠୁର, କପଟୀ, ଅନ୍ୟାୟୀ ରାଜା କଂସ ମୋର ମାମୁଁ ।

କିପ୍ରକାର ମାମୁଁ ଭଏ ? ଆମକୁ ମଥୁରାକୁ ଆମନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ଅଛି । କାହିଁକି ଆମେ ସମସ୍ତେ ଏତେ ଭୟଭୀତ ହୋଇପଡ଼ିଛୁ ତା'ର ଆତଙ୍କରେ ? ସେ ମଧ୍ୟ ଏତେ ଭୟ କରୁଛି ଆମକୁ ? କ'ଣ ତା'ର ସମ୍ପୂର୍ଣ୍ଣ ବିଶ୍ୱାସ ହେଉଛି ଯେ ମୁଁ ଦେବକୀଙ୍କର ଅଷ୍ଟମ ପୁତ୍ର । ଗୋପାଳମାନଙ୍କର ପ୍ରିୟ କାହ୍ନା, ଯାଦବମାନଙ୍କର କୃଷ୍ଣହିଁ ତା'ର କାଳ ? ଦେବକୀଙ୍କର ଅଷ୍ଟମପୁତ୍ର ମୁଁ ହିଁ ତା'କୁ ବଧ କରିବି ! ମୋର ଜନ୍ମଦାତା ପିତା ବସୁଦେବବାବା କିପରି ହୋଇଥିବେ ? କେମିତି ଥିବେ ମୋର ଦେବକୀ ମାତା ? କେମିତି ହୋଇଥିବେ ଯାଦବ ମାନଙ୍କର ମହାରାଜ ଉଗ୍ରସେନ ଏବଂ ତାଙ୍କର ରାଣୀ ପଦ୍ମାବତୀ ଆଉ ମୋ ସହିତ ପ୍ରଥମଥର ପରିଚିତ ହେବାକୁ ଥିବା ପାଇଁ ମୋର ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନ ? କାଲି ସକାଳୁ ହିଁ ଆମକୁ ମଥୁରା ଯିବାକୁ ହେବ । ଧର୍ନୁଯଜ୍ଞ ମଣ୍ଡପରେ କଂସ ଆମ ଉପରେ ମଦମତ୍ତ ହାତୀ ଓ ମଲ୍ଲମାନଙ୍କ ଦ୍ୱାରା ଆକ୍ରମଣ କରିବ । ତା' ହେଲେ କ'ଣ ଆମେ ଆଶଙ୍କିତ ହେବା ଦୃଷ୍ଟିରୁ କଂସର ଶରଣାପନ୍ନ ହେବୁ ? ତା' ନିକଟରେ ବଳି ଭାବରେ ଯାଇ ଛିଡ଼ା ହେବୁ, ଯେମିତି ପୂର୍ବରୁ ଆମର ଛଅ ଭାଇମାନେ ମାରିସାରିଛନ୍ତି । ନା.... ନା ଏସବୁ ହୋଇପାରିବ ନାହିଁ । କଦାଚିତ୍ ନୁହେଁ ।

ମୁଁ ଗୋପାଳମାନଙ୍କର ମୂରଲୀଧର, ଯାଦବବଂଶର କୃଷ୍ଣ ଶପଥ ନେଉଛି ଯେ କଂସ ନାମକ ବିଷାକ୍ତ କଣ୍ଟାକୁ ବାହାର କରି ନଫୋପାଡ଼ିଲା ପର୍ଯ୍ୟନ୍ତ ଚୁପ୍ ହୋଇ ବସିବି ନାହିଁ । ଦେଖିବା, କଂସ କେତେ ତା'ର ପରାକ୍ରମ ଦେଖାଇବ ? କଂସ ରୂପୀ ବିଷବୃକ୍ଷର ଉତ୍ପାଟନ ହିଁ ମୋର ଆସନ୍ତାକାଲିର ମୁଖ୍ୟପଣ ।

'ଓଁ ହିରଣ୍ୟ ମୟେନ ପାତ୍ରେଣ ସତ୍ୟସ୍ୟପିହିତଂ ମୁଖମ୍ ...' ଋଗ୍‌ବେଦର ଏହି ପ୍ରେରଣାଦାୟୀ ଶ୍ଳୋକ ମୋର ଅବଚେତନରେ ଗୁଞ୍ଜରି ଉଠୁଥାଏ । ମୋର ଶ୍ୱାସକ୍ରିୟା ଶାନ୍ତ ହୋଇ ଆସିଲା । ମୁଁ ଗାଢ଼ନିଦ୍ରାରେ ଶୋଇପଡ଼ିଲି । ମୋ ଜୀବନର ଦ୍ୱିତୀୟ ପ୍ରଭାତ ଉଦିତ ହୋଇଆସିଲା । ଏହାଥିଲା ମୋ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଦିନ । ଗୋକୁଳଠାରୁ ସବୁଦିନ ପାଇଁ ବିଛିନ୍ନ ହୋଇଯିବାର ଦିନ ବୋଧହୁଏ । ମଥୁରା ଯିବା ଦିନ ମୋର ଜୀବନଯାତ୍ରାର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମୋଡ଼ । କାରଣ ଗୋଟିଏ ରାତ୍ରିରେ ଜୀବନର ସମସ୍ତ ଭୂଗୋଳମାନଚିତ୍ର ବଦଳିଗଲା । ସବୁଦିନ ଭଳି ବ୍ରାହ୍ମମୁହୂର୍ତ୍ତରୁ ମୁଁ ଓ ଭାଇନା ସମସ୍ତ ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇଗଲୁ । କଂସର ଧର୍ନୁଯଜ୍ଞପାଇଁ ମୁଁ ଓ ଭାଇନା ମଥୁରା ଯାଉଛୁ ଏହି ସମ୍ବାଦ ତଡ଼ିତ୍ ବେଗରେ ସମଗ୍ର ଗୋପପୁରରେ ଖେଳିଗଲା । ଗୋକୁଳର ସକଳ ଜାତିର ଆବାଳ ବୃଦ୍ଧବନିତା ଆସି ଆମ ମୁଖିଆନିବାସ ନିକଟରେ ଜମା ହେବାକୁ ଲାଗିଲେ ।

ଏତେ ଭିଡ଼ ହୋଇଥିଲେ ମଧ୍ୟ ସମସ୍ତଙ୍କ ମୁଖମଣ୍ଡଳରେ ଉଦାସପଣ ଛାଇ ହୋଇରହିଥାଏ । ସମସ୍ତେ କାନ୍ଦୁଥାନ୍ତି । ଆଖିରେ ଯେମିତି ପ୍ରାଣକୁ ଅଟକାଇ ଆମ ଦୁହିଁଙ୍କୁ ଶେଷଥର ପାଇଁ ଦେଖିବାର ପ୍ରୟାସ କରୁଥାନ୍ତି । ନିଦରୁ ଉଠିଲା ବେଳଠାରୁ ହିଁ ମୁଁ ଭାଇନାଙ୍କୁ ଗୋଟିଏ କଥା ବାରମ୍ବାର କହୁଥିଲି, "ଭାଇନା ! ଆମେ ଆଦୌ ବ୍ୟାକୁଳ ହେବନାହିଁ । କାନ୍ଦିବା ନାହିଁ । ଏହା ଆମର ନୂଆ ଜୀବନର ଆରମ୍ଭପର୍ବ ହେବାକୁ ଯାଉଛି । ଛାଇଭଳି ଆପଣଙ୍କର ସଖ୍ୟ ଏବଂ ଉପସ୍ଥିତ ମୋ ପାଇଁ ନିହାତି ଆବଶ୍ୟକ ।"

ଢେଙ୍କେ ଓ ବାବାଙ୍କର କହିବା ଅନୁସାରେ ଆମେ ଆମର ଇଷ୍ଟଦେବୀ ମାତଙ୍ଗେଶ୍ୱରୀଙ୍କୁ ପ୍ରଣାମ କଲୁ । ସୋମବଂଶର କୁଳଦେବତାଙ୍କୁ ପ୍ରଣାମ ଜଣାଇଲୁ । ସବୁଦିନ ଭଳି ଆମ ବସ୍ତ୍ର ପରିଧାନ କରିଥିଲୁ । ମୋର ମସ୍ତକରେ ମୟୂରପୁଚ୍ଛ ଶୋଭିତ ମୁକୁଟଟି ଶୋଭାପାଉଥାଏ । ମୋର ଗୋଠ ନେବାର କମ୍ବଳ କିମ୍ବା ଗୋଠବାଡ଼ିକୁ ମୁଁ ଆଉ ଉଠାଇଲି ନାହିଁ । କେବଳ ଆଦରରେ ହାତରେ ଆଉଁଷି ଦେଲି । ଶେଷଥର ପାଇଁ ଘୁଙ୍ଗୁର ଲଗା ଗୋଠବାଡ଼ିକୁ ମୁଁ ତଳେ ପିଟିଦେଲି । ଘୁଙ୍ଗୁରର ମଧୁର ଧ୍ୱନିକୁ ଆସ୍ୱାଦନ କରି ମୁଁ ପୁଣି ବାଡ଼ିକୁ ଯଥାସ୍ଥାନରେ ରଖିଦେଲି । କମ୍ବଳ ଖୋଷାରେ ଥିବା ମୋର ପ୍ରିୟ ବଂଶୀଟିକୁ ବାହାର କରି ଆଣି ଅଣ୍ଟାର ଦୁକୁଳରେ ଖୋସିଦେଲି ।

ସୁଦୃଢ଼ ଦେହ ସୌଷ୍ଟବର ଅଧିକାରୀ ମୋର ପ୍ରିୟ ବଳରାମ ଭାଇନା ଆଗରେ ଚାଲୁଥାନ୍ତି । ମୁଁ ତାଙ୍କ ପଛେ ପଛେ ଚାଲିଥାଏ । ଆମେ ଯେତେବେଳେ କୌଣସି କାମ ପାଇଁ ବାହାରକୁ ବାହାରୁଥିଲୁ ସେତେବେଳେ ଆମହାତରେ ଦହି ଦେବାକୁ ମା ଓ ସାନ ମା' ଠିଆ ହୋଇଥାନ୍ତି । ହେଲେ ଆଜି ସେ ଦୁଇଜଣ ଆଦୌ ଦେଖା ଯାଉନଥାନ୍ତି । ଅନ୍ତଃପୁରରେ ବସି ସେମାନେ ଅଶ୍ରୁବିସର୍ଜନ କରୁଥାନ୍ତି । କାନ୍ଦି କାନ୍ଦି ମୁହଁ ଫୁଲିଯାଇଥାଏ, ଆଖି ଶୁଖିଯାଇଥାଏ । ବଡ଼ ନିସ୍ତେଜ ଦେଖାଯାଉଥାନ୍ତି ମୋର ଦୁଇ ମା' । ଆମକୁ ବିଦାୟ ଜଣାଇବା ପାଇଁ ମଧ୍ୟ ସେମାନେ ବାହାରକୁ ଆସିପାରି ନଥାନ୍ତି । ଏପଟ ସେପଟ ସବୁବେଳେ ଦୌଡୁଥିବା ମୋର ପ୍ରିୟଭଉଣୀ ସୁଭଦ୍ରା କେଉଁଠି ଦିଶୁ ନଥାଏ । ଏ ସମସ୍ତ ପରିସ୍ଥିତି ଦେଖିଲା ପରେ ବଡ଼ କଷ୍ଟରେ ଆମେ ଦୁଇଜଣ ମନକୁ ଦୃଢ଼ କରି ଅନ୍ତଃପୁରକୁ ପ୍ରବେଶ କଲୁ । ଆହାଃ କେତେ ପରିବର୍ତ୍ତନ ହୋଇଯାଇଛି ମୋର ମାତାମାନଙ୍କର ମୁଖମଣ୍ଡଳ । ଗୋଟିଏ ରାତିର ଝଡ଼ରେ ସବୁକିଛି ଯେମିତି ଓଲଟ ପାଲଟ ହୋଇଯାଇଛି ।

ଆମକୁ ଦେଖିଲାକ୍ଷଣି ମା' ହୃଦୟବିଦାରକ କ୍ରନ୍ଦନରେ ଯେମିତି ଫାଟି ପଡ଼ିଲେ । କାନ୍ଦି କାନ୍ଦି ମୋ ଉପରେ ଲୋଟିଯାଇ କହିଲେ, "କାହ୍ନା, ମୋ କାହ୍ନାରେ, ତୁ ମଥୁରା ଯାଅନାରେ । ସେହି କପଟି କଂସର ନିମନ୍ତ୍ରଣ ଏକପ୍ରକାର ଛଳନାରେ ବାବୁ । ଗୋଟିଏ ଥର ତୁ ଯଦି ତା'ର ମିଥ୍ୟା ପ୍ରତାରଣାତରେ ପଡ଼ିଯିବୁ ନା ଆଉ ମୁଁ ତତେ ଦେଖିପାରିବିନିରେ । ମୋ ଧନଟା ପରା । ମତେ ଛାଡ଼ିଯାଆନାରେ । କାହ୍ନାରେ ... ମୋ କାହ୍ନାରେ । ତୋ

ଜନ୍ମପରଠାରୁ ହିଁ ମନରେ ସବୁବେଳେ ଗୋଟିଏ ପ୍ରଶ୍ନଉଠି ମତେ ବାରମ୍ବାର ଅସ୍ଥିର କରୁଥିଲା ଯେ ଯେମିତି ତୁ ମୋର ପୁଅ ନୁହେଁ । ଆଜି ସେହି କଥାର ଏତେବଡ଼ ଦଣ୍ଡ ତୁ ମତେ ଦେଇଦେଲୁ । କୃଷ୍ଣ ମୋ ଧନରେ ! ମତେ ଛାଡ଼ି ଏକୁଟିଆ କରି ତୁ ଯାଆନାରେ !"

ମତେ କୁଣ୍ଢାଇ ମା' କାନ୍ଦି କାନ୍ଦି ଶ୍ୱାସରୁଦ୍ଧ ହୋଇଗଲେ । ଧକେଇ ଧକେଇ ସେ ହାଲିଆ ହୋଇପଡ଼ିଥାନ୍ତି । ମୋର ପ୍ରାଣପ୍ରିୟ ମା' ଆଜି ମୋ ବିଚ୍ଛେଦରେ କି ଅସହାୟ ଆକୁଳ ହୋଇ କାନ୍ଦୁଥାନ୍ତି ତାହା ମୋ ହୃଦୟକୁ ଆହୁରି ମଡ଼ି ବିକଳ କରିଦେଉ ଥିଲା । ତଥାପି ନିଜକୁ ବଡ଼କଷ୍ଟରେ ସମ୍ଭାଳି ଅତ୍ୟନ୍ତ ନିଶ୍ଚୟତା ପୂର୍ବକ ମା'ଙ୍କୁ ଥାପୁଡ଼ାଇ ଦେଇ କହିଲି "ମା' ! ମୋର ଗେହ୍ଲୀ ମା' ! ତମେ ଟିକିଏ ଶାନ୍ତ ହୋଇଯାଅ, ତମେ ନିଜକୁ ସମ୍ଭାଳିଦିଅ ।"

ସେପଟେ ଭାଇନା ସାନ ମା'ଙ୍କୁ ଆଶ୍ୱସନା ଦେଇ ଶାନ୍ତ କରୁଥାନ୍ତି । ବହୁକଷ୍ଟରେ ଆମେ ଦୁଇଜଣଙ୍କୁ ସ୍ୱସ୍ଥ କରାଇଲୁ । ଆମେ ଦୁଇଜଣଙ୍କର ପାଦଛୁଇଁ ପ୍ରଣାମ କଲୁ । ଆମକୁ ମୁହଁ ବୁଲାଇ ସୁଭଦ୍ରା ଛିଡ଼ା ହୋଇଥାଏ । ମୁହଁ ଫୁଲାଇ ଦେଇଥାଏ । ମୁଁ ତାକୁ କୋଳକରି କାଖେଇ ପକାଇ କହିଲି, "ସୁଭଦ୍ରା ! ମୋ ସୁନାଭଉଣୀଟା ପରା । ଶୁଣ ମୋ କଥା ।"

ସୁଭଦ୍ରା ତା'ର ଗୁଲୁଗୁଲିଆ ହାତର ବାହୁରେ ମୋର କଣ୍ଠ ଦେଶକୁ ଗୁଡ଼ାଇପକାଇ କାନ୍ଦି କାନ୍ଦି କହିଲା, "କିଛନ୍ ଭାଇନା ! ଯାଅନା ତୁ ମଥୁରା ।"

ସୁଭଦ୍ରାର ନିରୀହ ଆଖି ମୁହଁରେ ମୋ ପାଇଁ ଭଲପାଇବାର ପ୍ରଗାଢ଼ତା ମତେ ଆବେଗ ପ୍ରବଣ କରିଦେଲା । ମୁଁ ତା'ର କପାଳକୁ ବାରମ୍ବାର ଚୁମ୍ବନ ଦେବାରେ ଲାଗିଲି । ଆହାଃ ମୋର ପ୍ରାଣପ୍ରିୟ ଭଉଣୀ ସୁଭଦ୍ରା । ତୋଠାରୁ ବିଚ୍ଛେଦ ମୋ ପାଇଁ ସର୍ବାଧିକ ମର୍ମନ୍ତୁଦ ସତରେ । ତାକୁ ଆଶ୍ୱସ୍ତ କରି ମୁଁ ମାଙ୍କ କୋଳକୁ ବଢ଼ାଇ ଦେଲି । କକ୍ଷର ବାହାରକୁ ଆସିଲାବେଳକୁ ସମସ୍ତେ ଛିଡ଼ା ହୋଇ କାନ୍ଦୁଥାନ୍ତି । ସମସ୍ତ କକାପୁଅ ଝିଅ ଭାଇଭଉଣୀ ମାନଙ୍କୁ ଆମେ କୋଳାଗ୍ରତ କରି ବିଦାୟ ମାଗିଲୁ । ଶେଷରେ ଆମର ପ୍ରିୟ ଜେଜେଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଜଣାଇଲୁ । ଜୀବନର ୧୦୦ ବର୍ଷ ପୂରଣ କରିଥିବା ଗୋକୁଳର ଏହି ବୟୋଜ୍ୟେଷ୍ଠ ଗୋପରୂପୀ କଦମ୍ବବୃକ୍ଷ ଆମକୁ ତାଙ୍କ ଛାତିରେ ପରମ ସ୍ନେହରେ ଜାକି ଧରିଲେ । ଲୁହ ସରସର ଆଖିରେ ଆମ ଦୁଇଜଣଙ୍କର ମୁହଁ ହାତ ଆଉଁଷି ଦେଲେ । ନିଜ ଡାହାଣ ହାତରେ ପିନ୍ଧିଥିବା ରୂପାର ବଳାକୁ କାଢ଼ି ମୋର ଡାହାଣ ହାତରେ ଲଗାଇଦେଲେ । ମୋତେ ଆହୁରି ଆବେଗରେ କୁଣ୍ଢାଇ ତାଙ୍କର ଘଞ୍ଚ ଦାଢ଼ୀଭର୍ତ୍ତି ଓଠରେ ମୋ କପାଳକୁ ଚୁମି ରୁଦ୍ଧକଣ୍ଠରେ କହିଲେ, "ପୁଅ କୃଷ୍ଣ, ଗର୍ଗମୁନିଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି, ତୋର କିଛି ହବନିରେ । ତୁ ଚିରଞ୍ଜିବୀ ହେବୁ । ବିଜୟୀ ହୋଇ ଫେରିଆସିବୁ । ମୋ ଭଳି ତୋ' ବାଳ ମଧ ପାଚିଯିବ । ହେଲେ ବାବୁରେ ଏ ବୁଢ଼ାଟାକୁ ଭୁଲିବୁନିରେ ।"

ଶେଷରେ ଆମର ପ୍ରିୟ ନନ୍ଦବାବାଙ୍କର ଚରଣ ସ୍ପର୍ଶ ପୂର୍ବକ ଆମେ ଦୃଢ଼ତାର ସହିତ ତାଙ୍କ ସମ୍ମୁଖରେ ଛିଡ଼ା ହେଲୁ । ଏ ପର୍ଯ୍ୟନ୍ତ ନନ୍ଦବାବା ମୋ ପାଖରେ ଆଗରୁ ଯେମିତି ସେମିତି ହିଁ ଛିଡ଼ା ହୋଇଥିଲେ । ମୋର ପ୍ରାଣପ୍ରିୟ ନନ୍ଦବାବା ଯାହାଙ୍କର ହାତର ଆଙ୍ଗୁଠି ଧରି ମୁଁ ଚାଲିବା ଶିଖିଥିଲି । ଯାହାଙ୍କ ପିଠିରେ ଲାଉ ହୋଇ ମୁଁ ସାରା ଗୋପପୁର କେତେ ଯେ ବୁଲିଛି । ନନ୍ଦବାବା ଆମ ଦୁହିଁଙ୍କୁ ଖୁବ୍ ଆବେଗରେ ଛାତି ଉପରେ ନେଇ ଭିଡ଼ି ଧରିଲେ । ଆମ ମୁଣ୍ଡ ଉପରେ ଆଶୀର୍ବାଦର ବରାଭୟ ହାତ ରଖି ଲୁହ ଛଳ ଛଳ ଆଖିରେ କହିଲେ, "ହେ ମୋର ପ୍ରାଣାଧିକ କୃଷ୍ଣ-ବଳରାମ ! ମତେ ଯଦି ତୁମେ ଭୁଲିଯାଅ ତେବେ ଚଳିବ ହେଲେ ଗୋକୁଳର ଗୋପଗୋପୀ ତଥା ତୁମମାନଙ୍କୁ ମନଭରି କ୍ଷୀର ପିଆଇଥିବା ଗୋ ଗୋଷ୍ଠକୁ ଅନ୍ତତଃ ଭୁଲିବନି ବୋଲି ମୋର ଏକାନ୍ତ ଅନୁରୋଧ । ଗୋପକୁଳର ଉପହାର ସଦୃଶ ମୁଁ ତୁମମାନଙ୍କୁ ଦୁଇଟି ଶସ୍ତ୍ର ଦେଉଛି । ମନ ଭରି ଆଶୀର୍ବାଦ ଦେଉଛି ଯେ ତୁମେ ଜୀବନରେ ଅସମ୍ଭବ ଯଶ ଖ୍ୟାତି, କୀର୍ତ୍ତି ଅର୍ଜନ କର । ସୋମବଂଶ ଓ ଯଦୁବଂଶ ଏହି ଦୁଇକୁଳର ନାମକୁ ଉଜ୍ଜ୍ୱଳ କର ।"

ପାଖରେ ହାତରେ ଥାଳି ଧରି ଜଣେ ସେବକ ଠିଆ ହୋଇଥିଲା । ବାବା ସେହି ଥାଳିରୁ ହଳଦୀ ଲଗା ହୋଇଥିବା ଖଣ୍ଡା ଉଠାଇଆଣି ତାକୁ ମଥାରେ ଲଗାଇ ମୋ ହାତରେ ଦେଇ କହିଲେ, "ଏହା ମୋର ନନ୍ଦକ ଖଣ୍ଡା । କୃଷ୍ଣ ! ତୁ ଏହାକୁ ଗ୍ରହଣ କର ।"

ଅନ୍ୟଜଣେ ସେବକ ହାତରୁ କାନ୍ଧ ପର୍ଯ୍ୟନ୍ତ ଉଚ୍ଚ କୃଷ୍ଣବର୍ଣ୍ଣର ମୂଷଳ ଆଣି ଭାଇନାଙ୍କ ହାତରେ ବାବା ଦେଇ କହିଲେ, "ଗୋପାଳମାନଙ୍କର ଏହି କୁଳମୂଷଳ ଯାଦବମାନଙ୍କୁ ରକ୍ଷା କରିବ । ଏହାର ନାମ ସୌନନ୍ଦ । ବଳରାମ ! ତୁ ଏହାକୁ ଗ୍ରହଣ କର ।"

ଆମେ ଦୁଇଜଣ ପରମ ସମ୍ମାନର ସହିତ ନନ୍ଦବାବାଙ୍କ ଠାରୁ ଶସ୍ତ୍ର ଗ୍ରହଣ କଲୁ । ଶସ୍ତ୍ର ଗୁଡ଼ିକ ଅକ୍ରୂର କକାଙ୍କ ରଥରେ ରଖିବା ପାଇଁ ବାବା ନିର୍ଦ୍ଦେଶ ଦେଲେ । ଗୋପ ସଭା ଗୃହର ପିଣ୍ଡି ଉପରେ ଅକ୍ରୂର କକା ଆମର ପ୍ରତୀକ୍ଷା କରିଥିଲେ । ଗ୍ରାମ ମଝିରେ ଗୋପସଭା ବୈଠକ ଘର ସମସ୍ତ ଗୋପଗୋପୀମାନଙ୍କ ଦ୍ୱାରା ପୂରା ଭର୍ତ୍ତି ହୋଇଯାଇଥିଲା । ସେମାନଙ୍କ ଭିତରୁ କେତେଜଣ ଅକ୍ରୂରକକା ଆମକୁ ନେବାକୁ ଆସିଥିବାରୁ ରାଗିଯାଇଥାନ୍ତି । ନିଜ ନିଜ ଭିତରେ କଥା ହେଉଥାନ୍ତି, "କି ପ୍ରକାର ଏହି ଅକ୍ରୂର ମନ୍ତ୍ରୀଟା । ବଡ଼ ନିଷ୍ଠୁର । କୃଷ୍ଣ-ବଳରାମ ନିହାତି ସାନପିଲା ଦି'ଟା ତାଙ୍କୁ ନେବାକୁ ଆସିଛି ।"

ମୁଖିଆ ନିବାସର ବାହାରେ ଗୋପାଳମାନଙ୍କର ଭିଡ଼ ଜମା ହେବାରେ ଲାଗିଥାଏ । ଅକ୍ରୂର କକା, ବଳରାମ ଭାଇନା ଏବଂ ମୁଁ ଆମର ପ୍ରିୟ ଗୋପପରିବାରଙ୍କୁ

ବିରହବ୍ୟାକୁଳ ଅବସ୍ଥାରେ ଛାଡ଼ି ବାହାରକୁ ପାଦ ବଢ଼ାଇଲୁ ସେତେବେଳେ ଖାଲି ଚତୁର୍ଦ୍ଦିଗରୁ କାନ୍ଦକାନ୍ଦ କଣ୍ଠରେ ବାଷ୍ପାକୁଳ ସ୍ୱର ଶୁଭୁଥାଏ । ମୁଁ ପଛକୁ ବୁଲି ବୁଲି ସୋମବଂଶର ସେହି ପ୍ରାଚୀନ ବିଶାଳ ଭବନକୁ ଆଖିପୂରାଇ ଦେଖିନେଲି । ଯୋଡ଼ହସ୍ତ ମୁଣ୍ଡରେ ଲଗାଇ ବିନମ୍ର ପ୍ରଣତି ଜଣାଇଲି ।

ପାର୍ଥ ! ମୋ ହୃଦୟ ପ୍ରାଣପ୍ରିୟ ଗୋପପୁରକୁ ଛାଡ଼ିଗଲା ବେଳେ ଦୁଃଖରେ ଫାଟିପଡୁଥାଏ କେତେ ଅନ୍ତରଙ୍ଗ ମଧୁର ସ୍ମୃତି ବିଜଡ଼ିତ ମୋର କୈଶୋରର ବାଲ୍ୟପଣ । ଯାହାର ପ୍ରଗଲ୍‌ଭତାରେ ମୁଁ ଜୀବନର ବାସ୍ତବ ସତ୍ୟକୁ ସ୍ନାୟୁରେ ସାଙ୍ଗରେଇ ନେବାର ସ୍ୱପ୍ନ ଦେଖିଥିଲି । ମୋର ମୋହାବିଷ୍ଟ ଅସ୍ତିତ୍ୱ ଗୋପପୁରର ଅନିନ୍ଦ୍ୟ ସୁନ୍ଦରୀ ପ୍ରାକୃତିକ ବିଭବ ଭିତରେ ସୃଜନର ମନ୍ତ୍ର ଉଚ୍ଚାରଣ କରିବା ଶିଖିଥିଲା । ସ୍ନେହର ଛଳ ଛଳ ପଣ, ସୌହାର୍ଦ୍ଦ୍ୟର ସୁଦୃଢ଼ ଅଙ୍ଗୀକାର ଯାହା ମୋର ନନ୍ଦବାବା, ମା', ସାନ ମା' ଓ ମୋର ସୁଦୃଢ଼ ପାରିବାରିକ ଜୀବନର ଭିତ୍ତିଭୂମି ସୃଷ୍ଟି କରିଥିଲା ଏବଂ ମତେ ଜୀବନକୁ ଚିହ୍ନାଇବାରେ ବେଶୀ ସାହାଯ୍ୟ କରିଥିଲା । ପାର୍ଥ ଅର୍ଜୁନ ! ଜାଣିଛ ! ଏଇ ଯମୁନା ମା' ମୋର ! ଜଳର ମହାନ୍ ଅପରିହାର୍ଯ୍ୟ କଥା କହି ମତେ ସର୍ବାଗ୍ରେ ଏକ ସମ୍ବେଦନଶୀଳ ମଣିଷରେ ପରିଣତ କରିଥିଲେ । ଜଳହିଁ ଜୀବନ । ଜଳ ହିଁ ସମଗ୍ର ସୃଷ୍ଟିକଳାର ରହସ୍ୟ, ପଲ୍ଲବନର ସୂକ୍ଷ୍ମ ସମ୍ମୋହନ ଏକଥା ମୁଁ ଯମୁନା କୂଳରେ ଘଣ୍ଟା ଘଣ୍ଟା ଧରି ବସିଲା ବେଳେ ଆବିଷ୍ଟ ହୋଇ ମୁଗ୍ଧ ଚିତ୍ତରେ ଅନୁଭବ କରିଥିଲି । ସେହି ପ୍ରାଣପ୍ରିୟ ମୋର ଗୋବର୍ଦ୍ଧନ ପର୍ବତ, ମୋର ଆନ୍ତରଙ୍ଗ ବନ୍ଧୁ ପରିଜନ, ଗଛ, ଲତା, ପ୍ରକୃତିର ଅନୁପମ ରମଣୀୟତ୍ୱ, ମୋର ନିରୀହା, ନିଷ୍ପାପ ଜନନୀ ଯଶୋଦା ମା', ମୋର ଗେହ୍ଲା ଭଉଣୀ ସୁଭଦ୍ରା, ଜେଜେ, ନନ୍ଦବାବା, ସାନ ମା', କକା, ଖୁଡ଼ି, ଭାଇଭଉଣୀ, ଗୋ ସମ୍ପଦ ଏସବୁ ମୋର ନିଃଶ୍ୱାସରେ ଚହଟି ଯାଇଛି । ସେହି କସ୍ତୁରୀ ବାସ୍ନାରେ ମୋର ସମଗ୍ର ମୁଁ ପଣ ବିଭୋର, ବାତୁଳ ପୁଣି ସ୍ନେହର ଆର୍ଦ୍ରତାରେ ଛଳଛଳ ହୋଇଯାଏ, ପାର୍ଥ ! ଆଉ ମୋର ପ୍ରାଣପ୍ରିୟା ରାଧା, ଭାବ ବିମୋହିନୀ ଅନୁରାଗାତ୍ମିକା ବୈଷ୍ଣବୀ ଯିଏ ମୋର ପ୍ରତିଟି ରକ୍ତକୋଷକୁ ବିଶୁଦ୍ଧ ଅନୁରାଗରେ ଝଲସେଇ ଦେଇଛନ୍ତି । ମତେ ପ୍ରେମ ଓ ପ୍ରଳୟ ଦୁର୍ଗ ଭିତରେ ପୋତି ହୋଇ ରହିଯାଇଥିବା ସମୟର ପଦଚିହ୍ନକୁ ସାଉଁଟିବାର ସାମର୍ଥ୍ୟ ଶିଖାଇ ଦେଇଛନ୍ତି । ହେଇ ଦେଖ ପାର୍ଥ ! ମୋର ପ୍ରିୟସଖୀ ରାଧା କେମିତି ମୋ ଯିବାରେ ନିଷ୍ପ୍ରାଣ ମୂର୍ତ୍ତିଟିଏ ଭଳି ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଛନ୍ତି । ଆଖିରୁ ଧାର ଧାର ଅଶ୍ରୁ ବୋହିଯାଉଛି । ଓଃ ! କି ଯନ୍ତ୍ରଣା । ରାଧାଙ୍କ ଠାରୁ ବିଚ୍ଛେଦରେ ମୁଁ

କୋରି ହୋଇଯାଉଥାଏ । ନିଜକୁ ସମ୍ଭାଳି ନପାରି ରାଧାଙ୍କ ନିକଟକୁ ଯାଇ କହିଲି, "ସଖୀ ! ତୁମର ଏହି ଭାବ ଉପହାର ବୈଜୟନ୍ତୀ ମାଳାକୁ ମୁଁ କେବେ ହେଲେ ମୋଠାରୁ ଅଲଗା କରିବି ନାହିଁ । ଗଲାବେଳେ ମୁଁ ତୁମକୁ ମଧ୍ୟ ମୋର ଏକ ଅମୂଲ୍ୟ ଉପହାର ଦେଉଛି "କହି ମୋର ଅଣ୍ଟାରେ ଖୋସା ହୋଇଥିବା ମୋର ଆତ୍ମାଠାରୁ ପ୍ରିୟ ମୁରଲୀଟିକୁ ରାଧାଙ୍କୁ ବଢ଼ାଇଦେଲି । କ'ଣ କହିବି ପାର୍ଥ ! ମୋର ମୁରଲୀଟିକୁ ଧରି ରାଧା ଭାବରେ, ପ୍ରେମରେ ଗଦ୍‌ଗଦ୍ ହୋଇଉଠିଲେ । ବଂଶୀଟିକୁ ଓଠରେ, ମୁହଁରେ, ଦେହର ପ୍ରତି ଅଙ୍ଗରେ ଛୁଆଁଇ ଦେଉଥାନ୍ତି । ପାଗଳ ଭଳି ବଂଶୀଟିକୁ ନେଇ ଛାତିରେ ଜାକି ଧରୁଥାନ୍ତି । ଆଖିରୁ ତାଙ୍କର ଅବିରଳ ଅଶ୍ରୁଧାର ଝରି ପଡୁଥାଏ । ଓଠ ବାଷ୍ପାକୁଳ, ଥର ଥର କଣ୍ଠରେ ସେ ଖାଲି ଉଚ୍ଚାରଣ କରୁଥାନ୍ତି, "ମୋ କାହ୍ନା .... ମୋ କହ୍ନେଇ ... ।" ତାଙ୍କର କରୁଣ ଆଖି ଦୁଇଟିରେ ଯେମିତି ଅୟୁତ ଯୁଗର ବ୍ୟଥା, ଜନ୍ମଜନ୍ମର ଜ୍ୱାଳା ଜର୍ଜରିତ ହୋଇ ନେସି ହୋଇଯାଉଥାଏ । ରାଧାଙ୍କର ଶରୀରର ଅଣୁ ଅଣୁରେ ଆଞ୍ଜୁଳା ଆଞ୍ଜୁଳା ଅଶ୍ରୁରେ ଅଭିବ୍ୟକ୍ତ କରୁଥାଏ ଗୋଟିଏ ନାମ କୃଷ୍ଣ .... କୃଷ୍ଣ .. କୃଷ୍ଣ ।

ପାର୍ଥ ! ମୋ ଜୀବନ ଧନ୍ୟ ହୋଇଯାଇଛି । ପ୍ରେମଯୋଗିନୀ ରାଧା ମତେ ତାଙ୍କର ବିଶୁଦ୍ଧ ପ୍ରେମ ଅର୍ପଣ କରି ମୋତେ କୃତାର୍ଥ କରିଦେଇଛନ୍ତି । ଅନାଦି ଅନନ୍ତ କାଳର ପ୍ରେକ୍ଷାପଟରେ ଆଦିଗନ୍ତ ଆକାଶର ନୀହାରିକାରେ ଗୋଟିଏ ନକ୍ଷତ୍ର ସର୍ବଦା ପ୍ରେମର ଅକ୍ଷୟୀ ଆଲୋକ ବିଚ୍ଛୁରିତ କରୁଥିବ ସେହି ସଜଳବର୍ଣ୍ଣର ପୂର୍ଣ୍ଣରୂପା, ଶୁକ୍ଳା, ଶୁଭ୍ରାଙ୍ଗିନୀ ମୂର୍ତ୍ତିମତି ଶ୍ରୀରାଧା । ପୂର୍ଣ୍ଣତା ଓ ଶୂନ୍ୟତାକୁ ସେ ହିଁ ପୂର୍ଣ୍ଣପରାଗର ଶୂନ୍ୟଶୃଙ୍ଗାରରେ ଶୃଙ୍ଗାୟିତ କରିଦିଅନ୍ତି । ସମସ୍ତ ଜାଗତିକ ଅଶ୍ରୁ, ଦୁଃଖ, ବିରହକୁ ସେ ପ୍ରେମର ପରମାର୍ଥ ସଙ୍ଗମରେ ପରମପାବନ କରିଦିଅନ୍ତି । ସେହି ମୋର ପରମ ପାବନୀ ପ୍ରାରବ୍ଧା ଶ୍ରୀରାଧା ମତେ ବିସ୍ମୃତ ସ୍ୱପ୍ନକୁ କିପରି ସଯତ୍ନରେ ସାଇତି ରଖାଯାଏ ଶିଖାଇ ଦେଇଥିଲେ । ମୋର ମସ୍ତକରେ ମୟୂର ପୁଚ୍ଛ ଆଉ ବନଫୁଲମାନଙ୍କରେ ତିଆରି ମୟୂର ମୁକୁଟଟିଏ ପିନ୍ଧାଇ ଦେଇ ନିରୀହ ଆନନ୍ଦରେ ନାଚି ଉଠୁଥିଲେ । ଭଲପାଇବାର ମହୁ ଓ ମହକକୁ ଗୋପର ସେହି ସଜଳ ମୂର୍ଚ୍ଛନାରେ ଛାଡ଼ି ଦେଇ ରାଧାଙ୍କୁ ସେହି ସ୍ମୃତିର ସଙ୍କେତକୁ ସାକାର କରିବା ପାଇଁ ଅନୁରୋଧ କରିବା ଛଡ଼ା ମୋ ପାଖରେ ଆଉକିଛି ନଥିଲା ପାର୍ଥ । ମୁଁ ଆଉ କ'ଣ କହିଥାନ୍ତି ଯେ .... । ମୋ ପାଖରେ ଶବ୍ଦ ବି ନଥିଲା । ମୋର ଅସ୍ତିତ୍ୱରେ ପ୍ରାଣ ବି ନଥିଲା ପାର୍ଥ !

ଅକ୍ରୁର କକାଙ୍କର ରଥରେ ମୁଁ ଓ ଭାଇନା ବସି ଆସିଲା ବେଳେ ବ୍ୟାକୁଳ ଗୋପ ନରନାରୀଙ୍କ କାନ୍ଦଣା ମତେ ଥରାଇ ଦେଉଥାଏ । ରାଧା ମୂର୍ଚ୍ଛିତା ହୋଇପଡ଼ିଥାନ୍ତି । ସେମାନଙ୍କର କରୁଣ କ୍ରନ୍ଦନର ଧ୍ୱନି ସମଗ୍ର ପରିବେଶକୁ ଆହୁରି ଶୋକାକୁଳ କରିଦେଉଥାଏ । ହେ କୃଷ୍ଣ ... ବଳରାମ ! ଆମକୁ ଛାଡ଼ି ଯାଅନାହିଁ । ଏମିତି ନିଷ୍ଠୁର ହୁଅନା । ଆମକୁ ଛାଡ଼ି ଯାଅନା ! ଯାଅନା !"

ଓଃ ! କି ମର୍ମନ୍ତୁଦ ସେ ବିଦାୟ ବେଳା ଅର୍ଜୁନ ! ଗୋକୁଳକୁ ଛାଡ଼ି ଆସିବାର ଦୁର୍ବିସହ ବିରହ ମୁଁ କେବେ ହେଲେ ଭୁଲିପାରିବି ନାହିଁ । ହେଇ ଦେଖୁନ ମୋର ହୃଦ ଜଳୁଛି, ସେହି ଜଳନ୍ତା ଅଙ୍ଗାରରେ ବି ମୋ ପ୍ରତି ଗୋକୁଳବାସୀଙ୍କର ଅଜସ୍ର ଅଜସ୍ର ପ୍ରେମ, ଆବେଗ ସେମିତି ଅମଳିନ ହୋଇ ଲାଖି ରହିଛି ସିନା, ପାଉଁଶ ହୋଇଯାଇ ନାହିଁ । ପ୍ରେମ କେବେ ମରେ ନା' । ଲୁହ କେବେ ଶୁଖେନା କି ମୁହୂର୍ତ୍ତ କେବେ ହଜେନା ।

ଶେଷଥର ପାଇଁ ଗୋକୁଳକୁ ଓଲଟା ଭାବରେ ପରିକ୍ରମା କରି ଆମେ ପଶ୍ଚିମ ଦ୍ୱାର ବାଟେ ବାହାରକୁ ଆସିଲୁ । ଅକ୍ରୂର କକା ସାରଥି ସର୍ବଦମନଙ୍କ ସହିତ ରଥାରୂଢ଼ ହେଲେ । ତା'ପରେ ମୁଁ ଓ ଭାଇନା ରଥାରୂଢ଼ ହେଲୁ । ସାରଥି ଅଶ୍ୱମାନଙ୍କୁ ଦୌଡ଼ାଇବା ଆରମ୍ଭ କଲେ । କୃଷ୍ଣବର୍ଣ୍ଣର ହୃଷ୍ଟପୁଷ୍ଟ ଆଶ୍ୱମାନେ ହିନହିନେଇ ରଥକୁ ଟାଣିବାରେ ପ୍ରସ୍ତୁତ ହୋଇଗଲେ । ମୋ ଜୀବନର ଆଉ ଏକ ନୂଆ ଅଧ୍ୟାୟ ମଥୁରାର ଇତିହାସରେ ଉନ୍ମୋଚିତ ହେବାର ବାଟ ଯେମିତି ଖୋଜୁଥିଲା ।

ମୁଁ ପଛକୁ ବୁଲି ଦେଖିଲି । ଗୋକୁଳର ପଶ୍ଚିମ ଦ୍ୱାର ନିକଟରେ ମୋର ମୂର୍ଚ୍ଛିତ ମା'କୁ ନନ୍ଦବାବା ସଚେତନ କରୁଥାନ୍ତି । ନିଜକୁ ମଧ ସଂଯତ କରିବାକୁ ଚେଷ୍ଟା କରୁଥାନ୍ତି । ସାଙ୍ଗମାନେ କାନ୍ଦୁଥାନ୍ତି । ଉଗ୍ରସେନ, ରୁଦ୍ରସେନ, ଶ୍ରୀଦାମା, ସ୍ତୋକକୃଷ୍ଣ, ଦାମନ, ପେଣ୍ଟା, ବରୁଥପ ସମସ୍ତେ ସେମିତି ସ୍ତବ୍ଧ ହୋଇ ଛିଡ଼ା ହୋଇଥାନ୍ତି । ତାଙ୍କ ସହିତ ମୋର ସମସ୍ତ କକାଖୁଡ଼ି, ଭାଇଭଉଣୀ ମାନେ ମଧ ସେମିତି ଦୁଃଖରେ ମ୍ରିୟମାଣ ହୋଇଯାଇଥାନ୍ତି । ଆହା ! ସମସ୍ତଙ୍କ ସହିତ ମୋର କିଛି ନା କିଛି ସ୍ମୃତି ଯୋଡ଼ି ହୋଇରହିଛି ପାର୍ଥ ! ମୋର ବଂଶୀ ଧ୍ୱନି ଶୁଣିପାରିନଥିବା ଅନେକ ଗାଈମାନେ ହମ୍ବା .... ହମ୍ବା ଡାକ ଦେଇ ଯେମିତି ମତେ ଖୋଜୁଥାନ୍ତି । ସେମାନେ ଯେମିତି ପ୍ରଥମଥର ପାଇଁ ମତେ ନପାଇ ମୋ ବଂଶୀର ମୂର୍ଚ୍ଛନା ନ ଶୁଣି କାନ୍ଦୁଛନ୍ତି ପ୍ରାଣପ୍ରିୟ ଗୋକୁଳକୁ ଶେଷଥର ପାଇଁ ଦେଖିବା ପାଇଁ ମୁଁ ପୁଣି ପଛକୁ ବୁଲି ଚାହିଁଲି । ଦୂରରୁ ଦୁଇଟି ଛୋଟ ଆକୃତି ଦୌଡ଼ି ଦୌଡ଼ି ଆମ ରଥ ନିକଟକୁ ଆସୁଥାନ୍ତି । ଏ କ'ଣ ରାଧା ଆଉ ସୁଭଦ୍ରା । ମୋର ପ୍ରିୟ ସଖୀ ଓ ମୋର ପ୍ରିୟ ଭଉଣୀ ସୁଭଦ୍ରା । ମୁଁ ତତ୍କ୍ଷଣାତ୍ ରଥ ରଖି ରଥରୁ ଡେଇଁପଡ଼ିଲି । ରାଧା ଧଇଁସଇଁ ହୋଇ କହିଲେ, "କାହ୍ନା ! ସୁଭଦ୍ରା କାହା କଥା ଶୁଣିଲା ନହିଁ । ତା'ର ଏକା ଜିଦ୍ ତୁମ ସାଙ୍ଗେ ସେ ମଥୁରା ଯିବ । ତା'ପରେ ନିଜେ ଦୌଡ଼ି ଆସିଲା ।"

ସମସ୍ତଙ୍କୁ ଏତେ ବୁଝାଏ ଅଥଚ କ'ଣ କହି ସୁଭଦ୍ରାକୁ ବୁଝାଇବି ଜାଣିପାରୁ ନଥାଏ । ସୁଭଦ୍ରାକୁ କୋଳରେ ବସାଇ ତା'ର ପିଠିକୁ ଆପୁଡ଼ାଇଲି । ସେ ଟିକିଏ ଆଶ୍ୱସ୍ତ ହେଲା ଯେମିତି କହିଲି, "ମୋ ସୁନାଭଉଣୀ ! ମୋର ଗୋଟେ କଥା ମାନିବୁନା । ମଥୁରାରେ ଆମ ଗୋପପୁର ଭଳି ଗାଈ ନାହାନ୍ତି । ରାଧାଙ୍କ ଭଳି ବଡ଼ ନାନୀ ମଧ ନାହାନ୍ତି । ତୁ

ସେଠାକୁ ଯାଇ କ'ଣ କରିବୁ କହିଲୁ । ତୁ ଦେଖିବୁ ମୁଁ ଏଇ ଗଲି ଆଉ ଏଇ ଆସିଲି ।" କିନ୍ତୁ ସୁଭଦ୍ରା ସେମିତି ମୁହଁ ଫୁଲାଇ କାନ୍ଦକାନ୍ଦ ମୁହଁରେ ଛିଡ଼ା ହୋଇଥାଏ । ଶେଷରେ ସୁଭଦ୍ରାକୁ ବୁଝାଇବାର ଶେଷ ଅସ୍ତ୍ର ପ୍ରୟୋଗ କରି କହିଲି, "ଯଦି ତୁ ବର୍ତ୍ତମାନ ଏଇଠାରୁ ରାଧାଙ୍କ ସହିତ ଫେରିଯିବୁ ନା ମୁଁ ତତେ ଗୋଟିଏ ମିଠା ଉପହାର ଦେବି ।"

ସୁଭଦ୍ରା ହଁ କହି ମୁଣ୍ଡ ହଲାଇଲା । ମୁଁ ପୁଣି କହିଲି, "ଦେଖ ! ହଠ କରନା । ନିଜକଥାରୁ ଓହରନା ।" ସେ ପୁଣି ହଁ କଲା । ମୁଁ ଝଟ୍‌କିନା ନିଜର ବାମଗାଲ ତା' ମୁହଁ ପାଖକୁ ନେଇ କହିଲି – "ସୁଭଦ୍ରା ଆ'ତ ଶୀଘ୍ର ଶୀଘ୍ର ମିଠା ମିଠା ଚୁମାଟିକେ ମତେ ଦେଇ ଦେ ଆଉ ରାଧାଙ୍କ ସାଙ୍ଗେ ଫେରିଯା ।"

ସେତେଯେମିତି ମୋଠାରୁ ଏତିକ ଶୁଣିବା ପାଇଁ ସୁଭଦ୍ରା ଦୌଡ଼ିଆସିଥିଲା । ତା'ର ସାନସାନ ପାଦରେ ଗୁଲୁଗୁଲୁ ଚାଲି ଚାଲିକା ସେ ମୋ ପାଖକୁ ଦୌଡ଼ିଆସିଲା ଓ ତା'ର ନିର୍ମଳ ସ୍ନିଗ୍ଧ ନିରୀହଓଠକୁ ମୋ ଗାଲରେ ଛୁଆଁଇ ଦେଲା । ତା'ର ସୁନ୍ଦର ମୁହଁଟା ଖିଲ୍‌ଖିଲ୍ ହସରେ ଭରିଗଲା । ବଡ଼ ବଡ଼ ଆଖି ଦୁଇଟିରେ ଆନନ୍ଦର ଦୁଇବୁନ୍ଦା ଅଶ୍ରୁ ଝରି ପଡ଼ିଲା । ରାଧାଙ୍କ କୋଳକୁ ସୁଭଦ୍ରାକୁ ବଢ଼ାଇ ଦେଇ ମୁଁ ଶୀଘ୍ର ରଥ ଉପରକୁ ଉଠିଗଲି । ଆଉ ପଛକୁ ଚାହିଁନି । ସାରଥି ରଥକୁ ଜୋର୍‌ରେ ଦୌଡ଼ାଇବାରେ ଲାଗିପଡ଼ିଲେ । ଯମୁନା କୂଳରେ ରଥ ଅଟକିଗଲା । ଦୁଇଟି ନୌକା ବନ୍ଧା ହୋଇ କୂଳରେ ଥିଲା । ସେଥିରେ ରଥମାନଙ୍କୁ ଚଢ଼ାଗଲା ନଦୀ ପାର କରିବା ପାଇଁ । ହଠାତ୍ ବୁଲି ପଛକୁ ଚାହିଁଲି । ଗୋଟିଏ ହାତରେ ମୋର ମୂରଲୀ ଅନ୍ୟହାତରେ ସୁଭଦ୍ରାର ହାତଧରି ରାଧା ଦୂରରୁ ଖୁବ୍ ଅସ୍ପଷ୍ଟ ଅଥଚ ଆକାଶକୁ ଛୁଇଁଲା ଭଳି ଉଚ୍ଚତାରେ ବ୍ୟାପ୍ତ ହେଲାଭଳି ଦେଖାଯାଉଥାନ୍ତି । ପୁଣି ଦୃଢ଼ତାପୂର୍ବକ ମୁଁ ଆଗକୁ ମୁହଁ ବୁଲାଇ ଆଣିଲି । ଗୋକୁଳ ବହୁତ ପଛରେ ରହିଯାଉଥାଏ । ବୃନ୍ଦାବନ, ମଧୁବନ, ଗୋବର୍ଦ୍ଧନ ମଧ୍ୟ ତା' ସହିତ ହାତରୁ ଖସିଯାଉଥାଏ । ଜେଜେ, ନନ୍ଦବାବା, ଦୁଇ ମା', କକା ଖୁଡ଼ି, ଭାଇଭଉଣୀ ସମସ୍ତେ ଯେମିତି ମୁଖିଆ ନିବାସରେ ରହିଗଲେ । ଗୋପାଳମାନଙ୍କ ସହିତ ମୋର ଗାଈ ଗୋଠ ବି ରହିଗଲା । ମୋ ନାମ ଭିତରେ ମୋର ପ୍ରିୟ ନାମ ଗୁଡ଼ିକ ଯାହା ଯୋଡ଼ି ହୋଇ ରହିଥିଲା, ଗୋପନାୟକ, ମୂରଲୀଧର, ଶ୍ୟାମ, ମୋହନ, ମଳିନ୍ଦ, ଗୋବିନ୍ଦ, ଦାମୋଦର, ଗୋପାଳ, ମାଧବ ସବୁ ଯେମିତି ଗୋକୁଳ ସାଙ୍ଗରେ ଛାଡ଼ି ହୋଇଗଲା ।

ସତରେ ପାର୍ଥ ! କ'ଣ ଏହି ମୋର ଭାବମୟ ସ୍ମୃତିତୀର୍ଥ ଗୋକୁଳ ପୁଣି ଥରେ ମୋ ଜୀବନକୁ ଫେରିଆସିବ ? ମୋର ଜେଜେ, ନନ୍ଦବାବା, ମୋ ସାନ ମା', ଗୋକୁଳର ସମସ୍ତେ ପୁଣିଥରେ ମୋ ପାଖକୁ ଫେରି ଆସିବେ ? କ'ଣ ପୁଣିଥରେ ରାଧା, ସୁଭଦ୍ରାଙ୍କ ସହିତ ମୁଁ କଥା ହୋଇପାରିବି ? ମୋର ପ୍ରାଣପ୍ରିୟ ସାଙ୍ଗସାଥୀ, ଭାଇଭଉଣୀ, ପେଜ୍ଜ୍ଙ୍କ

ଅନ୍ୟମାନଙ୍କ ସହିତ ମୁଁ ପୁଣିଥରେ ଯମୁନାକୂଳରେ ଖେଳିପାରିବି ? ଏ ସମସ୍ତ ମହାର୍ଘ ଦୃଶ୍ୟମୟତାର ଧୂପବାସ୍ନାକୁ କ'ଣ ସତରେ ମୁଁ ମୋର ଅସ୍ତିତ୍ୱରୁ କେବେହେଲେ ଦୂରେଇ ବଞ୍ଚିପାରିବି ? ମୋର ଏକାକୀପଣ ଭିତରେ ଅଶ୍ରୁର ମୌନତା ଭିତରେ ମୋର ଗୋପଆତ୍ମାଟି ଯେମିତି ଆହୁରି କାକୁସ୍ଥ ହୋଇ ମୋ ଭିତରକୁ ଆଉଜି ପଡୁଥାଏ । ଭାରି ଖାଲି ଖାଲି ଲାଗୁଥାଏ ସବୁଦିଗ । କାନ୍ଦଣା ମାନଙ୍କର ଭାରିପଣରେ ହାଲିଆ ଲାଗୁଥାଏ । ଯମୁନାର ନୀଳପଣତରେ ମୋ ଲୁହକୁ ପୋଛିଦେବାର ପ୍ରୟାସ କରିବା ଛଡ଼ା ମୋ ପାଖରେ ଆଉ କିଛି ନଥିଲା । ମୁଁ ଜାଣେ, ପିଲାଟି ଦିନରୁ ଯମୁନାର ଗାଢ଼ ନୀରବତା ମତେ ବିଷାଦରୁ ଫେରାଇ ଆଣିବାର ସବୁବେଳେ ଚେଷ୍ଟା କରିଛି । ଶୋକର ଛଳଛଳ ଦୀର୍ଘଶ୍ୱାସରୁ ଉତୁରି ଆସିବାର ଦମ୍ଭ ଦେଇଛି । ହେଲେ ସେହି ସମସ୍ତ ଅସଫଳ ପ୍ରୟାସକୁ ସାଉଁଟି ପୁଣିଥରେ ଛିଡ଼ା ହେବାର ସ୍ୱପ୍ନକୁ ଅତୀତର ସମସ୍ତ ଫାଟ ଭିତରେ ଚେରେଇ ନେବାକୁ ଆକାଂକ୍ଷା କରିବା ଛଡ଼ା ମୁଁ ଆଉ କ'ଣ କରିପାରିଥାନ୍ତି ଯେ ।

ଯମୁନାନଦୀରେ ତରୀ ଚାଲିଲା । ତରୀ ଭିତରେ ଆମର ରଥ । ନଦୀ ସେପାରି ମଥୁରା ମାର୍ଗ ! ହଁ, କଂସର ମଥୁରା, ମଥୁରାର ବନ୍ଦୀଶାଳରେ ମୋର ପିତା ବସୁଦେବ ଓ ଦେବକୀ । ପଛରେ ରହିଗଲା ଗୋପପୁର .... ଗୋପଦାଣ୍ଡ ।

ହେ ଜୀବନ, ଆଗରେ ଦୂରନ୍ତ ଝଡ଼ର ଝଙ୍କାର !

□□□

# - କୃତଜ୍ଞତା -

ବିଶିଷ୍ଟ ରାଜନୀତି ବିଶାରଦ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜ ବିଜ୍ଞାନୀ ତଥା ଦଳିତ ଆଦିବାସୀଙ୍କର ତ୍ରାଣକର୍ତ୍ତା ଅଧ୍ୟାପକ ବିଜୟ ବହିଦାରଙ୍କ ଉତ୍ସାହ, ଉଦାରତା ତଥା ସାଧାରଣ ମଣିଷର ଜୀବନକୁ ବୁଝିବାର ଅପ୍ରତିମ ସହଯୋଗର ନିର୍ଯ୍ୟାସ ମତେ ଚିରକାଳ ଜୀବନଉନ୍ମୁଖ କରେ ବୋଲି ମୁଁ ତାଙ୍କ ନିକଟରେ ଅନୁଗୃହୀତ । କବି ବିପନ୍ ନାୟକଙ୍କ କବିତାର ମହକ, ମୂର୍ଚ୍ଛନା ମତେ ଆଜନ୍ମ ମୂର୍ଚ୍ଛାହତ ମୁଗ୍ଧକରେ ବୋଲି ମୁଁ ତାଙ୍କୁ 'ମେଘାମ୍ବରୀ'ର ପ୍ରକାଶକାଳରେ ସଶ୍ରଦ୍ଧ ସ୍ମରଣ କରୁଛି ।

# ଡକ୍ଟର ବିଧୁପ୍ରଭାଙ୍କ ପ୍ରକାଶିତ ଅନ୍ୟ କେତୋଟି ଅନନ୍ୟ ଗ୍ରନ୍ଥ



[illegible]



[illegible]




[illegible]




[illegible]



[illegible]



[illegible]



[illegible]



[illegible]




Poetry Collection

[illegible]

ଡକ୍ଟର ବିଧୁପ୍ରଭା ବ୍ରହ୍ମପୁର କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ 'କଥାକାର ସୁପ୍ରୀତି ଦେବୀ ଗନ୍ତାୟତ ସ୍ମାରକୀ ସମ୍ମାନ', କଟକ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ବିଷୁବ 'ସୁବ୍ରତ ସ୍ମାରକୀ ସମ୍ମାନ', ବ୍ରହ୍ମପୁରର 'କସ୍ତୁରୀ ସମ୍ମାନ', ଧର୍ମଶାଳାର 'ଗୋକର୍ଣ୍ଣିକା ପୁରସ୍କାର' ଓ ରାଜଧାନୀ ଭୁବନେଶ୍ୱରର 'ଚଲାପଥ' ପୁରସ୍କାର, 'ଉପେନ୍ଦ୍ର ଭଞ୍ଜ ଫାଉଣ୍ଡେସନ୍ ସମ୍ମାନ', 'କର୍ମଶ୍ରୀ କଥାଶିଳ୍ପୀ ସମ୍ମାନ' ସମେତ ବହୁ ପୁରସ୍କାର ତଥା ସମ୍ମାନର ଅଧିକାରିଣୀ ।

ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଅକାଦେମୀର ସଦସ୍ୟାଭାବେ ଡକ୍ଟର ବିଧୁପ୍ରଭା ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଅତୀତରେ ମନୋନୀତ ହୋଇ ପରବର୍ତ୍ତୀକାଳରେ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ସାଧାରଣ ପରିଷଦର ବରେଣ୍ୟ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ । ତିନିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଯେତେ ସବୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ସେଥିମଧ୍ୟରେ ସମଗ୍ର ଓଡ଼ିଶାର ଓ ଓଡ଼ିଶା ବାହାରେ ଥିବା ଓଡ଼ିଆ ଲେଖକ ଲେଖିକାମାନଙ୍କ ତାଲିକା ପ୍ରସ୍ତୁତି ଓ ଲେଖକ ପରିଚୟ ଗ୍ରନ୍ଥ ପ୍ରକାଶନ ଅନ୍ୟତମ । ସେ ଓଡ଼ିଶା ଲେଖିକା ସଂସଦର ମଧ୍ୟ ପ୍ରତିଷ୍ଠାତା ସଦସ୍ୟା ।